# ନବ ଦିଗନ୍ତ

ପ୍ରଫେସର ଜଗନ୍ନାଥ ମହାନ୍ତି



# ନବ ଦିଗନ୍ତ

ପ୍ରଫେସର ଜଗନ୍ନାଥ ମହାନ୍ତି

ଭୁବନେଶ୍ୱର

# ନବ ଦିଗନ୍ତ

© ପ୍ରଫେସର ଜଗନ୍ନାଥ ମହାନ୍ତି

ପ୍ରକାଶକ :
ଅଗ୍ନି
୧୦୪୬-ଡି, ଚଣ୍ଡିମାତା କଲୋନୀ,
ରସୁଲଗଡ଼, ଭୁବନେଶ୍ୱର-୧୦

ପ୍ରଥମ ମୁଦ୍ରଣ :
ପନ୍ଦର ଅଗଷ୍ଟ
୨୦୦୪

ମୁଦ୍ରଣ :
ଅପୂର୍ବା ଅଫସେଟ୍
୪୮, ମଧୁସୂଦନ ନଗର
ଭୁବନେଶ୍ୱର

ମୂଲ୍ୟ :
ସତୁରୀ ଟଂକା

**NABA DIGANTA** by Prof. Jagannath Mohanty, Published by **Agni**, Bhubaneswar and Price-Rs 70/-(Seventy only)

# ଭୂମିକା

୧୯୭୧-୭୨ ମସିହାରେ ମୁଁ ଲଣ୍ଡନ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରୁଥିଲା ବେଳେ ପ୍ରାୟ ପ୍ରତି ସପ୍ତାହ ଶେଷରେ ବିଲାତର ବିଭିନ୍ନ ଅଞ୍ଚଳକୁ ବୁଲିଯାଇ ସେଠାର ମଣିଷ, ସମାଜ ଓ ପରିବେଶ ସହିତ ପରିଚିତ ହେବାକୁ ଉଦ୍ୟମ କରିଥାଏ । ବଡ଼ ଦିନ, ଇଷ୍ଟର ଆଦି ଅବସରରେ ମୁଁ ୟୁରୋପର ବିଭିନ୍ନ ଦେଶ ଭ୍ରମଣ କରି ଥାଏ । ସେ ସମୟର ବିଭିନ୍ନ ଅନୁଭୂତିକୁ ମୁଁ ପ୍ରଥମେ ଲଣ୍ଡନକୁ କେନ୍ଦ୍ରକରି ପିଲାଙ୍କ ପାଇଁ 'ସପନଭୂଇଁ ଲଣ୍ଡନ ଏଇ' ପୁସ୍ତକଟିରେ ପ୍ରକାଶ କରିଥିଲି । ତା'ପରେ 'ଦୂର ଦିଗନ୍ତ' ଗ୍ରନ୍ଥଟି ଇଂଲଣ୍ଡ ଓ ୟୁରୋପର ବହୁଦେଶର ଭ୍ରମଣ କାହାଣୀମାନଙ୍କୁ ଆଧାର କରି ଆତ୍ମପ୍ରକାଶ କରିଥିଲା ଏବଂ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ହୋଇଥିଲା ।

ପୁଣିଥରେ ୧୯୭୯-୮୦ ବର୍ଷ ଦ୍ୱୟର ସନ୍ଧିକ୍ଷଣରେ ମୁଁ ପୁଣି ଇଂଲଣ୍ଡ, ବିଶେଷତଃ ଲଣ୍ଡନର ବ୍ରିଟିଶ କାଉନସିଲରେ ରେଡ଼ିଓ ଟେଲିଭିଜନ ସଂଚାରଣ ଓ ଶ୍ରବ୍ୟ-ଦୃଶ୍ୟ ମାଧ୍ୟମଗୁଡ଼ିକର ଉପଯୋଗ ଅନୁଧ୍ୟାନ କରିବା ପାଇଁ ଯାଇଥିଲି । ପୂର୍ବରୁ ଦଶମାସ ଓ ଏଥର ତିନିମାସର ଅନୁଭୂତି ମଧ୍ୟରେ ଆକାଶପାତାଳ ପାର୍ଥକ୍ୟ ପରିଲକ୍ଷିତ ହୋଇଥିଲା । ପୂର୍ବଥର ସବୁଋତୁ ଖୁବ୍ ସଂତୁଳିତ ଓ ସୁଖପ୍ରଦ ଭାବରେ ସମାହିତ ହେଲାବେଳେ ଏଥର ବିଗତ ୧୮ବର୍ଷ ମଧ୍ୟରେ ହୋଇନଥିବା ଅତିଶୟ କଠୋର ଶୀତଋତୁ ପଡିଥିଲା । ପ୍ରବଳ ଶୀତ ଋତୁର ହିମଶୀତଳ ଜଳବାୟୁ, ବହଳ ବରଫର ଧବଳ ଆସ୍ତରଣ, ତୁଷାର ବର୍ଷା ଆଦିର ଅନୁଭୂତି ଥିଲା ଅବିସ୍ମରଣୀୟ । ତା ମଧ୍ୟରେ ପୁଣି ଇଂରେଜ ଲୋକଙ୍କ ଚ଼ଳଚଞ୍ଚଳ ଜୀବନ ଯାତ୍ରା, ଗଭୀର କର୍ମନିଷ୍ଠା ଓ ଚ଼ିରତପ୍ରରତା ଯେ କୌଣସି ସଂବେଦନଶୀଳ ବିଦେଶୀ ପର୍ଯ୍ୟଟକଙ୍କୁ ମୁଗ୍ଧ କରିଥାଏ । ତିନିମାସର ସ୍ୱଳ୍ପକାଳ ମଧ୍ୟରେ ମୁଁ ଇଂଲଣ୍ଡର ସ୍କଟଲ୍ୟାଣ୍ଡ, ଓଏଲସ, ମ୍ୟାଞ୍ଚେଷ୍ଟର୍, ବ୍ରାଇଟନ (Brighton) ସହିତ, ୟୁରୋପର ଅତ୍ୟଧିକ ଶୀତଳ ଉତ୍ତରାଞ୍ଚଳ ଡେନମାର୍କ, ନରଓୟେ, ଜର୍ମାନୀର ବିଶିଷ୍ଟ ସହର କୋପେନହେଗେନ୍, ହାମବର୍ଗ, ଫ୍ଲେନିସବର୍ଗ ଆଦି ପରିଦର୍ଶନ କରିଥିଲି । ଏ ସବୁର ଭ୍ରମଣକାହାଣୀ କ୍ରମାଗତ ଭାବରେ 'ଗୋକର୍ଣ୍ଣିକା'ରେ ପ୍ରକାଶିତ ହୋଇ ପାଠକୀୟ ଶ୍ରଦ୍ଧା ଓ ଆଦର ଲାଭ କରିଥିଲା ।

କଟକର ଜଣେ ପ୍ରକାଶକ ଉକ୍ତ ଭ୍ରମଣ କାହାଣୀଗୁଡିକୁ ନେଇ ଦୀର୍ଘ ୫/୬ ବର୍ଷ କାଳ ରଖି ପ୍ରକାଶ କରିବେ ବୋଲି ବାରମ୍ବାର କହି ଏବଂ ମୁଁ ଫେରାଇ ଦେବାକୁ ଅନୁରୋଧ କରିବା ସତ୍ତ୍ୱେ ନ ଫେରାଇ ଚରମ ଦାୟିତ୍ୱହୀନତା ଓ ଅସୌଜନ୍ୟ ପ୍ରଦର୍ଶନ କଲେ । ମାତ୍ର 'ଅଗ୍ନି'ର ସ୍ୱତ୍ତ୍ୱାଧିକାରୀ ସାହିତ୍ୟିକ ଶ୍ରୀଯୁକ୍ତ କ୍ଷୀରୋଦ ଚନ୍ଦ୍ର ପତି ଏହାକୁ ପ୍ରକାଶ କରିବାକୁ ଆଗ୍ରହୀ ହେବାରୁ ତାହା ଆଜି ପୁସ୍ତକ ରୂପେ ଆତ୍ମ ପ୍ରକାଶ ପାଉଛି । ତେଣୁ ତାଙ୍କୁ ସାଧୁବାଦ ଜଣାଉଛି ।

ତା ୨୭.୭.୨୦୦୪,ଭୁବନେଶ୍ୱର

ଜଗନ୍ନାଥ ମହାନ୍ତି

# ସୂଚୀ


| | | |
|---|---|---|
| ୧ | ନୂତନ ଓ ପୁରାତନ ବର୍ଷର ସନ୍ଧିକ୍ଷଣରେ ବିଲାତଯାତ୍ରା | ୭ |
| ୨ | ଥଣ୍ଡା ବରଫ ଓ ଉଷୁମ ବନ୍ଧୁତ୍ୱ | ୧୩ |
| ୩ | ଆମର ନୂଆ ଭଡ଼ାଘର ଓ ତାଲିମକେନ୍ଦ୍ର | ୧୮ |
| ୪ | ତାଙ୍କ ବିବିସି ଓ ଆମ ରୋଷେଇ ଘର ହାଲଚାଲରେ | ୨୨ |
| ୫ | ସେମାନଙ୍କର ଶିକ୍ଷାବ୍ୟବସ୍ଥା ଓ ଆମର ତାଲିମ କାର୍ଯ୍ୟକ୍ରମ | ୨୬ |
| ୬ | ଲଣ୍ଡନରେ ଓଡ଼ିଆ ଓ ସାହେବ ବନ୍ଧୁଗଣ | ୩୧ |
| ୭ | ପରିଦର୍ଶନ : କେତୋଟି ପରିଷଦ ଓ ପରିବାର | ୩୭ |
| ୮ | ଶିକ୍ଷା ସଂଚାରଣ ଓ ସାଧନ : ନୂତନ ଯୁଗର ଆହ୍ୱାନ | ୪୧ |
| ୯ | ସୁନେଲି ସୂର୍ଯ୍ୟକିରଣର ସ୍ମୃତି | ୪୫ |
| ୧୦ | ଆଶା, ଆନନ୍ଦ ଓ ଆଲୋକର ଉତ୍ସ | ୫୦ |
| ୧୧ | କେକ୍, କେନ ଓ ପ୍ୟାନ୍ କେକ୍ | ୫୭ |
| ୧୨ | ଦୁଇଟି ପ୍ରଦର୍ଶନୀ, ଐଶ୍ୱର୍ଯ୍ୟ ଓ ଆଲେଖ୍ୟର | ୬୨ |
| ୧୩ | ମୁକ୍ତ ବିଶ୍ୱବିଦ୍ୟାଳୟ ଉଚ୍ଚଶିକ୍ଷାର ବାଞ୍ଛାକଳ୍ପତରୁ | ୬୭ |
| ୧୪ | ଆମର ବ୍ରାଇଟନ ଯାତ୍ରା ଓ ଟିମ୍‌ଙ୍କ ଅତିଥି ଚର୍ଚ୍ଚା | ୭୩ |
| ୧୫ | ବିଲାତରେ ଜାନୁୟାରୀ ଛବିଶ ଓ ତିରିଶ | ୭୭ |
| ୧୬ | ଓଏଲ୍‌ସ ଅଞ୍ଚଳର ଶୋଭା ଓ ସଂସ୍କୃତି | ୮୦ |
| ୧୭ | ଓଏଲ୍‌ସରେ ଶିକ୍ଷା ସଂଗମ ଓ ଶିକ୍ଷା ଉଦ୍ୟୋଗ | ୮୬ |
| ୧୮ | ଆମ ତାଲିମର ଶେଷଦିନ କେତୋଟି | ୯୦ |
| ୧୯ | ୟୁରୋପ ଯାତ୍ରାର ପ୍ରଥମ ସୋପାନ | ୯୫ |
| ୨୦ | ଜର୍ମାନୀରୁ ଡେନମାର୍କ | ୯୯ |
| ୨୧ | କୋପେନହେଗେନରେ ଦିନେ | ୧୦୪ |
| ୨୨ | ବର୍ଲିନ୍ ଯାତ୍ରା ପଥେ | ୧୧୦ |
| ୨୩ | ବର୍ଲିନର ସାଂସ୍କୃତିକ ପରମ୍ପରା | ୧୧୫ |
| ୨୪ | ବର୍ଲିନ ମଧ୍ୟରେ ପ୍ରାଚୀର : ରକ୍ତର ବାଡ଼ | ୧୨୦ |
| ୨୫ | ହାମ୍‌ବର୍ଗରୁ ଲଣ୍ଡନ : ବହୁ ଶଙ୍କା ଓ ସଂଶୟ | ୧୨୫ |
| ୨୬ | ଘର ବାହୁଡ଼ା : ଆମଦେଶର ନବବର୍ଷ | ୧୩୧ |

# ନବ ଦିଗନ୍ତ

# ଅଧ୍ୟାୟ -୧

## ନୂତନ ଓ ପୁରାତନ ବର୍ଷର ସନ୍ଧିକ୍ଷଣରେ ବିଲାତଯାତ୍ରା

୧୯୭୮ ମସିହା ଡ଼ିସେମ୍ବର ୩୧ ତାରିଖ । ଗତାୟୁ ବର୍ଷଟିର ଶେଷ ଦିନ । ଅପରାହ୍ନ ତିନିଟାରେ ମୋର କେତେକ ବନ୍ଧୁ ଓ ପିଲାମାନଙ୍କ ସହିତ ଭୁବନେଶ୍ୱର ବିମାନ ଘାଟୀରେ ପହଞ୍ଚିଲି ।

ସେଠାରେ ରାଜ୍ୟରୁ ଖ୍ୟାତନାମା ସମାଜ ସେବିକା ଶ୍ରୀମତୀ କୁନ୍ତଳାକୁମାରୀ ଆଚାର୍ଯ୍ୟଙ୍କ ସହିତ ଦେଖାହେଲା । ସେଦିନ ତାଙ୍କର ଗୋଟିଏ ଝିଅାରୀ ଆମେରିକା ଯାଉଥିଲେ । ସେ ବିବାହିତା ଓ ତିନୋଟି ସନ୍ତାନଙ୍କ ଜନନୀ । ସ୍ୱାମୀ ତାଙ୍କର ଆମେରିକାରେ ଥିଲେ । ଛୋଟ ଛୋଟ ପିଲା ତିନିଟିକୁ ନେଇ ଝିଅାରୀ ଏକାକିନୀ କିପରି ଏତେବାଟ ଯିବେ, ତାହା ଥିଲା ତାଙ୍କର ଚିନ୍ତାର ବିଷୟ । ସେ ତେଣୁ ମୋତେ ଦେଖି କହିଲେ-ମୁଁ ଜଗନ୍ନାଥଙ୍କୁ ଡାକୁଥିଲି । ମୋତେ ସାହାଯ୍ୟ କରିବାକୁ ଜଗନ୍ନାଥ ଆସିଗଲେ ।

ମୁଁ କହିଲି-ଯାହା ମୋ ଦ୍ୱାରା ସମ୍ଭବ ମୁଁ ନିଶ୍ଚୟ କରିବି । ଆପଣ ନିଶ୍ଚିନ୍ତ ରହନ୍ତୁ । ଲଣ୍ଡନ ପର୍ଯ୍ୟନ୍ତ ସେମାନେ ମୋ ସାଥିରେ ତ ଯିବେ ! ସେଠାରୁ ଯିବାରେ ସେମିତି ଅସୁବିଧା ହେବନାହିଁ ।

ତାପରେ ବ୍ରହ୍ମପୁର ମେଡ଼ିକାଲ କଲେଜର ସହକାରୀ ପ୍ରଫେସର ଡକ୍ଟର ରବିନାରାୟଣ ଶତପଥୀ ମୋତେ ଦେଖି କହିଲେ ଯେ ସେ ଗତ ବର୍ଷ ଇଂଲଣ୍ଡରୁ ଫେରିଥିଲେ । ରାଜ୍ୟଗୋଷ୍ଠୀ ବୃତ୍ତି ପାଇ ସେ ଏଡିନବରାରେ ପଢୁଥିଲେ ବର୍ଷକ ପାଇଁ । ସେ ଇଂଲଣ୍ଡ ଯିବା ପୂର୍ବରୁ ତାଙ୍କୁ କିଏ ମୋ ଲିଖିତ ''ସପନଭୂଇଁ ଲଣ୍ଡନ ଏଇ'' ବହିଟିକୁ ଉପହାର ଦେଇଥିଲେ । ତାକୁ ପଢ଼ି ସେ ଅନେକ କଥା ନୂଆକରି ଜାଣିଥିଲେ । ମୋତେ ଦେଖି ଖୁବ୍ ଆନନ୍ଦ ପ୍ରକାଶ କରିଥିଲେ । ସେ ଲଣ୍ଡନରେ ଥିବା ତାଙ୍କର ଜଣେ ସବୁଙ୍କର ଠିକଣା ଦେଇଥିଲେ । ତାଙ୍କ ନାଁ ଡକ୍ଟର ଗୌରୀଶଙ୍କର ଆଚାର୍ଯ୍ୟ । ସେ 'ସରେ' ନାମକ ଏକ ସହରରେ ଡାକ୍ତର ଥିଲେ ।

ମୁଁ ସମସ୍ତଙ୍କଠାରୁ ବିଦାୟ ନେଲି । ଜନିଷପତ୍ରକୁ ତନଖି କରାଗଲା ଓ ୪ଟା ୪୫ ମିନିଟରେ ୨୬୨ ନମ୍ବର ଫ୍ଲାଇଟରେ ମୋର ଯାତ୍ରାରମ୍ଭ ହେଲା । ପ୍ଲେନର ସବା ଆଗ ଧାଡ଼ିରେ ବାଁ ପଟ ଝରକା ପାଖରେ ମୋତେ ଆସନଟିଏ ମିଳିଲା ସେଠାରେ ବସିଲା ପରେ ପିଲାମାନଙ୍କୁ ଆଉ ଦେଖି ପାରିଲି ନାହିଁ । ସମସ୍ତଙ୍କୁ ଟିକେ ଦେଖିବାକୁ ମନ ଛକପକ ହେଉଥିଲା । କିନ୍ତୁ ସୁବିଧା ମିଳିଲା ନାହିଁ ।

ସମସ୍ତେ ବସିବା ଆଉ ଇଞ୍ଜିନ୍ ଚାଲୁହୋଇ ବିମାନ ଉଡ଼ିବାରେ ପ୍ରାୟ ଦଶ ପନ୍ଦର ମିନିଟ୍ କଟିଲା । ଉଡ଼ାଜାହାଜଟି ନୀଳ ଆକାଶରେ ଉଡ଼ିବାରେ ଲାଗିଲା । ସୋରିଷଫୁଲିଆ ସୂର୍ଯ୍ୟକିରଣରେ ଚଉଦିଗ ଖୁବ୍ ସୁନ୍ଦର ଦିଶୁଥିଲା । ବିମାନଟି ଆସ୍ତେ ଆସ୍ତେ ଉପରକୁ ଉଠିଲା । ତଳେ ବିଲବନ, ମନ୍ଦିରପାହାଡ଼, ବାଡ଼ିବଗିଚା, ଧାନକ୍ଷେତ ପ୍ରଭୃତି ଅସ୍ପଷ୍ଟରୁ ଅସ୍ପଷ୍ଟତର ହେଲା । ଶେଷରେ ସବୁ ଏକାକାର ଦିଶିଲା । ଦିଗ୍‌ବଳୟ ଧାରରେ ସୁନେଲି କିରଣବୋଳା ମେଘମାଳା ନାନା ରଙ୍ଗରେ ଝଲସି ଉଠିଲା ।

ଦେଢ଼ ଘଣ୍ଟା ଭିତରେ କଲିକତା ନଗରୀର ଉଜ୍ଜ୍ୱଳ ଆଲୋକସଜ୍ଜା ଆଖିରେ ପଡ଼ିଲା । ଖୁବ୍ ସୁନ୍ଦର ଓ ସ୍ୱପ୍ନିଳ ସେହି ଦୃଶ୍ୟ ! ନବବର୍ଷକୁ ସ୍ୱାଗତ କରିବା ପାଇଁ ସତେ ଯେମିତି ସାରା ସହର ପ୍ରସ୍ତୁତ । ବିମାନଟି ଦମ୍‌ଦମ୍ ବିମାନଘାଟୀରେ ଅବତରଣ କଲା । ଆମେ ଜିନିଷପତ୍ର ସଂଗ୍ରହ କରିନେଲୁ । ପରେ ଆମେ ବ୍ରିଟିଶ ଏୟାର ଓୟେଜ ବିମାନରେ ଦିଲ୍ଲୀ ପର୍ଯ୍ୟନ୍ତ ଯିବା କଥା । ସେଥିପାଇଁ ଆମେ ଅପେକ୍ଷା କରି ରହିଲୁ । ରାତି ସାଢ଼େ ଦଶଟାରେ ଦିଲ୍ଲୀ ଅଭିମୁଖେ ଆମର ଯାତ୍ରା ।

ମୁଁ ବ୍ରିଟିଶ ଏୟାର ଓୟେଜ କାଉଣ୍ଟର ଆଗ ଚେୟାରଟିରେ ବସିଛି । ଆମ ରାଜ୍ୟର ଜଙ୍ଗଲ ବିଭାଗର ଜଣେ ଅଫିସର ଶ୍ରୀ ଗୌରୀଶଙ୍କର ପାଢ଼ୀ ଓ ତାଙ୍କର ସ୍ତ୍ରୀ ଡକ୍ଟର ଅରୁଣା ମିଶ୍ର (ଜଷ୍ଟିସ ଗତିକୃଷ୍ଣ ମିଶ୍ରଙ୍କର କନ୍ୟା) ଙ୍କ ସହିତ ଦେଖାହେଲା । ସେତେବେଳେ ଶ୍ରୀ ପାଢ଼ୀ ତାଙ୍କର ଜିନିଷପତ୍ର ଅଧିକ ଓଜନର ହୋଇଥିବାରୁ ଏବଂ କିଛି ଟଙ୍କା କେଉଁଠି ହଜି ଯାଇଥିବାରୁ ବ୍ୟସ୍ତ ହେଉଥିଲେ । ପ୍ରତ୍ୟେକ ବିମାନଯାତ୍ରୀ ସର୍ବାଧିକ ୨୦ କେଜି ଜିନିଷପତ୍ର ସାଥିରେ ନେବା କଥା । ମାତ୍ର ମୋର ଜିନିଷପତ୍ର ୧୨ କେଜି ଓଜନର ହୋଇଥିବାରୁ ତାଙ୍କର ଲଗେଜ ସାଥିରେ ମୋର ଲଗେଜ ମିଶାଇ ଓଜନ କରିବାକୁ ଠିକ୍ କଲୁ । ତାଙ୍କର ଆଉ କିଛି ଜିନିଷ ମୋର ବ୍ୟାଗରେ ନେଲେ ଚଳିବ ବୋଲି ବିଚାରିଲୁ ।

ଆମର ଉଦ୍ଦିଷ୍ଟ ଉଡ଼ାଜାହାଜଟି ହଂକଂରୁ ଆସିବାର ଥିଲା । ପ୍ରଥମେ ୩ଘଣ୍ଟା ବିଳମ୍ବରେ ସେଠାରେ ପହଞ୍ଚିବ ବୋଲି ଜଣାଇ ଦିଆଗଲା । ଆମେ ସମସ୍ତେ ରାତି ଗୋଟାକରେ ଦମ୍ ଦମ୍ ବିମାନଘାଟୀ ଛାଡ଼ିବୁ ବୋଲି ପ୍ରସ୍ତୁତ ହୋଇ ରହିଲୁ । ବିମାନ ଘାଟୀ ପାଖ କ୍ୟାଣ୍ଟିନରେ କିଛି ରାତ୍ରି ଭୋଜନ କରିବାକୁ ଠିକ୍ କଲୁ । କିନ୍ତୁ ସେ ଦିନ କ୍ୟାଣ୍ଟିନ ପରିଚାଳନା ଦାୟିତ୍ୱ ଟୁରିଜମ୍ ଡେଭଲପମେଣ୍ଟ କର୍ପୋରେସନକୁ ଦିଆଯାଇଥିବାରୁ କର୍ମଚାରୀମାନେ ଧର୍ମଘଟ କରିଥିଲେ । ବିମାନ ବନ୍ଦରରେ ମଧ୍ୟ ଚା' ବିସ୍କିଟ କି ପାଉଁରୁଟି ଖଣ୍ଡେ ମିଳିଲା ନାହିଁ । ତେବେ ମୋ ପାଖରେ ଥିବା କିଛି କଦଳୀ ଓ ପାଢ଼ୀ ବାବୁଙ୍କ ପାଖରେ ଥିବା କିଛି ବାରମଜା ମିଶି ଆମର ରାତ୍ରି ଭୋଜନ ହେଲା ।

ଶ୍ରୀମତୀ ମିଶ୍ର (କୁନ୍ତଳା କୁମାରୀଙ୍କ ଝିଆରୀ) ପିଲାଛୁଆଙ୍କ ପାଇଁ କିଛି ଶୁଖିଲା ଖାଦ୍ୟ ସାଥିରେ ନେଇଥିଲେ । ସେଦିନ ତେଣୁ ସେମାନଙ୍କର ଅସୁବିଧା ହୋଇ ନଥିଲା । ମାତ୍ର ତାଙ୍କର ଗୁଡାଏ ମାଲପତ୍ର ଥିବାରୁ ସେସବୁ ନେବା ଆଣିବା କରିବାରେ ମୁଁ ଯଥାଶକ୍ତି ସାହାଯ୍ୟ କରିଥିଲି ।

ହିମଶୀତଳ ଶୀତ ରାତ୍ରି । ପୁରାତନ ବର୍ଷର ବିଦାୟ । ଆଉ ନୂଆ ବର୍ଷର ଆଗମନ । ଏହି ସନ୍ଧିକ୍ଷଣରେ ପ୍ରାୟ ୧୦ଟା ରାତ୍ରି । ଆମଙ୍କୁ ବିମାନ ଘାଟି ମାଇକ୍‌ରେ ଜଣାଇ ଦିଆଗଲା- ପାଗ ଖରାପ ଯୋଗୁଁ ବିଶେଷତଃ ଘନ କୁହୁଡ଼ି ଫଳରେ ହଂକଂରୁ ଆସିଥିବା ବିମାନଟି ଦମ୍ ଦମ୍‌ଠାରେ ଓହ୍ଲାଇ ପାରିଲା ନାହିଁ । ତାହା ସିଧା ବମ୍ବେ ଚାଲିଯିବାକୁ ବାଧ ହେଲା । ତେଣୁ ଆମକୁ ସକାଳେ କେଉଁ ବିମାନରେ ଯିବାକୁ ହେବ । ସେତେବେଳକୁ ଲଗେଜ ସବୁର ଯାଞ୍ଚ ସରି ଯାଇଥିଲା ।

କ'ଣ କରିବୁ, କୁଆଡ଼େ ଯିବୁ ଏଇ ଚିନ୍ତାରେ ଯାତ୍ରୀମାନେ ପଡ଼ିଥିବା ସମୟରେ ଆଉ ଥରେ ଜଣାଇ ଦିଆଗଲା ଯେ ସକାଳ ୯ଟା ରେ ଇଣ୍ଡିୟାନ ଏୟାର ଲାଇନ୍‌ସର ଗୋଟିଏ ଏୟାର ବସ୍‌ରେ ଆମେ ସବୁ ବମ୍ବେ ଯିବୁ । ସେଠାରୁ ବ୍ରିଟିଶ ଏୟାର ଓ୍ୱେଜର ଗୋଟିଏ ବିମାନରେ ଲଣ୍ଡନ ଯିବୁ । ପୁଣି ସେଥିରେ ଯିବା ସମସ୍ତଙ୍କ ପାଇଁ ହେବନାହିଁ । ଆମେ ୧୦୫ ଜଣ ଯାତ୍ରୀଙ୍କ ମଧ୍ୟରୁ ୮୦ ଜଣଙ୍କୁ ଇଣ୍ଡିଆନ୍ ଏୟାର ଲାଇନ୍‌ସ ବିମାନରେ ନେବା ସମ୍ଭବ ହେବ । ତେଣୁ କିଏ ଯିବ କିଏ ନଯିବ, କେଉଁ ବାଟରେ କିଏ ଯିବ ଇତ୍ୟାଦି ରାତି ଅଧିଆ ଆଲୋଚନା ଚାଲିଲା । ମାନସିକ ଚିନ୍ତାର ଉଷ୍ଣତାରେ ଦୈହିକ ଶୀତଳତା କୁଆଡେ ଯେମିତି ଉଭେଇ ଗଲା । ଘମାଘୋଟ ଆଲୋଚନାରେ ରାତି ୩ଟା ବାଜିଲା । ପୁଣି କେଉଁ ହୋଟେଲରେ ରାତି କଟାଇବାକୁ ବିଚାର ହେଉ ହେଉ ରାତି ପାହିଲା ।

ଭୋର ସାଢ଼େ ୪ଟାରେ ଗୋଟିଏ ବସ୍‌ରେ ବସି ବିମାନ ଘାଟୀର ହୋଟେଲକୁ ଆସିଲୁ । କେଉଁ ଘରେ କିଏ ରହିବ ଠିକ୍ ହେଲା । ଆମେ ସବୁ ନିଜର ଉଦ୍ଦିଷ୍ଟ କୋଠରୀରେ ପହଞ୍ଚି ଲଗେଜ ଫିଟାଇଲା ବେଳକୁ ନୂତନ ବର୍ଷର ସୂର୍ଯ୍ୟୋଦୟ । ଆଉ କ'ଣ ଶୋଇବୁ ? ନିଜ ନିଜର ଦୈନନ୍ଦିନ କାର୍ଯ୍ୟ ଶେଷ କରି ୭ଟାରେ ଆମେ ଉକ୍ତ ହୋଟେଲର କଫି ହାଉସରେ ପହଁଞ୍ଚିଲୁ । ସେଠାରେ ଚା' ଜଳଖିଆ ସାରି ବାହାରିଲା ବେଳକୁ ପୁଣି-ଏକ ଖବର ମିଳିଲା- ସକାଳ ବେଳା କେଉଁ ବିମାନର ସୁବିଧା ହେଲା ନାହିଁ । ତେଣୁ ସେ ଦିନ ସଂଧ୍ୟା ୬ଟାରେ ଦିଲ୍ଲୀଯାଏ କୌଣସି ଏକ ଉଡାଜାହାଜରେ ଯାଇ ରାତି ୧୧ଟାରେ ଆଉ ଏକ ବିମାନରେ ଲଣ୍ଡନ ଯାତ୍ରା କରିବାକୁ ଠିକ୍ ହେଲା ।

ସୁତରାଂ ଉକ୍ତ ଦମ୍ ଦମ୍ ବିମାନଘାଟୀ ହୋଟେଲରେ ସଂଧ୍ୟା ପର୍ଯ୍ୟନ୍ତ ରହିବାକୁ ସ୍ଥିର କଲୁଁ । ମୋ ସାଥିରେ ମଣିପୁରର ମଣିସିଂହ କୋନସାମ୍ ମଧ୍ୟ ମୁଁ ଯୋଗ ଦେବାକୁ ଯାଉଥିବା ତାଲିମ ପାଇଁ ଲଣ୍ଡନ ଯାଉଥିଲେ । ଆମେ ତେଣୁ ଗୋଟିଏ କୋଠରୀରେ ରହି ଓ ବାହାରେ ବୁଲି ସୁଖଦୁଃଖ ହେଲୁ ଏବଂ ନିଜ ନିଜର ସରକାରୀ କାର୍ଯ୍ୟକ୍ରମ ସଂପର୍କରେ କଥାବାର୍ତ୍ତା ହେଲୁ ।

ହୋଟେଲରେ ସେଦିନ ଆମେ ୧୦୫ ଜଣ ଅଟକି ରହିଥିବା ଯାତ୍ରୀ ଆଉ ତା ସାଥିରେ ନୂଆ ବର୍ଷ ଉପଲକ୍ଷେ ବହୁ ଆଗନ୍ତୁକଙ୍କୁ ନେଇ ଭାରି ଭିଡ଼ । ଆମେ ଇଂଲଣ୍ଡରେ ନବବର୍ଷ ପାଳିଥାନ୍ତୁ । କିନ୍ତୁ ହାୟ, ଏହି ଦୁର୍ଯୋଗରେ ପଡି କଲିକତାରେ ହିଁ ଏହି ଦିନଟି କଟିଲା ।

ହୋଟେଲର କୋଠରୀଗୁଡିକ ରେଡ଼ିଓ, ଟେଲିଫୋନ୍, ଗାଲିଚା ପ୍ରଭୃତିରେ ସୁସଜ୍ଜିତ । ସ୍ନାନାଗାର ଓ ସୁଇମିଂ ପୁଲ ଖୁବ୍ ଆରାମଦାୟକ । ଆମେ ସୁଇମିଂପୁଲ ପାଖରେ ପଡିଥିବା ଚୌକିରେ ବସିଖରା ପୋଇଲୁ ଆଉ ସୁଖଦୁଃଖ ହେଲୁ ।

ମଧ୍ୟାହ୍ନ ଭୋଜନ ସମୟ ଗଡିଲା । ସବୁରି ପେଟରେ ଭୋକର ନିଆଁ ଜଳିଲା । ପିଲାମାନେ ବେଶୀ ଛଟପଟ ହେଲେ । ୩ଟା ବାଜିଲା । ବୁଫେ ଟାଇପର ଖାଦ୍ୟ ପରିବେଷଣ ହେଲା । ଭୋକ ବେଳେ ଏତେ ଲୋକଙ୍କର ଭିଡ଼ ଭିତରେ ଏ ଯେଉଁ ଖାଦ୍ୟ ବ୍ୟବସ୍ଥା କରାଗଲା ତାହା ଷଣ୍ଢ ଗୋଠରେ ପାଳ ମେଳାଇଲା ପରି ହେଲା । ଅବଶ୍ୟ ଖାଦ୍ୟସବୁ ସୁସ୍ୱାଦୁ ହୋଇଥିଲା । ତେବେ ଗହଳି ଭିତରେ ମନବୋଧ କରି ଖାଇ ହେଲା ନାହିଁ ।

ଭୋଜନ ପରେ ନିଜ କୋଠରୀ ମଧ୍ୟରେ ଆଉ ବାହାରେ ବୁଲାବୁଲି କଲୁ । ଶୀତ ଦିନକୁ କଅଁଳ ଖରା ଦେହକୁ ଖୁବ୍ ଭଲ ଲାଗିଲା । କିଛି ସମୟ ପରେ ପୁଣି ଜଣାଇ ଦିଆଗଲା । ସଂଧ୍ୟାରେ ଏଇ ହୋଟେଲରେ ରାତ୍ରି ଭୋଜନ କରି ଯାତ୍ରୀମାନେ ୧୦ଟାରେ ଏୟାର ବସ୍‌ରେ ଦିଲ୍ଲୀଯାଏ ଯିବେ ।

ହୋଟେଲର ଗୋଟିଏ ମସ୍ତବଡ଼ ଡ୍ରଇଂରୁମ୍ । ସେଠାରେ ଆମେ ବସି ସବୁଆଡୁ କଥାବାର୍ତ୍ତା ହେଲୁ । ସେଠାରେ ଆଉ ଦୁଇ ଜଣ ଓଡ଼ିଆ ବନ୍ଧୁଙ୍କ ସହିତ ଦେଖାହେଲା । ଜଣେ ହେଲେ ଆମ ସଚିବାଳୟର ଅତିରିକ୍ତ ସଚୀବ ଡକ୍ଟର ରାଧା ବିନୋଦ ନାୟକ । ସେ ତାଙ୍କ ସ୍ତ୍ରୀଙ୍କ ସହିତ ଯୁକ୍ତରାଷ୍ଟ୍ର ଆମେରିକାର କେତୋଟି ବିଶ୍ୱବିଦ୍ୟାଳୟ ଦ୍ୱାରା ନିମନ୍ତ୍ରିତ ହୋଇ ଯାଉଥିଲେ । ଆଉ ଜଣେ ହେଲେ ଡକ୍ଟର କେ.ସି. ସାମଲ । କମନଓଏଲ୍‌ଥ ଫେଲୋସିପ୍ ପାଇ ସେ ଉଚ୍ଚଶିକ୍ଷା ପାଇଁ ଲଣ୍ଡନ ଯାଉଥିଲେ । ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ସେ ଜଣେ ଅଧ୍ୟାପକ ଥିଲେ ।

ନବବର୍ଷ ଉପଲକ୍ଷେ ସେ ଦିନ ଶୁଭ ସଂଧ୍ୟାରେ ବିରାଟ ଆୟୋଜନ । ହୋଟେଲର ଏକ ସୁସଜ୍ଜିତ ଭୋଜନ କକ୍ଷରେ ସଂଗୀତର ଆସର ଆଉ ବାଦ୍ୟବାଦନର ମଧୁର ନହବତ । ନବ ବର୍ଷର ଉତ୍ସବ ପାଳନ ପରେ ଭୋଜନ ବ୍ୟବସ୍ଥା । ବହୁବିଧ ସୁସ୍ୱାଦୁ ଖାଦ୍ୟର ସମାରୋହ । ମନବୋଧ କରି ଖିଆପିଆ କଲୁ । ୯ଟାରେ ବ୍ରିଟିଶ ଏୟାର ଓଏ ଜର ଆୟୋଜିତ ଟ୍ୟାକ୍ସିରେ ବିମାନ ବନ୍ଦର ଗଲୁଁ । ଲଗେଜ ଓ ଟିକେଟ୍ ପ୍ରଭୃତି ଯାଞ୍ଚ ପରେ ରାତି ୧୧ଟାରେ ଇଣ୍ଡିଆନ୍ ଏୟାର ଲାଇନ୍ସର ଏକ ଏୟାର ବସ୍‌ରେ ଦିଲ୍ଲୀ ଅଭିମୁଖେ ଯାତ୍ରାରମ୍ଭ କଲୁଁ ।

ଏୟାର ବସ୍‌ଟି ଖୁବ୍ ପ୍ରଶସ୍ତ । ବସିବାରେ ମଧ୍ୟ ଭାରି ସୁବିଧା । ସେଦିନ ତିନିଶହ ପଚାଶ ଯାତ୍ରୀ ସେଥିରେ ବସିଥିଲେ । ତାର ଗତି ମଧ୍ୟ ଅତି କ୍ଷିପ୍ର । ଆମେ ରାତି ୩ଟାରେ ଦିଲ୍ଲୀରେ ପହଞ୍ଚିଲୁ । ପାଲାମ ବିମାନ ଘାଟୀରେ ପହଞ୍ଚିଲା ପରେ ଆମ୍ଭମାନଙ୍କୁ ଗୋଟିଏ ବସ୍‌ରେ ହୋଟେଲ ଆକବରକୁ ନିଆଗଲା ।

ବ୍ରିଟିଶ ଏୟାର ଓଜେ୍‌ର ଜଣେ ଭଦ୍ର ମହିଳା ଖୁବ୍ ଦକ୍ଷତାର ସହିତ ଆମକୁ ହୋଟେଲ୍‌ର ରୁମ୍‌ସବୁ ବାଣ୍ଟିଦେଲେ । ପାଢ଼ିବାବୁଙ୍କ ଲଗେଜ ସହିତ ମୋର ଲଗେଜ ଓଜନ ହୋଇ ଥିବାରୁ ଉକ୍ତ ଦମ୍ପତିଙ୍କୁ ଓ ମୋତେ ଗୋଟିଏ ରୁମ୍ ମିଳିଥିଲା । ଅବଶ୍ୟ ପରେ ସେମାନେ ସ୍ତ୍ରୀ ପୁରୁଷ ବୋଲି ପରିଚୟ ଦେବାରୁ ମୋତେ ମଣିସିଂହ ସାଥିରେ ଅଲଗା ଗୋଟିଏ ରୁମ୍ ଦେଲେ । ସେତେବେଳେ ଘଣ୍ଟାରେ ୪ଟା ବାଜିଥିଲା । ସକାଳ ୬ଟାରେ ଆମକୁ ହୋଟେଲ ଛାଡ଼ି ବିମାନ ବନ୍ଦର ଘାଟିକୁ ଯିବା କଥା ।

୧୯୭୯ ମସିହା ଜାନୁୟାରୀ ୨ ତାରିଖ । ହୋଟେଲ ଆକବରର ନରମ ଶେଯରେ କଢ଼େ ନିଦ ଶୋଇବା ପୂର୍ବରୁ ଉଠିବାକୁ ପଡିଲା । ଅତି ଜରୁରୀ ଗୋଟିଏ ଦୁଇଟି ନି ତ୍ୟକର୍ମ ସାରି ବ୍ରିଟିଶ ଏୟାର ଓୟେଜର ଏକ ବସ୍‌ରେ ପାଲାମ ବିମାନଘାଟିକୁ ଧାଇଁଲୁ । ସେଠରୁ ଗୋଟିଏ ମସ୍ତବଡ ବୋଇଙ୍ଗ ବିମାନରେ ବସି ଲଣ୍ଡନ ଅଭିମୁଖେ ଯାତ୍ରା କଲୁଁ । ଲଣ୍ଡନ ସମୟରେ ସାଢ଼େ ୩ଟାରେ ପହଁଞ୍ଚିବା କଥା । କିନ୍ତୁ ଆମେ ସାଢ଼େ ୪ଟାରେ ସେଠାର ହିଥ୍ରୋ ବିମାନ ଘାଟୀରେ ପହଁଞ୍ଚିଲୁ । ପହିଲାଦିନ କଲିକତାଠାରେ ଖବର କାଗଜରୁ ପଢ଼ିଥିଲି ଯେ ପ୍ରବଳ ବର୍ଷା ଯୋଗୁଁ ହିଥ୍ରୋ ପ୍ରଭୃତି କେତେକ ବିମାନଘାଟୀ ବନ୍ଦହୋଇ ଯାଇଥିଲା । ଉଡ଼ାଜାହାଜ ଓହ୍ଲାଇ ପାରୁନଥିଲା ।

ସୌଭାଗ୍ୟକୁ ସେଦିନ ଆମର ବିମାନଟି ନିରାପଦରେ ସେଠାରେ ଓହ୍ଲାଇଲା ସିନା ବରଫର ଘନ ଆସ୍ତରଣରେ ଚତୁର୍ଦ୍ଦିଗ ଆଚ୍ଛନ୍ନ ହୋଇ ପଡ଼ିଥିଲା । ସତେ ଯେମିତି ବିମାନ ବନ୍ଦରଟି ସଂପୂର୍ଣ୍ଣ ଜଳାର୍ଣ୍ଣବ । ବିମାନରୁ ବାହାରିଲା ମାତ୍ରେ ଭୀଷଣ ଶୀତଳ ପବନରେ

ଆମ ଦେହ ମୁଣ୍ଡ ବରଡ଼ାପତର ପରି ଥରିଲା । ବହୁ କଷ୍ଟରେ ଆମେ ଭିତରକୁ ଆସିଲୁ । ଆମର ପ୍ରବେଶ ପତ୍ର ଓ ମାଲପତ୍ର ଯାଞ୍ଚ ହେଲା । କିନ୍ତୁ ସେଠାରେ ଆମେ ଲଗେଜ ସଂଗ୍ରହ କରିବାକୁ ଦୀର୍ଘ ୩ଘଣ୍ଟା କାଳ ଅପେକ୍ଷା କରିବାକୁ ହେଲା । କାରଣ ବିମାନଟିରେ ମାଲପତ୍ର ରଖା ଯାଇଥିବା ସ୍ଥାନଟିର ଦୁଆର ମୁହଁ ଘନ ବରଫାବୃତ୍ତ ହୋଇ ଥିବାରୁ ଖୋଲିବା ସମ୍ଭବ ହେଲାନାହିଁ ।

ଶେଷରେ ଲଗେଜମାନ ଆସିଲା । ଆମେ ନିଜେ ନିଜର ଲଗେଜ ଗୋଟିଏ ଗୋଟିଏ ଠେଲାଗାଡ଼ିରେ ଧରି ବାହାରକୁ ଆସିଲୁ । ବ୍ରିଟିଶ ଏୟାରଓୟେଜ୍ ବସ୍‌ରେ ଭିକ୍‌ଟେଏରିୟା ଟର୍ମିନାଲକୁ ଆସିଲୁ । ସେଠାରେ ମୋ ଘଣ୍ଟାରେ ସାଢ଼େ ନଅଟା ବାଜିଥିଲା । ମାତ୍ର ସେଠାରେ କାନ୍ଥଘଣ୍ଟାରେ ଚାରିଟା ସମୟ । ମୋ ଘଣ୍ଟାକୁ ସେଇ ଅନୁସାରେ ଠିକ୍ କରି ସାଢ଼େ ପାଞ୍ଚଘଣ୍ଟା ପଛାଇ ଦେଲି ।

ଭିକ୍‌ଟୋରିୟା ଟର୍ମିନାଲ୍‌ରେ ଆମକୁ ବ୍ରିଟଶ କାଉନସିଲର କେତେକ ଭଦ୍ରଲୋକ ଅପେକ୍ଷା କରିଥିଲେ । ସେମାନେ ଗୋଟିଏ ମିନିବସ୍‌ରେ ଆମକୁ ବସାଇଲେ ଆଉ ଆମର ଜିନିଷପତ୍ର ବୋଝେଇ କରିଦେଲେ । ଆମେ ପୋଟଲ୍ୟାଣ୍ଡ ହୋଟେଲ୍ ପାଖରେ ପହଞ୍ଚି ସେଠାରେ ଲଗେଜମାନ ଓହ୍ଲାଇଲୁ । ହୋଟେଲର ସବା ଉପର ମହଲାରେ ରହିଲୁ । ସେଠାରେ ଲିଫ୍‌ଟ୍ ବ୍ୟବସ୍ଥା ନଥିଲା । ଅବଶ୍ୟ କୋଠରୀ ଭିତରେ ଉଷ୍ଣୀକରଣର ସୁବିଧା ଥିଲା । କିନ୍ତୁ ହୋଟେଲ ବାହାରେ ବରଫର ଘନ ଆସ୍ତରଣ । ଚତୁର୍ଦ୍ଦିଗ ଶୀତଳ ଓ ଧବଳ । ନୀରବ ଓ ନିସ୍ପନ୍ଦ ପରି ସବୁ ମନେହେଲା !!

ଏଡ଼ିନବରାରେ ଉଚ୍ଚଶିକ୍ଷା ପାଉଥିବା ବନ୍ଧୁ ସୁନୀଲ ବିହାରୀ ମହାନ୍ତି ମୋତେ ଦେଖା କରିବାକୁ ସେଠାରେ ପହଞ୍ଚିଲେ । ସବୁ ପ୍ରକାର ସୁଖ ଦୁଃଖ ହେଲୁ । ଗତ ଅଠର ବର୍ଷ ମଧ୍ୟରେ ବିଲାତରେ ଏତେ ଶୀତ କେବେ ପଡି ନଥିଲା ବୋଲି ସେଠାରେ ଲୋକମାନଙ୍କ ଅନୁଭୂତି । ଖବର କାଗଜ ପ୍ରଭୃତି ଗଣ ମାଧ୍ୟମରେ ଏ ବିଷୟ ଖୁବ୍ ଆଲୋଚିତ ହେଉଥିଲା । ବିଲାତ ଶୀତପ୍ରଧାନ ଦେଶ ହେଲେ ମଧ୍ୟ ସେ ବର୍ଷ ଶୀତର ପାଦୁର୍ଭାବରେ ସମସ୍ତେ ଖୁବ୍ ଆକ୍ରାନ୍ତ ହେଲାପରି ଜଣା ପଡିଲା ।

❑❑❑

# ଅଧ୍ୟାୟ - ୨

## ଥଣ୍ଡା ବରଫ ଓ ଉଷୁମ ବନ୍ଧୁତ୍ୱ

ଜାନୁୟାରୀ ୩ ତାରିଖ, ମୁଁ ଭୋର ୫ଟାରୁ ଉଠିପଡିଲି ବେଳ ବେଳି  ନିତ୍ୟକର୍ମ ସାରିଦେଲି । ସୂର୍ଯ୍ୟ ଦେଖା ନଗଲେ ସୁଦ୍ଧା ଦିବାଲୋକରେ ଚତୁର୍ଦ୍ଦିଗ ଉଜ୍ଜ୍ୱଳ । ପୋଟଲ୍ୟାଣ୍ଡ ହୋଟେଲ ପାଖରେ ବିରାଟ ପାର୍କଟିଏ । ମାତ୍ର ତାହା ବରଫାବୃତ୍ତ ହୋଇଥାଏ । ଗଛଗୁଡ଼ିକ ପାଣି ଭିତରୁ ଉଠିଲା ପରି ଦିଶୁଥାଏ । ପତଳା କୁହୁଡ଼ି ଭିତରେ ସବୁ ଅସ୍ପଷ୍ଟ ଦେଖାଯାଉଥାଏ ।

ୟୁରୋପର ଅଧିକାଂଶ ହୋଟେଲରେ ରହିବା ସାଙ୍ଗକୁ ସକାଳ ଜଳଖିଆ (Breakfast) ଟି ମଧ୍ୟ ମିଳିଥାଏ । ବଡ ବଡ ହୋଟେଲରେ ଏହି ସକାଳ ଜଳଖିଆ ଖୁବ୍ ଭଲ । ସେଦିନ କିନ୍ତୁ ହୋଟେଲରେ ଯେଉଁ ଜଳଖିଆ ମିଳିଲା ତାହା ସେତେ ଭଲ ନଥିଲା । ପାଉଁରୁଟି ୩/୪ ଖଣ୍ଡ, ବଟର ଓ ଜାମ୍ ସାଥିରେ ଚା' ବା କଫି । ଅଣ୍ଡା ଯାହା ସାଧାରଣତଃ ଏଥିରେ ଦେବାକଥା, ତାହା ବି ମିଳିନଥିଲା । କିନ୍ତୁ ରାତିକ ଶୋଇବା ଓ ସକାଳ ଖାଇବା ପାଇଁ ଆମକୁ ସାଢ଼େ ସାତପାଉଣ୍ଡ (ଦେଢ଼ଶହ ଟଙ୍କା) ପାଉଣା ଦେବାକୁ ହେଲା ।

ଚା' ଜଳଖିଆ ପରେ ପରେ ବ୍ରିଟିଶ କାଉନସିଲର ଜଣେ ଗାଇଡ ଆସି ଦେଖାକଲେ । ଆମଙ୍କୁ ସେ ଗୋଟିଏ ବସ୍‌ରେ ଅଫିସକୁ ନେଇଗଲେ । ଓଃ ବାହାରେ କି ଥଣ୍ଡା ! ସୁଟ୍ ପିନ୍ଧିଥିଲେ ସୁଦ୍ଧା ତାହା ଏଠାର ଶୀତ ପାଖରେ ହାର ମାନିଲା ପରି ଲାଗୁଥିଲା ।

କାଉନ୍‌ସିଲ ଅଫିସ ଭିତରକୁ ଯାଇ ଦେଖିଲୁ ଗୋଟିଏ ପ୍ରତୀକ୍ଷା-ଗୃହରେ ବିଭିନ୍ନ ଦେଶରୁ ଆସିଥିବା ବହୁ ବୃତ୍ତିଧାରୀ ଭଦ୍ରଲୋକ ଓ ଭଦ୍ର ମହିଳା ବସିଛନ୍ତି । କେତେକ ଅପେକ୍ଷା କରିଛନ୍ତି ତ କେତେକ ଦଳବଦ୍ଧ ହୋଇ ବସିଛନ୍ତି ଏବଂ ସେମାନଙ୍କୁ କାଉନସିଲର ଜଣେ ଲେଖାଁ ଉପଦେଷ୍ଟା ଉପଦେଶ ଓ ପରାମର୍ଶମାନ ଦେଉଛନ୍ତି । ସେମାନେ କେଉଁଠି ଶିକ୍ଷା ବା ତାଲିମ ଲାଭ କରିବେ, କିପରି ସେଠାକୁ ଯିବେ, କେଉଁଠି ରହିବେ, କେତେ ଖର୍ଚ୍ଚ ପାଇବେ, କିପରି ପାଇବେ, ସବୁକଥା ଗୋଟି ଗୋଟି କରି ପୁସ୍ତିକା, ମାନଚିତ୍ର, ଫର୍ମ ଓ ଚାର୍ଟ ସାହାଯ୍ୟରେ ବୁଝାଇ ଦେଉଛନ୍ତି ।

ପ୍ରତୀକ୍ଷମାଣ କେତେକ ଭଦ୍ରଲୋକ ଓ ଭଦ୍ରମହିଳାଙ୍କ ମଧ୍ୟରେ ଥିଲେ ମୋର ପୂର୍ବ ପରିଚିତ ବଂଧୁ ଡକ୍ଟର ଜଗଦୀଶ ସିଂହ । ସେ ଏନ୍ ସି.ଇ ଆରଟି (NCERT) ଅଧୀନସ୍ଥ

ଶିକ୍ଷା ଉଦ୍ୟୋଗ କେନ୍ଦ୍ରର (Centre of Educational Technology) ଜଣେ ପ୍ରାଧ୍ୟାପକ ଏବଂ ରେଡ଼ିଓ ଓ ଟେଲିଭିଜନ ଶିକ୍ଷା କାର୍ଯ୍ୟକ୍ରମର ମୂଲ୍ୟାୟନ ଦାୟିତ୍ୱରେ ଥିଲେ । ଆଉ ଜଣେ ଭଦ୍ରମହିଳା ଥିଲେ ଶ୍ରୀମତୀ ମୋହିନୀ ରାଓତ୍ ଏବଂ ସେ ଦିଲ୍ଲୀ ପ୍ରଶାସନର ଜଣେ ଶିକ୍ଷାଧିକାରିଣୀ । ମୋ ସାଥିରେ ଥିଲେ ମଣିପୁରରେ ନବ ପ୍ରତିଷ୍ଠିତ ଶିକ୍ଷା ଉଦ୍ୟୋଗ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଶ୍ରୀ ମଣିସିଂହ କୋନ୍‌ସାମ୍ । ମୁଁ ମଧ୍ୟ ସେତେବେଳେ ଥିଲି ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ଅଧୀନସ୍ଥ ଶିକ୍ଷା ଉଦ୍ୟୋଗ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ । ଆମେ ପରସ୍ପର ସହିତ ପରିଚିତ ହେଲୁ ।

ଭାରତରୁ ଆମ ଏଇ ଚାରିଜଣ ବ୍ରିଟଶ କାଉନସିଲ୍ ବୃତ୍ତି ଲାଭ କରି ଯେଉଁ ତାଲିମ୍ ପାଇବାକୁ ଯାଇଥିଲୁ ତାହା ହେଲା ଶିକ୍ଷାରେ ରେଡ଼ିଓ, ଟେଲିଭିଜନ ଓ ଅନ୍ୟାନ୍ୟ ଶ୍ରବ୍ୟ-ଦୃଶ୍ୟ ସାମଗ୍ରୀ ତଥା ମାଧ୍ୟମର ଉପଯୋଗ ଓ ମୂଲ୍ୟାୟନ ସଂପର୍କୀୟ । ଆମେ କିଛି ସମୟ ଅପେକ୍ଷା କଲାପରେ ବ୍ରିଟିଶ କାଉନସିଲର ଜଣେ ପ୍ରୋଗ୍ରାମ ଅଫିସର (Programme Officer) ଆସିଥିଲେ । ତାଙ୍କର ନାମ ହେଲା ମିସେସ୍ ସିଲିଆଉଡ୍ । ଜଣେ ଭଦ୍ରମହିଳା ହେଲେ ମଧ୍ୟ ତାଙ୍କ କର୍ମନିପୁଣତା ଆମକୁ ମୁଗ୍ଧ କଲା । ତାଙ୍କର ସୌଜନ୍ୟ ମଧ୍ୟ ପ୍ରଶଂସନୀୟ । ସେ ଆମକୁ ଆବଶ୍ୟକ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ସେଠାରେ ଚଳିବା ପାଇଁ ନିରୂପିତ ଅର୍ଥ ଗୋଟିଏ ମାସ ପାଇଁ ଆଗତୁରା ଦେଇଥିଲେ ।

ତା ପରେ ଆମେ ସମସ୍ତେ ଲଣ୍ଡନର କେନ୍ଦ୍ର ସ୍ଥାନରେ ଅବସ୍ଥିତ ଟାଭିଷ୍ଟାକ୍ ହାଉସକୁ ଯାଇଥିଲୁ । ସେଠାରେ ବ୍ରିଟିଶ କାଉନ୍‌ସିଲ ମାଧ୍ୟମ ବିଭାଗ(Media Department)କାର୍ଯ୍ୟ କରୁଥିଲା । ସେଠାରେ ଆମେ ଆମର କୋର୍ସ ଡାଇରେକ୍ଟର ମିଷ୍ଟର ଟିମୋଥି ଲଙ୍ଗ୍ ଓ ତାଙ୍କରି ସହକର୍ମୀମାନଙ୍କ ସହିତ ସାକ୍ଷାତ ଓ ଆଲୋଚନା ହୋଇଥିଲା । ପରସ୍ପରକୁ କହିବାକୁ ଓ ଜାଣିବାକୁ ଏହା ଏକ ସୁଯୋଗ ଦେଇଥିଲା । ସେମାନେ ଆମକୁ ଗୋଟିଏ ରେଡ଼ିଓ ସେଟ୍,ଗୋଟିଏ କ୍ୟାମେରା, ଗୋଟିଏ ଫଟୋଉଠା ରିଲ୍, କେତେକ ବହି ଓ ପତ୍ରିକା ଆମର ତାଲିମ କାଳ ମଧ୍ୟରେ ବ୍ୟବହାର କରିବାକୁ ଧାର ସୂତ୍ରରେ ଦେଲେ । ସେଗୁଡିକୁ ରଖିବା ପାଇଁ ସେଠାରେ ଗୋଟିଏ ଲେଖାଁ ବାକ୍ସ ଓ ତାର ଚାବି ମଧ୍ୟ ଦେଇଥିଲେ ।

ସେଦିନ ଉକ୍ତ ମାଧ୍ୟମ ବିଭାଗରେ ଗୋଟିଏ ସ୍ୱାଗତ ସମ୍ବର୍ଦ୍ଧନାର ଆୟୋଜନ ହୋଇଥିଲା । ଏହି ମିଳନୀ ଉତ୍ସବ ଉପଲକ୍ଷେ ପାଠ୍ୟକ୍ରମ ନିର୍ଦ୍ଦେଶକ ମିଷ୍ଟର ଲଙ୍ଗଙ୍କ ତରଫରୁ ଗୋଟିଏ Party ର ବ୍ୟବସ୍ଥା ହୋଇଥିଲା । ଏଥିରେ ବିସ୍କିଟ୍, ସ୍ୟାଣ୍ଡ ଉଇଚ୍, ଚିଜ୍, ପ୍ରଭୃତି ଖାଦ୍ୟ ଏବଂ ମଦ୍ୟ, ଫଳରସ ପ୍ରଭୃତି ପାନୀୟ ପରିବେଷଣ ହୋଇଥିଲା । ବିଭିନ୍ନ ଦେଶରୁ

ଏଠାରେ ଭିନ୍ନ ଭିନ୍ନ ତାଲିମ ପାଇଁ ଆସିଥିବା ଭଦ୍ରବ୍ୟକ୍ତି ଭଦ୍ରମହିଳାଗଣ ଏହି ସ୍ୱାଗତ ସମ୍ବର୍ଦ୍ଧନାରେ ଯୋଗ ଦେଇଥିଲେ । ଟିମୋଥି ଲଙ୍ଗ୍ ତାଙ୍କ ନାମ ଅନୁସାରେ ଖୁବ୍ ଉଚ୍ଚାଲୋକ । ପ୍ରାୟ ସାଢ଼େ ଛଅଫୁଟ ଉଚ୍ଚା । ମାତ୍ର ସେ ଥିଲେ ଖୁବ୍ ଖୁସି ମିଜାଜ ଓ ମେଳାପୀ ଲୋକ ।

ପୋର୍ଟଲାଣ୍ଡ ପ୍ଲେସ ନାମକ ସ୍ଥାନରେ ବ୍ରିଟିଶ କାଉନସିଲର ଛାତ୍ର ସମାଜ କେନ୍ଦ୍ର (Students Centre) । ପ୍ରବାସୀ ଛାତ୍ରଛାତ୍ରୀମାନଙ୍କ ରହଣି ପାଇଁ ବାସଗୃହ, ବିଭିନ୍ନ ଦର୍ଶନୀୟ ସ୍ଥାନ, ଦେଖିବା ପାଇଁ ପରିଭ୍ରମଣ, ଇଂରେଜ ଭାଷାରେ ଭଲ କଥୋପକଥନ ଓ ଜ୍ଞାନବୃଦ୍ଧି ପାଇଁ ତାଲିମ, ମନୋରଞ୍ଜନ ନିମନ୍ତେ ଚଳଚ୍ଚିତ୍ର ଓ ନାଟକ ଅଭିନୟ ପ୍ରଭୃତିର ବ୍ୟବସ୍ଥା କରିଥାନ୍ତି । ଆମ ପାଇଁ ସୁବିଧାଜନକ ରହଣିର ବ୍ୟବସ୍ଥା କରିବାକୁ କାଉନ୍‌ସିଲର ଉକ୍ତ ଅଫିସକୁ ଗଲୁ । ସେଠାରେ ଜଣେ ମହିଳା କର୍ମଚାରୀ ଆମକୁ ଗୋଟିଏ ଭଡ଼ା ଘରର ଠିକଣା ଦେଲେ । ଘର ମାଲିକିଆଣୀ (Land-lady) ଙ୍କ ସହିତ ସେ ମଧ୍ୟ ଫୋନ୍‌ରେ କଥାବାର୍ତ୍ତା କଲେ । ତା ଆରଦିନ ଆମଙ୍କୁ ସେଠାକୁ ଯିବାକୁ ପରାମର୍ଶ ଦେଲେ ।

ସେଠାରୁ ଆମେ ଚାଲି ଚାଲି ଭାରତୀୟ ୱାଇ.ଏମ୍.ସି.ଏ. (Indian YMCA) କୁ ଯାଇଥିଲୁ । ତାହା ମୁଁ ଗତଥର ଦେଖିଥିଲି । ସେଠାରେ ରହିବାକୁ ସୁବିଧା ଆଉ ଲଣ୍ଡନର କେନ୍ଦ୍ରସ୍ଥାନରେ ଅବସ୍ଥିତ ହୋଇଥିବାରୁ ଯାତାୟାତ କରିବାକୁ ସହଜ । କିନ୍ତୁ ସେଠାରେ ଦାକ୍ଷିଣାତ୍ୟ ଲୋକଙ୍କର ଖୁବ୍ ପ୍ରାଧାନ୍ୟ । ଜଣେ ତାମିଲ ଭଦ୍ରଲୋକ ତାର ମ୍ୟାନେଜର ଥିଲେ ଯେ ଗତଥର ଯେତେ ଚେଷ୍ଟା କଲେ ବି ସଫଳ ହୋଇ ପାରି ନଥିଲି । ସାରା ଦଶମାସ କାଳ ମୁଁ ଏକ ଆନ୍ତର୍ଜାତୀୟ ଛାତ୍ରାବାସ ଜନ୍ ଆଡାମସ୍ ହଲରେ ରହିଥିଲି । ତେଣୁ ସେଠାରେ ରହିବାକୁ ଆମେ ଚାହିଁଲେ ମଧ୍ୟ ଏଥର ମୁଁ ସ୍ଥାନଲାଭ କରିବାରେ ଆଶାୟୀ ହୋଇ ନଥିଲି । ବିଶେଷତଃ ଜଗଦୀଶ ସିଂ ସେଠାରେ ରହିଥିବାରୁ ଆମେ ମ୍ୟାନେଜରଙ୍କୁ ସାକ୍ଷାତ କରି ଅନୁରୋଧ କରିଥିଲୁ । କିନ୍ତୁ କିଛି ସୁଫଳ ଫଳିଲା ନାହିଁ ।

ସେଠାରୁ ଅଳ୍ପ ଦୂରରେ ବି.ବି.ସି.ର ଏକ ଷ୍ଟୁଡିଓ । ସେଠାରେ ଯୁବ ଅଧ୍ୟାପକ ଓ ଉଦ୍‌ଯୋଗୀ ବନ୍ଧୁ ସୁନୀଲ ବିହାରୀ ମହାନ୍ତି ଗୋଟିଏ ତାଲିମ କେନ୍ଦ୍ରରେ ଯୋଗ ଦେଇଥାନ୍ତି । ପ୍ରକୃତରେ ସେ ସ୍କଟଲ୍ୟାଣ୍ଡର ଏଡିନବର୍ଗଠାରେ ପ୍ରୌଢ଼ ଶିକ୍ଷା କ୍ଷେତ୍ରରେ ଦଶମାସିଆ ତାଲିମ ପାଉଥିଲେ । କିନ୍ତୁ ସେହି ତାଲିମର ଏକ ଅଂଶ ଭାବରେ ସେ ପ୍ରୌଢ଼ମାନଙ୍କ ପାଇଁ ଆବଶ୍ୟକ ରେଡ଼ିଓ ଓ ଟେଲିଭିଜନ କାର୍ଯ୍ୟକ୍ରମ ସଂପର୍କୀୟ ଏକ ପ୍ରଶିକ୍ଷଣରେ ଯୋଗ ଦେଇଥିଲେ । ମୁଁ ସେଠାକୁ ଯାଇ ତାଙ୍କ ସହିତ ଦେଖା କରିଥିଲି । ଆମେ ସାଙ୍ଗ ହୋଇ ନିକଟସ୍ଥ ଏକ ଡାକ୍ତରଖାନାକୁ ଯାଇଥିଲୁ । ସେଠାରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର

ଜଣେ ଡାକ୍ତର ସାମଲବାବୁ ଟ୍ରେନିଂ ନେଉଥିଲେ । ମାତ୍ର ସେତେବେଳେ ସେ ସେଠାରେ ନଥିବାରୁ ତାଙ୍କ ସହିତ ଦେଖା ହୋଇ ପାରିନଥିଲା ।

ତା ପରେ ଆମେ ଦୁହେଁ ଗୋଟିଏ ବସ୍‌ରେ ବସି ଅନେକ ବାଟ ଗଲୁଁ । ସେଠାରେ ଥା'ନ୍ତି କଟକର ପ୍ରସିଦ୍ଧ ଚାର୍ଟାଡ଼ ଆକାଉଣ୍ଟାଣ୍ଟ ହୃଦାନନ୍ଦ ନାୟକଙ୍କ ସାନଝିଅ ଜଲି ଓ ଜ୍ୱାଇଁ କୈଳାସବାବୁ । ସେତେବେଳେ କୈଳାଶବାବୁ ଲଣ୍ଡନର ଏକ ବଡ଼ ଡାକ୍ତରଖାନାରେ ଡାକ୍ତର ଥିଲେ । ସୁନୀଲବାବୁ ଭଲଭାବରେ ତାଙ୍କର ଘରଟି ଜାଣି ନଥିବାରୁ ବସ୍‌ରୁ ଓହ୍ଲାଇ ପ୍ରବଳ ଥଣ୍ଡା ପାଗରେ ବରଫ ଉପରେ ଚାଲି ଚାଲି ତାହା ଖୋଜିବାକୁ ହେଲା । ତାପରେ ସ୍ଥାନଟିକୁ ପାଇଥିଲୁ । ହିଟର ରଖାଯାଇ ଘରଭିତର ଖୁବ୍ ଉଷୁମ କରାଯାଇଥିଲା । ଜଲିଦେବୀ ଆମଙ୍କୁ ସଙ୍ଗେ ସଙ୍ଗେ ଚା' ବିସ୍କିଟ୍ ଦେଲେ । କାଲୁଆ ଆଉ ହାଲିଆ ଦେହରେ ସେତକ ପଡ଼ିବାରୁ କେତେ ଶାନ୍ତି ଆଉ ସ୍ଫୂର୍ତ୍ତି ଲାଗିଲା । ଜଲି ମଧ୍ୟ ଖୁବ୍ ସ୍ନେହୀ ହୋଇଥିବାରୁ ତାଙ୍କ ଘରେ ରାତ୍ରି ଭୋଜନ କରିବାକୁ ବଳାଇଲେ ।

ଆମେ ମଧ୍ୟ ସେ ସୁଯୋଗକୁ ଛାଡ଼ିବାକୁ ଉଚିତ ମନେକଲୁ ନାହିଁ । ବିଶେଷତଃ ସୁନୀଲବାବୁ ଏପରି ଧରଣର ବନ୍ଧୁ ଯେ ସେ ନିଜେ ଏସବୁ କଥାରେ ଯେମିତି ପଶ୍ଚାତ୍‌ପଦ ହୁଅନ୍ତି ନାହିଁ, ସେମିତି ଅନ୍ୟକୁ ନିଜ ଘରେ ଯେତେ ଅବେଳରେ ହେଉପଛେ ଖୁଆଇବାକୁ ଜବରଦସ୍ତି କରନ୍ତି । ସେ ନିଜେ ଯେମିତି ଅନ୍ୟ ସମସ୍ତେ ସେମିତି ବୋଲି ଭାବି ସମୟ ସମୟରେ ସେ ଭୁଲ କରି ବସନ୍ତି ।

ତେବେ ମୁଁ ତାଙ୍କ ଘରେ ପୂର୍ବରୁ ପରିଚିତ ହୋଇ ନଥିଲେ ସୁଦ୍ଧା ସୁନୀଲବାବୁଙ୍କର ବନ୍ଧୁଭାବରେ ଯଥେଷ୍ଟ ଆଦର ଅଭ୍ୟର୍ଥନା ଲାଭ କଲି । ରୋଷେଇ କରିବା ମଧ୍ୟରେ ଆମେ ବସି ଟେଲିଭିଜନରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଦେଖିଲୁ । ବିଭିନ୍ନ ଆଡୁ କଥାବାର୍ତ୍ତା ହେଲୁ ଆମେ ଦୁହେଁ କୈଳାସବାବୁଙ୍କ ସହିତ । ଭାରତୀୟ ଡାକ୍ତର ଇଂଲଣ୍ଡ ବିଶେଷତଃ ଲଣ୍ଡନର ଡାକ୍ତରଖାନାରେ ଅନେକ ସଂଖ୍ୟାରେ କାର୍ଯ୍ୟ କରୁଛନ୍ତି । କେତେକଙ୍କର ମଧ୍ୟ ଯଥେଷ୍ଟ ସୁନାମ ରହିଛି । ପୂର୍ବେ ସାହେବମାନଙ୍କର ଯେତିକି ଶ୍ରଦ୍ଧା ଥିଲା, ଏବେ ସେଥିରେ ହ୍ରାସ ପାଇଛି । ବରଂ ବେକାର ସମସ୍ୟା ଜଟିଳ ହେବାରୁ ବାହାର ଲୋକଙ୍କ ପ୍ରତି ସେମାନଙ୍କ ବିରୋଧ ତଥା ବିତୃଷ୍ଣା ବୃଦ୍ଧିପ୍ରାପ୍ତ ହୋଇଛି । ଜିନିଷପତ୍ରର ଦରଦାମ ଘୁଘୁ ହୋଇ ବଢ଼ିବାରେ ଲାଗିଛି । ବାହାର ଲୋକଙ୍କ ଅନୁପ୍ରବେଶ ଉପରେ ଖୁବ୍-କଟକଣା ଜାରି କରାଯାଇଛି । ପାସ୍‌ପୋର୍ଟ ତଥା ଭିସା ସଂପର୍କରେ ନାନା କଠିନ ନିୟମକାନୁନ ତିଆରି କରାଯାଇଛି । ଇତ୍ୟାଦି ଇତ୍ୟାଦି ।

ତେବେ ଯାହାହେଉ ରୋଷେଇ ସରିଲା ପରେ ଆମେ ଭୁରି ଭୋଜନ କଲୁ । ରାତି ୧୦ଟାରୁ ଅଧିକ ହୋଇଗଲା । ଆମେ ଧନ୍ୟବାଦ ଦେଇ ସେଠାରୁ ବାହାରିଲୁ । ବାହାରେ ଅସମ୍ଭାଳ ଥଣ୍ଡା ପବନ । ବରଫରେ  ଚତୁର୍ଦ୍ଦିଗ ଆଚ୍ଛନ୍ନ । ତା ଭିତରେ ଆମେ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଆସିଲୁ । ସେଠାରୁ ବସ୍‌ଧରି ନିଜ ନିଜର ସ୍ଥାନକୁ ଫେରିଲୁ ।

❑❑❑

## ଅଧ୍ୟାୟ -୩

# ଆମର ନୂଆ ଭଡ଼ାଘର ଓ ତାଲିମକେନ୍ଦ୍ର

୧୯୮୦ ମସିହା ଜାନୁୟାରୀ ୪ ତାରିଖ । ସକାଳ ଜଳଖିଆ ସାରି ଆମେ-ମିସ୍,, ରାଉତ୍, ମଣିସିଂହ ଓ ମୁଁ ଟ୍ରାଫାଲଗାର ଛକକୁ ଗଲୁ । ସେଠାରେ କିଛି ସମୟ ଅପେକ୍ଷା କଲାପରେ ଡାକ୍ତର ଜଗଦୀଶ ସିଂହ ଆସି ପହଞ୍ଚିଗଲେ । ସେତେବେଳେ ଦିନ ୧୦ଟା ୧୦ ମିନିଟ୍ ।

ବ୍ରିଟିଶ କାଉନସିଲର ରହଣି ଅଧିକାରୀ ପୂର୍ବଦିନ ଆମ ପାଇଁ ଯେଉଁ ଘର ଠିକ୍ କରିଥିଲେ, ତାକୁ ଖୋଜିବାରେ ବହୁତ ସମୟ ଲାଗିଲା । ଆମେ ଭୂଇଁତଳ ରେଳଗାଡ଼ିରେ ଟଫ୍‌ନେଲ୍ ପାର୍କ ଷ୍ଟେସନକୁ ଗଲୁ । ସେଠାରୁ ୭୦ ନମ୍ବର ଘର ଖୋଜି ଖୋଜି ଶେଷରେ ପାଇଲୁ । ଘନ ଧବଳ ବରଫର ଆସ୍ତରଣ ଉପରେ ଅନେକ ବାଟ ଆମେ ଚାଲିଲୁ । ଥଣ୍ଡା ପବନ ସାଇଁ ସାଇଁ ହୋଇ ବହି ଯାଉଛି । ଶୀତରେ ଦେହସାରା କୋଲ ମାରି ଯାଉଛି ।

ସେହି ଘରର ମାଲିକିଆଣୀଙ୍କୁ ଦେଖାକଲୁ । ସେ 'ସୁପ୍ରଭାତ' (Good Morning) ଜଣାଇଲେ । ଆମେ ମଧ୍ୟ ପ୍ରତି ନମସ୍କାର ଜଣାଇଲୁ । ସେ ନିଜେ ଜଣେ ସ୍କଟିସ୍ ଭଦ୍ର ମହିଳା । ବୟସ ୫୦ ବର୍ଷରୁ ଅଧିକ ହେବ । ସେ ଜଣେ ଗ୍ରୀକ୍ ଭଦ୍ରଲୋକଙ୍କୁ ବିବାହ କରିଥିଲେ । ତାଙ୍କର ଭଉଣୀ ଜଣେ ଭାରତୀୟ ମେହେରୋତ୍ରାଙ୍କୁ ବିବାହ କରିଥିଲେ । ତାଙ୍କର ନିଜର ଗୋଟିଏ ଝିଅ ସ୍ୱାନିସ ଭଦ୍ରବ୍ୟକ୍ତିଙ୍କୁ ଓ ଆଉ ଜଣେ ଝିଅ ଆମେରିକାରେ ବିବାହ କରିଥିଲେ । ଗୃହକର୍ତ୍ତ୍ରୀ ଆତ୍ମପ୍ରସାଦର ସହିତ କହିଲେ-ତାଙ୍କର ଗୋଟିଏ ଆର୍ନ୍ତର୍ଜାତୀୟ ପରିବାର ! ପ୍ରତ୍ୟେକଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ । ସବୁରି ପାଇଁ ତାଙ୍କର ସ୍ନେହଶ୍ରଦ୍ଧା ଏବଂ କାହାପାଇଁ ନାହିଁ ତାଙ୍କର ଘୃଣା ବା ଅବଜ୍ଞା ।

ମୁଁ ତେବେ ଦୂରତା ଦୃଷ୍ଟିରୁ ଅନ୍ୟତ୍ର ଚେଷ୍ଟା କରିବାକୁ ଭାବିଲି । ମାତ୍ର ମିସ୍ ରାଉତ୍ ସେଠାରେ ରହିଯିବାକୁ ଚାହିଁଲେ । ତେଣୁ ସପ୍ତାହକୁ ୨୧ ପାଉଣ୍ଡ ଘରଭଡ଼ା ଓ ଚାବି ପାଇଁ ୫ପାଉଣ୍ଡ ମୋଟ ୨୬ ପାଉଣ୍ଡ ଜଣପିଛା ଅଗ୍ରୀମ ଦିଆଗଲା । ଗୃହକର୍ତ୍ତ୍ରୀଙ୍କ ଠାରୁ ଚାବି ଧରି ଆମେ ଫେରି ଆସିଲୁ । ମିସ୍ ରାଉତ୍ ସେଠାରେ ବିଶ୍ରାମ ନେଲେ । ମଣିସିଂହ ଓ ମୁଁ ବୁଲି ବାହାରିଲୁ ।

ଡକ୍ଟର ସିଂହ ଆମ ସାଥିରେ ଭୂଇଁତଳ ରେଳ ଗାଡ଼ିରେ ଆସିଲେ । ମାତ୍ର ସେ ୱାରେନ୍‌ଷ୍ଟ୍ରିଟ୍ ଷ୍ଟେସନରେ ଓହ୍ଲାଇ ପଡ଼ିଲେ ତାଙ୍କ ହଷ୍ଟେଲକୁ ଯିବାପାଇଁ । ଆମେ ଟଟନହମ୍

କୋଟ ଷ୍ଟେସନରେ ଓହ୍ଲାଇ ଲଣ୍ଡନ ବିଶ୍ୱବିଦ୍ୟାଳୟର ପ୍ରଧାନ ପ୍ରାସାଦକୁ ଗଲୁ । ସେଠାରୁ ଶିକ୍ଷା ପ୍ରତିଷ୍ଠାନ (Institute of Education) କୁ ଯାଇଥିଲୁ । ତାହା ଏବେ ଏକ ନୂତନ ଅଟ୍ଟାଳିକାରେ ଅନୁଷ୍ଠିତ ହେଉଛି । ମୋର ପୂର୍ବ ପରିଚିତ ଅଧ୍ୟାପକମାନଙ୍କୁ ସେଠାରେ ପାଇବା ଆଉ ସମ୍ଭବ ହେଲା ନାହିଁ । ସେମାନେ ହୁଏତ ଅବସର ଗ୍ରହଣ କରିସାରିଥିବେ ।

ସେଠାରୁ ଆମେ ଜନ ଆଡ଼ାମ୍‌ସ ହଲକୁ ଯାଇଥିଲୁ । ସେଠାରେ ମଧ୍ୟ ପରିଚିତ ବ୍ୟକ୍ତିଗଣ ବିଦାୟ ନେଲେଣି । ଗୋଟିଏ ଝିଅ ପ୍ରତୀକ୍ଷା ଗୃହରେ ବସିଥିଲେ । ସେ କହିଲେ ଯେ ମୋର ପରିଚିତ ଭଦ୍ରମହିଳା ଓ ଭଦ୍ରବ୍ୟକ୍ତିଗଣ ଆଉ ନାହାନ୍ତି । ସେଠାରେ ରହିବା ପାଇଁ ମଧ୍ୟ ଜୁନ୍ ପର୍ଯ୍ୟନ୍ତ ଆଉ ସ୍ଥାନ ନାହିଁ । ସବୁ ନୂଆ ନୂଆ ଲାଗିଲା । ମାତ୍ର ୮/୯ବର୍ଷରେ ଅବସ୍ଥାରେ କେତେ ପରିବର୍ତ୍ତନ ହୋଇଛି ! ପାଶ୍ଚାତ୍ୟ ଦେଶର ସବୁକଥା କେତେ କ୍ଷିପ୍ର ଗତିରେ ପରିବର୍ତ୍ତିତ ହେଉଛି, ଏହା ତାହାର ଏକ ପ୍ରତୀକ !!

ଆମେ କିଛି ଖାଇବାକୁ ଗୋଟିଏ ଉଇମ୍ପୀ ହୋଟେଲରେ ପଶିଲୁ । ବିଲାତରେ ଏହି ହୋଟେଲ ଖୁବ୍ ପ୍ରସିଦ୍ଧ । ଏଠାରେ ମେନୁର ସେମିତି ଆଡମ୍ବର ନଥାଏ । ଏଠାରେ ପରିବେଷିତ ମୁଖ୍ୟଖାଦ୍ୟ ହେଲା ମାଛ ଓ ଆଳୁଭଜା । (Fish and chips) ମୂଲ୍ୟ ମଧ୍ୟ ଅଧିକ ନୁହେଁ । ସେଠାରେ ଜଠରାଗ୍ନିକୁ ଶାନ୍ତ କରି ଆମେ ବସାକୁ ଯିବାପାଇଁ ଠିକ୍ କଲୁ । ମାତ୍ର ଏକମୁଣ୍ଡିଆ ଦୂରସ୍ଥାନ ହୋଇଥିବାରୁ କୌଣସି ଟ୍ୟାକ୍‌ସିବାଲା ଯିବାପାଇଁ ରାଜିହେଲେ ନାହିଁ । ଶେଷରେ ଜଣେ ଯୁବକ ଟ୍ୟାକ୍‌ସିବାଲା ଆମକୁ ଆଣି ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚାଇ ସାଢ଼େ ୩ ପାଉଣ୍ଡ ନେଲା । ଆମେ ତାକୁ ବିଶେଷ ଧନ୍ୟବାଦ ଦେଲୁ ।

ସେଦିନ ରାତିରେ ଭୀଷଣ ଶୀତ ଅନୁଭବ କଲୁ । ସବୁ ଶେଯ, କମ୍ବଳ, ଚଦର ସତେ ଯେମିତି ବରଫ ପାଲଟି ଗଲା । ଗତଥର ପାଗ ତ ଭଲ ଥିଲା । ପୁଣି ଜନ ଆଡାମସ୍ ହଲ୍‌ଟିର ସବୁ କୋଠରୀ ଗୋଟିଏ କେନ୍ଦ୍ରରୁ ଉଷ୍ମୀକୃତ (Centrally heated) ହୋଇଥାଏ । ମୋର ମନେ ପଡ଼ିଲା ଗତଥର ସାଥିରେ ଆଣିଥିବା କାଶ୍ମୀର ସାଲଟିକୁ ଆଦୌ ବ୍ୟବହାର କରିବାକୁ ପଡିନଥିଲା । ଏଥର ଗୃହକର୍ତ୍ତ୍ରୀ ଯାହା ଶେଯ କମ୍ବଳ ଦେଲେ ତା ଛଡା ଅଧିକ କିଛି ନ କିଣିଲେ ଚଳିବା କଷ୍ଟକର ହେବ ଭାବିଲି ସେଠାରେ । ପୁଣି ଯେଉଁ ଉଷ୍ମୀକରଣ ବ୍ୟବସ୍ଥା ତାହା କେବଳ ଅର୍ଥଶ୍ରାଦ୍ଧ କରିବା କୌଶଳ । ପାଞ୍ଚ ପେନ୍‌ସ ବା ଏକ ଟଙ୍କାର ମୁଦ୍ରା ଗୋଟିଏ ମିଟରରେ ପକାଇଲେ ତତ୍‌ସଂଲଗ୍ନ ହିଟରଟି ପ୍ରାୟ ଏକଘଣ୍ଟା ପାଇଁ ଉଷ୍ମତା ପ୍ରଦାନ କରିଥାଏ । ପୁଣି ସେହି ମିଟରଗୁଡିକ (ପ୍ରତ୍ୟେକ କୋଠରୀରେ ଥିବା) ଠିକ୍ ମତେ କାର୍ଯ୍ୟ କରେ ନାହିଁ । ମୋ କୋଠରୀରେ ଥିବା ହିଟରଟି ବିଳମ୍ବରେ ତାତିଥାଏ । ଅଥଚ ମଣିସିଂହଙ୍କର

କୋଠରୀରେ ଥିବା ହିଟରଟି ପାଞ୍ଚ ପେନ୍ସରେ ସାରାରାତି ଉଷ୍ଣତା ପ୍ରଦାନ କରେ । ହାୟରେ ସେ ମିଟର ଆଉ ହିଟର !!

ସେ ବର୍ଷର ଶୀତ ପୂର୍ବ ୧୮ ବର୍ଷ ମଧ୍ୟରେ ସର୍ବାଧିକ ବୋଲି ଲଣ୍ଡନରେ ଜାଣିବାକୁ ପାଇଲି । ୫ ତାରିଖ ଦିନ ସକାଳୁ ଉଠି ନିତ୍ୟକର୍ମ ସାରିଲି । ଜଳଖିଆ ମନ୍ଦ ନୁହେଁ, ବରଫାବୃତ ରାସ୍ତା ଉପରେ ୧୦/୧୫ ମିନିଟ ଚାଲିଲୁ । ତାପରେ ଭୂଇଁତଳ ଟଫନେ୍ଲ ଷ୍ଟେସନରୁ ଇଉଷ୍ଟନ ଷ୍ଟେସନ୍ ଯାଏ ଟ୍ରେନ୍‌ରେ ଗଲୁ । ଇଉଷ୍ଟନରୁ ଆମର ତାଲିମ କେନ୍ଦ୍ର ଟାଭିଷ୍ଟକ ହାଉସକୁ ଯିବାରେ ଅସୁବିଧା ହେଲା ନାହିଁ । କେବଳ ଥଣ୍ଡା ଯାହା ୧୦/୧୫ ମିନିଟ୍ ଚାଲିବା ଯାହା କଷ୍ଟକର ହେଲା । ସେ ଅଞ୍ଚଳଟି ମୋର ପୂର୍ବ ପରିଚିତ । ଏଇଠି ଥିଲା ମୋର ପ୍ରିୟ ହଷ୍ଟେଲ ଜନ୍ ଆଡାମ୍‌ସ୍ ହଲ୍ । ଏଠି ଥିଲା ମୋର ପ୍ରିୟ ଟାଭିଷ୍ଟକ୍ ପାର୍କ ଯେଉଁଠି ଗାନ୍ଧୀଜୀଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ପ୍ରତିଷ୍ଠିତ ଆଉ ଯେଉଁଠି ବସନ୍ତ ଆସିଲେ ସୁନ୍ଦର ଟୁଲିପ୍ ଓ ଡାଫୋଡ଼ିଲ୍ ଫୁଲମାନ ଲଦି ହୋଇପଡେ । ଏଇ ପାଖରେ ମୋର ପରିଚିତ ଶିକ୍ଷାକେନ୍ଦ୍ର ଲଣ୍ଡନ ବିଶ୍ୱ ବିଦ୍ୟାଳୟର ଶିକ୍ଷା-ପ୍ରତିଷ୍ଠାନ । ଏହି ଅଞ୍ଚଳରେ ଗତ ଥର ୧୦ ମାସ କାଳ ଖୁବ୍ ସୁଖଶାନ୍ତିରେ ମୁଁ କଟାଇଥିଲି ।

କୋର୍ସ ଡାଇରେକ୍ଟର ଟିମୋଥି ଲଙ୍ଗ ପାଠ୍ୟକ୍ରମର ଲକ୍ଷ୍ୟ ଓ ଶିକ୍ଷାଦାନ ପଦ୍ଧତି ସଂପର୍କରେ ଆଲୋଚନା କଲେ ! ପ୍ରତି ଶୁକ୍ରବାର ଦିନ ଗୋଟିଏ ଲେଖାଁ ଆଲୋଚନାଚକ୍ର (Seminar) ଅନୁଷ୍ଠିତ ହେବ ଏବଂ ଆମ ଭିତରେ ଜଣେ ଲେଖାଁ ଗୋଟିଏ ବିଷୟରେ ଆଲୋଚନା କରିବେ ବୋଲି ସୂଚନା ଦେଲେ । ମୋତେ ଭାରତରେ ସଫଳତାର ସହିତ ସଂପାଦିତ ହୋଇଥିବା ସାଇଟ (SITE)ଟେଲିଭିଜନ୍ ପ୍ରକଳ୍ପ ସଂପର୍କରେ ପ୍ରଥମ ଶୁକ୍ରବାର ଦିନ କହିବାକୁ ଆମର ନିର୍ଦ୍ଦେଶକଙ୍କ ପରାମର୍ଶ ଦେଲେ । ବ୍ରିଟିଶ କାଉନସିଲର ଗୋଟିଏ ଫିଲିମ ମଧ୍ୟ ଏହା ଉପରେ ପ୍ରସ୍ତୁତ ହୋଇଥିଲା । ତାହା ସେଦିନ ଦେଖାଇ ଦିଆଯିବ ବୋଲି ସୂଚନା ଦେଲେ । ତା ପରେ ଅନ୍ୟମାନେ ବିଭିନ୍ନ ଦୃଷ୍ଟି କୋଣରୁ ପ୍ରଶ୍ନ ଓ ଆଲୋଚନା କରିବେ ବୋଲି ସ୍ଥିର ହେଲା ।

ବିଲାତରେ ପ୍ରତି ଅଫିସକୁ ଲାଗି ଗୋଟିଏ ଲେଖାଁ କ୍ୟାଣ୍ଟିନ୍ ଥାଏ । ଏହା ଉକ୍ତ ଅଫିସ୍ ଦ୍ୱାରା ସାହାଯ୍ୟପ୍ରାପ୍ତ (Subsidised) ହୋଇଥାଏ । ଅଫିସ କର୍ମଚାରୀମାନେ ଚା' ସମୟରେ ଚା' ଜଳଖିଆ ଆଉ ଲଞ୍ଚ୍ ସମୟରେ ମଧ୍ୟାହ୍ନ ଭୋଜନ ଖାଇଥାନ୍ତି । ଅବଶ୍ୟ ସେମାନେ ମଧ୍ୟାହ୍ନ ଭୋଜନ ଆମପରି ଚଉକସ (Square meal) ଖାଆନ୍ତି ନାହିଁ । ଆମେ ସେ ଦିନ ଆମ ନିର୍ଦ୍ଦେଶକଙ୍କ ସାଥିରେ କ୍ୟାଣ୍ଟିନୀକୁ ଯାଇ ମଧ୍ୟାହ୍ନ ଭୋଜନ ଖାଇଥିଲୁ । ବଜାରଦର ତୁଳନାରେ ଏଠାରେ ଖାଦ୍ୟପେୟର ମୂଲ୍ୟ ଅପେକ୍ଷାକୃତ କମ୍ ସବସିଡାଇଜଡ

ହୋଇଥିବାରୁ ସେଠାରୁ ଫେରିଲା ପରେ ଆମକୁ ମାଧ୍ୟମ ବିଭାଗ (Media. Deptt.) ର ଷ୍ଟୁଡିଓ ଓ ବିଭିନ୍ନ ଯନ୍ତ୍ରପାତି, ପ୍ରସ୍ତୁତି ବ୍ୟବସ୍ଥା, ବିଭିନ୍ନ ଶ୍ରବ୍ୟ ଦୃଶ୍ୟ ମାଧ୍ୟମ ଓ ସାମଗ୍ରୀ, ପୁସ୍ତକାଳୟ ପ୍ରଭୃତି ବୁଲାଇ ଦେଖାଇ ଦେଇଥିଲେ । ଅବଶ୍ୟ ଷ୍ଟୁଡିଓରେ ବିଶେଷ ଆଡ଼ମ୍ବର ନଥିଲା । ରେଡ଼ିଓ ଓ ଟେଲିଭିଜନ କାର୍ଯ୍ୟକ୍ରମ ପ୍ରସ୍ତୁତି ପାଇଁ ଅନ୍ୟୁନ ଯେତେ ରହିଲେ ଚଳିବ, ସେତିକି ଥିଲା । ଆମେ ସେଠାରେ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କଲୁ । ସବୁରି ଆଗ୍ରହ ଓ ଉତ୍ସାହ ଦେଖି ମୁଁ ମୁଗ୍ଧ ହେଲି ।

ସୁନୀଲ ବାବୁଙ୍କୁ ସାଥିରେ ନେଇ ଆମେ ବଜାରରୁ କିଛି ସଉଦାପତ୍ର କିଣିଥିଲୁ । ବଡ଼ ବଡ଼ ଦୋକାନ ନିର୍ଦ୍ଦିଷ୍ଟ କମ୍ପାନୀ ନାମରେ ଦେଶ ବିଦେଶରେ ପ୍ରତିଷ୍ଠିତ ସେଗୁଡ଼ିକ ମଧ୍ୟରେ ପ୍ରଧାନ ହେଲା-ଉଲଓର୍ଥ, ସି.ଏ. ସ୍ପେନସର ଇତ୍ୟାଦି । ବିଭିନ୍ନ ସ୍ଥାନରେ ଏହି ଦୋକାନମାନ ସମସ୍ତ ଦରକାରୀ ଜିନିଷପତ୍ର, ଆସବାବ ପତ୍ର ଓ ଯନ୍ତ୍ରପାତିରେ ଭରପୂର । ନିର୍ଦ୍ଦିଷ୍ଟମାନ ଓ ମୂଲ୍ୟରେ ସମସ୍ତ ପଦାର୍ଥ ଗୋଟିଏ କମ୍ପାନୀର ସବୁ ଦୋକାନରେ ବିକ୍ରି ହୁଏ ! ସେତେବେଳେ କମ୍‌ମୂଲ୍ୟରେ ବିକ୍ରି (Reduction Sale) ହୋଇ ଥାଏ । ସଂକ୍ଷେପରେ (Sale) ବୋଲି ଲେଖାଯାଇ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଏ । ସେତେବେଳେ ଲରୀ ଡ୍ରାଇଭରଙ୍କ ଧର୍ମଘଟ ହୋଇଥିବାରୁ ପନିପରିବାର ଦର ଖୁବ୍ ବଢ଼ିଯାଇ ଥାଏ । ଆମେ ପ୍ୟାକେଟ୍‌ରେ ବିକ୍ରି ହେଉଥିବା କେତେ ପ୍ରକାର ପନିପରିବା କିଣି ବସାକୁ ଆସିଲୁ । ସମସ୍ତେ ମିଶି ଲଞ୍ଚ୍ ପାଇଁ ରୋଷେଇବାସ କଲୁ । ଆମ ସାଥିରେ ସୁନୀଲ ଖାଇସାରି ତାଙ୍କର ଆଇଭାନ ହୋ (Ivan Hoe) ହୋଟେଲକୁ ଗଲେ । ମୁଁ ତାଙ୍କ ସାଥିରେ ମଧ୍ୟ ଗଲି ।

ଆମେ ଦୁହେଁ ଅକ୍ସଫୋର୍ଡ଼ ଷ୍ଟ୍ରିଟ୍‌ରେ କିଛି ସମୟ ବୁଲାବୁଲି କଲୁ । ବିରାଟ ବିପଣୀର ଏହି ରାଜପଥ । ତାହା ଟଟ୍‌ନହମ କୋର୍ଟ ରାସ୍ତା ଯାଏ ଲମ୍ବିଯାଇଛି । ସେଠାରେ ଥିଲା ଗୋଟିଏ ଗୁଜୁରାଟି ଲୁଗା ଦୋକାନ । ସାଢ଼େ ପାଞ୍ଚ ପାଉଣ୍ଡରୁ ଆରମ୍ଭ କରି ଶହ ଶହ ପାଉଣ୍ଡର ଶାଢ଼ୀ ସେଇ ଦୋକାନରେ ଭର୍ତ୍ତି ।

ଚିଠି କେତେ ଖଣ୍ଡ ଲେଖି ପଠାଇ ହେଲା ନାହିଁ । କାରଣ ତାଙ୍କର ସେଠାରେ ଶନିବାର ଦିନ ଗୋଟାଏ ଠାରୁ ଓ ରବିବାର ଦିନ ପୁରା ଛୁଟି ସବୁ ପୋଷ୍ଟ ଅଫିସରେ । ମୁଁ ଭାବିଲି ବରଂ ଆମ ଦେଶରେ ସମସ୍ତ ଦୃଷ୍ଟିରୁ ପୋଷ୍ଟ ଅଫିସର କାର୍ଯ୍ୟ ଅଧିକ ଭଲ ।

ଖୁବ୍‌ଥଣ୍ଡାରେ ଦେହ ବରଡ଼ା ପତ୍ର ପରି ଥରିଲା । ମୋତେ ମଧ୍ୟ ଖୁବ୍ ଥଣ୍ଡା ହୋଇଥିଲା । ତେଣୁ ମୁଁ ଶୀଘ୍ର ବସାକୁ ଫେରି ଆସିଲି । ସମସ୍ତେ ମିଳି ମିଶି ରାତ୍ରି ଭୋଜନ ପାଇଁ ଖାଦ୍ୟ ପ୍ରସ୍ତୁତ କଲୁ ।

❑❑❑

# ଅଧ୍ୟାୟ-୪

## ତାଙ୍କ ବିବିସି ଓ ଆମ ରୋଷେଇ ଘର ହାଲଚାଲରେ

୧୯୭୯ ଜାନୁୟାରୀ ୭ ତାରିଖ । ଉତ୍କଟ ଶୀତ । ଚଉଦିଗରେ ଚାଖଣ୍ଡେ ବହଳର ବରଫ ବିଛେଇ ହୋଇ ପଡ଼ିଛି । ଚାରିଆଡେ ଧଳା । ଯେମିତି ମାଟିମାଆ ଧୋବ ଫରଫର ଶେଯଟେ ଘୋଡେଇ ହାଇ ବହଳ ନିଦରେ ଘୁଙ୍ଗୁଡ଼ି ମାରୁଛି !

ଆଜି ପୁଣି ରବିବାର ହୋଇଥିବାରୁ ମୁଁ ଠିକ୍ କଲି ବାହାରକୁ କୁଆଡେ ଯିବିନାହିଁ । ଡ୍ରଇଁ ରୁମ୍‌ରେ ବସି ଖବର କାଗଜ ପଢ଼ିବି, ଆଉ ଟେଲିଭିଜନ ଦେଖିବି । ସାଢ଼େ ଆଠଟା ନଅଟା ଭିତରେ ଚା' ଜଳଖିଆ ଖାଇ ଡ୍ରଇଂ ରୁମ୍‌ରେ ବସିଲି ।

ଏତିକିବେଳେ ପୁଣି ଲରି ଡ୍ରାଇଭରମାନେ ଧର୍ମଘଟ କରିଥାନ୍ତି । ତେଣୁ ଜିନିଷପତ୍ର ଦର ବଢ଼ିଯାଇଥାଏ । ଡ୍ରାଇଭରମାନଙ୍କ ସଂଘ ତରଫରୁ ଅତିରିକ୍ତ ଦାବୀ । ଶ୍ରମିକଦଳ ସରକାର, କିନ୍ତୁ କିଛି ସମାଧାନ ହୋଇ ପାରି ନଥିଲା । ତତ୍କାଳୀନ ବିରୋଧୀ ଦଳର ନେତ୍ରୀ (ବର୍ତ୍ତମାନ ପ୍ରଧାନ ମନ୍ତ୍ରୀ) ମିସେସ ମାର୍ଗାରେଟ୍ ଥ୍ୟାଚେର ଦାବୀ କରୁଥିବା ଜରୁରି ଅବସ୍ଥା ଜାରି କରି ସେମାନଙ୍କ ଧର୍ମଘଟକୁ ଦମନ କରିଦେବାକୁ ।

ସେ ଦିନ ଟେଲିଭିଜନରେ ତାଙ୍କୁ ବି.ବି.ସି (ବ୍ରିଟିଶ ବ୍ରଡକାଷ୍ଟିଙ୍ଗ କରପୋରେସନ) ର ଜଣେ କର୍ମଚାରୀ ସାକ୍ଷାତ୍‌କାର କରୁଥାନ୍ତି ।

ତାହା ସାକ୍ଷାତ୍‌କାର ତ ନୁହେଁ, ପୂରା ମୁକାବିଲା ଆଉ ସାମ୍ନାସାମ୍ନି ପ୍ରଶ୍ନୋତ୍ତର ! କେହି କାହାକୁ ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି । ଜଣେ ଅଭିଜ୍ଞ ରାଜନୀତିଜ୍ଞ, ଆଉ ଜଣେ ବିଜ୍ଞ ପ୍ରଶ୍ନକର୍ତ୍ତା । ପୂରା ସର୍ପ ନକୁଳ ଯୁଦ୍ଧ ! ଆମ ଦେଶରେ ଏପରି ସମ୍ଭବ ହୁଏ ନାହିଁ । କିନ୍ତୁ ସେଠାରେ ଏପରି ସମ୍ଭବ ହୁଏ କିପରି ?

ଏହାର ମୁଖ୍ୟ କାରଣ ହେଲା ଇଂଲଣ୍ଡ ବି.ବି.ସି ପୂରା ସ୍ୱାଧୀନ । ସରକାରୀ କର୍ତ୍ତୃତ୍ୱ ଆଦୌ ନାହିଁ । ରେଡ଼ିଓ ଓ ଟେଲିଭିଜନରେ ତେଣୁ ଜାତିର ଆବଶ୍ୟକତା ବି.ବି.ସି.ର ସ୍ୱାଧୀନ ନୀତି ଆଉ ଆଦର୍ଶ ଦୃଷ୍ଟିରୁ କାର୍ଯ୍ୟକ୍ରମମାନ ପ୍ରଚାରିତ ହୁଏ । କୌଣସି ରାଜନୀତିକ ଦଳ କିମ୍ବା ସରକାରୀ ବା ବିରୋଧୀ ଦଳର ମତାମତ ବା ପ୍ରତିକ୍ରିୟା ପ୍ରତି ସେ ଭ୍ରୂକ୍ଷେପ କରେ ନାହିଁ । ଅଥଚ ସମସ୍ତଙ୍କୁ ସମାନ ସୁଯୋଗ ଦିଏ ।

ତା ଆରଦିନ ଗୋଟିଏ ଅନୁଷ୍ଠାନରେ ଯୋଗ ଦେବା ପାଇଁ ବ୍ରିଟିଶ କାଉନସିଲ ତରଫରୁ ଏକ ନିମନ୍ତ୍ରଣ ପାଇଥିଲୁ । ବି.ବି.ସି.ର ପ୍ରଧାନ ପ୍ରକୋଷ୍ଠ (Maion Hall)ରେ

ଗୋଟିଏ ତର୍କ ସଭାର ଆୟୋଜନ ହୋଇଥିଲା । ବିଷୟବସ୍ତୁ ଥିଲା 'ଆମେ ସମତା ଲାଭ କରିବା ନିମନ୍ତେ ଉତ୍କର୍ଷ ହରାଇ ବସୁଛୁ' (We are much concerned about equality at the cost of quality) ଡକ୍ଟର ଜଗଦୀଶ ସିଂହ, ମଣି ସିଂହ ଓ ମୁଁ ତର୍କସଭାରେ ଯୋଗ ଦେଇଥିଲୁଁ । ଗୋଟିଏ ପକ୍ଷରୁ ଯୁକ୍ତି କରାଗଲା ଯେ କମ୍ପ୍ରିହେନ୍‌ସିଭ ସ୍କୁଲ୍ ପ୍ରଭୃତି ସାଧାରଣ ଶିକ୍ଷାନୁଷ୍ଠାନ ଗୁଡିକର ପ୍ରତିଷ୍ଠା ଫଳରେ ଶିକ୍ଷାର ମାନ ହ୍ରାସ ପାଉଛି । ଉଚ୍ଚକୋଟୀର ଶିକ୍ଷା କେନ୍ଦ୍ର ଗଢ଼ିଉଠି ପାରୁନାହିଁ । ବରଂ ପ୍ରାଚୀନ ଗ୍ରାମର ସ୍କୁଲ ପ୍ରଭୃତି ନିରୁତ୍ସାହିତ ହେଉଛି । ଶିଳ୍ପ କେନ୍ଦ୍ରରେ ମଧ୍ୟ ଶ୍ରମିକ ଅଶାନ୍ତି ଓ ଆନ୍ଦୋଳନ ବୃଦ୍ଧିପ୍ରାପ୍ତ ହେଉଛି । ରାଜନୀତିରେ ମଧ୍ୟ ଅନ୍ୟ ଦେଶ ପକ୍ଷରେ ଗଣତନ୍ତ୍ର ଓ ସାମ୍ୟବାଦର ସଫଳତା ଓ ପ୍ରସାର ପାଇଁ ଏହା ଘଟିବା ସ୍ୱାଭାବିକ। ଅଳ୍ପ କେତେ 'ଜଣ' ଙ୍କ ପାଇଁ 'ଗଣ'ର ସ୍ୱାର୍ଥକୁ ଦଳିଯାଇ ପାରିବ ନାହିଁ । ଅବହେଳିତ ସାମାଜିକ ଗୋଷ୍ଠୀକୁ ନ୍ୟାୟ ବିଚାର ଦେବାକୁ ହେବ । ସାମାଜିକ ନ୍ୟାୟ ଓ ନିରାପତ୍ତା ନିମନ୍ତେ ଉତ୍କର୍ଷକୁ କେତେକାଂଶରେ ବଳି ଦେବାକୁ ପଡ଼ିପାରେ । ଶେଷରେ ଅଧକ୍ଷ ଉଭୟ ପକ୍ଷର ଯୁକ୍ତିଗୁଡିକର ସାରବତ୍ତା ପ୍ରତିପାଦନ କରି ତାଙ୍କର ମତାମତ ଦେଇଥିଲେ । ଶ୍ରୋତୃମଣ୍ଡଳୀ ଜୁରି ଭାବରେ କାର୍ଯ୍ୟ କରିଥିଲେ ଏବଂ ସେମାନଙ୍କ ମଧ୍ୟରୁ ଦୁଇଜଣ ଲେଖାଁ ଉଭୟ ପକ୍ଷରୁ ସାକ୍ଷ୍ୟଦେବା ପାଇଁ ସୁଯୋଗ ଦିଆଯାଇଥିଲା ।

ଏହି କାର୍ଯ୍ୟକ୍ରମର ରେକର୍ଡିଂ ହୋଇଥିଲା ପରବର୍ତ୍ତୀ ସମୟରେ ରେଡ଼ିଓ ସାହାଯ୍ୟରେ ସଂପ୍ରସାରିତ ହେଲା ପାଇଁ ବି.ବି.ସି. ତରଫରୁ । ଏମିତି ଆୟୋଜିତ ସଭାସମିତି, ଆଲୋଚନାସଭା, ତର୍କସଭା ପ୍ରଭୃତିର ରେକର୍ଡିଂ କରାଯାଇଥାଏ । ଆମ ଆକାଶବାଣୀ ତରଫରୁ ସେମିତି କେବେ ଆୟୋଜିତ ଅଧିବେଶନ ରେକର୍ଡିଂ ଓ ସଂପ୍ରସାରଣ ହେବା ମୁଁ ଜାଣି ନଥିଲି ।

ଆଜି ପ୍ରଥମେ ଆମ କୋର୍ସ ଡାଇରେକ୍ଟର ଟିମ୍ ଲଙ୍ଗ ଶିକ୍ଷା ଉଦ୍ୟୋଗ (Educational Technology) ସଂପର୍କରେ ଏକ ବକ୍ତୃତା ଦେଲେ । ତା ପରେ ପ୍ରତ୍ୟେକ ଟ୍ରେନିଂ (Trainee) ଙ୍କର ଏକ ସାକ୍ଷାତକାର ହୋଇଥିଲା । ନିର୍ଦ୍ଦେଶକ ଓ ଆଉ ଜଣେ ଅଧ୍ୟାପିକା ଏହି ସାକ୍ଷାତ୍‌କାରର ଆୟୋଜନ କରିଥିଲେ । ଏଥିରେ ଆମର ଅତୀତ ଅଭିଜ୍ଞତା, ଆଗ୍ରହ, ନିଜ ନିଜ ଦେଶରେ ନିଯୁକ୍ତ କାର୍ଯ୍ୟ ବା ବୃତ୍ତିର ଆବଶ୍ୟକତା ସଂପର୍କରେ ତଥ୍ୟ ସଂଗ୍ରହ କଲେ । ସେହି ଅନୁସାରେ ସେମାନେ ପାଠଦାନ ତଥା ତାଲିମର ବ୍ୟବସ୍ଥା କରିବା ଏହି ସାକ୍ଷାତକାରର ଲକ୍ଷ୍ୟ ।

ଆମେ ଯେଉଁ ନୂଆ ଭଡ଼ାଘରେ ରହିଲୁ, ସେଥିରେ ଗୋଟିଏ ରୋଷ ଘର । ଗ୍ୟାସ୍ ଚୁଲାଟିଏ ଅଛି । ମିଟର ଲାଗିଛି । ପାଞ୍ଚ ପେନ୍‌ସ ପକାଇଲେ ଗ୍ୟାସ ମିଳିବ ରୋଷେଇ

କାମ ପାଇଁ । ଯେଉଁଠି ଆପଣଙ୍କ ପେନ୍‌ସ ସରିବ, ସେଇଠି ଗ୍ୟାସ ଆସିବା ବନ୍ଦ । ଅବଶ୍ୟ ସେଠାରେ ଥଣ୍ଡା ଓ ଗରମ ପାଣି ପାଇଁ ସ୍ୱତନ୍ତ୍ର ଟ୍ୟାପ୍,ବେସିନ୍, ବାସନକୁସନ, ପ୍ଲେଟ, ଚାମଚ, ଲୁହାଖଡ଼ିକା ପ୍ରଭୃତି ସାଜସରଞ୍ଜାମ ସବୁ ରହିଥିଲା । ମାତ୍ର ତାକୁ ବ୍ୟବହାର କରିବାକୁ ୮/୧୦ ଜଣ ଲୋକ । ପ୍ରତ୍ୟେକଙ୍କର ଖାଦ୍ୟରୁଚି, ଅଭ୍ୟାସ ଓ ଆବଶ୍ୟକତା ସ୍ୱତନ୍ତ୍ର । ସମସ୍ତେ ଶିକ୍ଷିତ ହେଲେ ହେଁ ପରିଚ୍ଛନ୍ନତାର ମାନ ସବୁଠି ସମାନ ନୁହେଁ । ସେ ସବୁ ଯନ୍ତ୍ରପାତିକୁ ବ୍ୟବହାର କରିବାରେ ସମସ୍ତେ ମଧ୍ୟ ଅଭ୍ୟସ୍ତ ନୁହଁନ୍ତି । ଫଳତଃ ରୋଷଘରଟି ନିତାନ୍ତ ଅପରିଷ୍କାର ହେଲା । ବେସିନ୍‌ରେ ପାଣି ଜମିଲା । ନଳା ସଫା ହେଲା ନାହିଁ । ସବୁରି ଦାୟିତ୍ୱ କାହାରି ଦାୟିତ୍ୱ ନୁହେଁ । କାହାକୁ ମଧ୍ୟ କିଛି କହିହେବ ନାହିଁ । ଯେ ଯାହା ହାତରେ ଚଉଦପା' । ପ୍ରତ୍ୟେକେ ସମାନ ପରିମାଣର ଭଡ଼ା ଦେଇ ରହିଛନ୍ତି । ପ୍ରତ୍ୟେକେ ଉଚ୍ଚ ଶିକ୍ଷିତ !

ସେଠାରେ ଆମେ ତିନିଜଣ ଭାରତୀୟଙ୍କ ଛଡ଼ା ଅନ୍ୟଦେଶର ମଧ୍ୟ ରହୁଥିଲେ । ଖାଦ୍ୟରୁଚି ପାନୀୟ ରୁଚି ସବୁ ଅଲଗା । ତେଣୁ ଏକାଠି ମିଳିମିଶି ରୋଷେଇ କରିବା ଭାରତୀୟମାନଙ୍କ ପକ୍ଷେ ଯେତେବେଳେ ସମ୍ଭବ ହେଉନାହିଁ, ଅନ୍ୟ ଦେଶର ଲୋକଙ୍କ କଥା କହିବା ନିଷ୍ପ୍ରୟୋଜନ । ପ୍ରତ୍ୟେକ ନିଜ ନିଜର ରୁଚି ଓ ମର୍ଜି ଅନୁସାରେ ରୋଷଘର ଓ ତାର ସରଞ୍ଜାମ ପ୍ରଭୃତିର ଯଥେଚ୍ଛାର ବ୍ୟବହାର କଲେ । କେହି ସେଗୁଡ଼ିକର ରକ୍ଷଣାବେକ୍ଷଣ ଓ ପ୍ରତିପରିଚ୍ଛନ୍ନତା ଦୃଷ୍ଟି ଦେଲେ ନାହିଁ । ଦିନକୁ ଦିନ ରୋଷଘରର ଅବସ୍ଥା ଅସମ୍ଭାଳ ହେଲା ! ବାରଭାଇ ଆଖଡ଼ାରେ ରୋଷେଇ ସରଞ୍ଜାମ ସବୁ ଅସ୍ତବ୍ୟସ୍ତ ହୋଇ ପଡ଼ିଲା । ଏଥିରେ ଗୃହକର୍ତ୍ତ୍ରୀ ଓ ତାଙ୍କର ସହାୟକ ବ୍ୟକ୍ତି ଅସନ୍ତୋଷ ପ୍ରକାଶ କଲେ । ସେମାନଙ୍କ ତରଫରୁ ଥରେ ସେସବୁ ପରିଷ୍କାର ପରିଚ୍ଛନ୍ନ କରି ଦିଆଗଲା । ନଳା ବେସିନ୍ ପ୍ରଭୃତି ସଫା କରି ଦିଆଗଲା । ତା ପରଠାରୁ ରୋଷଘରର ପରିଚ୍ଛନ୍ନତା ପ୍ରତି ସମସ୍ତେ ଟିକିଏ ସଚେତନ ହେଲେ । ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହେଲା ।

ପନିପରିବା କାଟି ରଖିଲେ ଗ୍ୟାସ୍‌ଚୁଲାରେ ରୋଷେଇ କରିବାକୁ ଅଧ ଘଣ୍ଟାରୁ ଏକଘଣ୍ଟା ସମୟ ଲାଗେ । ଭାତ ଅନେକ ସମୟ ନକରି ପାଉଁରୁଟି ସାଥିରେ ତରକାରୀ ପ୍ରଭୃତି କରି ଖାଇବାକୁ ହୁଏ । କୁକୁଡ଼ା ମାଂସ ଓ ଅଣ୍ଡା ଅପେକ୍ଷାକୃତ ଶସ୍ତା । ପନି ପରିବାର ମୂଲ୍ୟ ମଧ୍ୟ ଅତି ବେଶୀନୁହେଁ । ଆଳୁ ସେଠାରେ ଉତ୍ପନ୍ନ ଦ୍ରବ୍ୟ ହୋଇଥିବାରୁ ଶସ୍ତା ମାତ୍ର ଅନ୍ୟାନ୍ୟ ପରିବାପତ୍ର ବର୍ଷସାରା ବହୁ ସଂଖ୍ୟାରେ ମିଳେ । ବିଦେଶରୁ ସେଗୁଡ଼ିକ ଆସୁଥିଲେ ହେଁ ମୂଲ୍ୟ ବଢ଼ାଇ ଲାଭ ଉଠାଇବା ସେମାନଙ୍କର ଅଭ୍ୟାସଗତ ନୁହେଁ ।

ଲରୀ ଡ୍ରାଇଭରଙ୍କ ଧର୍ମଘଟ ଯୋଗୁଁ ଜିନିଷପତ୍ର ଯୋଗାଣରେ ଅସୁବିଧା ଅନୁଭୂତ ହୋଇଥିଲେହେଁ ମୂଲ୍ୟ ଅହେତୁକ ଭାବରେ ବଢ଼ିନଥିଲା । କୌଣସି ଅପ୍ରତ୍ୟାଶିତ ଅସୁବିଧା

ବା  ବିପଦଆପଦରେ ଇଂରେଜ ବ୍ୟବସାୟୀ ଦର ବଢ଼ାଇ ଗ୍ରାହକମାନଙ୍କୁ ଠକିବାକୁ ଚାହଁ ନାହିଁ । ସାଧୁତା, ନିଷ୍ଠା ଓ ସହଯୋଗ ସେମାନଙ୍କ ମୂଳମନ୍ତ୍ର । ଗ୍ରାହକମାନଙ୍କ ଆବଶ୍ୟକତାକୁ ଚାହିଁ ଜିନିଷପତ୍ର ଯୋଗାଇ ଦେବାରେ ବିକ୍ରେତାମାନେ ଖୁବ୍ ଆଗ୍ରହୀ !

ଦୁଃଖର କଥା, ଭାରତୀୟମାନଙ୍କ ମଧ୍ୟରୁ କେତେକ ସଂପ୍ରଦାୟର ଲୋକ ଇଂଲଣ୍ଡକୁ ଯାଇ ବହୁ ସଂଖ୍ୟାରେ ଦୋକାନ ବଜାର କରିଥିଲେ ହେଁ ସେମାନଙ୍କ ସାଧୁତା ଉପରେ  ସନ୍ଦେହ ଆରୋପ କରାଯାଏ । କେତେକ ପ୍ରକାର ଚୋରା କାରବାରରେ ସଂପୃକ୍ତ ବୋଲି କୁହାଯାଏ । କିନ୍ତୁ  ସେମାନଙ୍କ ମଧ୍ୟରୁ ଅଧିକାଂଶ ଖୁବ୍ ଭଲ ଆୟ କରି ସେଠାରେ ଇଂରେଜମାନଙ୍କ ଘରଦ୍ୱାର  ଓ ଦୋକାନ କ୍ରୟ କରୁଛନ୍ତି । ଅଥଚ ସେମାନଙ୍କ ଅସାଧୁତା ଯୋଗୁଁ ଭାରତୀୟମାନଙ୍କ ସମ୍ମାନରେ ହାନି ଘଟୁଛି

□□□

# ଅଧ୍ୟାୟ-୫

## ସେମାନଙ୍କର ଶିକ୍ଷାବ୍ୟବସ୍ଥା ଓ ଆମର ତାଲିମ କାର୍ଯ୍ୟକ୍ରମ

୧୯୭୯ ମସିହା ଜାନୁୟାରୀ ୧୦ ତାରିଖ । ସେଦିନ ଦଶଟା ବେଳେ ଆମ୍ଭମାନଙ୍କୁ ସାଥିରେ ନେଇ ଆମ କୋର୍ସ ଡାଇରେକ୍ଟର ଟିମ୍ ଲଙ୍ଗ୍ ଲଣ୍ଡନ ବିଶ୍ୱବିଦ୍ୟାଳୟର ଶିକ୍ଷା ପ୍ରତିଷ୍ଠାନ (Institute of Education) କୁ ଗଲେ । ସେଠାରେ ଦରିଆପାରି ଛାତ୍ରଛାତ୍ରୀମାନଙ୍କ ପାଇଁ ବିଲାତର ଶିକ୍ଷାବ୍ୟବସ୍ଥା ସଂପର୍କରେ ସଂକ୍ଷିପ୍ତ ଭାଷଣ ବ୍ୟବସ୍ଥା ହୋଇଥିଲା ।

ପ୍ରତିଷ୍ଠାନର ଜଣେ ଅଧ୍ୟାପକ ପ୍ରଥମେ ବିଲାତରେ ଶିକ୍ଷା ପ୍ରଣାଳୀ ଉପରେ ବକ୍ତୃତା ଦେଲେ । ୧୯୪୪ ମସିହାର ନୂତନ ଶିକ୍ଷା ଆଇନ୍ ଅନୁସାରେ ପୂର୍ବର ସାମନ୍ତବାଦୀ ଶିକ୍ଷା-ପ୍ରଣାଳୀ  ଗଣତାନ୍ତ୍ରିକ ରୂପ ନେଲା । ଯେଉଁ ଶିକ୍ଷା ମୁଷ୍ଟିମୟ ଶ୍ରେଣୀର ସନ୍ତାନମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା, ତାହା, ସର୍ବସାଧାରଣ ହେଲା 'ପ୍ରତ୍ୟେକଙ୍କ ପାଇଁ ମାଧ୍ୟମିକ ଶିକ୍ଷା' ଏହି ନୂତନ ଆଦର୍ଶରେ ସମସ୍ତ ପଦକ୍ଷେପ ନିଆଗଲା । ପୂର୍ବର ଗ୍ରାମର ସ୍କୁଲ (Grammar school) କେବଳ କୁଳୀନ ସଂପ୍ରଦାୟଙ୍କ ଶିକ୍ଷା ପାଇଁ ସହାୟକ ହୋଇଥିଲା । ତେଣୁ ସାର୍ବଜନୀନ ବ୍ୟାପକ ବିଦ୍ୟାଳୟ (Comprehensive School) ବହୁ  ସଂଖ୍ୟାରେ ସ୍ଥାପିତ ହେବାର ଯୋଜନା ହେଲା । ମାତ୍ର ନ୍ୟସ୍ତସ୍ୱାର୍ଥ  ଗୋଷ୍ଠୀର ପ୍ରତିରୋଧ ଫଳରେ ଏହା ସଫଳ ଭାବରେ କାର୍ଯ୍ୟକାରୀ ହୋଇ ପାରି ନଥିଲା ।

କମ୍ପ୍ରିହେନସିଭ ସ୍କୁଲଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କ ସାମର୍ଥ୍ୟ, ରୁଚି ଓ ଆଗ୍ରହକୁ ବୈଜ୍ଞାନିକ ରୀତିରେ ପରୀକ୍ଷା କରାଯାଇ ସେମାନଙ୍କର ସଫଳ ଶିକ୍ଷଣ ପାଇଁ ଉପଯୁକ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଏ । ପିତାମାତାଙ୍କ ଆର୍ଥିକ ଅବସ୍ଥା ସହିତ କିଛି ସଂପର୍କ ନଥାଏ । ବିଭିନ୍ନ ଭାଷା, ଗଣିତ, ବିଜ୍ଞାନ, ଗୃହବିଜ୍ଞାନ, ଇଞ୍ଜିନିୟରିଂ ପ୍ରଭୃତିର ଶିକ୍ଷାଦାନ ବ୍ୟତୀତ କ୍ରୀଡ଼ା, ସଂଗୀତ, ହସ୍ତଶିଳ୍ପ ପ୍ରଭୃତି ନାନାପ୍ରକାର ପାଠ୍ୟ ପରିପୂରକ  କାର୍ଯ୍ୟର ବ୍ୟବସ୍ଥା ହୋଇଥାଏ । ଫଳରେ ଛାତ୍ରସମାଜର ସର୍ବାଙ୍ଗୀନ ବ୍ୟକ୍ତିତ୍ୱର ବି କାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ମିଳେ । ଏକ ନିର୍ଦ୍ଦିଷ୍ଟ ଅଂଚଳର ସମସ୍ତ ପିଲାଙ୍କୁ ଏହିପରି ଗୋଟିଏ ସ୍କୁଲକୁ ପଠାଇବାକୁ ହୁଏ ।

ବିଲାତରେ ଆଜିକାଲି ପାଞ୍ଚବର୍ଷ ଠାରୁ ୧୬ ବର୍ଷ ଯାଏ ସବୁ ପିଲାଙ୍କୁ ବାଧ୍ୟତାମୂଳକ ଶିକ୍ଷା ଦିଆଯାଏ । ସାଧାରଣତଃ ପ୍ରାଥମିକ ବିଦ୍ୟାଳୟରେ ଦୁଇଟି ବିଭାଗ ଥାଏ । ଗୋଟିଏ ଶିଶୁ ବିଭାଗ ଓ ଅନ୍ୟଟି  ପ୍ରାଥମିକ ବିଭାଗ । ଶିଶୁ ବିଭାଗରେ ୫ବର୍ଷରୁ ୭ବର୍ଷ ଆଉ

ପ୍ରାଥମିକ ବିଭାଗରେ ୭ରୁ ୧୧ ବର୍ଷ ବୟସର ପିଲାମାନେ ପାଠପଢ଼ନ୍ତି । ସାଧାରଣତଃ ଏହି ସ୍ତରରେ ଅଧିକ ଶିକ୍ଷୟିତ୍ରୀ କାର୍ଯ୍ୟ କରନ୍ତି । ପିଲାମାନଙ୍କୁ ଯଥେଷ୍ଟ ସ୍ୱାଧୀନତା ଦିଆଯାଏ । କୌଣସି ବିଶେଷ କାଇଦା କଟକଣା ନଥାଏ । ପିଲାମାନଙ୍କୁ ମନକୁ ନେଇ ପାଠ ପଢ଼ାଯାଏ ।

ମାଧ୍ୟମିକ ଶିକ୍ଷା ଶେଷଯାଏ ପିଲାମାନଙ୍କୁ ବେତନ ଦେବାକୁ ପଡ଼େନାହିଁ । ବହିପତ୍ର ମଧ୍ୟ ସରକାରଙ୍କ ତରଫରୁ ସମସ୍ତଙ୍କୁ ଯୋଗାଇ ଦିଆଯାଏ । ଏମିତିକି ଦରିଦ୍ର ପିଲାମାନଙ୍କୁ ମାଗଣାରେ ମଧ୍ୟାହ୍ନ ଭୋଜନ ଦିଆଯାଏ ଏବଂ ଯାତାୟତ ପାଇଁ ଭତ୍ତାମିଳେ । ପ୍ରଧାନ ଶିକ୍ଷକମାନେ ନିଜ ନିଜ ଅନୁଷ୍ଠାନରେ ସର୍ବମୟ କର୍ତ୍ତା । ତାଙ୍କର ଦକ୍ଷତା ଓ ବ୍ୟକ୍ତିତ୍ୱ ଅନୁସାରେ ବିଦ୍ୟାଳୟର କାର୍ଯ୍ୟ ପରିଚାଳିତ ହୁଏ । ପରିଦର୍ଶନ କର୍ମଚାରୀମାନେ ସେମାନଙ୍କ କାର୍ଯ୍ୟରେ କୌଣସି ହସ୍ତକ୍ଷେପ କରନ୍ତି ନାହିଁ । ସେମାନେ କେବଳ ଆବଶ୍ୟକ ପରାମର୍ଶ ଦିଅନ୍ତି ଏବଂ ବୌଦ୍ଧିକ କାର୍ଯ୍ୟକ୍ରମରେ ସାହାଯ୍ୟ କରନ୍ତି । ସ୍ଥାନୀୟ ଶିକ୍ଷା (Education Authority) ସଂସ୍ଥା ବିଦ୍ୟାଳୟଗୁଡିକର ପରିଚାଳନା କରନ୍ତି ।

ଆଉ ଜଣେ ଅଧ୍ୟାପକ ଶିକ୍ଷକ ଶିକ୍ଷା (Teacher Education) ସଂପର୍କରେ ଆଲୋଚନା କରିଥିଲେ । ଶିକ୍ଷକଙ୍କର ଦକ୍ଷତା ବୃଦ୍ଧି ଦିଗରେ ଆଜିକାଲି ସବୁଠୁଁ ଅଧିକ ଗୁରୁତ୍ୱ ଦିଆଯାଇଛି । ଶିକ୍ଷାକତା କରିବା ପୂର୍ବରୁ ଏବେ ବି.ଏ. ଡିଗ୍ରୀ ଲାଭ ପରେ ତିନିବର୍ଷିଆ ଶିକ୍ଷକ ତାଲିମ ନେବାକୁ ପଡ଼େ । ଏହାଛଡ଼ା ଶିକ୍ଷକତା କରିବା ମଧ୍ୟରେ ସେବାକାଳୀନ (Inscrvice) ତାଲିମ ନେବାକୁ ହୋଇଥାଏ । ସାଧାରଣତଃ ଶିକ୍ଷକତାକେନ୍ଦ୍ର (Teachers Centers) ଆନୁକୂଲ୍ୟର ଅନେକ ପ୍ରକାର ତାଲିମ ପାଠ୍ୟକ୍ରମ ସଂପାଦିତ ହୁଏ । ଏଥିପାଇଁ ରେଡ଼ିଓ ଓ ଟେଲିଭିଜନ ପ୍ରଭୃତି ମାଧ୍ୟମର ସାହାଯ୍ୟ ମଧ୍ୟ ନିଆଯାଏ । ସବୁ ଦେଶପରି ଏଠାରେ ମଧ୍ୟ ଶିଶୁମନସ୍ତତ୍ୱ, ଶିକ୍ଷାନୀତି, ଶିକ୍ଷାଦାନ ପଦ୍ଧତି ପ୍ରଭୃତି ବିଷୟରେ ଗୁରୁ-ଶିକ୍ଷକମାନଙ୍କୁ ଶିକ୍ଷାଦାନ କରାଯାଏ । ଅଭ୍ୟାସ ଶିକ୍ଷାଦାନ ଓ ଶ୍ରବ୍ୟଦୃଶ୍ୟ ସାମଗ୍ରୀ ପ୍ରସ୍ତୁତି ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଏ ।

ଶିକ୍ଷକ କେନ୍ଦ୍ରଗୁଡିକ ବିଲାତର ଅନ୍ୟାନ୍ୟ ସଂସ୍ଥାପରି ସ୍ୱାଧୀନ ଓ ଗଣତାନ୍ତ୍ରିକ ନୀତିରେ ପରିଚାଳିତ ହୁଏ । ଏଗୁଡିକର ନିର୍ଦ୍ଦେଶକ ସାଧାରଣତଃ ସୁଦକ୍ଷ ପ୍ରଧାନଶିକ୍ଷକମାନଙ୍କ ମଧ୍ୟରୁ ମନୋନୀତ ହୁଅନ୍ତି । ସେମାନଙ୍କ ସହିତ କେତେକ ସହାୟକ କର୍ମଚାରୀ ଉକ୍ତ କେନ୍ଦ୍ରଗୁଡିକରେ କାର୍ଯ୍ୟ କରନ୍ତି । ଏହା ବ୍ୟତୀତ ରେଡ଼ିଓ, ଟେଲିଭିଜନ, ଟେପରେକର୍ଡର ଫିଲମ୍ ପ୍ରୋଜେକ୍ଟର ପ୍ରଭୃତି ଉପକରଣ,ସାଧନସାମଗ୍ରୀ, ପୁସ୍ତକ, ପତ୍ର ପତ୍ରିକା ମଧ୍ୟ ପର୍ଯ୍ୟାପ୍ତ ପରିମାଣରେ ଥାଏ । ଏଥିଯୋଗୁଁ ଶିକ୍ଷକକେନ୍ଦ୍ରଗୁଡିକ ସୁବିଧାରେ ତାଲିମ ତଥା ନବୀକରଣ

(Orientation) କାର୍ଯ୍ୟକ୍ରମମାନ ସଂଗଠନ କରିଥାନ୍ତି । ଶିକ୍ଷକମାନଙ୍କ ଦ୍ୱାରା କେନ୍ଦ୍ରମାନ ପରିଚାଳିତ ହୁଏ ଏବଂ ଶିକ୍ଷକମାନଙ୍କର ଆବଶ୍ୟକତାକୁ ଚାହିଁ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥାଏ । ସାରା ବିଲାତରେ ଶତାଧିକ ଶିକ୍ଷକକେନ୍ଦ୍ର ଶିକ୍ଷକମାନଙ୍କର ବୃତ୍ତିଗତ ତଥା ବୌଦ୍ଧିକ ଦକ୍ଷତା ବୃଦ୍ଧି ପାଇଁ କାର୍ଯ୍ୟରତ ଥାନ୍ତି ।

ଶେଷରେ ଜଣେ ବକ୍ତା ଶିକ୍ଷକ ସଂଘ (Teacher Associations) ଏବଂ ବୃତ୍ତିଗତ ଦକ୍ଷତା ବୃଦ୍ଧିରେ ସେଗୁଡିକର ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । ଶିକ୍ଷକ ସଂଘଗୁଡିକ କେବଳ ବେତନ ବୃଦ୍ଧି ପାଇଁ କାର୍ଯ୍ୟମାନ କରି ନିଜର ସଭ୍ୟମାନଙ୍କର ବୌଦ୍ଧିକ ବିକାଶ ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନିଅନ୍ତି । ଏଥିପାଇଁ ସଂଘ ତରଫରୁ ସଭାସମିତି, ସଂପାନ, ଆଲୋନାଚକ୍ର ଅବସରକାଳୀନ ତାଲିମ, ପାଠ୍ୟକ୍ରମର ଆୟୋଜନ କରାଯାଇଥାଏ, ଶିକ୍ଷା ବିଭାଗର ପରିଦର୍ଶକ (Her Majesty's Inspectors) ସ୍ଥାନୀୟ ଶିକ୍ଷାସଂସ୍ଥା ଓ ଶିକ୍ଷକ ସଂଗଠନ ସମ୍ମିଳିତ ଭାବରେ ତଥା ସ୍ୱତନ୍ତ୍ର ଭାବରେ ସେବାକାଳୀନ ତାଲିମ ବ୍ୟବସ୍ଥା କରିଥାନ୍ତି ତଥା ସ୍ୱତନ୍ତ୍ର ଭାବରେ ସେବାକାଳୀନ ତାଲିମ ବ୍ୟବସ୍ଥା କରିଥାନ୍ତି । ଏଥିପାଇଁ ସମ୍ୱଳ ଓ ସୁବିଧାର ଅଭାବ ଅନୁଭୂତ ହୁଏ ନାହିଁ ।

ଶିକ୍ଷକସଂଘଗୁଡିକ ସଭାସମିତି ଜରିଆରେ ବିଭିନ୍ନ ଶିକ୍ଷା-ସମସ୍ୟା ଉପରେ ଲୋକମତ ସୃଷ୍ଟି କରନ୍ତି ଏବଂ ଗଣମାଧ୍ୟମ ଜରିଆରେ ନିଜର ମତାମତ ପ୍ରକାଶ କରନ୍ତି । ସରକାର ମଧ୍ୟ ବିଭିନ୍ନ ଉପଦେଷ୍ଟା ସମିତିରେ ସେମାନଙ୍କ ପ୍ରତିନିଧିତ୍ୱ ମାଧ୍ୟମରେ ସାଧାରଣ ଶିକ୍ଷାନୀତି ନିର୍ଦ୍ଧାରଣରେ ଶିକ୍ଷକମାନଙ୍କୁ ସଂପୃକ୍ତ କରିଥାନ୍ତି । ସଂଘ ତରଫରୁ ବିଭିନ୍ନ ଶିକ୍ଷାସମସ୍ୟା ଉପରେ ଗବେଷଣା କରାଯାଇଥାଏ ଏବଂ ପତ୍ରପତ୍ରିକା ପ୍ରକାଶନ ମାଧ୍ୟମରେ ସଂଘର ଲକ୍ଷ୍ୟ ଓ କାର୍ଯ୍ୟପନ୍ଥାକୁ ସାଧାରଣରେ ସ୍ପଷ୍ଟ କରାଯାଏ ।

ଗଣତାନ୍ତ୍ରିକ ନୀତି ଓ ମୂଲ୍ୟବୋଧ ଶିକ୍ଷା କ୍ଷେତ୍ରରେ ପରମ୍ପରା କ୍ରମେ ସଂଚରିତ ହୋଇପାରିଛି । କୌଣସି ବିଷୟ ଉପରୁ ଲଦିଦେବା ଗଣତନ୍ତ୍ର ବିରୋଧୀ । ତେଣୁ ଶିକ୍ଷା ସହିତ ସଂପୃକ୍ତ ସମସ୍ତେ ସ୍ୱଚ୍ଛନ୍ଦ ଭାବରେ ନିଜର ମନୋଭାବ ପ୍ରକାଶ କରିଥାନ୍ତି ଏବଂ ଆତ୍ମବିଶ୍ୱାସ ତଥା ନିଷ୍ଠାର ସହିତ ନିଜର ଦାୟିତ୍ୱ ତୁଲାଇଥାନ୍ତି । ନିତାନ୍ତ ଦରକାର ନ ପଡିଲେ କେହି ଅନ୍ୟକାର୍ଯ୍ୟରେ ହସ୍ତକ୍ଷେପ କରନ୍ତି ନାହିଁ ।

ଜଣେ ଅଧ୍ୟାପକ ମତାମତ ଦେଇ କହିଥିଲେ ଯେ ଦରିଆପାରି ଛାତ୍ରଛାତ୍ରୀମାନଙ୍କ ପାଇଁ ବାର୍ଷିକ ଦଶକୋଟି ପାଉଣ୍ଡ ଖର୍ଚ୍ଚ ହୋଇଥାଏ । ତେଣୁ ବିଲାତର ଜନସାଧାରଣ ଏଥିରେ ଅସନ୍ତୋଷ ପ୍ରକାଶ କରିଥାନ୍ତି । କିନ୍ତୁ ଆନ୍ତର୍ଜାତିକ ସ୍ତରରେ ନିଜର ମର୍ଯ୍ୟାଦା ରକ୍ଷା ଓ

ପାରସ୍ପରିକ ପ୍ରତିଶ୍ରୁତିବଦ୍ଧ ହୋଇ ଥିବାରୁ ବିଲାତ ସରକାର ଏହି ଖର୍ଚ୍ଚକୁ କଷ୍ଟର ସହିତ ତୁଲାଇଥାନ୍ତି । ସେଠାରେ ମଧ୍ୟ ବେକାର ସମସ୍ୟା ଆଶାନୁରୂପ ଭାବରେ ଲାଭଦାୟକ ହେଉନାହିଁ । ସୁତରାଂ ଶିକ୍ଷାକ୍ଷେତ୍ରରେ ଆଉ ଅଧିକ ପ୍ରସାର ସମ୍ଭବ ହେଉନାହିଁ ।

ତାପରେ ଆମେ ଟାଭିଷ୍ଟକ ହାଉସରେ ଥିବା ମାଧ୍ୟମ ବିଭାଗ (Media Department) କୁ ଫେରିଯାଇ ଶ୍ରବ୍ୟଦୃଶ୍ୟ ସାଧନ ସାମଗ୍ରୀ ତାଲିମ ପାଠ୍ୟକ୍ରମରେ ଯୋଗ ଦେଇଥିଲୁ । ତେଣୁ ଆମେ ପ୍ରତ୍ୟେକେ ଏ ସଂପର୍କରେ ଆବଶ୍ୟକ ନିର୍ଦ୍ଦେଶ ପାଇ ଟେପ୍‌ରେକର୍ଡ ବ୍ୟବହାର କରିଥିଲୁ । ଯତ୍ନର ସହିତ ମୁଁ କରିଥିବାରୁ ମୋ ରେକଡିଙ୍ଗ ଭଲ ହୋଇଥିଲା ବୋଲି ନିର୍ଦ୍ଦେଶକ ମତ ଦେଇଥିଲେ । ଯେଉଁମାନଙ୍କର ରେକର୍ଡିଙ୍ଗ ଭଲ ହୋଇ ନଥିଲା, ସେମାନଙ୍କୁ ଆଉଥରେ କରିବାକୁ କୁହାଗଲା ।

ପୂର୍ବ ନିଷ୍ପତ୍ତି ଅନୁସାରେ ୭ ତାରିଖରେ ମୁଁ ଆମ ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା କୃତ୍ରିମ ଉପଗ୍ରହ ସାହାଯ୍ୟରେ ଟେଲିଭିଜନ ପରୀକ୍ଷା (Satellite Instuctional Television Experiment) ସଂପର୍କରେ ଆଲୋଚନା କରିଥିଲି । ଏ ସଂପର୍କରେ ମୋର ଗୋଟିଏ ଲେଖା ଶିକ୍ଷାମନ୍ତ୍ରଣାଳୟର ପତ୍ରିକା (Education Quarterly)ରେ ପ୍ରକାଶିତ ହୋଇଥିଲା ଏବଂ ବେଲା ମୋଦି (Bella Mody)ଙ୍କର ଆଉ ଏକ ଲେଖା ବ୍ରିଟିଶ୍ କାଉନ୍‌ସିଲ୍‌ର ପତ୍ରିକା International Broadcasting ରେ ପ୍ରକାଶିତ ହୋଇଥିଲା । ଆମ ପାଠ୍ୟକ୍ରମରେ ପ୍ରତ୍ୟେକଙ୍କୁ ଏହି ଲେଖା ଦୁଇଟି ଜେରକ୍ସ କପି ଯୋଗାଇ ଦିଆଯାଇଥିଲା । ଏବଂ କେତୋଟି ତଥ୍ୟମୂଳକ ଟ୍ରାନ୍‌ସ ପାରେନ୍‌ସି (Transparency)ତିଆରି କରି ଓଭର ହେଡ୍ ପ୍ରେଜେକ୍ଟରରେ ଦେଖାଇଥିଲି ।

ଆମେରିକାଠାରୁ ATS-୬ ନାମକ ଏକ କୃତ୍ରିମ ଉପଗ୍ରହ ବର୍ଷକ ପାଇଁ ଧାରସୂତ୍ରରେ ପାଇ ୧୯୭୫-୭୬ ରେ ଭାରତ ୬ଟି ରାଜ୍ୟରେ ଟେଲିଭିଜନ କାର୍ଯ୍ୟକ୍ରମ ଦେଖାଇଥିଲା । ଆମ ରାଜ୍ୟ ଢେଙ୍କାନାଳ, ଫୁଲବାଣୀ ଓ ସମ୍ବଲପୁର ଜିଲ୍ଲାର ୩୫୪ଟି ପ୍ରାଥମିକ ବିଦ୍ୟାଳୟରେ ଟେଲିଭିଜନ ସେଟ୍ ଯୋଗାଇ ଦିଆଯାଇଥିଲା ଏବଂ ଦିନରେ ସ୍କୁଲପିଲାମାନେ ଓ ରାତିରେ ଗ୍ରାମବାସୀମାନେ ଟିଭି କାର୍ଯ୍ୟକ୍ରମ ଦେଖୁଥିଲେ । ଏହି ପରୀକ୍ଷା ନୂତନ ଆଲୋଡନ ସୃଷ୍ଟି କରିଥିଲା ଏବଂ ପ୍ରାଥମିକ ଶିକ୍ଷା ଶିକ୍ଷକତା ଉନ୍ନୟନ କ୍ଷେତ୍ରରେ ଖୁବ୍ ସଫଳ ହୋଇଥିଲା ।

ମୋର ଆଲୋଚନା ପରେ ବ୍ରିଟିଶ କାଉନସିଲ ତାର ପ୍ରସ୍ତୁତ (SITE) ଫିଲ୍ମ ମଧ୍ୟ ଦେଖାଇ ଦିଆଯାଇଥିଲା । ଏନସିଇଆରଟି (NCERT)ର ପ୍ରାଧ୍ୟାପକ ଡକ୍ଟର ଜଗଦୀଶ

ସିଂହ ଏହି ପ୍ରକଳ୍ପ ମୂଲ୍ୟାୟନରେ ସଂପୃକ୍ତ ହୋଇଥିବାରୁ ସେ ମଧ୍ୟ ଏହାର ଫଳାଫଳ ଉପରେ ମତ ଦେଇଥିଲେ । ସବୁପ୍ରକାର ମାଧ୍ୟମ ସାଧନସାମଗ୍ରୀ ଓ ବ୍ୟକ୍ତି ବିଶେଷଙ୍କ ସାହାଯ୍ୟ ସହଯୋଗରେ ଏହି ସମାଲୋଚନା ଖୁବ୍ ସାର୍ଥକ ଓ ଚିତ୍ତାକର୍ଷକ ହୋଇଥିଲା । ଆଫ୍ରିକାର ବଂଧୁମାନେ ଆମ ଦେଶର ଶିକ୍ଷାବ୍ୟବସ୍ଥା ଓ ଟେଲିଭିଜନ କାର୍ଯ୍ୟକ୍ରମ ସଂପର୍କରେ ନାନାପ୍ରକାର ପ୍ରଶ୍ନ ପଚାରି ଥିଲେ । ଆମେ ସବୁର ସନ୍ତୋଷଜନକ ଉତ୍ତର ଦେଇଥିଲୁ ।

□□□

# ଅଧ୍ୟାୟ-୬

## ଲଣ୍ଡନରେ ଓଡ଼ିଆ ଓ ସାହେବ ବନ୍ଧୁଗଣ

ମୁଁ ଥରେ ମଣିପୁରର ମଣିସିଂହଙ୍କ ସହିତ ଲଣ୍ଡନର ଆଲଡ୍‌ଉଇଚ୍‌ସ୍ଥିତ ଇଣ୍ଡିଆ ହାଉସ (ଭାରତ ହାଇକମିଶନଙ୍କ ଅଫିସ) କୁ ଯାଇଥିଲି । ସେଠାରେ ଆମର ଜଣେ ଓଡ଼ିଆ ଭଦ୍ରଲୋକ ଅଛନ୍ତି ବୋଲି ସୁନୀଲବାବୁଙ୍କଠାରୁ ଶୁଣିଥିଲି । ସେ ତାଙ୍କର ଠିକଣା ମଧ୍ୟ ଦେଇଥିଲେ-ଶ୍ରୀ ବ୍ରହ୍ମାନନ୍ଦ ଦାସ, ଇଣ୍ଡିଆ ଅଡିଟ୍ ଅଫିସ୍, ଇଣ୍ଡିଆ ହାଉସ୍, ଆଲଡ୍ ଉଇଚ୍, ଲଣ୍ଡନ ।

ରିସେପ୍‌ସନ୍‌ରେ ଥିବା ଭଦ୍ର ମହିଳାଙ୍କୁ କହିବାରୁ ସେ ଫୋନ୍‌ରେ ବ୍ରହ୍ମାନନ୍ଦବାବୁଙ୍କୁ ଡ଼କାଇଲେ । ସେ ତଳକୁ ଆସିଲେ । ଆମେ କଥାବାର୍ତ୍ତା ହେଲୁ । ଭାରତ ସରକାରଙ୍କ ଯେତେ ଅଫିସ ଇଂଲଣ୍ଡ ଓ ୟୁରୋପରେ ରହିଛି ସେ ସବୁର ହିସାବପତ୍ର ତନଖି କରିବାପାଇଁ ଲଣ୍ଡନର ହାଇ-ମିଶନରଙ୍କ ଅଫିସରେ କେତେ ଅଡ଼ିଟ୍ ଅଫିସର ଅଛନ୍ତି । ସେମାନେ ବିଭିନ୍ନ ରାଜ୍ୟର ଆକାଉଣ୍ଟାଣ୍ଟ ଜେନେରାଲ ଅଫିସର ଜଣେ ଜଣେ ଦକ୍ଷ ଅଡ଼ିଟ୍ ଅଫିସର । ସେ ଭାରତ ସରକାରଙ୍କ ଦ୍ୱାରା ବଛା ଯାଇ ଲଣ୍ଡନ ଯାଇଥାନ୍ତି । ପ୍ରାୟ ତିନିବର୍ଷ କାଳ ରହି ଇଂଲଣ୍ଡ ଓ ୟୁରୋପରେ ଥିବା ଭାରତ ସରକାରଙ୍କ କେତେକ ଅଫିସକୁ ଅଡ଼ିଟ କରିବେ । ଅବଶ୍ୟ ତାଙ୍କ ସାଥିରେ ଅନ୍ୟୂନ ଆଉ ଜଣେ ଅଡିଟ ଅଫିସର ମଧ୍ୟ ଥା'ନ୍ତି ।

କଥା ପ୍ରସଙ୍ଗରେ ସେ କହିଲେ ଯେ ପୁରୀ-ରାମଚଣ୍ଡୀସାହିରେ ତାଙ୍କର ଘର । ମୁଁ ଚାରିବର୍ଷ କାଳ ପୁରୀ କଲେଜରେ ପଢ଼ିଥିବାରୁ ଏବଂ ସେଇ ପାଖ ପଥୁରିଆ ସାହିରେ ରହୁ ଥିବାରୁ ତାଙ୍କ ଘରଟି ଜାଣିବାରେ ଅସୁବିଧା ହେଲା ନାହିଁ । ସବୁଠୁଁ ମଜା କଥା ହେଲା-ସେ ଯେଉଁ ଭଦ୍ର ମହିଳାଙ୍କୁ ବିବାହ କରିଛନ୍ତି, ତାଙ୍କ ନା ସ୍ନେହ ଦାସ ଏବଂ ସେ ପୁରୀ ବଡ଼ଶଙ୍ଖ ବାଳିକା ହାଇସ୍କୁଲରେ ହେଡ ମିଷ୍ଟ୍ରେସ ଥିଲେ । ସେ ମୋର ବି.ଇଡି. ସହପାଠିନୀ । ତାଙ୍କର ଗୋଟିଏ ଝିଅ ଓ ଗୋଟିଏ ପୁଅ, ସେଠାକୁ ଯାଇଥିଲେ ଏବଂ ପାଖରେ ରହି ପାଠ ପଢୁଥିଲେ ।

ବ୍ରହ୍ମାନନ୍ଦବାବୁ ଭାରି ସହାନୁଭୂତିଶୀଳ ଓ ସ୍ନେହୀ ଭଦ୍ରଲୋକ । ସେ ତାଙ୍କ ଘରକୁ ଯିବାକୁ ବାରମ୍ବାର ଅନୁରୋଧ କଲେ । ତେଣୁ ମୁଁ ସୁନୀଲବାବୁ (ଯେ କି ଆଗରୁ ତାଙ୍କ ସହିତ ପରିଚିତ ହୋଇଥିଲେ ଏବଂ ତାଙ୍କ ଘରକୁ ବୁଲି ଯାଇଥିଲେ) ଙ୍କୁ ସାଙ୍ଗରେ ନେଇ ଯିବେବୋଲି ପ୍ରତିଶ୍ରୁତି ଦେଲି ।

୧୯୭୯ ଜାନୁୟାରୀ ୧୩ ତାରିଖ । ଅପରାହ୍ନ ସମୟ । ସମ୍ଭବତଃ ଶନିବାର ଛୁଟି ଦିନ । ମୁଁ ଓ ସୁନୀଲବାବୁ ସାଥି ହୋଇ ବ୍ରହ୍ମାନନ୍ଦବାବୁଙ୍କ ଘରକୁ ଗଲୁ । ସେ ଉତ୍ତର ଲଣ୍ଡନସ୍ଥ କାମ୍‌ଡେନ୍ ରୋଡ଼୍‌ର ୩୮ ନମ୍ବର ଘରଟି ଭଡା ନେଇ ରହୁଥିଲେ । । ଦୋମହଲା ଘରଟିଏ । ତଳ ମହଲାରେ ଘର ମାଲିକ (ମାଲିକିଆଣୀ ବା House lady ବେଶୀ ପରିଚିତ) ରହିଥାନ୍ତି । ଉପର ମହଲାରେ ବ୍ରହ୍ମାନନ୍ଦ ସପରିବାର ରହୁଥିଲେ । ଦୁଇଟି ପିଲା ସାଙ୍ଗରେ ଥିବାରୁ ଗୋଟିଏ ବଡ ଘର ଭଡ଼ା ନେବାକୁ ବାଧ୍ୟ । ଲଣ୍ଡନ ପୌର ସଂସ୍ଥାର ନିୟମ ଅନୁସାରେ ଦଶ ବାର ବର୍ଷରୁ ଅଧିକ ବୟସ୍କ ଗୋଟିଏ ପିଲା ଥିଲେ ବି ଦୁଇଟି ଶୟନକକ୍ଷ ଥିବା ( Two-bedded) ଘରଟିଏ ଭଡ଼ା ନେବାକୁ ହୋଇଥାଏ । ଆଧୁନିକ ଆସବାବପତ୍ର ଓ ଉପକରଣ ସହିତ ଗୃହଟି ସୁସଜ୍ଜିତ ।

ବ୍ରହ୍ମାନନ୍ଦ ବାବୁ ପତ୍ନୀ ସ୍ନେହ ଦାସଙ୍କ ସହିତ ଦେଖା ହେଲା ମାତ୍ରେ ପରସ୍ପରକୁ ଚିହ୍ନିବାରେ ଅସୁବିଧା ହେଲା ନାହିଁ । ସେ ବି.ଇଡ଼ି. ପଢୁଥିଲାବେଳେ 'ସ୍ନେହ ମହାନ୍ତି' ଥିଲେ । ଶ୍ରୀଯୁକ୍ତ ବିଜୟ ମହାନ୍ତି ଏମ୍.ପି. ତାଙ୍କର ବଡ଼ଭାଇ । ସବୁ କଥାବାର୍ତ୍ତା ହେଲୁ । ଚଳିବାରେ କିଛି ଅସୁବିଧା ନାହିଁ । ସଉଦାପତ୍ର ଅନେକ ସମୟରେ ସେ ଏକା ଏକା କରନ୍ତି । ନିକଟସ୍ଥ ପାଠାଗାରକୁ ସମୟ ସୁବିଧା ଦେଖି ପଢ଼ିବାକୁ ଯା'ନ୍ତି । ସେ ମଧ୍ୟ ନିଜର ଅନୁଭୂତି ଲେଖି ଭୁବନେଶ୍ୱରରୁ ବାହାରୁଥିବା 'ସୁଚରିତା' ନାରୀ ପତ୍ରିକା ପାଇଁ ଲେଖା ପଠାନ୍ତି । ଲଣ୍ଡନର ମୁକ୍ତ ବିଶ୍ୱବିଦ୍ୟାଳୟ (Open University) ବା ବ୍ରିଟିଶ କାଉନସିଲର କୌଣସି ଏକ କୋର୍ସରେ ନାମ ଲେଖାଇ ପଢ଼ିବାକୁ ଚାହିଁଥିଲେ ।

ପିଲା ଦୁହେଁ ଖୁବ୍ ଭଦ୍ର । ସୌଜନ୍ୟପୂର୍ଣ୍ଣ ବ୍ୟବହାରରେ ତାଙ୍କର କିଛି ଊଣା ନଥିଲା । ଉଭୟ ଭଲ ପଢୁଥିଲେ । ଟେଲିଭିଜନରେ ବିଶେଷତଃ ବିଜ୍ଞାନ ଓ ଖେଳ ଉପରେ ଆଧାରିତ କାର୍ଯ୍ୟକ୍ରମମାନ ଦେଖିବାରେ ଭାରି ଝୁଙ୍କ୍ ।

ବ୍ରହ୍ମାନନ୍ଦବାବୁ କହିଲେ-ଲଣ୍ଡନରେ ଏବେ ଭାରତୀୟଙ୍କ ସଂଖ୍ୟା ଖୁବ୍ ବଢ଼ିଯାଇଛି । ଅନୁପାତରେ ଓଡ଼ିଆମାନଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ । ଅନେକ ଓଡ଼ିଆ ଡାକ୍ତର, ଶିକ୍ଷକ ଓ ଛାତ୍ର ଛାତ୍ରୀ ଅଛନ୍ତି । ଲଣ୍ଡନରେ ରହିଲେ ମଧ୍ୟ ଓଡ଼ିଶାରେ ରହିଲା ପରି ଲାଗୁଛି ।

ପ୍ରାୟ ପ୍ରତ୍ୟେକ ସପ୍ତାହ ଶେଷରେ ଜଣେ ଜଣେ ଓଡ଼ିଆଙ୍କ ଘରେ ଖିଆପିଆ ମଉଜ ମଜଲିସ ହୁଏ । ମୋତେ ସେଥିରେ ଯୋଗଦେବାକୁ ନିମନ୍ତ୍ରଣ ମିଳେ । ମୁଁ କେତେଥର ଏହିପରି ରବିବାସରୀୟ ଆସରରେ ଯୋଗ ଦେଇଛି । ଖୁବ୍ ଶ୍ରଦ୍ଧା, ଆଦର ଓ ଆଗ୍ରହ ମଧ୍ୟରେ ଏପରି ବନ୍ଧୁ ମିଳନ ଭାରି ଆକର୍ଷଣୀୟ ଓ ଆନନ୍ଦପ୍ରଦ ହୋଇଥାଏ ।

ସୌଭାଗ୍ୟକୁ ମୁଁ ରହୁଥିବା ଟଫନେଲ ପାର୍କ ଭଡାଘରଠାରୁ ବ୍ରହ୍ମାନନ୍ଦବାବୁଙ୍କ ଘର ବେଶୀ ଦୂର ନୁହେଁ । ମାତ୍ର ୨୦ ମିନିଟର ଚଲାବାଟ । ତେଣୁ ମୁଁ ମାସକୁ ପ୍ରାୟ ଦୁଇ ତିନିଥର ଯାଇ ତାଙ୍କ ଘରେ ୩/୪ଘଣ୍ଟା କଟାଏ । ଟେଲିଭିଜନ ଦେଖୁ, ଟେପ୍ ରେକର୍ଡରେ ଭାରତୀୟ ଓ ଇଂରେଜ ସଙ୍ଗୀତ ଶୁଣୁ; ତାଙ୍କ ପାଖରେ ଥିବା ପ୍ରୋଜେକ୍ଟରରେ ସ୍ଲାଇଡ୍‌ମାନ ଦେଖୁ । ଖିଆପିଆରେ ତ ଖୁବ୍ ମଉଜ ହୁଏ । ବିଦେଶର ସିଝା ଓ ମସଲାହୀନ ଖାଦ୍ୟ ଖାଇ ବିରକ୍ତି ଆସିଲେ, ମୁଁ ସ୍ନେହ ଦାସଙ୍କ ପ୍ରସ୍ତୁତ ସ୍ୱାଦିଷ୍ଟ ଓ ସୁବାସିତ ଖାଦ୍ୟମାନ ଖାଇ ବିଶେଷ ଆନନ୍ଦ ଅନୁଭବ କରେ । ସବୁଠୁଁ ବଡ଼ କଥା ଉକ୍ତ ଦମ୍ପତିଙ୍କର ଶ୍ରଦ୍ଧା ଓ ସମାଦର । ଥରେ ମୁଁ ଜ୍ୱରାକାନ୍ତ ହୋଇ ପଡିଥିବା ଜାଣି ଉଭୟେ ପଥ୍ୟ ଓ ଔଷଧମାନ ନେଇ ମୋର ଖୁବ୍ ଯତ୍ନ କରିଥିଲେ । ବିଦେଶ ରହଣିରେ ସେମାନଙ୍କ ସୌଜନ୍ୟ ଓ ସ୍ନେହ ସତେ ମରୁଭୂମିରେ ମରୂଦ୍ୟାନ ପରି ଲାଗୁଥିଲା !

ବ୍ରିଟିଶ କାଉନ୍‌ସିଲର ମେଡ଼ିଆ ଡ଼େପାର୍ଟମେଣ୍ଟରେ ଆମେ ଟ୍ରେନିଂ ପାଇବା ଭିତରେ ଦେଖା ହେଲା ଜଣେ ସାହେବଙ୍କ ସହିତ । ତାଙ୍କର ନାଁ ପିଅର୍ସ ପେଣ୍ଡ୍ରିଡ୍ । ସେ ସେଠାରେ ଶିକ୍ଷାମୂଳକ ଚଳଚ୍ଚିତ୍ର ଓ ଟେଲିଭିଜନ ପ୍ରୋଗାମ ପ୍ରସ୍ତୁତିରେ ଜଣେ ବିଶେଷଜ୍ଞ । ୧୯୭୫ ମସିହାରେ ଏନ୍‌ସିଇଆରଟି (NCERT) ଓ.ଇ.ଟି ସେଲ (E.T. Cell) ର ମିଳିତ ଉଦ୍ୟମରେ ସଂଗଠିତ ଟେଲିଭିଜନ ପାଇଁ ଲିପି କର୍ମଶାଳା (Script workshop) ତଥା ତାଲିମ କାର୍ଯ୍ୟକ୍ରମରେ ସେ ଜଣେ ବିଶେଷଜ୍ଞ ଭାବରେ ଯୋଗ ଦେଇଥିଲେ । ଅତି ଭଦ୍ର ଓ ସହାନୁଭୂତିଶୀଳ । ଆମର ତରୁଣ ଓ ଅନଭିଜ୍ଞ ଲେଖକମାନଙ୍କୁ ସେ ଉକ୍ତ ତାଲିମ କେନ୍ଦ୍ରରେ ଖୁବ୍ ଧୈର୍ଯ୍ୟ ଓ ଉଦାରତା ସହିତ ଶିକ୍ଷା ଦେଇଥିଲେ । ମୁଁ ଶିକ୍ଷା ଉଦ୍ୟୋଗ ଚାର୍ଜରେ ଥାଇ ଏହି ତାଲିମର ଜଣେ ସଂଗଠକ ଭାବରେ ତାଙ୍କୁ ଜାଣିଥିଲି । ପୁରୀ ଓ କୋଣାର୍କକୁ ଅନ୍ୟମାନଙ୍କ ସହିତ ତାଙ୍କୁ ବୁଲାଇ ନେଇଥିଲି ।

ସେ ଜାନୁୟାରୀ ୧୪ ତାରିଖ ଦିନ ମଧ୍ୟାହ୍ନ ଭୋଜନ ପାଇଁ ମୋତେ, ଦିଲ୍ଲୀ ପ୍ରଶାସନର ଜଣେ କର୍ମକର୍ତ୍ତା ମୋହିନୀ ରାଓତ ଓ ଏନ୍.ସି.ଇ.ଆଇ.ଟି.ର ଅଧ୍ୟାପକ ଡକ୍ଟର ଜଗଦୀଶ ସିଂହଙ୍କୁ ନିମନ୍ତ୍ରଣ କରିଥିଲେ । ଠିକ୍ ସାଢ଼େ ବାରଟାରେ ନିଜ କାର୍ ଆଣି ସେ ଆମ୍ଭମାନଙ୍କୁ ତାଙ୍କ ବସାକୁ ନେଇ ଯାଇଥିଲେ । କେତେଗୁଡିଏ ବାଟ । ଦିନ ଏତେ ହେଲେ ବି ଶୀତଳ ମଧ୍ୟାହ୍ନ । ହେଲେ, ଆମମାନଙ୍କୁ ଚର୍ଚ୍ଚା କରିବାରେ ତାଙ୍କର କି ଆଗ୍ରହ ଓ ଆନ୍ତରିକତା !

ଘରଟିଏ କିଣିଛନ୍ତି । ୨୫ ହଜାର ପାଉଣ୍ଡ ୨୫ ବର୍ଷରେ ଦେବାକୁ ହେବ । ସୁନ୍ଦର ଓ ସୁସଜ୍ଜିତ ପକ୍କା ଘରଟିଏ । ତାଙ୍କ ସ୍ତ୍ରୀଙ୍କ ନାଁ କାରୋଲ । ସେ ମଧ୍ୟ ବି.ବି.ସି.ର ଟେଲିଭିଜନ

କାର୍ଯ୍ୟକ୍ରମ ପ୍ରସ୍ତୁତି ଦାୟିତ୍ୱରେ ଥା'ନ୍ତି । ତାଙ୍କ ନିର୍ମିତ ଟେଲିଭିଜନ କାର୍ଯ୍ୟକ୍ରମଗୁଡିକ ଖୁବ୍ ସାର୍ଥକ ଓ ସରସ ହୋଇଥାଏ । ଦୁଇଟି ମାତ୍ର ପିଲା । ଭାରତ ଓ ଆଫ୍ରିକାର ବହୁ ଦେଶକୁ ଯାଇଛନ୍ତି । ଖୁବ୍ ସ୍ନେହୀ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ । ବିଭିନ୍ନ ଦେଶ ଭ୍ରମଣ କରି ଓ ବହୁ ଦେଶର ଲୋକଙ୍କ ସମ୍ପର୍କରେ ଆସି ସତେ ଯେମିତି ସେମାନେ ଖୁବ୍ ଉଚ୍ଚକୋଟୀର ସାମାଜିକ ପରିପକ୍ୱତା ଓ ସାଂସ୍କୃତିକ ଉଦାରତା ଲାଭ କରିଛନ୍ତି ।

ଉଭୟେ ସ୍ତ୍ରୀ ପୁରୁଷ ମିଳିମିଶି ଆମ ପାଇଁ ଖାଦ୍ୟ ପ୍ରସ୍ତୁତ କରିବାରେ ଲାଗିଛନ୍ତି । ସମ୍ଭବତଃ କେତେଦିନ ଧରି ସେମାନଙ୍କର ଏଥିପାଇଁ ଯୋଜନା ଚାଲିଛି । ଯଥାସମ୍ଭବ ସର୍ବୋତ୍କୃଷ୍ଟ ଭାରତୀୟ ଖାଦ୍ୟ ଖୁଆଇବା ପାଇଁ ସେମାନଙ୍କର ନିଷ୍ପାପର ଉଦ୍ୟମ । ଭାତ, ରୋଟି, କୁକୁଡା ମାଂସ (ଚିକିନ୍)ଝୋଳ, ଡାଲି, ମେଣ୍ଢା ମାଂସ (ମଟନ) ତରକାରୀ, ସିଙ୍ଗଡା, କାକୁଡି ଦହି, ଭେଣ୍ଡି ଭଜା ! ସବୁଠୁଁ ବଡ କଥା ଥିଲା ସେମାନଙ୍କର ଆଦର ଯତ୍ନ !

ପେଣ୍ଡ୍ରିଡ୍‌ଙ୍କ ସହିତ କଥାବାର୍ତ୍ତାରୁ ଜାଣିଲି ଯେ ପିଲାମାନେ ୧୬ବର୍ଷରୁ ଅଧିକ ହେଲାମାତ୍ରେ ବାପମାଆଙ୍କ ଠାରୁ ସ୍ୱାଧୀନ ହେବାକୁ ଚାହାନ୍ତି । ବାପମାଆ ମଧ୍ୟ ସେମାନଙ୍କୁ ସ୍ୱାଭାବିକ ଭାବରେ ସ୍ୱାଧୀନତା ଦିଅନ୍ତି । ଫଳରେ ତରୁଣ ଯୁବକ-ଯୁବତୀମାନେ ନିଜର ଅଧ୍ୟୟନ ପରେ ସ୍ୱାଧୀନ ଜୀବିକା ଗ୍ରହଣ କରିବାକୁ ବାହାରି ପଡନ୍ତି । ବୃଦ୍ଧ ବୟସରେ ମଧ୍ୟ ପିତାମାତା ସନ୍ତାନଙ୍କର ସାହାଯ୍ୟକୁ ଅପେକ୍ଷା ରଖନ୍ତି ନାହିଁ । ସରକାରଙ୍କ ତରଫରୁ ସେମାନଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା ଓ ବେକାରୀ ଭତ୍ତାର ବ୍ୟବସ୍ଥା ଅଛି । ଅର୍ଥନୈତିକ ସ୍ୱଚ୍ଛଳତା ଫଳରେ ଦେଶରେ ସାମାଜିକ ନିରାପତ୍ତାର ଅଭାବ ନାହିଁ ।

ସେଠାରେ ଲୋକସଂଖ୍ୟା ବହୁତ ହ୍ରାସ ପାଇଛି । ତା'ର କାରଣ ସ୍ୱରୂପ, ପେଣ୍ଡ୍ରିଡ କହିଲେ ଯେ ଆଜିର ଦମ୍ପତି ଦୁଇଟି ସନ୍ତାନରୁ ଅଧିକ ଚାହାନ୍ତି ନାହିଁ । ଶିଶୁ ମୃତ୍ୟୁ ହାର ଆଶାତୀତ ଭାବରେ ହ୍ରାସ ପାଇଛି । ଫଳରେ ସନ୍ତାନଙ୍କର ନିରାପତ୍ତାରେ ଆଶଙ୍କା ନାହିଁ । ଅନେକଙ୍କ ପାଇଁ ଶିଶୁ ଜନ୍ମ ଓ ଲାଳନପାଳନ ଏକ ବିରାଟ ଜଞ୍ଜାଳ । ତେଣୁ ବହୁ ଯୁବକ-ଯୁବତୀ ବିବାହ କରିବାକୁ ମଧ୍ୟ ଚାହୁଁ ନାହାଁନ୍ତି । ଅଳ୍ପ କେତେକ ଏହି ଶିଶୁ ପାଳନ ଓ ବିବାହ କରିବାକୁ ମଧ୍ୟ ଚାହୁଁଛନ୍ତି । ଅଳ୍ପ କେତେକ ଏହି ଶିଶୁପାଳନ ଓ ବିବାହକୁ ଏକ ବ୍ୟୟ ବହୁଳ ବିଳାସ ଭାବରେ ଗ୍ରହଣ କରନ୍ତି ।

ବୃଦ୍ଧବୃଦ୍ଧାମାନଙ୍କୁ ବିଲାତରେ ବରିଷ୍ଠ ନାଗରିକ (Senior Citizen ) ଭାବରେ ବିବେଚନା କରାଯାଏ । ଆମର ଯେମିତି ସ୍ତ୍ରୀଲୋକଙ୍କ ପାଇଁ ଗାଡିରେ ସ୍ଥାନ ସଂରକ୍ଷଣ ହୋଇଥାଏ ସେଠାରେ ସେମିତି ବରିଷ୍ଠମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଥାଏ ବା ସେମାନଙ୍କୁ

ସ୍ୱତନ୍ତ୍ର ସୁବିଧା ଦିଆଯାଏ । ସେମାନଙ୍କୁ ସିନେମା, ସର୍କସ ପ୍ରଭୃତି ଦେଖିବାରେ ରିହାତି ଟିକେଟ୍ ମିଳେ । ଉଦାହରଣ ସ୍ୱରୂପ, ଗୋଟିଏ ସିନେମା ଟିକେଟ୍‌ର ମୂଲ୍ୟ ୧ ପାଉଣ୍ଡ ହେଲେ, ବୃଦ୍ଧମାନଙ୍କ ପାଇଁ ମାତ୍ର ୩୦ ପେନ୍‌ସ । ସିନେମା ଗୃହ ମାଲିକମାନେ ବାକୀ ଅର୍ଥ ସରକାର ବା ସ୍ୱାୟତ୍ତ ସଂସ୍ଥା ବା ପୌର ସଂସ୍ଥାରୁ ପାଇଥାନ୍ତି । ଘରବାଡି ପ୍ରତି ମଧ୍ୟ ଲୋକମାନଙ୍କର ମାୟାମମତା କମି ଯାଇଛି । ଗୃହ ନିର୍ମାଣ କରିବା ବା ନୂତନ ଗୃହ କ୍ରୟ କରିବା ଅପେକ୍ଷା ଭଡ଼ା ଘରେ ରହିବାକୁ ଅନେକ ପସନ୍ଦ କରନ୍ତି ।

କୋଣାର୍କକୁ ଯିବାବେଳେ ପେଣ୍ଡ୍ରିଡ ଯେଉଁ କେତେକ ଫଟୋ ଉଠାଇଥିଲେ, ସେଥିରୁ କେତେକ ତାଙ୍କର ଆଲବମ୍‌ରୁ ଦେଖାଇଲେ । ଉକ୍ତ ଆଲ୍‌ବମ୍ ଦେଖୁ ଦେଖୁ ଗୋଟିଏ ଫଟୋ ତଳେ ଲେଖାଥିଲା-

Night Meal for ୬,୦୦୦- ଛଅ ହଜାର ଲୋକଙ୍କ ପାଇଁ ରାତ୍ରିଭୋଜନ ।

ଏହା କ'ଣ ? ମୁଁ ପଚାରିବାରୁ ପେଣ୍ଡ୍ରିଡ କହିଲେ ଯେ ବନାରସ ପାଖରେ ଗୋଟିଏ ନୂଆ ଘରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଥିଲା । ସେ ସେଠାକୁ ଯାଇଥିଲେ । ସେହି ଗୃହର ମାଲିକ କହିଥିଲେ ଯେ, ସେ ଛଅ ହଜାର ଲୋକଙ୍କ ପାଇଁ  ଖାଇବା ବ୍ୟବସ୍ଥା କରିଛନ୍ତି । ପେଣ୍ଡ୍ରିଡ଼ ପୁଣି କହିଲେ ଯେ ବିଲାତରେ କ'ଣ, ଯେ କୌଣସି ପାଶ୍ଚାତ୍ୟ ଦେଶରେ କୌଣସି ବ୍ୟକ୍ତି ଛଅ ହଜାର ଲୋକଙ୍କ ମଧ୍ୟାହ୍ନ ବା ରାତ୍ରି ଭୋଜନ ଆୟୋଜନ କରିବା କଳ୍ପନାତୀତ । ଆମେ ଏ ପ୍ରକାର ଆଡମ୍ବରକୁ କଳନା କରିପାରିବୁ ନାହିଁ ।

ମୁଁ କହିଲି— ଆମର ବାହାଘର, ଶୁଦ୍ଧକ୍ରିୟା ପ୍ରଭୃତିରେ ଏମିତି ହଜାର ହଜାର ଲୋକ  ଖାଇବା ଏକ ସ୍ୱାଭାବିକ କଥା । ଆମର ପୁରୀ ମନ୍ଦିରରେ ତ ପ୍ରତିଦିନ ୧୦/୧୫ ହଜାର ଲୋକ୍ଙ ପାଇଁ ମହାପ୍ରସାଦ ଆୟୋଜନ ହୋଇଥାଏ ।

ପେଣ୍ଡ୍ରିଡ଼ ଏହା ଶୁଣି ଅବାକ୍ ହୋଇ ଚାହିଁ ରହିଲେ । ମିସ୍ ରାଓତ୍ ପେଣ୍ଡ୍ରିନଙ୍କ ପାଇଁ ଗୋଟିଏ ସିଲ୍‌କଟାଇ ତାଙ୍କ ସ୍ତ୍ରୀଙ୍କ ପାଇଁ ଗୋଟିଏ ବ୍ୟାଗ୍ ଉପହାର ଦେଇଥିଲେ । ମୁଁ ମଧ୍ୟ ସେମାନଙ୍କୁ ଗୋଟିଏ ପିପିଲି ଚାନ୍ଦୁଆ ଉପହାର ଦେଇଥିଲି । ସେମାନେ ଆନନ୍ଦରେ ଧନ୍ୟବାଦ ଦେଇ ତାହା ଗ୍ରହଣ କଲେ ।

ଆମେ ଉକ୍ତ ଦମ୍ପତି ଓ ପିଲାମାନଙ୍କୁ ସାଧୁବାଦ ଦେଇ ବିଦାୟ ନେଲୁ । କିନ୍ତୁ ପେଣ୍ଡ୍ରିଡ଼ ନିଜେ କାର୍ ଚଳାଇ ଆମ୍ଭମାନଙ୍କୁ ନିଜ ନିଜ ବସା ପାଖରେ ଛାଡି ଦେଇଗଲେ ।

ଜାନୁୟାରୀ ୨୧ ତାରିଖ ରବିବାର । ବ୍ରହ୍ମାନନ୍ଦବାବୁ ଫୋନ୍ କଲେ । ତାଙ୍କ ଘରକୁ ବୁଲିଗଲି । ଭାରତୀୟ ହାଇ କମିଶନର ଅଫିସରୁ ଆଉ କେତେକ ବନ୍ଧୁ ମଧ୍ୟ ଆସିଥିଲେ ।

ଅନେକ ସେମାନଙ୍କର ପିଲାମାନଙ୍କୁ ମଧ୍ୟ ସାଥିରେ ଆଣିଥାନ୍ତି । ଭେଜିଟେବଲ ଚପ୍, ଆଳୁ ଚିପ୍‌ସ, ଲୁଣୀ ଚିନାବାଦାମ ମଞ୍ଜି, କଫି ପ୍ରଭୃତି ସ୍ନେହ ଦେବୀ ଯୋଗାଇ ଦେଲେ । ହସଖୁସି କଥାବାର୍ତ୍ତା ଭିତରେ ଏ ସବୁର ସଦ୍‌ବ୍ୟବହାର ହେଲା ।

ସଞ୍ଜ ଲାଗିଲା । ସମସ୍ତେ ଫେରିଲେ । ମୋତେ କିନ୍ତୁ ରହିବାକୁ ବ୍ରହ୍ମାନନ୍ଦ ବାବୁ ବଳାଇଲେ । ସ୍ନେହ ଦେବୀ ରୋଷେଇ ବାସରେ ଲାଗିଲେ । ଟେଲିଭିଜନ ଦେଖାହେଲା । ଭାରତୀୟ ସଂଗୀତ ଶୁଣାଗଲା । ସୁଖ ଦୁଃଖ ହେବାର ଦୁଇଘଣ୍ଟା କଟିଗଲା । ରୋଷେଇ ଘରୁ ପଲଉ କୋବି ତରକାରୀ, ଚିକିନକରୀ, ସାଲାଡ୍, ଇତ୍ୟାଦି ପ୍ରସ୍ତୁତ ହୋଇ ଚାଲିଆସିଲା । ଖୁବ୍ ସୁଆଦିଆ ଆଉ ଗରମାଗରମ୍ । ଆରାମ୍‌ରେ ଖାଇଲୁ ।

ସବୁପ୍ରକାର ଚେଷ୍ଟା ସତ୍ତ୍ୱେ ମୋର ସହପାଠିନୀ ସ୍ନେହ ଦେବୀଙ୍କ ପଢ଼ାପଢ଼ି କଥା ଠିକ୍ ହୋଇ ପାରି ନଥିଲା । ମୁକ୍ତ ବିଶ୍ୱ-ବିଦ୍ୟାଳୟରେ ଖୁବ୍ ଖର୍ଚ୍ଚ । ବ୍ରିଟିଶ କାଉନସିଲରେ ଭାରତ ସରକାରଙ୍କ ବିନା ସୁପାରିଶ୍‌ରେ ହୋଇ ପାରୁ ନାହିଁ । ଦିଲ୍ଲୀକୁ ଲେଖିଲେ ଉତ୍ତର ନାହିଁ । ତେଣୁ ବାଧ୍ୟ ହୋଇ ସ୍ନେହ ଦେବୀ ଶେଷରେ ମୁକ୍ତ ବିଶ୍ୱ-ବିଦ୍ୟାଳୟର ଗୋଟିଏ କୋର୍ସ ଶେଷ କରିଥିଲେ । ଅଧିକ ଟଙ୍କା ଖର୍ଚ୍ଚ ହୋଇଥିବ । ହେଲେ ମନ ଶାନ୍ତି ହେଲା । ବିଲାତରେ ଉଚ୍ଚ ଶିକ୍ଷାର ଏକ ଡ଼ିଗ୍ରୀ ମିଳିଲା । ଜୀବନର ଏକ ଲକ୍ଷ୍ୟ ପୂରଣ ହେଲା । ଯାହା କହନ୍ତି-ମନ ଥିଲେ ବାଟ ଦିଶେ । ଏହି କଥାଟି ସତ ହେଲା ।

□□□

# ଅଧ୍ୟାୟ-୭

## ପରିଦର୍ଶନ : କେତୋଟି ପରିଷଦ ଓ ପରିବାର

୧୯୭୯ ମସିହା ଜାନୁୟାରୀ ୧୬ ତାରିଖ । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ସେଦିନ ଆମେ ଆମର ତାଲିମ କେନ୍ଦ୍ର ଟାଭିଷ୍ଟକ୍ ହାଉସ୍ ଠାରୁ ଗୋଟିଏ ମିନିବସ୍‌ରେ ପରିଦର୍ଶନ ପାଇଁ ବାହାରିଲୁ । ସାଥିରେ ଆମର ନିର୍ଦ୍ଦେଶକ ଟିମ୍ ଲଙ୍ଗ । ଶିକ୍ଷାରେ ଶ୍ରବ୍ୟଦୃଶ୍ୟ ସହାୟକ ସାମଗ୍ରୀର ଜାତୀୟ ସମିତି ( National Committee for Audio- Visual Aids in Education) ର ପ୍ରଧାନ ଅଫିସକୁ ଆମେ ଗଲୁ । ତାର ନିର୍ଦ୍ଦେଶକ ପ୍ରଥମେ ଆମକୁ ଚା' ଓ ବିସ୍କିଟ୍ ଦେଇ ଆପ୍ୟାୟିତ କଲେ । କେତେଗୁଡ଼ିଏ ସ୍ଲାଇଡକୁ ପ୍ରୋଜେକ୍ଟର ସାହାଯ୍ୟରେ ଦେଖାଇ ସେ ସମିତିର କାର୍ଯ୍ୟକଳାପ ବୁଝାଇ ଦେଲେ ।

ଶିକ୍ଷା ମାଧ୍ୟମର ଏକ ଆନ୍ତର୍ଜାତୀୟ ପରିଷଦ (International Council of Educational Media) ସଂପର୍କରେ ମଧ୍ୟ ସେ ଆଲୋକପାତ କରିଥିଲେ । ସେ ଯେଉଁ ସମିତିର ନିର୍ଦ୍ଦେଶକ, ତାହା ଏକ ଉପଦେଷ୍ଟା ସଂସ୍ଥା । ଜାତୀୟ, ସ୍ତରରେ, ଶ୍ରବ୍ୟ-ଦୃଶ୍ୟ ସାମଗ୍ରୀ ଓ ସରଞ୍ଜାମଗୁଡ଼ିକର ବିନିଯୋଗ ଓ ଉତ୍ପାଦନ ନିମନ୍ତେ ନୀତି ନିର୍ଦ୍ଧାରଣ କରିବା ତାର ପ୍ରଧାନ କାର୍ଯ୍ୟ । ଏହି ସଂସ୍ଥାର ମୁଖ୍ୟତଃ ୩ଟି ବିଭାଗ । ଗୋଟିକର ନାମ ହେଲା ତଥ୍ୟ ଯୋଗାଣ ଓ ପରାମର୍ଶ ପ୍ରଦାନ, ଦ୍ୱିତୀୟଟିର କାର୍ଯ୍ୟ ହେଲା ପ୍ରସ୍ତୁତି ଓ ଉତ୍ପାଦନ ଏବଂ ତୃତୀୟଟିର ଦାୟିତ୍ୱ ହେଲା ତାଲିମ ଦାନ । ସ୍ଥୂଳତଃ ଶିକ୍ଷା କ୍ଷେତ୍ରରେ ଶ୍ରବ୍ୟଦୃଶ୍ୟ ସାମଗ୍ରୀ ଓ ସରଞ୍ଜାମର ବହୁଳ ପ୍ରସାର ଓ ପ୍ରୋତ୍ସାହନ ନିମନ୍ତେ ସଂସ୍ଥାଟି କାର୍ଯ୍ୟ କରିଥାଏ ।

ମୁଁ ଉକ୍ତ ସଂସ୍ଥାର ନିର୍ଦ୍ଦେଶକଙ୍କୁ ପଚାରିଲି-ଅନ୍ୟ ଦେଶର ଛାତ୍ରଛାତ୍ରୀମାନଙ୍କୁ ଆପଣଙ୍କ ସଂସ୍ଥା ତରଫରୁ କୌଣସି ପ୍ରକାର ତାଲିମ ଦେବାର ବ୍ୟବସ୍ଥା ଅଛି କି ?

ସେ କହିଲେ-ଆମ ସଂସ୍ଥାରେ ସାଧାରଣତଃ ଇଂଲଣ୍ଡର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଉତ୍ପାଦନ କେନ୍ଦ୍ରର କର୍ମଚାରୀଗଣ ତାଲିମ ପାଇଥାନ୍ତି । ସେମାନେ ଉକ୍ତ ସଂସ୍ଥା ଗୁଡିକ ତରଫରୁ ଏଥିରେ ଯୋଗ ଦେଇଛନ୍ତି । ଅନ୍ୟଦେଶରୁ ସରକାର ବା ଅନୁଷ୍ଠାନ ତରଫରୁ ମନୋନୀତ ହୋଇ କେହି ଆସିଲେ ଆମେ ମଧ୍ୟ ସେମାନଙ୍କ ପାଇଁ ତାଲିମ ଦେବାର ବ୍ୟବସ୍ଥା କରିଥାଉ କିନ୍ତୁ ଆମ ତରଫରୁ କୌଣସି ଆର୍ଥିକ ସାହାଯ୍ୟ ବା ବୃତ୍ତିର ବ୍ୟବସ୍ଥା ନାହିଁ ।

ଇଂଲଣ୍ଡରେ ବିଭିନ୍ନ କ୍ଷେତ୍ରରେ ବିଶେଷତଃ ଶିକ୍ଷା କ୍ଷେତ୍ରରେ ବିବିଧ ଶ୍ରବ୍ୟଦୃଶ୍ୟ ସାମଗ୍ରୀର ଉତ୍ପାଦନ ଓ ସଦୁପଯୋଗ ହୋଇଥାଏ । ସ୍ଥାନୀୟ ଶିକ୍ଷା ସଂସ୍ଥା(Local Educa-

tion Authority) ଠାରୁ ଏଥିପାଇଁ ଶିକ୍ଷାନୁଷ୍ଠାନ-ଗୁଡିକ ବହୁତ ଆର୍ଥିକ ସାହାଯ୍ୟ ପାଇଥାନ୍ତି ଏବଂ ତାଲିମ ପାଇବା ପାଇଁ ନାନା ପ୍ରକାର ସୁବିଧା ସୁଯୋଗ ମଧ୍ୟ ମିଳିଥାଏ । ଜାତୀୟ ଶ୍ରବ୍ୟଦୃଶ୍ୟ ସହାୟକ ଉପକରଣ ସଂସ୍ଥା (National Organisation for Audio-Visual Aids) ଓ ଦୃଶ୍ୟ ସାମଗ୍ରୀ ଶିକ୍ଷା ସଂସ୍ଥା (Educational Foundation for Visual Aids) ପ୍ରଭୃତି ଏହାର କେତେକ ପରିପୂରକ ଓ ସହଯୋଗୀ ଅନୁଷ୍ଠାନ । ଗତ ୩୫ ବର୍ଷ ଧରି ଏହିସବୁ ସଂସ୍ଥା ସ୍ଥାପିତ ହୋଇ ଏ କ୍ଷେତ୍ରରେ ନିରବିଚ୍ଛିନ୍ନ ଭାବରେ କାର୍ଯ୍ୟ କରିଥାଏ ।

ଶ୍ରବ୍ୟଦୃଶ୍ୟ ସାମଗ୍ରୀ ଓ ସରଞ୍ଜାମ ବିଭିନ୍ନ ତଥ୍ୟ ଓ ପରାମର୍ଶ ଦାନ ଓ ତାଲିମ ବ୍ୟବସ୍ଥା ବ୍ୟତୀତ ଏଠାରେ ଏକ ବିରାଟ ପ୍ରଦର୍ଶନୀ ଓ ସଂଗ୍ରହାଳୟ ରହିଛି । ବିଭିନ୍ନ ନିର୍ମାତାମାନେ ସେମାନଙ୍କର ସାମଗ୍ରୀ ଓ ସରଞ୍ଜାମଗୁଡିକୁ ଏଠାରେ ପ୍ରଦର୍ଶିତ ଓ ବିକ୍ରୟ ହେବା ପାଇଁ ଦେଇଥାନ୍ତି । ସାମଗ୍ରୀଗୁଡିକର ବ୍ୟବହାର କ୍ଷମତା ଓ ଗୁଣାଗୁଣ ବିଚାର ପାଇଁ ବିଶେଷଜ୍ଞମାନେ ବିଭିନ୍ନ ପ୍ରକାର ପରୀକ୍ଷା-ନିରୀକ୍ଷା କରି ରିପୋର୍ଟ ଦେଇଥାନ୍ତି । ଏହି ରିପୋର୍ଟ ପଢ଼ି ନିଜର ସାମର୍ଥ୍ୟ ଓ-ଆବଶ୍ୟକତା ଏବଂ ଯନ୍ତ୍ରପାତି ର ଉପଯୋଗିତା ଦୃଷ୍ଟିରୁ ଅନୁଷ୍ଠାନଗୁଡିକ କ୍ରୟ କରିଥାନ୍ତି । ଗୋଟିଏ 'ସୁଦୃଶ୍ୟ ଓ ତଥ୍ୟମୂଳକ ପତ୍ରିକା' "Visual Education" ଏହ ସଂସ୍ଥା ତରଫରୁ ପ୍ରକାଶିତ ହୋଇଥାଏ ଏବଂ ସେଥିରେ ଶିକ୍ଷାବିଦ୍ ଓ ବିଶେଷଜ୍ଞ ଗଣଙ୍କ ଦ୍ୱାରା ବହୁବିଧ ଶ୍ରବ୍ୟଦୃଶ୍ୟ ସାମଗ୍ରୀର ଉପଯୋଗିତା ସଂପର୍କରେ ଲେଖାମାନ ଆତ୍ମପ୍ରକାଶ କରିଥାଏ । ଏହାଛଡା Survey & Price Guide : Audio-Visual Equiprment ଶୀର୍ଷକ ପ୍ରକାଶନରେ ସରଞ୍ଜାମ ବିବରଣୀ ଚିତ୍ର ଓ ତଥ୍ୟ ସହିତ ଲିପିବଦ୍ଧ ହୋଇଥାଏ ।

ଚାରି ପାଞ୍ଚ ମହଲା ବିଶିଷ୍ଟ ଗୋଟିଏ ବିରାଟ ପ୍ରାସାଦରେ ରେଡ଼ିଓ, ଟେଲିଭିଜନ, ଫିଲମସ୍ ପ୍ରୋଜେକ୍ଟର, ସ୍ଲାଇଡ଼ ପ୍ରୋଜେକ୍ଟର ଓଭରହେଡ଼ ପ୍ରୋଜେକ୍ଟର, ଗ୍ରାମୋଫୋନ୍ ଟେପରେକର୍ଡର, କ୍ୟାସେଟ୍ ରେକର୍ଡର, ଭିଡ଼ିଓ ରେକର୍ଡର ଅଡ଼ିଓ ଭିଡ଼ିଓ କ୍ୟାସେଟ୍, ମାଇକ୍ରୋଫୋନ୍, ସ୍କ୍ରିନ୍ ଆଦି ସମସ୍ତ ପ୍ରକାର ଶ୍ରବ୍ୟଦୃଶ୍ୟ ସହାୟକ ସାମଗ୍ରୀ ଓ ସରଞ୍ଜାମ ଭରପୂର ହୋଇଥାଏ । ମେକାନିକ୍ ଓ ଅପରେଟରମାନେ ରହି ସେ ସବୁ ଚଳାଇ ଦେଖାଇ ଦିଅନ୍ତି ଓ କିଛି ପଚାରିଲେ ବୁଝାଇ ଦିଅନ୍ତି । ସମୟ ସମୟରେ ସେମାନେ ଭଡ଼ାରେ ମଧ୍ୟ ବିଭିନ୍ନ ପ୍ରକାର ଉପକରଣ ଯୋଗାଇ ଦେଇଥାନ୍ତି ।

ଆଉ ଦିନେ ଆମ୍ଭମାନଙ୍କୁ ଇଂଲଣ୍ଡର ଶିକ୍ଷା ଉଦ୍ୟୋଗ ପରିଷଦ (Council for Educational Technology for UK) କୁ ନିଆଯାଇଥିଲା । ଆମେ ଏଥିପାଇଁ ପ୍ରାୟ ପାଞ୍ଚ

କିଲୋମିଟର ଚାଲି ଚାଲି ଯାଇଥିଲୁ । ସେ ଦିନ ପୁଣି ଖୁବ୍ ଶୀତଳ ପାଗ । ରାସ୍ତା ଉପରେ ବହଳ ବରଫ ବିଛେଇ ହୋଇ ପଡିଥିଲା । ତା ଉପରେ ମଣିଷ ଓ ଗାଡ଼ି ମଟର ଯାଇ ସେ ସବୁ ଚକଟି ହୋଇ କାଦୁଅ ପରି ହୋଇ ଯାଇଥିଲା । ଆମେ ଯାଇଥିଲା ବେଳେ ଆମ ଉପରେ ତୁଳାଗୁଣ୍ଡ ପରି ବରଫ ବର୍ଷା ହେଉଥିଲା । ତେବେ ଆମେ ସାଥିହୋଇ ନାନା ଦେଶର ବନ୍ଧୁଗଣ କଥାବାର୍ତ୍ତା ଓ ହସଖୁସି ମଧ୍ୟରେ ଚାଲିଗଲୁ ।

ସେଠାରେ ପହଞ୍ଚିଲା ବେଳକୁ ଉକ୍ତ ପରିଷଦର ଇନଫରମେସନ ଅଫିସର ଆମଙ୍କୁ ପାଛୋଟି ନେବାକୁ ଅପେକ୍ଷା କରିଥିଲେ । ସେ ଆମଙ୍କୁ ବୁଲାଇ ସବୁ ଦେଖାଇ ଦେଲେ ଏବଂ ପରିଷଦର କାର୍ଯ୍ୟକଳାପ ସଂପର୍କରେ ବୁଝାଇ ଦେଲେ । ଗୋଟିଏ ପ୍ରଦର୍ଶନୀର ଆୟୋଜନ କରି ଆମ୍ଭମାନଙ୍କୁ ପରିଷଦର ବିଭିନ୍ନ ବହିପତ୍ର ଦେଖିବାର ସୁଯୋଗ ଦେଇଥିଲେ । ଏହା ଏକ ସରକାରୀ ସାହାଯ୍ୟପ୍ରାପ୍ତ ସଂସ୍ଥା ଏବଂ ବିକାଶମୂଳକ ଶିକ୍ଷା ତଥା ଶିକ୍ଷଣର ବିଭିନ୍ନ ପଦ୍ଧତି ଓ ମାଧ୍ୟମକୁ ନେଇ ଗଠିତ ଶିକ୍ଷା ଉଦ୍ୟୋଗର ଦାୟିତ୍ୱ ବହନ କରିଛି । ଇଂଲଣ୍ଡର ସବୁକ୍ଷେତ୍ରରେ ଶିକ୍ଷା ଉଦ୍ୟୋଗର ବ୍ୟବହାର ନିମନ୍ତେ ଏହା ଏକ କେନ୍ଦ୍ରୀୟ ଅନୁଷ୍ଠାନ ଏବଂ ୧୯୭୩ ମସିହାରେ ବିଲାତ ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ସ୍ଥାପିତ । ଆଇନଗତ ଭାବରେ ଏହା ଗୋଟିଏ ଦାତବ୍ୟ ନ୍ୟାସୀ (Trust) ଅନୁଷ୍ଠାନ ହେଲେ ହେଁ, କାର୍ଯ୍ୟତଃ ଏହା ଗୋଟି ଏ ସ୍ୱୟଂଚାଳିତ ସମବାୟ ସଂସ୍ଥା । ୧୯୬୭ରୁ ପ୍ରତିଷ୍ଠିତ ଶିକ୍ଷା ଉଦ୍ୟୋଗ ଜାତୀୟ ପରିଷଦର ସମସ୍ତ ସଂପଦକୁ ନେଇ ଏହା ଗଢ଼ି ଉଠିଛି । ସରକାରଙ୍କ ଆର୍ଥିକ ସାହାଯ୍ୟରେ ଏହା ପରିଚାଳିତ ହୋଇଥାଏ । ଲଣ୍ଡନସ୍ଥ ବିଦ୍ୟାଳୟ ପରିଷଦ (Schools Council) ମଧ୍ୟ ପାଠ୍ୟକ୍ରମ-ଉନ୍ନତି କ୍ଷେତ୍ରରେ ଗବେଷଣା ଓ ପରୀକ୍ଷା ସଂପାଦନ କରିଥାଏ । ତେଣୁ ଏହି ପରିଷଦ ଓ ଘରୋଇ ଶିଳ୍ପ ସଂସ୍ଥା ମଧ୍ୟ ନିର୍ଦ୍ଦିଷ୍ଟ ପ୍ରକଳ୍ପ ନିମନ୍ତେ ଶିକ୍ଷା ଉଦ୍ୟୋଗ ପରିଷଦକୁ ଅନୁଦାନ ପ୍ରଦାନ କରିଥାନ୍ତି ।

ଶିକ୍ଷା ଉଦ୍ୟୋଗ ପରିଷଦର ନୀତି ଓ କାର୍ଯ୍ୟ ସଂପର୍କରେ ତଥ୍ୟାଧିକାରୀ (Information officer) କହିଲେ ଯେ ଶିକ୍ଷା ଓ ତାଲିମ କ୍ଷେତ୍ରରେ ଉଦ୍ୟୋଗର ଉପଯୋଗିତା ସଂପର୍କରେ ସରକାରୀ ଓ ବେସରକାରୀ ସଂସ୍ଥାଗୁଡିକୁ ପରାମର୍ଶ ଦେବା ଏବଂ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଔଦ୍ୟୋଗିକ ସାହାଯ୍ୟ ନେବା ଉକ୍ତ ପରିଷଦର ଦାୟିତ୍ୱ । ଜାତୀୟ ଶିକ୍ଷା, ଶିଳ୍ପ, ସ୍ୱାସ୍ଥ୍ୟ ପ୍ରଭୃତିର ବିକାଶ ସାଧନକୁ ତ୍ୱରାନ୍ୱିତ କରିବାରେ ଶିକ୍ଷା ଉଦ୍ୟୋଗକୁ ବିନିଯୋଗ କରିବାର ଉପାୟ ଓ ପଦ୍ଧତି ସ୍ଥିର କରିବା ପରିଷଦର କାର୍ଯ୍ୟ । ଏଥିପାଇଁ ପରିଷଦ ତରଫରୁ ଯେଉଁସବୁ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇ କାର୍ଯ୍ୟକ୍ରମ ସଂଗଠିତ ହେଉଛି, ସେ ବିଷୟରେ ଆମେ ଆଲୋଚନା କରିଥିଲୁ ।

ସ୍ଲାଇଡ୍ ପାଇଁ ଫଟୋ କିପରି ଉଠାଇ ମାଉଣ୍ଟିଙ୍ଗ କରିବାକୁ ହେବ, ଆମଙ୍କୁ ଶିକ୍ଷା ଦିଆଯାଇଥିଲା । ଆମଙ୍କୁ ଗୋଟିଏ କ୍ୟାମେରା ଓ ଗୋଟିଏ ରିଲ୍‌ଦେଇ ସପ୍ତାହର ଶେଷ ଦୁଇଦିନ ମଧ୍ୟରେ ଫଟୋ ଉଠାଇବାକୁ କୁହାଗଲା । ମାତ୍ର ଏମିତି  ଖରାପ ପାଗ ଲାଗି ରହିବାରୁ ମନ ଉଣାହୋଇଗଲା । ତେବେ ଆମେ କେତେଜଣ ବିଭିନ୍ନ ପାର୍କ, ପିକାଡେଲି ବଜାର, ଟ୍ରାଫାଲ୍‌ଗାର ଛକ, ଅକ୍ସଫୋର୍ଡ ରାସ୍ତା ପ୍ରଭୃତିକୁ ଯାଇ କେତେ ଗୁଡିଏ ଫଟୋ ଉଠାଇଲୁ ।

ତା ପରେ  ଆମେ ସଂସ୍ଥାର କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଜଣାଇ ଫେରିଥିଲୁ । ସେତେବେଳେ ଅଧିକରୁ ଅଧିକ ବରଫ ଭୂଇଁ ଉପରେ ଲଦିହୋଇ ପଡିଥିଲା । ଚଉଦିଗ ଖାଲି ଧଳା ଚିକ୍ ଚିକ୍ । ଗଛମାନଙ୍କରେ ଧଳା ଫୁଲର ବୋଝ ପରା ! ଠିଆ ହୋଇଥିବା ଗାଡ଼ି ଆଉ ଘର ଛାତ ଉପରେ ସତେ ଅବା ରୂପାଛପର ହୋଇଛି । ରାସ୍ତାଉପରେ ଅଟାଦଳା ହେଲା ପରି ବରଫର ଅବସ୍ଥା ! ସୁଲୁ ସୁଲୁ ଶୀତୁଆ ପବନ ବୋହି କଳିଜାକୁ ଥରାଇ ଦେଉଥିଲା ।

□□□

# ଅଧ୍ୟାୟ-୮

## ଶିକ୍ଷା ସଂଚାରଣ ଓ ସାଧନ : ନୂତନ ଯୁଗର ଆହ୍ୱାନ

ଜାନୁୟାରୀ ମାସ ୨୪ ତାରିଖ । ଆମେ ସେଦିନ ଶିକ୍ଷା ସଂଚାରଣ ପରିଷଦ (Educational Broadcasting Council) କୁ ଯାଇଥିଲୁ । ସେଠାରେ ଜଣେ ଶିକ୍ଷାଧିକାରୀ (Education Officer) ଗୋଟିଏ ଓଭରହେଡ ପ୍ରୋଜେକ୍ଟର ସାହାଯ୍ୟରେ ପରିଷଦ ଗଠନ ଓ କାର୍ଯ୍ୟ କଳାପ ସଂପର୍କରେ ବୁଝାଇଦେଲେ । ବିଲାତରେ ଯେଉଁସବୁ ରେଡ଼ିଓ ଓ ଟେଲିଭିଜନ ଶିକ୍ଷା-କାର୍ଯ୍ୟକ୍ରମ ସଂଚରିତ ହୁଏ, ସେ ସଂପର୍କରେ ନୀତିନିର୍ଦ୍ଧାରଣ କରିବା, ଉତ୍ତମ କାର୍ଯ୍ୟକ୍ରମର ପ୍ରସ୍ତୁତି ଓ ପ୍ରଯୋଜନା କରିବା, ସେଗୁଡିକର ସଦୁପଯୋଗ ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଏବଂ ମୂଲ୍ୟାୟନର ଆବଶ୍ୟକ ବ୍ୟବସ୍ଥା କରିବା ହେଉଛି ଉକ୍ତ ପରିଷଦର କାର୍ଯ୍ୟ ।

ଶିକ୍ଷାଧିକାରୀ ପ୍ରଥମେ କହିଲେ ଯେ ପରିଷଦଟି ବିଲାତର ଶିକ୍ଷାପ୍ରଣାଳୀକୁ ଅନୁଧ୍ୟାନ କରି କେଉଁପ୍ରକାର ଶିକ୍ଷାର ସହାୟକ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରିପାରିବ, ସେଦିଗରେ ଉଦ୍ୟମ କରିଥାଏ । ଶିକ୍ଷା ସଂଚାରଣର ନୀତି ସ୍ଥିର କରି କି କି ଶିକ୍ଷା କାର୍ଯ୍ୟକ୍ରମର ପ୍ରଯୋଜନା କରିବାକୁ ହେବ, ଏହା ନିଷ୍ପତ୍ତି ନେଇଥାଏ । ଶିକ୍ଷକମାନଙ୍କ ପାଇଁ କେଉଁ ପ୍ରକାର ସହାୟକ ପୁସ୍ତକ ପ୍ରସ୍ତୁତ କରିବାକୁ ହେବ, ତାହା ମଧ୍ୟ ଏହି ପରିଷଦ ବିଚାର କରିଥାଏ । ଏଥିପାଇଁ ବି.ବି.ସି. ତରଫରୁ ଯୋଗ୍ୟତାସଂପନ୍ନ ଓ ଅଭିଜ୍ଞ କର୍ମଚାରୀ ନିଯୁକ୍ତ ହୋଇଥାନ୍ତି ।

ପରିଷଦରେ ଶିକ୍ଷା ବିଭାଗ, ସ୍ଥାନୀୟ ଶିକ୍ଷାସଂସ୍ଥା, ପରିଦର୍ଶକ ତଥା ଅଧୀକ୍ଷକ, ଶିକ୍ଷକ ସଂଗଠନ ପ୍ରଭୃତିର ପ୍ରତିନିଧି ଥା'ନ୍ତି । ସାଧାରଣତଃ, ମନସ୍ତାତ୍ତ୍ୱିକ ଅବସ୍ଥା ଓ ଆବଶ୍ୟକତା ଦୃଷ୍ଟିରୁ ତିନୋଟି ବୟସଗୋଷ୍ଠୀ (୮ବର୍ଷ ପର୍ଯ୍ୟନ୍ତ, ୮-୯ ଓ ୧୨-୧୩ ରୁ ୧୮ ବର୍ଷ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥାଏ । ଏହି ପ୍ରତିନିଧିମାନେ ଶିକ୍ଷା-ସଂଚାରଣରେ ଯଥେଷ୍ଟ ଦକ୍ଷତା ଓ ଆଗ୍ରହ ପ୍ରଦର୍ଶନ କରିଥାନ୍ତି । ପରିଷଦ ବର୍ଷକୁ ଦୁଇଥର ବସି ଶିକ୍ଷା ସଂଚାରଣର ନୀତି ନିର୍ଦ୍ଧାରଣ କରନ୍ତି ଏବଂ ବିଭିନ୍ନ ସମିତିର ସଭ୍ୟ ମନୋନୀତ କରନ୍ତି ।

ପରିଷଦରେ ପୂରାସମୟ ପାଇଁ କାର୍ଯ୍ୟକରୁଥିବା କର୍ମକର୍ତ୍ତାଗଣଙ୍କ ବ୍ୟତୀତ କେତେକ ଶିକ୍ଷାଧିକାରୀ ରହିଥାନ୍ତି । ଜଣେ ସଚୀବ ପରିଷଦରୁ ମୁଖ୍ୟ କର୍ମକର୍ତ୍ତା ଏବଂ

ଜଣେ ପ୍ରବୀଣ ଶିକ୍ଷାଧିକାରୀଙ୍କ ନେତୃତ୍ୱରେ ମୂଲ୍ୟାୟନ ପାଇଁ କେତେକ ଶିକ୍ଷାଧିକାରୀ ଥାନ୍ତି । ଏହି ଶିକ୍ଷାଧିକାରୀଗଣ ସାଧାରଣତଃ ଶିକ୍ଷାଦାନରେ ଦୀର୍ଘ କାଳର ଅଭିଜ୍ଞତା ଓ ଶିକ୍ଷା-ସଂଚାରରେ ଖୁବ୍ ଆଗ୍ରହ ତଥା ଅନ୍ତର୍ଦୃଷ୍ଟି ଲାଭ କରିଥାନ୍ତି । ସେମାନେ କେବଳ ନୀତି ନିର୍ଦ୍ଧାରଣରେ ସଂପୃକ୍ତ ହୁଅନ୍ତି ନାହିଁ । ବିଦ୍ୟାଳୟଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସବୁ ସ୍ତରର ଶିକ୍ଷକମାନଙ୍କର ପ୍ରଶିକ୍ଷଣ ଓ ପ୍ରକାଶନ କାର୍ଯ୍ୟକ୍ରମରେ ସଂପୃକ୍ତ ହୋଇଥାନ୍ତି ।

ଆମଙ୍କୁ ସେଦିନ ଉକ୍ତ ଶିକ୍ଷାଧିକାରୀ କହିଲେ ଯେ ରେଡ଼ିଓ ଓ ଟେଲିଭିଜନ କାର୍ଯ୍ୟକ୍ରମ ପ୍ରସ୍ତୁତିରେ ପ୍ରଚୁର ଅର୍ଥବ୍ୟୟ ହେଉଥିଲେ ହେଁ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀମାନେ ସେଗୁଡିକର ସଦୁପଯୋଗ କରୁଥିବାରୁ ମୁଣ୍ଡପିଛା ଖର୍ଚ୍ଚ ରେଡ଼ିଓ କାର୍ଯ୍ୟକ୍ରମ ପାଇଁ ମାତ୍ର ୩ ପେନ୍ସ ଓ ଟେଲିଭିଜନ କାର୍ଯ୍ୟକ୍ରମ ପାଇଁ ୭ ପେନ୍ସ ହୋଇଥାଏ । ବିବିସିର ଶିକ୍ଷାଧୀକାରୀଗଣ ବିଲାତର ବିଭିନ୍ନ ଅଂଚଳରେ ଅବସ୍ଥାପିତ ହୋଇଥାନ୍ତି । ସେମାନେ ବିଦ୍ୟାଳୟରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚ଼ନା କରି ରେଡ଼ିଓ ଓ ଟେଲିଭିଜନ କାର୍ଯ୍ୟକ୍ରମଗୁଡିକର ମୂଲ୍ୟାୟନ ଏବଂ ଏଥିରୁ ସେଗୁଡିକର ଗୁଣାଗୁଣ ବିଚାର କରି ଭାବୀ କାର୍ଯ୍ୟକ୍ରମର ଉନ୍ନତି ପାଇଁ ପଦକ୍ଷେପ ନେଇଥାନ୍ତି ।

ଉକ୍ତ ଶିକ୍ଷାଧିକାରୀ ମତ ଦେଲେ ଯେ ବିଲାତରେ ସମସ୍ତ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ଉଭୟ ରେଡ଼ିଓ ଓ ଟେଲିଭିଜନ ଥିଲେ ହେଁ ଶିକ୍ଷାର ଉନ୍ନତି ପାଇଁ ରେଡିଓ ବ୍ୟବହାର ସୁଗମତା ଓ ବ୍ୟୟକ୍ଷମତା ଦୃଷ୍ଟିରୁ ଅଧିକ ସହାୟକ । ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଉପଯୁକ୍ତ ଓ ଉପଯୋଗୀ କାର୍ଯକ୍ରମ ପ୍ରସ୍ତୁତ ହେବା ନିତାନ୍ତ ଦରକାର । ଶିକ୍ଷକଙ୍କ ସହଯୋଗ ଓ ଆନ୍ତରିକତା କିନ୍ତୁ କାର୍ଯ୍ୟକ୍ରମର ସଫଳତା ଓ ସଦୁପଯୋଗ ପାଇଁ ଏକାନ୍ତ ଆବଶ୍ୟକ । ସେହି ଶିକ୍ଷାଧିକାରୀଙ୍କ ମତରେ ବିଲାତରେ ରେଡ଼ିଓ ଓ ଟେଲିଭିଜନ କାର୍ଯ୍ୟକ୍ରମ ଯଥାକ୍ରମେ ଶତକଡା ପ୍ରାୟ ୮୦ ଓ ୯୦ ଉପଯୋଗ ହେଉଛି । ରେଡ଼ିଓ ଓ ଟେଲିଭିଜନ କାର୍ଯ୍ୟକ୍ରମ ସଂଚାରଣ ସମୟରେ ବିଦ୍ୟାଳୟଗୁଡ଼ିକରେ ଯେତେ ପରିମାଣରେ ବ୍ୟବହୃତ ହୁଏ, ଟେପରେକର୍ଡର ଓ ଭିଡ଼ିଓ ରେକର୍ଡରେ ରେକଡିଂ କରାଯାଇ ସୁବିଧା ସୁଯୋଗ ଦେଖି ଅଧିକ ପରିମାଣରେ ବିନିଯୋଗ କରାଯାଇଥାଏ ।

ସେଠାରୁ ଫେରି ହଲ୍‌ରେ ଗୋଟିଏ ଟେଲିଭିଜନ ପୋଗ୍ରାମ ଦେଖିଲି । ତାହା ଥିଲା ତନାଘନା ଗାଡ଼ିଚାଳନା (Rash Driving) ଉପରେ । ଆମେ ତରତର ଗାଡି ଚଳାଇ କିପରି ବିପଦର ସମ୍ମୁଖୀନ ହେଉ, ସେହି ସମ୍ପର୍କରେ ଚେତାଇ ଦେବା ଥିଲା ଉକ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ । ୩ଟି ନିୟମକୁ ମାନିଲେ ଏହିସବୁ ଦୁର୍ଘଟଣା ବହୁ ସଂଖ୍ୟାରେ କମିଯିବ ବୋଲି

ସେଥିରେ କୁହାଗଲା । ଏକାଗ୍ରତା(Concentration), ବିଚାର (Consideration) ଓ ବିବେକ (Conscience) ଏହି ତିନୋଟି କଥା ପ୍ରତି ଧ୍ୟାନ ରହିଲେ ଦୁର୍ଘଟଣା ହ୍ରାସ ପାଇବ ବୋଲି ଦେଖାଇ ଦିଆଗଲା । କାର୍ଯ୍ୟକ୍ରମଟି ଖୁବ୍ ଶିକ୍ଷଣୀୟ ହୋଇଥିଲା ।

ତା'ପରେ ବିଲାତ ପାଇଁ ଗୋଟିଏ ଲିଖିତ ସଂବିଧାନ ହେଉ ବୋଲି ଟେଲିଭିଜନର ଏକ ଆଲୋଚନା ହୋଇଥିଲା । ସେଥିରେ ଜଣେ ବକ୍ତା ମତଦେଇ ଲିଖିତ ସଂବିଧାନ ନଥିବାରୁ ବିଲାତରେ ବିଭିନ୍ନ ପ୍ରକାର ବିଶୃଙ୍ଖଳା ହେଉଛି ବୋଲି କହିଥିଲେ । ଓକିଲ ତଥା ଆଇନ୍‌ଜୀବୀମାନଙ୍କର ପ୍ରାଧାନ୍ୟ ବଢ଼ି ଯାଉଛି ବୋଲି ଜଣେ ପୂର୍ବତନ ମନ୍ତ୍ରୀ ହେଲେସି ମତ ଦେଲେ । ବିଲାତ ସତେ ଯେମିତି ଧର୍ମଘଟ ଛଡା ବଂଚି ପାରିବ ନାହିଁ (England can't live without strikes) ଅର୍ଥାତ୍ ଧର୍ମଘଟ, ଶୋଭାଯାତ୍ରା, ବିକ୍ଷୋଭ ଇତ୍ୟାଦି ଇଂରେଜମାନଙ୍କ ଦୈନନ୍ଦିନ ଜୀବନର ଅନୁଭୂତି ! ଏ ସବୁ ନଥିଲେ ଯେମିତି ଜୀବନଟା ଶୁଷ୍କ ଓ ନୀରସ !!

ଜାନୁୟାରୀ ୩୦ ତାରିଖରେ ଆମେ ଆମ ଏକ କମ୍ପ୍ରିହେନ୍‌ସିଭ ସ୍କୁଲକୁ ବୁଲିଗଲୁଁ । ନା' ତାର କିନ୍‌ସଲେ ସ୍କୁଲ । ଏହାର ଶିକ୍ଷାଦାନ ଓ ଶିକ୍ଷା ବ୍ୟବସ୍ଥା ଏକ ସ୍ୱତନ୍ତ୍ର ଧରଣର । ଏଠାରେ ହେଉଥିବା ଶିକ୍ଷାଦାନ ସାଧନ-ଆଧାରିତ (Resource- based) ପ୍ରତ୍ୟେକ ପିଲା ନିଜର ବ୍ୟକ୍ତିଗତ ରୁଚି ଓ ସାମର୍ଥ୍ୟ ଅନୁସାରେ ଶିକ୍ଷା ଲାଭ କରିନ୍ତି । ଏହି ବିଦ୍ୟାଳୟର ସାଧନ-କେନ୍ଦ୍ର (Resource Centre) ଟି ଖୁବ୍ ବଡ ଓ ଉନ୍ନତ ଧରଣର । ରୋଟାରୀ, ଅଫ୍‌ସେଟ ମୁଦ୍ରଣ ଯନ୍ତ୍ର (Modern reprographic machines) ରହିଛି । ଟେପ୍ ରେକର୍ଡ଼ର, ଭିଡ଼ିଓ ରେକର୍ଡ଼ର, ସ୍ଲାଇଡ ଓ ଫିଲମ୍ ପ୍ରୋଜେକ୍ଟର, ଓଭର ହେଡ ପ୍ରୋଜେକ୍ଟର, ରେଡ଼ିଓ ଓ ଟେଲିଭିଜନ ପ୍ରଭୃତି ବହୁ ଶ୍ରବ୍ୟଦୃଶ୍ୟ ସାମଗ୍ରୀ ଓ ସରଞ୍ଜାମ ରଖାଯାଇଛି । ଛାତ୍ରଛାତ୍ରୀଗଣ ନିଜ ରୁଚି ଓ ଇଚ୍ଛା ଅନୁସାରେ ଏହିସବୁ ସମ୍ବଳ ଓ ସାଧନ ସଦୁପଯୋଗ କରନ୍ତି ଓ ଶିକ୍ଷକ ଶିକ୍ଷିକାଗଣ ସ୍ପଷ୍ଟୀକରଣ ତଥା ଦିଗ୍‌ଦର୍ଶନ ଦେବାକୁ ଥା'ନ୍ତି । କେଉଁ ବିଷୟ ବା ପ୍ରସଙ୍ଗରେ କେଉଁ ଟେପ୍ ଓ ଭିଡିଓ କ୍ୟାସେଟ ବା ଫିଲ୍ମ ଅଛି, ଶୀର୍ଷକ କହିଲେ, ଛାତ୍ରଛାତ୍ରୀମାନେ ସେଗୁଡିକ ବ୍ୟବହାର କରି ଶିକ୍ଷା ଲାଭ କରିଥାନ୍ତି ।

ସେଠାରେ ମୋଟ ଛାତ୍ରଛାତ୍ରୀ ସଂଖ୍ୟା ୧୧୦୦ ଓ ୭୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୁବକ ଯୁବତୀ ଆଧୁନିକ ଯୁଗର ଶିକ୍ଷଣ ଓ ଅଧ୍ୟାପନା ପାଇଁ ସେମାନେ ଯେପରି ପ୍ରସ୍ତୁତ ହେଉଛନ୍ତି । ନୂତନ ପଦ୍ଧତିରେ ଶିକ୍ଷାଦାନ ଚାଲିଛି । ପିଲାମାନେ ମଧ୍ୟ ସ୍ୱାଧ୍ୟାୟନ (Self-Study) ଉପରେ ଅଧିକ ନିର୍ଭରଶୀଳ । ବହୁ ପାଠ୍ୟକ୍ରମ ସଂପର୍କରେ ଆଲୋଚନା ଓ ତର୍କ ପ୍ରଭୃତି ଚାଲେ । ତେଣୁ ସେଠାରେ ଜଣେ ଶିକ୍ଷକ କହିଲେ-

ଆମର ଏଠାରେ ପାଠପଢ଼ା ସଭା ସମିତି ଜରିଆରେ ଚାଲେ । (Our School is run by meetings) । ଏହି ସ୍କୁଲ୍‌ରେ ଜଣେ ପ୍ରଧାନ ଶିକ୍ଷକ, ୨ଜଣ ସହକାରୀ ପ୍ରଧାନ ଶିକ୍ଷକ, ଜଣେ ଗ୍ରନ୍ଥାଗାରିକ ଓ ଜଣେ ସାଧନ ମାଧ୍ୟମ ଅଧିକାରୀ (Resource Media Officer) ଅଛନ୍ତି । ସବୁ ସ୍ତରରେ ସେଠାରେ ଯେପରି ଆତ୍ମୋନ୍ନତିର ଓ ଆତ୍ମପ୍ରତିଷ୍ଠା ପାଇଁ ସବୁ ପ୍ରକାର ଉଦ୍ୟମ ଚାଲେ ।

ଆମକୁ ସବୁଆଡେ ବୁଲାଇ ସହକାରୀ ପ୍ରଧାନଶିକ୍ଷକ ସବୁଦେଖାଇଲେ । ବିଦ୍ୟାଳୟଟି ଏକ ବିରାଟ କର୍ମଶାଳା ବା କାରଖାନା ପରି ବୋଧ ହେଲା । ନାନା ପ୍ରକାର ଯନ୍ତ୍ରପାତିରେ ସବୁ ବିଭାଗ ଭରପୂର । ଛାତ୍ରଛାତ୍ରୀମାନେ ମଧ୍ୟ ଖୁବ୍ କର୍ମରତ । ଆଧୁନିକ ଯୁଗର ଆହ୍ୱାନକୁ ସମ୍ମୁଖୀନ ହେବା ପାଇଁ ସେମାନେ ପ୍ରସ୍ତୁତ । ଆଜିର ଜ୍ଞାନ ବିସ୍ଫୋରଣ ସହିତ ତାଳ ଦେଇ ସେମାନେ ଆଗେଇ ଚାଲିଛନ୍ତି । ସେମାନେ ଏକବିଂଶ ଶତାବ୍ଦୀର ନାଗରିକ ହେବାକୁ ଗଢ଼ା ହେଉ ଥିଲାବେଳେ ଆମେ ସେହି ଊନବିଂଶ ଶତାବ୍ଦୀର ଶିକ୍ଷାପ୍ରଣାଳୀ ଓ ଶିକ୍ଷଣ ପରିବେଶରେ ଅଛୁଁ । ଆମର ଅଧିକାଂଶ ବିଦ୍ୟାଳୟର ଭୌତିକ ସୁବିଧା ସୁଯୋଗର ନିତାନ୍ତ ଅଭାବ ଏବଂ ଶିକ୍ଷକମାନେ ସେଇକଥା ଓ କଳାପଟା "Chalk and Talk" ସର୍ବସ୍ୱ ହୋଇ ରହିଛନ୍ତି । ନୂତନ ଯୁଗର ଆହ୍ୱାନ କେବେ ସେମାନଙ୍କର କର୍ଣ୍ଣଗୋଚର ହେବ ? ନବୀନ ସୂର୍ଯ୍ୟର କନକ କିରଣ କେବେ ସେମାନଙ୍କୁ ସ୍ପର୍ଶ କରିବ ? ଆମ ପିଲାମାନେ କେବେ ହସିବେ ?

□□□

# ଅଧ୍ୟାୟ-୯

## ସୁନେଲି ସୂର୍ଯ୍ୟକିରଣର ସ୍ମୃତି

୧୯୭୯ ଜାନୁୟାରୀ ୨୯ ତାରିଖ । ବାହାରେ ଭୀଷଣ ଥଣ୍ଡା । ନିଜ ଭିତରେ ବି ଖୁବ୍ ଥଣ୍ଡା । ଭାରି ଖରାପ ଲାଗୁଛି । ସମ୍ଭବତଃ ଦେହରେ ଜ୍ୱର କେତେ ଡ଼ିଗ୍ରୀ ହେବ । ସକାଳ ଜଳଖିଆ ପରେ ଗୋଟିଏ ଆନାସିନ୍ ସାଥିରେ କପେ ଚା' ପିଇଲି ।

ମୋର ବି,ଇଡି ସହପାଠିନୀ ସ୍ନେହ ଲଣ୍ଡନରେ ଥିଲା ବେଳେ ବ୍ରିଟିଶ କାଉନସିଲର ଗୋଟିଏ ପାଠ୍ୟକ୍ରମରେ ଯୋଗଦେବାକୁ ଖୁବ୍ ଇଚ୍ଛା ପ୍ରକାଶ କରିଥିଲେ । ମୁଁ କୋର୍ସ ଡାଇରେକ୍ଟର ମି.ପିଟର କିଙ୍ଗଙ୍କ ସହିତ କଥାବାର୍ତ୍ତା କଲି । ସେ ଆବଶ୍ୟକ ଫର୍ମସବୁ ଦେଲେ । କିନ୍ତୁ ଇଂଲଣ୍ଡରେ ରହିଥିବା ଭାରତୀୟ ରାଷ୍ଟ୍ରଦୂତଙ୍କ ଅଫିସ୍ ଜରିଆରେ ତାହା ତାଙ୍କ ପାଖକୁ ଆସିବା ଉଚିତ ବୋଲି ସେ କହିଲେ ।

ସ୍ନେହଙ୍କ ସ୍ୱାମୀ ବ୍ରହ୍ମାନନ୍ଦବାବୁ ରାଷ୍ଟ୍ରଦୂତ ଅଫିରେ ଅଡିଟି ଅଫିସରେ ଥିବାରୁ ସହଜରେ ତାହା ହୋଇପାରିବ ବୋଲି ଆଶାକରି ମୋତେ ସେ ପ୍ରତିଶ୍ରୁତି ଦେଲେ । ମାତ୍ର ସରକାରୀ କାଇଦା କଟକଣା ଭିତରେ ଇଂଲଣ୍ଡର ପ୍ରସିଦ୍ଧ ମୁକ୍ତବିଶ୍ୱବିଦ୍ୟାଳୟ (Open University) ରେ ନାମ ଲେଖାଇ ଗୋଟିଏ ପାଠ୍ୟକ୍ରମ ଶେଷ କରିଥିଲେ ।

ତା' ଆରଦିନ ଖୁବ୍ ବର୍ଷା । ଦେହ ବି ମୋର ଭାରି ଖରାପ । ଭିକ୍ସ ମାଲିସ୍ କରି ଗରମ ପାଣି ମୁଣି (Hot Water Bag) ରେ ଦେହକୁ ଟିକିଏ ସେକି ଦେଲି । ଭଲ ଲାଗିଲା ।

ଗୃହକର୍ତ୍ତ୍ରୀଙ୍କର ବିଶ୍ୱସ୍ତ ଭୃତ୍ୟ ଡେସ୍ ଆସି ପଚାରିଲେ- ଦେହପା କିପରି ଅଛି ମିଷ୍ଟର ମହାନ୍ତି ?

ମୁଁ ଉତ୍ତର ଦେଲି-ଥଣ୍ଡାଜ୍ୱର ହୋଇଛି । ଦେହ ଭଲ ଲାଗୁନି ।

ଡେସ୍ ହସି ହସି ଜଣାଇ ଦେଲେ-ଆପଣ ଜାଣନ୍ତି କି ନାହିଁ ମେଣ୍ଢା ମାଂସ ସାଥିରେ ଲେମ୍ବୁରସ ଦେଇ ଖାଇଲେ ଥଣ୍ଡା ଭଲ ହୋଇଯାଏ (Lamb with lemon is good for cold) ।

ମୁଁ କଥାଟି ଧରି ପାରିଲି ନାହିଁ । ଡେସ୍ ଏହା ଠଉରାଇ କହିଲେ-ଆମର ମେଣ୍ଢାମାଂସ ଆଜି ରୋଷେଇ ହୋଇଛି । ତା ସାଥିରେ ଲେମ୍ବୁରସ ଲଗାଇ ଖାଇଲେ ଥଣ୍ଡା ଭଲ ହୋଇଯିବ ।

ମୁଁ ହସି କରି କହିଲି- ଦେହ ପାଇଁ ଯଦି ଔଷଧଟା ତୁମ ତରଫରୁ ମିଳିପାରିବ, ଭଲକଥା । ଠିକ୍ ଅଛି, ଧନ୍ୟବାଦ !

ଡେସ୍ ସଙ୍ଗେ ସଙ୍ଗେ ଗୋଟିଏ ପ୍ଲେଟରେ ଆଳୁ ଭଜା ସାଥିରେ ଚେକିଚେକି ହୋଇ ପତଳା ସିଝା ମେଣ୍ଢାମାଂସ (ଆଳୁ ଚିପ୍‌ସ ପରି) ଆଣି ଦେଲେ । ଖଣ୍ଡେ ଦିଖଣ୍ଡ ଲେମ୍ବୁ ମଧ ସେ ଦେଇଥିଲେ ।

ମୁଁ ଲେମ୍ବୁରସ ଦେଇ ଖାଇଲି । ଭଲ ଲାଗିଲା । ପ୍ଲେଟ ଧୋଇସାରି ଗୃହକର୍ତ୍ତ୍ରୀଙ୍କୁ ଫେରାଇ ଦେଲି । ଧନ୍ୟବାଦ ଜଣାଇଲି । ସେ ମଧ ମେଣ୍ଢା ମାଂସ ଓ ଲେମ୍ବୁ ରସ ସଂପର୍କରେ ନାତିଦୀର୍ଘ ବକ୍ତୃତାଟିଏ ଦେଲେ ।

ସଂଧ୍ୟାକୁ ବ୍ରହ୍ମାନନ୍ଦବାବୁ ଓ ତାଙ୍କ ସ୍ତ୍ରୀ ଆସି ପହଞ୍ଚିଲେ । ମୋତେ ଅଣ୍ଡାଜ୍ୱର ହେବା କଥା ଆଗରୁ ଜାଣିଥିଲେ । ସାଥିରେ କିଛି ଔଷଧ, କେତେ ଖଣ୍ଡ ପୂରୀ, କିଛି ଡାଲମା ଓ କିଛି ପାୟସ ଆଣିଥିଲେ । ନିଜ ପାଟିକୁ ଭଲ ଲାଗୁ ନଥିଲେ ହେଁ କିଛି ଖାଇଲେ ଔଷଧ ବ୍ୟବହାର କରିବାକୁ ହେବ ବୋଲି ସେମାନେ କହିଲେ ।

ମୁଁ ତେଣୁ ସେଥିରୁ କିଛି ଖାଇଲି । ବାକୀତକ ମଣିପୁର ବଂଧୁ ମଣିସିଂହଙ୍କୁ ଦେଲି । ମୁଁ ଔଷଧ ଖାଇଲି । କ୍ରମେ ଭଲ ଲାଗିଲା ।

ଫେବୃୟାରୀ ୪ତାରିଖ । ରବିବାର ଦିନ ମୁଁ ଜଳଖିଆ ଖାଇ ଟେଲିଭିଜନରେ ମୁକ୍ତ ବିଶ୍ୱବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମଗୁଡିକ ଦେଖୁଛି । ଫୋନ୍ ଆସିଲା । ବ୍ରହ୍ମାନନ୍ଦବାବୁ କହିଲେ ଯେ ୧ ୨ଟା ବେଳକୁ ତାଙ୍କ ଘରଠାକୁ ଗଲେ ସାଥିହୋଇ କୈଳାସବାବୁ (କଟକର ପ୍ରସିଦ୍ଧ ଚାର୍ଟାଡ ଆକାଉଣ୍ଟାଣ୍ଟ ଶ୍ରୀ ହୃଦାନନ୍ଦ ନାୟକଙ୍କ ଜ୍ୱାଇଁ ଲଣ୍ଡନରେ ଡାକ୍ତର ଥିଲେ) ଙ୍କ ଘରକୁ ଯିବୁ । ତାଙ୍କ ଘର ରବିବାସରୀୟ ବଂଧୁ ମିଳନ ହେବ ।

ମୁଁ ଜାଣେ ପ୍ରାୟ ଅଧିକାଂଶ ରବିବାରରେ ଓଡିଆ ବଂଧୁମାନଙ୍କ ଘରେ ପାଳି କରି ଏମିତି ଭୋଜି ସମ୍ଭାଷଣ ଆସର ଜମେ ।

ସେଦିନ ମୁଁ ଯଥା ସମୟରେ ବ୍ରହ୍ମାନନ୍ଦ ବାବୁଙ୍କ ଘରେ ପହଞ୍ଚିଲି । ସେଠାରେ କିଛି କେକ୍ ସାଥିରେ ଚା'ପାନ କରି ଆମେ ସାଥିହୋଇ କୈଳାଶବାବୁଙ୍କ ଘରକୁ ଗଲୁ । ସେଠାରେ କଥାବାର୍ତ୍ତା, ହସଖୁସି,. ଟେଲିଭିଜନ ଦେଖା, ଟେପରୁ ଗୀତ ଶୁଣା ଇତ୍ୟାଦି ଚାଲିଲା.। କୈଳାସ ବାବୁଙ୍କ ସ୍ତ୍ରୀ ତ ଖୁବ୍ ସ୍ନେହୀ ଓ ଅତିଥିବତ୍ସଳା । ସେ ନିଜ ହାତରେ ନାନା ପ୍ରକାର ସୁସ୍ୱାଦ ଖାଦ୍ୟ ରୋଷେଇ କରିଦେଲେ । ଖାଦ୍ୟ ସବୁ ବଢ଼ାହେଲା । ଆମେ ସମସ୍ତେ ବସିଲୁ । ଭେଜିଟେବୁଲ୍ ପଲାଉ, ବାଇଗଣ ଦହି , ଚିକିନ୍, ଟମାଟୋ ଖଟା, କୋବି ମଟର

ତରକାରୀ, ପାମ୍ପଡ଼ ପ୍ରଭୃତି କେତେ କ'ଣ ! ସମସ୍ତେ ଭୁରି ଭୋଜନ କଲେ । ତା ପରେ ପୁଣି ଚା' ପାନ ଟି.ଭି. ଦେଖା କିଛି ସମୟ ଚାଲିଲା । ଘର ଭିତରେ ଫ୍ଲାସଗନ୍ ଲଗାଇ କେତେକ ଫଟୋ ଉଠାହେଲା । ରାତ୍ରି ୭ଟାରେ ସେଠାରୁ ଫେରିଲୁ ।

ବିଲାତରେ ତ ଅନେକ ସମୟ ଧର୍ମଘଟ ଚାଲିଥାଏ । କେତେବେଳେ କୋଇଲା ଖଣି ଶ୍ରମିକ ତ କେତେବେଳେ ରେଳଗାଡ଼ିର କର୍ମଚାରୀ, କେତେବେଳେ ଛାତ୍ରଛାତ୍ରୀ ତ କେତେବେଳେ ଶିକ୍ଷକମାନଙ୍କ ଧର୍ମଘଟ ଚାଲିଥାଏ । ତେଣୁ କୁହାଯାଏ, ଇଂଲଣ୍ଡ ଧର୍ମଘଟ ବିନା ବଂଚି ପାରିବ ନାହିଁ । (England Canot live without strikes) । ସେତେବେଳେ ଗୋଟିଏ ପ୍ରସ୍ତାବ ଆସିଲା ଯେ ବିଲାତରେ ଅଲିଖିତ ସଂବିଧାନ ପରିବର୍ତ୍ତେ ଲିଖିତ ସଂବିଧାନ ଚାଲୁ ହେଉ । ଟେଲିଭିଜନରେ ଏକ ଘମାଘୋଟ ଆଲୋଚନା ଚାଲିଲା । ସେଥିରେ ମତପ୍ରକାଶ ପାଇଲା ଯେ ଏହା ଫଳରେ ଇଂଲଣ୍ଡରେ ଓକିଲମାନର ରାଜୁତି ବଢ଼ିଯିବ England will be a paradise for lawyers । ସଂଖ୍ୟାନ୍ୟୂନ ସରକାର ଆଇନ୍ କରି ସଂଖ୍ୟାଧିକ ଲୋକଙ୍କ ଉପରେ ଲଦି ଦେଉଛନ୍ତି ବୋଲି ସମାଲୋଚନା ହେଲା । ବ୍ରିଟିଶ ଗଣତନ୍ତ୍ରର ଗୁଣାଗୁଣ ସଂପର୍କରେ ଖୁବ୍ ଆଲୋଚନା ଚାଲିଲା ।

ତା ଆର ଦିନ ରବିବାର ଫେବୃୟାରୀ ୧୧ ତାରିଖ । ସାହେବ ବନ୍ଧୁ ପେଣ୍ଡ୍ରିଡ଼ ତାଙ୍କ ଘରକୁ ଆଉ ଥରେ ନିମନ୍ତ୍ରଣ କରିଥିଲେ । ତାଙ୍କ ଗାଡ଼ିରେ ସେ ଆମଙ୍କୁ (ମୋତେ, ଡକ୍ଟର ସିଂହ ଓ ମିସ୍ ରାଓତ୍) ନେଇ ଥିଲେ । ପ୍ରଥମେ ସେ ଚା' ବିସ୍କିଟ ଦେଇଥିଲେ । ତା ପରେ ମଶୁର ଡାଲିର ସୁପ୍ ଓ ଗୋଲ ରୁଟିରେ ଲହୁଣୀ ଲଗାଇ ଖାଇବାକୁ ଦେଲେ । ତାଙ୍କ ସ୍ତ୍ରୀ କୋରୋଲ୍ ରୋଷେଇ କରିବାରେ ବ୍ୟସ୍ତ । ତେବେ ସେ ମଝିରେ ମଝିରେ ଆସି ସାଥିରେ ଗପସପ ହୋଇ ଯାଉଥିଲେ ।

ରୋଷେଇ ସରିଲା । ଟେବୁଲ ଉପରେ ଖାଦ୍ୟ ପ୍ରସ୍ତୁତ ଖାଦ୍ୟମାନ ସଜାଇ ରଖାଗଲା । ଭାତ, ରୋଟି, ଚିକିନ୍ କରି (Curry) ମଟର ଆଳୁ, ମକା ସିଝା ପ୍ରଭୃତିରୁ ଯେ ଯେତେ ଖାଇଲେ । ତା ପରେ ଫଳ ସାଥିରେ କ୍ରିମ୍ ମିଶାଇ ଖାଇବାକୁ ଦିଆଗଲା । ସେମାନେ ବି.ବି.ସି.ର ଏନ୍ତୁଡ଼ିଶାଳ-ଆଲେକ୍ଜାଣ୍ଡ୍ରିଆ ପାଲେସ୍କୁ ବୁଲାଇ ନେଲେ । ସେଠାରେ ସାମାଜିକ ପରିବର୍ତ୍ତନ ଶୀର୍ଷକ ଏକ ଟେଲିଭିଜନ ପ୍ରୋଗ୍ରାମ ଭିଡ଼ିଓରେ ଦେଖାଇଲେ । ଗୋଟିଏ ଉତ୍ତର ଭାରତର ଗାଁ (ବାରଣାସୀ ପାଖ)ରେ କିପରି ରାଜନୈତିକ ଶକ୍ତି ତଥା ଦଳର ପ୍ରଭାବରେ ବହୁ ପରିବର୍ତ୍ତନ ସଂଘଟିତ କରାଯାଇ ପାରିଛି, ଦେଖାଗଲା ।

ଆଲେକ୍ଜାଣ୍ଡ୍ରିଆ ପାଲେସ ଏକ ଭିକ୍ଟୋରିୟାନ୍ ପ୍ରାସାଦ । ଏହା ଚାରିଶ' ବର୍ଷ ତଳର ଏକ ଉନ୍ନତ ଓ ଆଡ଼ମ୍ବରପୂର୍ଣ୍ଣ ରାଜନ୍ୟ ଅଟ୍ଟାଳିକା । ସେଠାରେ ପ୍ରଥମେ ବି.ବି.ସି.ର

ରେଡ଼ିଓ କାର୍ଯ୍ୟକ୍ରମ ସଂପ୍ରସାରିତ ହୋଇଥିଲା । ମୁକ୍ତ ବିଦ୍ୟାଳୟ ପାଇଁ କାରୋଲ ଅନେକ ଟେଲିଭିଜନ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥାନ୍ତି ।

ପେଣ୍ଡ୍ରେଡ୍‌ଙ୍କ ସହିତ ବିଲାତର ସଂସ୍କୃତି ସଂପର୍କରେ ଆଲୋଚନା କଲାବେଳେ ସେ କହିଲେ ଯେ ପିଲାମାନଙ୍କୁ ସେଠାରେ ସବୁଠାରୁ ଅଧିକ ବ୍ୟୟସାପେକ୍ଷ ବୋଲି ଧରାଯାଏ (Children are found to be the most expensive items) କିନ୍ତୁ ପିଲାମାନଙ୍କୁ କେତେକ ଆନନ୍ଦରେ ଗ୍ରହଣ କଲାବେଳକୁ ଅନେକେ ସେମାନଙ୍କୁ ଅବାଞ୍ଛିତ ବୋଝ (Undesirable burden) ଭାବରେ ବିଚାର କରୁଛନ୍ତି । ସାମାଜିକ ନିରାପତ୍ତା ଅଧିକ ମିଳିବାରୁ ଭବିଷ୍ୟତ ଉତ୍ତରାଧିକାରୀ ହିସାବରେ ନିଜର ପିଲାମାନଙ୍କ ଠାରୁ ବେଶୀ ଆଶା କରାଯାଉ ନାହିଁ । ବରଂ ମଉଜମଜଲିସ  କରି, ଆନନ୍ଦରେ ଜଞ୍ଜାଳହୀନ ଜୀବନ ଯାପନ କରିବାକୁ ସମସ୍ତେ ଚାହୁଁଛନ୍ତି । ଯୌନ ସୁଖ ପାଇଁ  ଦାମ୍ପତ୍ୟ  ଜୀବନର ଆବଶ୍ୟକତା ନାହିଁ । ନିଷ୍ଫଳ ଆନନ୍ଦ ଉପଭୋଗ (Pleasure without result) ହିଁ ଅନେକଙ୍କର କାମ୍ୟ ହେଉଛି । ସ୍ତ୍ରୀ ଲୋକମାନେ ବିବାହକୁ ଏକ ବନ୍ଧନ ବୋଲି ଭାବୁଛନ୍ତି ।

ବିଲାତରେ ଏବେ ପ୍ରବଳ ବରଫ ବର୍ଷାଲାଗି ରହିଛି । ଗଣ ମାଧ୍ୟମରେ କୁହାଯାଉଛି ଇଂଲଣ୍ଡ ଏବେ ଗଭୀର ହୀମଶୀତଳ ମଧ୍ୟରେ ନିମଜ୍ଜିତ ( England is now in deep freeze) । ସବୁଆଡେ ଏଥିପାଇଁ ବିଶୃଙ୍ଖଳା ଓ ବ୍ୟାଘାତ । ଫସଲ କ୍ଷତି, ପନିପରିବା ନଷ୍ଟ ରାସ୍ତାଘାଟ ବନ୍ଦ, କୁକୁଡା ପ୍ରଭୃତି ଗୃହପାଳିତ ପଶୁ ମରୁଛନ୍ତି । ଚର୍ତୁଦିଗ  ହିମଶୀତଳ ଆଉ ଧବଳ ବରଫର ଘନ ଆସ୍ତରଣରେ ଆଚ୍ଛନ୍ନ !

ବିଲାତରେ ଦୀର୍ଘ ୧୮ ବର୍ଷ ମଧ୍ୟରେ ଏପରି ହିମଶୀତଳ ଅବସ୍ଥା ଆଉ କେବେ ହୋଇ ନଥିଲା । ସେ ଦେଶର ବରଫ ମନ୍ତ୍ରୀ ( Snow Minister) ହେଲିକପ୍‌ଟରରେ ବୁଲି ଦୁର୍ଦ୍ଦଶାଗ୍ରସ୍ତ ଅଞ୍ଚଳମାନ ଦେଖି ବିପନ୍ନଙ୍କ ଉଦ୍ଧାର ଓ ସାହାଯ୍ୟ ଦାନ କାର୍ଯ୍ୟର ତଦାରଖ କରୁଥିଲେ । ଲଣ୍ଡନ ପାଖ ରାସ୍ତାରେ ୯ଫୁଟ ଉଚ୍ଚରେ ବରଫ ଲଦି ହୋଇ ରହିଥିଲା । ଯାନବାହନର ଚଳାଚଳ ପାଇଁ ରାସ୍ତା ସଫା କରିବାକୁ ହଜାର ହଜାର ଲୋକ ଦିନ ରାତି ଲାଗିଥିଲେ । ରାସ୍ତା ଉପରେ କାଉ୍ସବୁ ବରଫ ଭିତରେ ପୋତି ହୋଇ ପଡ଼ିଥିଲା ।

ସେତେବେଳେ ଟେଲିଭିଜନରେ ବରଫ ବର୍ଷାଜନିତ ଦୁର୍ଦ୍ଦଶାର ଚିତ୍ର ଅନେକ ସମୟରେ ପରିଦୃଷ୍ଟ ହେଉଥିଲା । ଥରେ ଥରେ ଟ୍ରକ୍, ବସ୍, ପ୍ରଭୃତି ମଧ୍ୟ ସ୍କଟଲ୍ୟାଣ୍ଡ ପ୍ରଭୃତି ଅଂଚଳରେ ବରଫ ମଧ୍ୟରେ ବୁଡି ରହିବାର ଦେଖାଯାଉଥିଲା । ଡ୍ରାଇଭରମାନେ ହତାଶ ହୋଇ ସେ ସବୁ ଗାଡିର ଚାବି ଥାନାରେ ଜିମା ଦେଇ ଫେରି ଆସୁଥିଲେ । କ୍ରେନ୍ ପରି ଯନ୍ତ୍ର ଖଞ୍ଜାହୋଇ ବଡ ବଡ଼ ଗାଡ଼ି ବରଫ ସଫା କରିବାରେ ନିଯୁକ୍ତି ହୋଇଥାନ୍ତ ।

ବିଲାତରେ ଅତିରିକ୍ତ ଶୀତଳ ପାଗ ହୋଇ ଥିବାରୁ ସୂର୍ଯ୍ୟକିରଣ ପଡିଲେ ଲୋକମାନଙ୍କ ଆନନ୍ଦ ସୀମା ଟପିଯାଏ । ସେମାନେ ତୃଷାର୍ତ୍ତଙ୍କ ପରି ବାହାରକୁ ଚାଲି ଆସୁଥିଲେ । ରିସେସ ବା ଲଞ୍ଚ ସମୟରେ ଅଫିସ୍ ଛାଡ଼ି ଅନେକେ ବାହାରକୁ ଚାଲି ଆସୁଥିଲେ । ପାକରେ ତ ଦେଖିବ ଲୋକଙ୍କ ଭିଡ । ସତେ ଯେମିତି ହାଟ କି ମେଳା ବସିଛି । ଦଳ ଦଳ ହୋଇ ଲୋକେ ଯାଉଥିବେ ଓ ଆସୁଥିବେ । ଫୋଲଡିଙ୍ଗ କାଠ ଚେୟାର ଖଣ୍ଡକୁ ୫୦ ପେନ୍ସରୁ ୧ ପାଉଣ୍ଡ ଭଡା । ସେ ବି ସମୟରେ ଅଭାବ ପଡେ । ଉଷୁମ ଖରା ସତେ ବିଲାତର ଥଣ୍ଡା ପାଗରେ କି ଅଭାବନୀୟ, କି ଲୋଭନୀୟ ! ତାକୁ ପାଇବା ପାଇଁ ଲୋକମାନଙ୍କର କି ଆକୁଳ ପ୍ରତୀକ୍ଷା !! ଭୋକ ଶୋଷ ଭୁଲି କେତେକ ଘାସ ପଡ଼ିଆ ଉପରେ ଘଣ୍ଟା ଘଣ୍ଟା ଧରି ପଡି ରହନ୍ତି ଯେମିତି ଆମ ଦେଶରେ ମଇଁଷିମାନେ ଖରାଦିନେ ପାଣିରେ ପଡିରହିଥାନ୍ତି । ସେତେବେଳେ ଆମ ଦେଶର ସୁନେଲି ସୂର୍ଯ୍ୟକିରଣର ସ୍ମୃତି ମନକୁ ସ୍ନେହସିକ୍ତ ମୋହମୁଗ୍ଧ ଓ ସ୍ୱପ୍ନିଳ କରି ତୋଳେ ।

□□□

# ଅଧ୍ୟାୟ -୧୦

## ଆଶା, ଆନନ୍ଦ ଓ ଆଲୋକର ଉତ୍ସ

ବିଲାତରେ ରେଡ଼ିଓ, ଟେଲି ଭିଜନ, ସମ୍ବାଦପତ୍ର ଆଦି ଗଣ ମାଧ୍ୟମର ପ୍ରସାର ଦେଖିଲେ ଅବାକ୍ ହେବାକୁ ପଡ଼େ । ସେଠାରେ ରେଡ଼ିଓ ଓ ଟେଲିଭିଜନ ସଂସ୍ଥା ବି.ବି.ସି (British Broad casting Corporation) ଏକ ପୃଥିବୀ ପ୍ରସିଦ୍ଧ ସଂଗଠନ । ତାର ଦକ୍ଷତା, ନିରପେକ୍ଷତା ଓ ଉଚ୍ଚ ମାନ (Standard) ସର୍ବଜନ ବିଦିତ । ଏହାର କାର୍ଯ୍ୟକ୍ରମ ପ୍ରସ୍ତୁତି କେନ୍ଦ୍ର (Studio) ପ୍ରଭୃତି ଦେଶର ବିଭିନ୍ନ ସ୍ଥାନରେ ସ୍ଥାପିତ । ସରକାରଙ୍କ ମନୋନୀତ ସଭ୍ୟମାନେ ଗୋଟିଏ ପରିଚାଳନା ସମିତିରେ ରହି ବିବିସିର ନୀତି ନିର୍ଦ୍ଧାରଣ ଓ ନିର୍ଦ୍ଦେଶନା କାର୍ଯ୍ୟ କରୁଥିଲେ ସୁଦ୍ଧା ସେମାନେ ଏ କ୍ଷେତ୍ରରେ ସଂପୂର୍ଣ୍ଣ ସ୍ୱାଧୀନତା ଉପଭୋଗ କରିଥାନ୍ତି । ସରକାର ଏଥିରେ କୌଣସି ହସ୍ତକ୍ଷେପ କରିପାରନ୍ତି ନାହିଁ ଏବଂ କେତେବେଳେ ଅନ୍ୟାୟ ଭାବରେ କରିବାକୁ ଚାହିଁଲେ ତାର ଦୃଢ଼ ପ୍ରତିରୋଧ କରାଯାଏ ।

ବି.ବି.ସି.ର ଆଉ ଗୋଟିଏ ବିଶେଷତ୍ୱ ହେଲା ଏହାର ରେଡ଼ିଓ ଓ ଟେଲିଭିଜନ କାର୍ଯ୍ୟକ୍ରମ ମାଧ୍ୟମରେ କୌଣସି ପ୍ରକାର ପ୍ରଚାର ଓ ବିଜ୍ଞାପନ କରାଯାଏ ନାହିଁ । ଫଳରେ ଏହି ସୂତ୍ରରୁ ରେଡିଓ ଓ ଟେଲିଭିଜନ ସଂସ୍ଥା ପ୍ରଚୁର ଅର୍ଥ ଉପାର୍ଜନ କଲାବେଳେ ବିବିସି ଏହାଠାରୁ ବହୁ ଉର୍ଦ୍ଧ୍ୱରେ । ତେଣୁ ଟେଲିଭିଜନ ଲାଇସେନ୍‌ସ ମାଧ୍ୟମରେ ଏହାର ନିଜ ଆୟର ଅଧିକାଂଶ ଭାଗ ଲାଭ କରିଥାଏ । ମାତ୍ର ରେଡିଓ ଉପରେ କୌଣସି ଲାଇସେନ୍‌ସ କରିବାକୁ ପଡେ ନାହିଁ ।

ବିଲାତ ସରକାର ବି.ବି.ସିକୁ କେତେକ ଅନୁଦାନ ପ୍ରଦାନ କରନ୍ତି । ମାତ୍ର ତା ଉପରେ କୌଣସି ନିୟନ୍ତ୍ରଣ ରଖନ୍ତି ନାହିଁ । ଏହା ସରକାରଙ୍କର ମୁଖପାତ୍ର ଭାବରେ କାର୍ଯ୍ୟ କରେନାହିଁ । ସରକାରୀ ନୀତି ଓ ପ୍ରକଳ୍ପ ସଂପର୍କରେ ଜନସାଧାରଣକୁ ଜଣାଇବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେବାରେ ଏହା ହେଳା କରେ ନାହିଁ । କିନ୍ତୁ ଏହା ଯଥାସମ୍ଭବ ନିରପେକ୍ଷ ଓ ନିର୍ବ୍ୟକ୍ତିକ ରହିଥାଏ । ବିଭିନ୍ନ ରାଜନୈତିକ ଓ ଧାର୍ମିକ ଗୋଷ୍ଠୀକୁ ଏହା ସମାନ ସୁଯୋଗ ଓ ଅଧିକାର ପ୍ରଦାନ କରିଥାଏ । କୌତୂହଳର ବିଷୟ ଯେ ପ୍ରତ୍ୟେକ ଦଳ ଏପରିକି ସରକାରୀ ଦଳ ମଧ୍ୟ ଅନେକ ସମୟରେ ଅଭିଯୋଗ କରେ, ତାଙ୍କୁ ବିବିସିରୁ ଯଥେଷ୍ଟ ସୁବିଧା ସୁଯୋଗ ମିଳୁନାହିଁ ।

ରେଡିଓ କାର୍ଯ୍ୟକ୍ରମ ପାଇଁ ବିବିସିର ଚାରୋଟି ସଂଚାରଣ -ଧାରା (Channles) ରହିଛି । ପ୍ରଥମଧାରା ବା ଚାନେଲ ଲୋକପ୍ରିୟ ସଂଗୀତ (Pop Music) ଅଧିକ ଭାବରେ ସଂପ୍ରସାରଣ କରେ ; ଦ୍ୱିତୀୟ ଧାରାରେ ଲଘୁ ସଂଗୀତ, ମନୋରଞ୍ଜନ କାର୍ଯ୍ୟକ୍ରମ, କ୍ରୀଡ଼ା ପ୍ରଭୃତି ଅଧିକ ସଂପ୍ରସାରଣ କରାଯାଏ; ତୃତୀୟ ଧାରାରେ କ୍ଲାସିକ୍ ସଂଗୀତ ପରେ ଗମ୍ଭୀର, ଭାବଗର୍ଭକ ଆଲୋଚନା, କ୍ଲାସିକାଲ ନାଟକ ପ୍ରଭୃତି ଉପରେ ଅଧିକ ଜୋର ଦିଏ ଏବଂ ଚ଼ତୁର୍ଥ ଧାରା କଥିତ ଭାଷାରେ ସମସ୍ତ କାର୍ଯ୍ୟକ୍ରମ ଯଥା ସମ୍ବାଦ, ବୁଲେଟିନ, ଭାଷଣ, ଆଲୋଚନା ଓ ଲଘୁନାଟକ ପ୍ରଭୃତି ସଂପ୍ରସାରଣ କରିଥାଏ । ଏହା ଛଡ଼ା ସ୍କଟଲ୍ୟାଣ୍ଡ, ଉତ୍ତର ଆୟରଲ୍ୟାଣ୍ଡ, ଓଏଲସ୍ ପ୍ରଭୃତି ଅଂଚ଼ଳ ପାଇଁ ବିବିସି ତରଫରୁ ସ୍ୱତନ୍ତ୍ର ରେଡ଼ିଓ ଓ ଟେଲିଭିଜନ କାର୍ଯ୍ୟକ୍ରମ ପ୍ରଚାରିତ ହୋଇଥାଏ । ବଡ଼ ବଡ଼ ସହର ଓ ନଗରୀମାନଙ୍କରେ ବିବିସି ଆନୁକୂଲ୍ୟରେ ସ୍ଥାନୀୟ ରେଡ଼ିଓ ଷ୍ଟେସନ ମାନ ପ୍ରତିଷ୍ଠିତ ହୋଇଛି ଏବଂ ପୃଥିବୀର ବିଭିନ୍ନ ଅଂଚ଼ଳ ପାଇଁ ଇଂରେଜ ସହିତ ଅନ୍ୟାନ୍ୟ ଚାଳିଶଟି ଭାଷାରେ ବିଶେଷ କାର୍ଯ୍ୟକ୍ରମମାନ ପ୍ରଚାରିତ ହୋଇଥାଏ ।

ସେହିପରି ବିବିସିର ଦୁଇଟି ଟେଲିଭିଜନ ଧାରା ରହିଛି । ବିବିସି ୧ମ ଧାରାରେ ଲଘୁ ସଂଗୀତ, ଆଲୋଚନା ପ୍ରଭୃତି କାର୍ଯ୍ୟକ୍ରମ ସଂପ୍ରସାରିତ ହୁଏ ଏବଂ ଦ୍ୱିତୀୟ ଧାରାରେ ଗାମ୍ଭୀର୍ଯ୍ୟପୂର୍ଣ୍ଣ ଓ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମମାନ ପ୍ରଚାରିତ ହୋଇଥାଏ । ସମଗ୍ର ଦେଶର ଗୌରବ ପୂର୍ଣ୍ଣ କାର୍ଯ୍ୟକ୍ରମମାନ ପ୍ରଚାରିତ ହୋଇଥାଏ । ସମଗ୍ର ଦେଶର ଶ୍ରୋତାମାନଙ୍କ ପାଇଁ ବିବିସିର ଟେଲିଭିଜନ କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ହେଲେ ସୁଦ୍ଧା ସ୍ଥାନୀୟ ଶ୍ରୋତାମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ସଂପ୍ରସାରିତ ହୁଏ । ବିବିସି ତରଫରୁ ଦି ରେଡ଼ିଓ ଟାଇମସ୍ (The Radio Times) ଓ ଦି ଲିସନର (The listener) ନାମକ ଦୁଇଟି, ଲୋକପ୍ରିୟ ପତ୍ରିକା ପ୍ରକାଶିତ ହୁଏ ଏବଂ ସେଥିରେ କାର୍ଯ୍ୟକ୍ରମଗୁଡିକର ସଂକ୍ଷିପ୍ତ ବିବରଣୀ ସୂଚ଼ନା ସହିତ ଉଲ୍ଲେଖଯୋଗ୍ୟ ଭାଷଣ ଓ ଆଲୋଚ଼ନାମାନ ଆତ୍ମପ୍ରକାଶ କରେ ।

ବିଲାତରେ ଗଣମାଧମ କ୍ଷେତ୍ରରେ ଅନ୍ୟ ଏକ ବିଶେଷତ୍ୱ ହେଲା ବିବିସି ବ୍ୟତୀତ ଆଉ ଚଉଦଟି ଟେଲିଭିଜନ କମ୍ପାନୀ ଦେଶର ବିଭିନ୍ନ, ଅଂଚଳରେ କାର୍ଯ୍ୟ କରୁଛନ୍ତି । ଫଳରେ ରେଡ଼ିଓ ଟେଲିଭିଜନ କାର୍ଯ୍ୟକ୍ରମରେ ବିବିସିର ଏକାଧିପତ୍ୟ ବା ଏକଚାଟିଆ ଅଧିକାର(Mon opoly) ନାହିଁ ଏବଂ ଅନେକ ଘରୋଇ ସଂସ୍ଥା ଏହା ସହିତ ପ୍ରତିଯୋଗିତା କରୁଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ, ଆଇଟିଭି (Independent Television) କାର୍ଯ୍ୟକ୍ରମଗୁଡିକ ସ୍ୱାଧୀନ ସଂପ୍ରସାରଣ ସଂସ୍ଥା (Independent Broadcasting Authority) ଦ୍ୱାରା ପ୍ରସ୍ତୁତ

ଓ ପ୍ରସାରିତ ହୁଏ । ଏହି ସବୁ କାର୍ଯ୍ୟକ୍ରମ ମଧ୍ୟ ଖୁବ୍‌ଲୋକପ୍ରିୟ ହୋଇଥାଏ ଏବଂ ଶିଳ୍ପ ଓ ବ୍ୟାବସାୟିକ ସଂସ୍ଥାମାନଙ୍କ ଠାରୁ ବିଜ୍ଞାପନ ପ୍ରଚାର ପାଇଁ ଅର୍ଥ ସଂଗ୍ରହ କରିଥାନ୍ତି ।

ଏହି କ୍ଷେତ୍ରରେ ବିଲାତରେ ଅନ୍ୟ ଏକ ଅଭ୍ୟାସ ପରିଲକ୍ଷିତ ହୁଏ । ତାହା ହେଲା, ଅଧିକାଂଶ ଲୋକ ନିଜେ କ୍ରୟ ନକରି ଭଡ଼ା ସୂତ୍ରରେ ଟେଲିଭିଜନ ନେଇ ଘରେ ବ୍ୟବହାର କରିବାକୁ ପସନ୍ଦ କରନ୍ତି । ସାଧାରଣ କଳାଧଳା ଟେଲିଭିଜନ ସେଟ୍‌ପାଇଁ ୧୯୭୯ ମସିହାରେ ସପ୍ତାହକୁ ୫୦ପେନସ୍ ଏବଂ ରଙ୍ଗୀନ ସେଟ୍ ପାଇଁ ତାର ୩ଗୁଣ ଭଡ଼ା ଦେବାକୁ ପଡ଼ିଥାଏ । ମାତ୍ର ପ୍ରଥମ ଶ୍ରେଣୀର ଟେଲିଭିଜନ ସେଟର ମୂଲ୍ୟର ଦୁଇଗୁଣ ହୋଇଥାଏ ଦ୍ୱିତୀୟ ଶ୍ରେଣୀର ସେଟ୍ । ଉଭୟ ବିବିସି ଓ ଆଇଟିଭି କାର୍ଯ୍ୟକ୍ରମମାନ ଉଭୟ କଳାଧଳା ଓ ରଙ୍ଗୀନ ରୂପରେ ସଂପ୍ରସାରିତ ହୁଏ ।

ବିଲାତରେ ଶତକଡ଼ା ୮୦ରୁ ଅଧିକ ଲୋକଙ୍କ ଘରେ ଟେଲିଭିଜନ ଥାଏ । ତେଣୁ ମୁଁ ଯେଉଁ ହଷ୍ଟେଲ, ହୋଟେଲ ବା ପରିବାରକୁ ଯାଇଛି, ଟେଲିଭିଜନ ଦେଖିଛି । ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଦେଖିବାରେ ମୋର ଆଗ୍ରହ ଥାଏ ଏବଂ ସେଗୁଡ଼ିକୁ ଦେଖିଲେ ପାଶ୍ଚାତ୍ୟ ଜୀବନ କିପରି ସମୃଦ୍ଧ ଓ ବର୍ଣ୍ଣାଢ଼୍ୟ ହୋଇଛି ହୃଦବୋଧହୁଏ । ଜୀବନକୁ ଉପଭୋଗ କରିବା ପାଇଁ, ସେମାନଙ୍କର ଉଦ୍ୟମ ବହୁମୁଖୀ । ଜ୍ଞାନର ବିସ୍ଫୋରଣ ପ୍ରତି ମୁହୂର୍ତ୍ତରେ ଜନ ମାନସକୁ ଉତ୍ତୀର୍ଣ୍ଣ ଓ ଉର୍ଦ୍ଧ୍ୱମୁଖୀ କରେ । ଆଧୁନିକ ମନୁଷ୍ୟକୁ ଯେଉଁ ସବୁ ସମସ୍ୟା ନିରନ୍ତର ବ୍ୟଥିତ ଓ ବିକ୍ଷୁବ୍ଧ କରେ, ସେଗୁଡ଼ିକ ସଂପର୍କରେ ସର୍ବତ୍ର ଆଲୋଚ଼ନା ଓ ବିଚାର ବିମର୍ଶ ହୁଏ । ଗଣ ମାଧ୍ୟମଗୁଡ଼ିକ ଏ ସବୁର ସାର୍ଥକ ଓ ପୁଷ୍କଳ ରୂପାୟନ ଓ ପରିଚାଳନା ପାଇଁ ଯେମିତି ସତତ ସଚେ଼ଷ୍ଟ ହୋଇଛନ୍ତି ।

ରେଡ଼ିଓ ଓ ଟେଲିଭିଜନରେ ସବୁ କାର୍ଯ୍ୟକ୍ରମ ମଧ୍ୟରେ ମୁକ୍ତ ବିଶ୍ୱବିଦ୍ୟାଳୟ (Open University) କାର୍ଯ୍ୟକ୍ରମଗୁଡ଼ିକ ମୋତେ ଖୁବ୍ ଭଲ ଲାଗେ । ସେଗୁଡ଼ିକ ମନସ୍ତାତ୍ତ୍ୱିକ ଦୃଷ୍ଟି କୋଣରୁ ଖୁବ୍ ଶିକ୍ଷଣୀୟ ଭାବରେ ପ୍ରସ୍ତୁତ ହୋଇଥାଏ । ଏହାର ପୃଷ୍ଠଭୂମିରେ ଗବେଷଣା ଜ୍ଞାନ, ବିଶେଷଜ୍ଞମାନଙ୍କ ବିଚାର ବିମର୍ଶ, ମାଧ୍ୟମବିଦ୍(Media Experts) ମାନଙ୍କର ପରାମର୍ଶ ଓ ପ୍ରଯୋଜକମାନଙ୍କ ଦକ୍ଷତା ରହିଥାଏ । ଉଚ୍ଚଶିକ୍ଷା କ୍ଷେତ୍ରରେ ମୁକ୍ତ ବିଶ୍ୱବିଦ୍ୟାଳୟ ଯେଉଁ ପ୍ରଭୂତ ପ୍ରତିଷ୍ଠା ଅର୍ଜନ କରିଛି, ତା ମୂଳରେ ରହିଛି, ଏହି ରେଡ଼ିଓ ଓ ଟେଲିଭିଜନ କାର୍ଯ୍ୟକ୍ରମଗୁଡ଼ିକ ପ୍ରତିବର୍ଷ ହଜାର ହଜାର ସଖ୍ୟାରେ ଯେଉଁ ଛାତ୍ରଛାତ୍ରୀମାନେ କଳା, ସାହିତ୍ୟ, ବିଜ୍ଞାନ, ସଂଗୀତ, କାରୁକାର୍ଯ୍ୟ, ଗଣିତ, ଭାଷା ପ୍ରଭୃତି ବିଭିନ୍ନ ବିଷୟରେ ସଫଳତା ଅର୍ଜନ କରିଥାନ୍ତି । ସେମାନେ ସମସ୍ତେ ଏହି କାର୍ଯ୍ୟକ୍ରମ ଦ୍ୱାରା ଅଧିକ ଉପକୃତ ହୋଇଥାନ୍ତି ।

ଏହି କାର୍ଯ୍ୟକ୍ରମଗୁଡିକ ଏତେ ଜୀବନ୍ତ ଓ ସରସ ହୋଇଥାଏ ଯେ ମୁଁ ପ୍ରାୟ ପ୍ରତି ରବିବାର ଦିନ ସକାଳ ୭ଟାରୁ ଅପରାହ୍ନ ସାଢ଼େ ଗୋଟାଏ ପର୍ଯ୍ୟନ୍ତ ସଂପ୍ରସାରିତ ହେଉଥିବା କାର୍ଯ୍ୟକ୍ରମଗୁଡିକ (ମୁକ୍ତ ବିଶ୍ୱବିଦ୍ୟାଳୟ) ପାଇଁ ଉଦ୍ଦିଷ୍ଟ ନିରବଚ୍ଛିନ୍ନ ଭାବରେ ଦେଖେ । ଏତେ ଦୀର୍ଘ ସମୟ ମଧ୍ୟରେ ପ୍ରତ୍ୟକ ବିଷୟରେ (୨୦ ମିନିଟ୍‌ର କାର୍ଯ୍ୟକ୍ରମ) ଗୋଟିଏ ପରେ ଗୋଟିଏ କାର୍ଯ୍ୟକ୍ରମ ଆସୁଥାଏ । ଏମିତିକି ବିଜ୍ଞାନ ଓ ଗଣିତ ସଂପର୍କୀୟ କାର୍ଯ୍ୟକ୍ରମ ଗୁଡିକ ମୁଁ ଅତି ଆଗ୍ରହର ସହିତ ଦେଖେ । ଆମେ ଶୁଣି ଆଶ୍ଚର୍ଯ୍ୟ ହେବାଯେ ଗଣିତ ଓ ବିଜ୍ଞାନ ପଢ଼ାଇବାକୁ ଯାଇ ଅଧ୍ୟାପକଗଣ ସମୁଦ୍ରରେ ବୁଡନ୍ତି, ମାଟି ଖୋଳନ୍ତି, ଗଛ କଟାନ୍ତି ଓ ଦଉଡ଼ା ଦଉଡି କରନ୍ତି । ଆମେ ଜାଣୁ ବିଜ୍ଞାନ ପଢ଼ାଇବାକୁହେଲେ ଖୁବ୍ ବେଶୀ ହେଲେ ବିଜ୍ଞାନାଗାରରେ ପରୀକ୍ଷା ପ୍ରଦର୍ଶନ କରାଯାଇଥାଏ । କିନ୍ତୁ ବିଜ୍ଞାନ ଓ ଗଣିତରେ ଆର୍କମିଡିସ, ନିଉଟନ, ଇଉକ୍ଲିଡ଼ ପ୍ରମୁଖଙ୍କ ନୀତିନିୟମଗୁଡ଼ିକୁ ବାସ୍ତବକ୍ଷେତ୍ରରେ ଦେଖାଇ ସେମାନେ ଟେଲିଭିଜନରେ ପାଠ ପଢ଼ନ୍ତି । ଉଦାହରଣ ସ୍ୱରୂପ, ଗୋଟିଏ ୨୦ମିଟର ଉଚ୍ଚ ଗଛଟିକୁ କାଟିଲେ ଭୂଇଁରେ କେଉଁଠି ବା କେଉଁଯାଏ ପଡିବ, ସେମାନେ ତ୍ରିକୋଣମିତିର ଧାରା ଅନୁସାରେ ଦେଖାଇ ପୁଣି ଗଛଟିକୁ କାଟି ଠିକ୍ କେଉଁ ପର୍ଯ୍ୟନ୍ତ ପଡ଼ିଲା, ଦେଖନ୍ତି । ଏହା ଫଳରେ ଶିକ୍ଷାଦାନ ସରସ, ସୁଫଳ ଓ ବାସ୍ତବ ହୋଇଥାଏ । ଅର୍ଥନୀତି, ସମାଜନୀତି, ମନସ୍ତତ୍ତ୍ୱ ପ୍ରଭୃତି ସଂପର୍କୀୟ କାର୍ଯ୍ୟକ୍ରମଗୁଡିକ ସଂପୃକ୍ତ ବ୍ୟକ୍ତି, ସଂଗଠନ ଓ ସଂସ୍ଥାମାନଙ୍କୁ ନେଇ ପ୍ରଯୋଜିତ ହୋଇଥାଏ ଏବଂ ଏଥିପାଇଁ ଦୀର୍ଘ ପ୍ରସ୍ତୁତି ଓ ପ୍ରଯୋଜନା ସହିତ ପ୍ରଭୂତ ଅର୍ଥ ଓ ସମୟ ବ୍ୟୟିତ ହୋଇଥାଏ । କିନ୍ତୁ ଏପରି ସୁଚିନ୍ତିତ ଓ ସୁପ୍ରସ୍ତୁତ କାର୍ଯ୍ୟକ୍ରମଗୁଡିକ ଅତି ବାସ୍ତବ ଓ ଚିତ୍ତାକର୍ଷକ ହୋଇ ଥିବାରୁ ଶିକ୍ଷାର୍ଥୀଗଣ ଅଧିକ ଉପକୃତ ହେବାର ସମ୍ଭାବନା ଥାଏ ।

ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ପାଇଁ ଯେଉଁ ରେଡ଼ିଓ ଓ ଟେଲିଭିଜନ କାର୍ଯ୍ୟକ୍ରମଗୁଡିକ ପ୍ରସ୍ତୁତ ହୁଏ, ସେଗୁଡିକ ଯେମିତି ମନସ୍ତାତ୍ତ୍ୱିକ ଓ ଶୈକ୍ଷିକ ଦୃଷ୍ଟିକୋଣରୁ ଯଥାର୍ଥ ଓ ସଫଳ ହୋଇପାରିବ, ସେଥିପାଇଁ ସମସ୍ତ ପଦକ୍ଷେପ ନିଆଯାଇଥାଏ । କିପରି ଏହି ଶିକ୍ଷା କାର୍ଯ୍ୟକ୍ରମମାନ ପ୍ରସ୍ତୁତ ହୁଏ ଜାଣିବାକୁ ଆମେ ଥରେ ବିଦ୍ୟାଳୟ ସଂଚାରଣ ପରିଷଦ (School Broadcasting Council) - କୁ ଯାଇଥିଲୁ । ଏହି ପରିଷଦ ଟି ବିବିସିର ଏକ ଅଂଶ ଏବଂ ରେଡ଼ିଓ ତଥା ଟେଲିଭିଜନ କାର୍ଯ୍ୟକ୍ରମ ପାଇଁ ନୀତି ନିର୍ଦ୍ଧାରଣ, ଗବେଷଣା ଓ ମୂଲ୍ୟାୟନ ଦାୟିତ୍ୱ ଗ୍ରହଣ କରିଥାଏ । ଜଣେ ଶିକ୍ଷାଧିକାରୀ ଗୋଟିଏ ଓଭରହେଡ୍ ପ୍ରୋଜେକ୍ଟର ବ୍ୟବହାର କରେ ଏ ସବୁ କାର୍ଯ୍ୟ ପ୍ରଣାଳୀ ବୁଝାଇଦେଲେ । କେତେକ ରେଡ଼ିଓ

ଓ ଟେଲିଭିଜନ କାର୍ଯ୍ୟକ୍ରମ ମଧ୍ୟ ଦେଖାଇଥିଲେ ଶୁଣାଇଥିଲେ । ଏ ସବୁ ସଂପର୍କରେ ତନ୍ନ ତନ୍ନ ଆଲୋଚନା ମଧ୍ୟ ହେଲା ।

ଏହି ପରିଷଦ ବିଦ୍ୟାଳୟ ଅଭ୍ୟାସ ଓ ଆବଶ୍ୟକତାର ଅନୁଧ୍ୟାନ କରେ ଏବଂ ଶିକ୍ଷକମାନଙ୍କୁ କେଉଁ ଦିଗରେ ସାହାଯ୍ୟ କରିହେବ, ତାହା ସ୍ଥିର କରେ । ତା ପରେ ଏହା ନୀତି ନିର୍ଦ୍ଧାରଣ କରେ ଏବଂ କେଉଁ କେଉଁ ବିଷୟ, କେଉଁ କେଉଁ ଲକ୍ଷ୍ୟ ଓ କେଉଁ କେଉଁ ରୀତିରେ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରାଯିବ, ପରାମର୍ଶ ଦିଏ । କାର୍ଯକ୍ରମଗୁଡିକରେ ସଫଳତା ପାଇଁ କେଉଁ କେଉଁ ସହାୟତା ସାମଗ୍ରୀ (Support matrial) ମାନ ବିଦ୍ୟାଳୟଗୁଡ଼ିକୁ ଯୋଗାଇ ଦିଆଯିବ, ତାର ପର୍ଯ୍ୟାଲୋଚନା କରେ । ଏହି ସବୁ କାର୍ଯ୍ୟ ସଂପାଦନ ପାଇଁ ପରିଷଦର ଯୋଗ୍ୟତା ସମ୍ପନ୍ନ କର୍ମଚାରୀମାନେ ଥାନ୍ତି ଏବଂ ସେମାନେ ବି.ବି.ସି. ଦ୍ୱାରା ବେତନପ୍ରାପ୍ତ ହେଲେ ହେଁ ସ୍ୱାଧୀନ ଭାବରେ କାର୍ଯ୍ୟ କରନ୍ତି ।

ପରିଷଦର ଏକ ବିଶେଷତ୍ୱ ହେଲା ଏଥିରେ ନିଯୁକ୍ତ ଅନେକ ଶିକ୍ଷାଧିକାରୀ ଦେଶର ବିଭିନ୍ନ ଅଂଚଳର ପ୍ରତିନିଧିତ୍ୱ କରିଥାନ୍ତି । ସେମାନେ ମୁଖ୍ୟତଃ ଶିକ୍ଷାକାର୍ଯ୍ୟ କରୁଥିଲେ ହେଁ ବିବିସି ସେମାନଙ୍କୁ ନିଯୁକ୍ତି ଦେଇଥାନ୍ତି । ସେମାନେ ପ୍ରାୟ ଅଭିଜ୍ଞ ଶିକ୍ଷକ ଏବଂ ବିଦ୍ୟାଳୟର ସମସ୍ୟା, ଆବଶ୍ୟକତା ଓ ଗଣ ମାଧ୍ୟମର ଉପଯୋଗିତା ସଂପର୍କରେ ଖୁବ୍ ସଚେତନ ଥାନ୍ତି । ସେମାନେ ନୀତି ନିର୍ଦ୍ଧାରଣରେ ଭାଗ ନିଅନ୍ତି, ବିଦ୍ୟାଳୟ ଗୁଡିକଯାଇ ରେଡ଼ିଓ ଓ ଟେଲିଭିଜନର ବ୍ୟବହାର ଦେଖନ୍ତି, ଶିକ୍ଷକମାନଙ୍କ ସହିତ ଆଲୋଚନା କରନ୍ତି ଏବଂ ବିଭିନ୍ନ ଶିକ୍ଷାସଭା ଓ ସମ୍ମିଳନୀରେ ଯୋଗ ଦିଅନ୍ତି; ସେମାନେ ମଧ୍ୟ ଶିକ୍ଷକମାନଙ୍କ ସେବାକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରନ୍ତି । ଏ ଦିଗରେ ସରକାରୀ ଓ ସ୍ଥାନୀୟ ଶିକ୍ଷା ସଂସ୍ଥାର ପରିଦର୍ଶକଗଣ ସେମାନଙ୍କୁ ସହାୟତା କରନ୍ତି ।

ଶିକ୍ଷାର ଉନ୍ନତି ପାଇଁ ରେଡ଼ିଓ ଓ ଟେଲିଭିଜନ ପରସ୍ପର ପରିପୂରକ ଭାବରେ କାର୍ଯ୍ୟ କରିଥାନ୍ତି । ଏହା ଫଳରେ ସମୟ ଓ ସଂପଦର ସଂପୂର୍ଣ୍ଣ ସଦୁପଯୋଗ ଘଟିଥାଏ ଏବଂ ଶିକ୍ଷାର ବିକାଶଧାରା କ୍ଷିପ୍ରତର ହୁଏ । ବିଲାତରେ ୧୯୨୪ ମସିହାରୁ ରେଡ଼ିଓ ଓ ୧୯୫୭ ମସିହାରୁ ଟେଲିଭିଜନ କାର୍ଯ୍ୟକ୍ରମର ସଂପ୍ରସାରଣ ଆରମ୍ଭ ହୋଇଥିଲା । ଶିକ୍ଷାନୁଷ୍ଠାନଗୁଡିକରେ ଏଗୁଡିକର ସଫଳତା ଓ ଲୋକପ୍ରିୟତା ଖୁବ୍ ଆଶାପ୍ରଦ । ୧୯୭୫-୭୬ ମସିହାରେ ବିଲାତରେ ୩୮,୦୦୦ ବିଦ୍ୟାଳୟ ମଧ୍ୟରୁ ୩୩,୫୦୦୦ରେ ରେଡ଼ିଓ କାର୍ଯ୍ୟକ୍ରମ ନିୟମିତ ଭାବରେ ବ୍ୟବହୃତ ହୋଇଥାଏ । ଏହା ବ୍ୟତୀତ ପ୍ରାୟ ଶତକଡା ୮୬ଟି ବିଦ୍ୟାଳୟରେ ଟେଲିଭିଜନ କାର୍ଯ୍ୟକ୍ରମ ମଧ୍ୟ ଛାତ୍ରଛାତ୍ରୀମାନେ ନିୟମିତ ଭାବରେ

ଦେଖନ୍ତି । ସ୍ଥାନୀୟ ଶିକ୍ଷା ସଂସ୍ଥା (Local Education Authorities) ବିଦ୍ୟାଳୟରେ ରେଡ଼ିଓ ଓ ଟେଲିଭିଜନ ସେଟ୍‌ମାନ ଯୋଗାଇଥାନ୍ତି । ଏହି ସବୁ କାର୍ଯ୍ୟକ୍ରମର ସଦୁପଯୋଗ ପାଇଁ ସହାୟକ ସାମଗ୍ରୀଗୁଡିକର ପ୍ରସ୍ତୁତି ଓ ଯୋଗାଣ ମଧ ଖୁବ୍ ନିଷ୍ଠା ଓ ଯତ୍ନର ସହିତ କରାଯାଉଥାଏ । ଶିକ୍ଷକ କେନ୍ଦ୍ରମାନ (Teacher Centers) ଓ ରେଡିଓ ଟେଲିଭିଜନ କାର୍ଯ୍ୟକ୍ରମଗୁଡିକ ରେକଡିଂ କରି ସ୍କୁଲମାନଙ୍କୁ ଯୋଗାଇଥାନ୍ତି । ସ୍କୁଲଗୁଡିକ ନିଜର ସୁବିଧା ଓ ଆବଶ୍ୟକତାକୁ ଚାହିଁ ଉକ୍ତ ରେକଡିଂ ଟେପ୍‌ମାନ ବ୍ୟବହାର କରିଥାନ୍ତି ।

ବିବାହଠାରୁ ଆମ ଦେଶର ସଂପୂର୍ଣ୍ଣ ବିଭାଗ ତଥା ଦୂରଦର୍ଶନ ଓ ଆକାଶବାଣୀ ଅନେକ କଥା ଶିକ୍ଷା କରିବାର ଅଛି । ପ୍ରଥମତଃ ବିବିସି ନିଜର କାର୍ଯ୍ୟକ୍ରମ ପ୍ରସ୍ତୁତି ପାଇଁ ପର୍ଯ୍ୟାପ୍ତ ସୁବିଧା ଓ ସ୍ୱାଧୀନତା ଲାଭ କରିଥାଏ । ଦ୍ୱିତୀୟତଃ ଏହି ସଂସ୍ଥା ଯଥେଷ୍ଟ ଅନୁଧ୍ୟାନ ଓ ଗବେଷଣା କରି ତାର ଫଳାଫଳ ଅନୁସାରେ କାର୍ଯ୍ୟକ୍ରମ ପ୍ରସ୍ତୁତି ଓ ତାର ବିକାଶ ସାଧନ କରିଥାନ୍ତି । କିନ୍ତୁ ଏଠାରେ ଏଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଏ ନାହିଁ । ତୃତୀୟତଃ ବିଲାତରେ ଯେମିତି ଶିକ୍ଷା ମନ୍ତ୍ରଣାଳୟ ତଥା ସ୍ଥାନୀୟ ଶିକ୍ଷା ସଂସ୍ଥା ତରଫରୁ ସ୍କୁଲଗୁଡିକରେ ରେଡ଼ିଓ ଓ ଟେଲିଭିଜନ ସେଟ୍ ଏବଂ ସହାୟକ ସାମଗ୍ରୀ ଯୋଗାଇବା, ଶିକ୍ଷକ ତାଲିମ ବ୍ୟବସ୍ଥା କରିବା ପ୍ରଭୃତି ହୋଇପାର ଆମ ଦେଶରେ ତାହା କରାଯାଉ ନାହିଁ । ଚତୁର୍ଥତଃ ଶିକ୍ଷକକେନ୍ଦ୍ରଗୁଡ଼ିକ ସେଠାରେ ଯେମିତି ଟି.ଭି. ଓ ରେଡ଼ିଓ କାର୍ଯ୍ୟକ୍ରମର ରେକଡିଂ ସ୍କୁଲଗୁଡିକୁ ଯୋଗାଇ ଏବଂ ଶିକ୍ଷକମାନଙ୍କୁ ତାଲିମ ଦେଇ ଏଦିଗରେ ସହାୟକ ହୋଇଥାନ୍ତି, ଏଠାରେ ତାହା ଏ ପର୍ଯ୍ୟନ୍ତ ସମ୍ଭବପର ହୋଇନାହିଁ । ପଞ୍ଚମତଃ ବିଲାତରେ ସ୍କୁଲ ଶିକ୍ଷକଗଣ ଏ ସବୁ ମହାର୍ଘ ଓ ଉପାଦେୟ ମାଧ୍ୟମଗୁଡିକର ସଦୁପଯୋଗ ପାଇଁ ଯେଉଁ ଆଗ୍ରହ ଓ ଆନ୍ତରିକତା ଦେଖାଇଥାନ୍ତି, ଏଠାରେ ତାର ଅଭାବ ପରିଲକ୍ଷିତ ହୁଏ ।

ବି.ବି.ସି.ର ଶିକ୍ଷା-କାର୍ଯ୍ୟକ୍ରମ ବ୍ୟତୀତ ଆଉ ଅନେକ ପ୍ରକଳ୍ପମୂଳକ, ଅନୁଧ୍ୟାନ/ଅନୁସନ୍ଧାନ ଆଧାରିତ କାର୍ଯ୍ୟକ୍ରମଗୁଡିକ ଯେତେ ମନୋରଞ୍ଜନ, ସେତେ ଶିକ୍ଷଣୀୟ ହୋଇଥାଏ । କେଉଁଠି ଯୁଦ୍ଧ ଲାଗିଗଲେ ପ୍ରଯୋଜକଗଣ ବା ରିପୋର୍ଟରଗଣ ସେଠାରୁ ଫଟୋ ଉଠାଇ ଓ ତଟକା ସମ୍ବାଦ ସଂଗ୍ରହ କରିବାରେ ଯେମିତି ଦୁଃସାହସ ଓ କଷ୍ଟ ସ୍ୱୀକାର କରିଥାନ୍ତି, ତାହା ଏଠାରେ ଦୃଷ୍ଟିଗୋଚର ହୁଏ ନାହିଁ । ଦୃଷ୍ଟାନ୍ତ ସ୍ୱରୂପ, Life on Earth ଶୀର୍ଷକ ସିରିଜ (ଅନେକ ପ୍ରୋଗ୍ରାମ୍ ବା କାର୍ଯ୍ୟକ୍ରମରେ ଡାଭିଡ଼ ଅର୍ଟନ୍‌ବରେ ଜୀବଜନ୍ତୁମାନଙ୍କ ଜୀବନ ଧାରଣରୀତି ଓ ସେମାନଙ୍କ ଅଭ୍ୟାସ ପ୍ରକୃତି ଦେଖାଇବାକୁ ଯେପରି ଦୁର୍ଗମ ଅରଣ୍ୟ, ବିପଦଶଙ୍କୁଳ ଜଳଭାଗ, ବିଷାକ୍ତ ସର୍ପ, ହିଂସ୍ର ଜନ୍ତୁ ପ୍ରଭୃତିଙ୍କ ମଧ୍ୟରେ ପ୍ରବେଶ କରିଥାନ୍ତି,

ଓ ଟେଲିଭିଜନ କାର୍ଯ୍ୟକ୍ରମ ମଧ୍ୟ ଦେଖାଇଥିଲେ ଶୁଣାଇଥିଲେ । ଏ ସବୁ ସଂପର୍କରେ ତନ୍ନ ତନ୍ନ ଆଲୋଚନା ମଧ୍ୟ ହେଲା ।

ଏହି ପରିଷଦ ବିଦ୍ୟାଳୟ ଅଭ୍ୟାସ ଓ ଆବଶ୍ୟକତାର ଅନୁଧ୍ୟାନ କରେ ଏବଂ ଶିକ୍ଷକମାନଙ୍କୁ କେଉଁ ଦିଗରେ ସାହାଯ୍ୟ କରିହେବ, ତାହା ସ୍ଥିର କରେ । ତା ପରେ ଏହା ନୀତି ନିର୍ଦ୍ଧାରଣ କରେ ଏବଂ କେଉଁ କେଉଁ ବିଷୟ, କେଉଁ କେଉଁ ଲକ୍ଷ୍ୟ ଓ କେଉଁ କେଉଁ ରୀତିରେ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରାଯିବ, ପରାମର୍ଶ ଦିଏ । କାର୍ଯକ୍ରମଗୁଡିକରେ ସଫଳତା ପାଇଁ କେଉଁ କେଉଁ ସହାୟତା ସାମଗ୍ରୀ (Support matrial) ମାନ ବିଦ୍ୟାଳୟଗୁଡ଼ିକୁ ଯୋଗାଇ ଦିଆଯିବ, ତାର ପର୍ଯ୍ୟାଲୋଚନା କରେ । ଏହି ସବୁ କାର୍ଯ୍ୟ ସଂପାଦନ ପାଇଁ ପରିଷଦର ଯୋଗ୍ୟତା ସମ୍ପନ୍ନ କର୍ମଚାରୀମାନେ ଥାନ୍ତି ଏବଂ ସେମାନେ ବି.ବି.ସି. ଦ୍ୱାରା ବେତନପ୍ରାପ୍ତ ହେଲେ ହେଁ ସ୍ୱାଧୀନ ଭାବରେ କାର୍ଯ୍ୟ କରନ୍ତି ।

ପରିଷଦର ଏକ ବିଶେଷତ୍ୱ ହେଲା ଏଥିରେ ନିଯୁକ୍ତ ଅନେକ ଶିକ୍ଷାଧିକାରୀ ଦେଶର ବିଭିନ୍ନ ଅଂଚଳର ପ୍ରତିନିଧିତ୍ୱ କରିଥାନ୍ତି । ସେମାନେ ମୁଖ୍ୟତଃ ଶିକ୍ଷାକାର୍ଯ୍ୟ କରୁଥିଲେ ହେଁ ବିବିସି ସେମାନଙ୍କୁ ନିଯୁକ୍ତି ଦେଇଥାନ୍ତି । ସେମାନେ ପ୍ରାୟ ଅଭିଜ୍ଞ ଶିକ୍ଷକ ଏବଂ ବିଦ୍ୟାଳୟର ସମସ୍ୟା, ଆବଶ୍ୟକତା ଓ ଗଣ ମାଧ୍ୟମର ଉପଯୋଗିତା ସଂପର୍କରେ ଖୁବ୍ ସଚେତନ ଥାନ୍ତି । ସେମାନେ ନୀତି ନିର୍ଦ୍ଧାରଣରେ ଭାଗ ନିଅନ୍ତି, ବିଦ୍ୟାଳୟ ଗୁଡିକଯାଇ ରେଡ଼ିଓ ଓ ଟେଲିଭିଜନର ବ୍ୟବହାର ଦେଖନ୍ତି, ଶିକ୍ଷକମାନଙ୍କ ସହିତ ଆଲୋଚନା କରନ୍ତି ଏବଂ ବିଭିନ୍ନ ଶିକ୍ଷାସଭା ଓ ସମ୍ମିଳନୀରେ ଯୋଗ ଦିଅନ୍ତି; ସେମାନେ ମଧ୍ୟ ଶିକ୍ଷକମାନଙ୍କ ସେବାକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରନ୍ତି । ଏ ଦିଗରେ ସରକାରୀ ଓ ସ୍ଥାନୀୟ ଶିକ୍ଷା ସଂସ୍ଥାର ପରିଦର୍ଶକଗଣ ସେମାନଙ୍କୁ ସହାୟତା କରନ୍ତି ।

ଶିକ୍ଷାର ଉନ୍ନତି ପାଇଁ ରେଡ଼ିଓ ଓ ଟେଲିଭିଜନ ପରସ୍ପର ପରିପୂରକ ଭାବରେ କାର୍ଯ୍ୟ କରିଥାନ୍ତି । ଏହା ଫଳରେ ସମୟ ଓ ସଂପଦର ସଂପୂର୍ଣ୍ଣ ସଦୁପଯୋଗ ଘଟିଥାଏ ଏବଂ ଶିକ୍ଷାର ବିକାଶଧାରା କ୍ଷିପ୍ରତର ହୁଏ । ବିଲାତରେ ୧୯୨୪ ମସିହାରୁ ରେଡ଼ିଓ ଓ ୧୯୫୭ ମସିହାରୁ ଟେଲିଭିଜନ କାର୍ଯ୍ୟକ୍ରମର ସଂପ୍ରସାରଣ ଆରମ୍ଭ ହୋଇଥିଲା । ଶିକ୍ଷାନୁଷ୍ଠାନଗୁଡିକରେ ଏଗୁଡିକର ସଫଳତା ଓ ଲୋକପ୍ରିୟତା ଖୁବ୍ ଆଶାପ୍ରଦ । ୧୯୭୫-୭୬ ମସିହାରେ ବିଲାତରେ ୩୮,୦୦୦ ବିଦ୍ୟାଳୟ ମଧ୍ୟରୁ ୩୩,୫୦୦ରେ ରେଡ଼ିଓ କାର୍ଯ୍ୟକ୍ରମ ନିୟମିତ ଭାବରେ ବ୍ୟବହୃତ ହୋଇଥାଏ । ଏହା ବ୍ୟତୀତ ପ୍ରାୟ ଶତକଡା ୮୬ଟି ବିଦ୍ୟାଳୟରେ ଟେଲିଭିଜନ କାର୍ଯ୍ୟକ୍ରମ ମଧ୍ୟ ଛାତ୍ରଛାତ୍ରୀମାନେ ନିୟମିତ ଭାବରେ

ଦେଖନ୍ତି । ସ୍ଥାନୀୟ ଶିକ୍ଷା ସଂସ୍ଥା (Local Education Authorities) ବିଦ୍ୟାଳୟରେ ରେଡ଼ିଓ ଓ ଟେଲିଭିଜନ ସେଟ୍‌ମାନ ଯୋଗାଇଥାନ୍ତି । ଏହି ସବୁ କାର୍ଯ୍ୟକ୍ରମର ସଦୁପଯୋଗ ପାଇଁ ସହାୟକ ସାମଗ୍ରୀଗୁଡିକର ପ୍ରସ୍ତୁତି ଓ ଯୋଗାଣ ମଧ୍ୟ ଖୁବ୍ ନିଷ୍ଠା ଓ ଯତ୍ନର ସହିତ କରାଯାଉଥାଏ । ଶିକ୍ଷକ କେନ୍ଦ୍ରମାନ (Teacher Centers) ଓ ରେଡିଓ ଟେଲିଭିଜନ କାର୍ଯ୍ୟକ୍ରମଗୁଡିକ ରେକର୍ଡିଂ କରି ସ୍କୁଲମାନଙ୍କୁ ଯୋଗାଇଥାନ୍ତି । ସ୍କୁଲଗୁଡିକ ନିଜର ସୁବିଧା ଓ ଆବଶ୍ୟକତାକୁ ଚାହିଁ ଉକ୍ତ ରେକର୍ଡିଂ ଟେପ୍‌ମାନ ବ୍ୟବହାର କରିଥାନ୍ତି ।

ବିବାହଠାରୁ ଆମ ଦେଶର ସଂପୂର୍ଣ୍ଣ ବିଭାଗ ତଥା ଦୂରଦର୍ଶନ ଓ ଆକାଶବାଣୀ ଅନେକ କଥା ଶିକ୍ଷା କରିବାର ଅଛି । ପ୍ରଥମତଃ ବିବିସି ନିଜର କାର୍ଯ୍ୟକ୍ରମ ପ୍ରସ୍ତୁତି ପାଇଁ ପର୍ଯ୍ୟାପ୍ତ ସୁବିଧା ଓ ସ୍ୱାଧୀନତା ଲାଭ କରିଥାଏ । ଦ୍ୱିତୀୟତଃ ଏହି ସଂସ୍ଥା ଯଥେଷ୍ଟ ଅନୁଧାନ ଓ ଗବେଷଣା କରି ତାର ଫଳାଫଳ ଅନୁସାରେ କାର୍ଯ୍ୟକ୍ରମ ପ୍ରସ୍ତୁତି ଓ ତାର ବିକାଶ ସାଧନ କରିଥାନ୍ତି । କିନ୍ତୁ ଏଠାରେ ଏଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଏ ନାହିଁ । ତୃତୀୟତଃ ବିଲାତରେ ଯେମିତି ଶିକ୍ଷା ମନ୍ତ୍ରଣାଳୟ ତଥା ସ୍ଥାନୀୟ ଶିକ୍ଷା ସଂସ୍ଥା ତରଫରୁ ସ୍କୁଲଗୁଡିକରେ ରେଡ଼ିଓ ଓ ଟେଲିଭିଜନ ସେଟ୍ ଏବଂ ସହାୟକ ସାମଗ୍ରୀ ଯୋଗାଇବା, ଶିକ୍ଷକ ତାଲିମ ବ୍ୟବସ୍ଥା କରିବା ପ୍ରଭୃତି ହୋଇପାର ଆମ ଦେଶରେ ତାହା କରାଯାଉ ନାହିଁ । ଚତୁର୍ଥତଃ ଶିକ୍ଷକକେନ୍ଦ୍ରଗୁଡ଼ିକ ସେଠାରେ ଯେମିତି ଟି.ଭି. ଓ ରେଡ଼ିଓ କାର୍ଯ୍ୟକ୍ରମର ରେକର୍ଡିଂ ସ୍କୁଲଗୁଡିକୁ ଯୋଗାଇ ଏବଂ ଶିକ୍ଷକମାନଙ୍କୁ ତାଲିମ ଦେଇ ଏଦିଗରେ ସହାୟକ ହୋଇଥାନ୍ତି, ଏଠାରେ ତାହା ଏ ପର୍ଯ୍ୟନ୍ତ ସମ୍ଭବପର ହୋଇନାହିଁ । ପଞ୍ଚମତଃ ବିଲାତରେ ସ୍କୁଲ ଶିକ୍ଷକଗଣ ଏ ସବୁ ମହାର୍ଘ ଓ ଉପାଦେୟ ମାଧ୍ୟମଗୁଡିକର ସଦୁପଯୋଗ ପାଇଁ ଯେଉଁ ଆଗ୍ରହ ଓ ଆନ୍ତରିକତା ଦେଖାଇଥାନ୍ତି, ଏଠାରେ ତାର ଅଭାବ ପରିଲକ୍ଷିତ ହୁଏ ।

ବି.ବି.ସି.ର ଶିକ୍ଷା-କାର୍ଯ୍ୟକ୍ରମ ବ୍ୟତୀତ ଆଉ ଅନେକ ପ୍ରକଳ୍ପମୂଳକ, ଅନୁଧ୍ୟାନ/ ଅନୁସନ୍ଧାନ ଆଧାରିତ କାର୍ଯ୍ୟକ୍ରମଗୁଡିକ ଯେତେ ମନୋରଞ୍ଜନ, ସେତେ ଶିକ୍ଷଣୀୟ ହୋଇଥାଏ । କେଉଁଠି ଯୁଦ୍ଧ ଲାଗିଗଲେ ପ୍ରଯୋଜକଗଣ ବା ରିପୋର୍ଟରଗଣ ସେଠାରୁ ଫଟୋ ଉଠାଇ ଓ ତଟକା ସମ୍ବାଦ ସଂଗ୍ରହ କରିବାରେ ଯେମିତି ଦୁଃସାହସ ଓ କଷ୍ଟ ସ୍ୱୀକାର କରିଥାନ୍ତି, ତାହା ଏଠାରେ ଦୃଷ୍ଟିଗୋଚର ହୁଏ ନାହିଁ । ଦୃଷ୍ଟାନ୍ତ ସ୍ୱରୂପ, Life on Earth ଶୀର୍ଷକ ସିରିଜ (ଅନେକ ପ୍ରୋଗ୍ରାମ୍ ବା କାର୍ଯ୍ୟକ୍ରମରେ ଡାଭିଡ୍ ଅର୍ଟନ୍‌ବରେ ଜୀବଜନ୍ତୁମାନଙ୍କ ଜୀବନ ଧାରଣରୀତି ଓ ସେମାନଙ୍କ ଅଭ୍ୟାସ ପ୍ରକୃତି ଦେଖାଇବାକୁ ଯେପରି ଦୁର୍ଗମ ଅରଣ୍ୟ, ବିପଦଶଙ୍କୁଳ ଜଳଭାଗ, ବିଷାକ୍ତ ସର୍ପ, ହିଂସ୍ର ଜନ୍ତୁ ପ୍ରଭୃତିଙ୍କ ମଧ୍ୟରେ ପ୍ରବେଶ କରିଥାନ୍ତି,

ତାହା ବିସ୍ମୟାଭିଭୂତ କରେ; ସଭ୍ୟତା(Civilization) ସଂପର୍କୀୟ ସିରିଜ ସେମିତି କମ୍ ହୃଦୟ ସ୍ପର୍ଶୀ ହୁଏ ନାହିଁ, Panorama ଶୀର୍ଷକ ସିରିଜ୍‌ରେ ସମସ୍ତ ବିଶ୍ୱ ସମସ୍ୟା ତଥା ବିଶ୍ୱ ଦର୍ଶନର ଚିତ୍ର ଅତି ବାସ୍ତବ ଓ ଚିତ୍ତାକର୍ଷକ ହୁଏ । ରେଡ଼ିଓରେ ସେମିତି ସଂଗୀତ ଶିକ୍ଷା, ସାକ୍ଷାତ୍‌କାର, ଇଂରେଜ ଭାଷାଶିକ୍ଷା ପ୍ରଭୃତି ଖୁବ୍ ସାର୍ଥକ ଓ ସରସ ହୋଇଥାଏ ।

ଆମ ଦୂରଦର୍ଶନରେ ସିନେମା ସଂଗୀତ ତଥା ଫିଲ୍ମଗୁଡିକ ଅତି ଲୋକପ୍ରିୟ । କିନ୍ତୁ ସମୁଚିତ ଭାବରେ ଯାଞ୍ଚ ନ ହେବା ଫଳରେ ସେଗୁଡିକୁ ଥରେ ଥରେ ପରିବାର ମଧ୍ୟରେ ଦେଖିବା ସମ୍ଭବ ହୁଏ ନାହିଁ । ସେଗୁଡିକର ନଗ୍ନତା, ବୀଭତ୍ସତା, ଅଶ୍ଳୀଳତା ପ୍ରଭୃତି ସମୟ ସମୟରେ ମନରେ ବିତୃଷ୍ଣା ଓ ବିରାଗ ସୃଷ୍ଟିକରେ । ବିଲାତପରି Permissive ସମାଜରେ ମଧ୍ୟ ବି.ବି.ସି. ଖୁବ୍ ସାବଧାନତାର ସହିତ ଚଳଚ୍ଚିତ୍ର ପ୍ରଦର୍ଶନ କରେ । ଶନିବାର ରାତ୍ରି ବାରଟା ବା ଗୋଟାକରେ ପିଲାମାନେ ଶୋଇଲେ ଏ ପ୍ରକାର ଚଳଚ୍ଚିତ୍ର (ପ୍ରୌଢ଼ମାନଙ୍କ ପାଇଁ) ସବୁ ଦେଖିବାକୁ ମିଳିଥାଏ । ଆମ ସିନେମା ସଂଗୀତରେ ଯେପରି ନଗ୍ନତା ଥରେ ଥରେ ପରିଦୃଷ୍ଟ ହୁଏ, ସେଠାରେ ପପ୍ ସଂଗୀତରେ ସେପରି ମଧ୍ୟ ଦେଖାଯାଏ ନାହିଁ ।

ସ୍ଥୂଳତଃ, ରେଡ଼ିଓ ଓ ଟେଲିଭିଜନ କାର୍ଯ୍ୟକ୍ରମଗୁଡିକ ବିଲାତରେ ଶିକ୍ଷାସଭ୍ୟତା, ଶିଳ୍ପକୃଷି, ରାଜନୀତି ଧର୍ମନୀତି ଇତ୍ୟାଦି ଜୀବନ ପ୍ରତ୍ୟେକ ଦିଗକୁ ସ୍ପର୍ଶ କରୁଛି । ତାହା ହୋଇଛି ଆଶା ଆନନ୍ଦ ଓ ଆଲୋକର ଉତ୍ସ । ତାର ବିକାଶ ଓ ପ୍ରସାର ପାଇଁ ଯେତିକି ସୁବିଧା ଓ ସ୍ୱାଧୀନତା ଦିଆଯାଇଛି, ସେତିକି ଯତ୍ନ ଓ ସାବଧାନ ନିଆଯାଇଛି । ପରସ୍ପର ପରିପୂରକ ଭାବରେ ଉଭୟ ରେଡ଼ିଓ ଓ ଟେଲିଭିଜନ କାର୍ଯ୍ୟକ୍ରମ ଆଧୁନିକ ଜୀବନକୁ ସୁଖୀ, ସମୃଦ୍ଧ ଓ ବୁଦ୍ଧିମନ୍ତ କରି ତୋଳିବାରେ ସହାୟକ ହେଉଛି ।

□□□

# ଅଧ୍ୟାୟ-୧୧

## କେକ୍, କେନ ଓ ପ୍ୟାନ୍ କେକ୍

୧୯୭୯ ଫେବ୍ରୁୟାରୀ ୨୩ ତାରିଖ । ବ୍ରହ୍ମାନନ୍ଦବାବୁ ଓ ସ୍ନେହଙ୍କର ଏକମାତ୍ର ପୁଅ ବାବୁଲାର ଜନ୍ମ ଦିନ । ସେମାନେ ମୋତେ ସପ୍ତାହକ ଆଗରୁ ଏଥିପାଇଁ ନିମନ୍ତ୍ରଣ କରିଥିଲେ ।

ମୁଁ ଠିକ୍ ସମୟରେ ଯାଇ ପହଁଞ୍ଚିଲି । ସାଥିରେ ମୁଁ ବାବୁଲା ପାଇଁ ନେଇଥିଲି କେତୋଟି ଜନ୍ମଦିନ ଉପହାର । ପିଲାମାନଙ୍କ ପାଇଁ ଇଂରେଜୀରେ ପ୍ରକାଶିତ ''ଜ୍ଞାନମଣ୍ଡଳ'' (Encyclopaedia), ଗୋଟିଏ ଧନ୍ଦା (Puzzle) ଓ ଏକ ଅଙ୍କନ ବହି (Drawing Book) । ଆଉ କେତେକ ଓଡ଼ିଆ ବନ୍ଧୁ ଓ କେତେକ ଜଣ ଅଣ-ଓଡ଼ିଆ ସାଙ୍ଗ ମଧ୍ୟ ପହଞ୍ଚିଲେ । ସେମାନେ ନାନା ପ୍ରକାର ଉପହାର ଆଣିଥିଲେ ।

ବହୁ ସମୟ ଧରି କଥାବାର୍ତ୍ତା, ହସଖୁସି ଓ ଟେପ୍‌ରେକର୍ଡର ସାହାଯ୍ୟରେ ଗୀତ ଗାନ ହେଲା ।

କେତେକ ଟେଲିଭିଜନ କାର୍ଯ୍ୟକ୍ରମ ବି ଦେଖୁଥାନ୍ତି । ତେଣେ ରୋଷେଇ ଘର ଭିତରେ ସ୍ନେହଙ୍କର କାର୍ଯ୍ୟବ୍ୟସ୍ତତା । କେତେ ପ୍ରକାର ସୁଖାଦ୍ୟ ପ୍ରସ୍ତୁତିରେ ସେ ଲାଗି ପଡିଥାନ୍ତି ।

ଇଂରେଜୀ ପ୍ରଥା ଅନୁସାରେ ଗୋଟିଏ ବଡ଼ କେକ୍ ଆଉ ତା ଉପରେ ପ୍ରଜ୍ୱଳିତ ନଅଟି ମହମବତୀ । ବାବୁଲି ପ୍ରଥମେ କେକ୍‌ଟିକୁ କାଟିଲା । ତାପରେ ସ୍ନେହ ଓ ବ୍ରହ୍ମାନନ୍ଦବାବୁ ତାକୁ କାଟି ସମସ୍ତଙ୍କୁ ଖାଇବାକୁ ଦେଲେ ।

ତାପରେ ଦୁଇଟା ବାଜିଲା । ମଧ୍ୟାହ୍ନ ଭୋଜନର ଆୟୋଜନ ହେଲା, ପୁରି, ପଲାଉ ଆଳୁ ପୋଟଳ ରସା, ବହଳିଆ ଡାଲି, ବନ୍ଧା କୋବି ତରକାରୀ, ପାୟସ, ଖଟା ପ୍ରଭୃତି କେତେ ପ୍ରକାର ! ସମସ୍ତେ ଭୁରି ଭୋଜନ କଲେ ।

କେତେ ଧଳାକଳା ଓ ରଙ୍ଗୀନ୍ ଫଟୋ ଉଠାଗଲା । ସେଠାରେ ଦେଖା ହୋଇଥିବା ବହୁ ଓଡ଼ିଆ ବନ୍ଧୁଙ୍କ ମଧ୍ୟରେ ଥିଲେ କୈଳାସବାବୁ, ଯେ କି କଟକର ଲବ୍‌ଧପ୍ରତିଷ୍ଠ ଚାର୍ଟାଡ଼ ଆକାଉଣ୍ଟାଣ୍ଟ ଶ୍ରୀ ହୃଦାନନ୍ଦ ନାୟକଙ୍କ ଜ୍ୱାଇଁ ଏବଂ ଯାହାଙ୍କ ପରିବାର ଓ ଅତିଥି ଚର୍ଚ୍ଚା ସଂପର୍କରେ ପୂର୍ବରୁ କହିଥିଲି ।

ଏବେ ଦେଖାଗଲେ ଶ୍ରୀ ଅରବିନ୍ଦ ତ୍ରିପାଠୀ ଓ ତାଙ୍କର ସ୍ତ୍ରୀ । ସେ London School of Economics ରେ M.A. ପାସ୍ କରି Ph.D. ପାଇଁ ଗବେଷଣା କରୁଛନ୍ତି । ଦୁଇବର୍ଷ ହେଲା ତାଙ୍କ ସ୍ତ୍ରୀ ଲଣ୍ଡନ ଆସିଛନ୍ତି । ସେ ଲଣ୍ଡନର ଗୋଟିଏ ଗୁଜୁରାତି ଜଳଖିଆ ଦୋକାନରେ କାର୍ଯ୍ୟ କରୁଛନ୍ତି । ତାଙ୍କର ଦୁଇଟି ପୁଅ ସାନ ସାନ । ଟାଟାରେ ଅଜା ଆଈଙ୍କ ପାଖରେ ଥା'ନ୍ତି । ଅଜା ଟାଟା ଲୁହା କାରଖାନାରେ କାର୍ଯ୍ୟ କରନ୍ତି । ସେମାନେ ଦୁଇମାସ ପରେ ଲଣ୍ଡନ ଯିବେ ଆଉ ବୁଲାବୁଲି କରି ସମସ୍ତେ ସାଙ୍ଗ ହୋଇ ଫେରି ଆସିବେ ।

ସେଦିନ ଟେଲିଭିଜନରେ ଆମେ ଗୋଟିଏ ଭଲ କାର୍ଯ୍ୟକ୍ରମ ଦେଖିଲୁ । ଏହା ଏକ ପ୍ରାଚୀନ ସଂସ୍କୃତିମୂଳକ କାର୍ଯ୍ୟକ୍ରମ । ପୃଥିବୀର ବିଭିନ୍ନ ଧର୍ମ ଧାରଣା ଓ ଚଳଣି ମଧ୍ୟରୁ ଗୋଟିଏ । ସୌଭାଗ୍ୟକୁ ସେ ଦିନ କାର୍ଯ୍ୟକ୍ରମ ବିବିସି (BBC) ଦ୍ୱାରା ଆମ ଭାରତର ଆଧ୍ୟାତ୍ମିକ ସଂସ୍କୃତି ଉପରେ ପ୍ରଯୋଜିତ ହୋଇଥିଲା । ଭାରତର ୩୩ କୋଟି ଦେବ ଦେବୀ କିପରି ଭଗବାନଙ୍କର ବିଭିନ୍ନ ଶକ୍ତିର ପ୍ରତୀକ, ତାହା ସେହି କାର୍ଯ୍ୟକ୍ରମରେ ଦେଖାଇ ଦିଆଯାଇଛି । ଏମିତିକି ସେଗୁଡିକ କାଠ, ମାଟି, ପଥର ପ୍ରଭୃତିରେ ଗଢ଼ା ହେଲେ ହେଁ ସେଥିରେ ମଣିଷ ଯୁଗ ଯୁଗ ଧରି ଏକ ଦୃଢ଼ ଆସ୍ଥା ଓ ବିଶ୍ୱାସ ସ୍ଥାପନ କରି ଆସିଛି । ମଣିଷ ଏହି ମାଟିମରତକୁ ଆସିବା ପୂର୍ବରୁ କେଉଁଠି ଥିଲା କ'ଣ କରିବାକୁ ଆସିଛି, କେବେ ଯିବ କେଉଁଠିକୁ ଯିବ ଇତ୍ୟାଦି ଅସଂଖ୍ୟ ପ୍ରଶ୍ନ ଓ ତାର ଆନୁମାନିକ ଉତ୍ତର ଦିଆଯାଇଛି ।

ଭାରତୀୟ ଜୀବନଯାତ୍ରା ତଥା ଜୀବନଦର୍ଶନ ଏହି କାର୍ଯ୍ୟକ୍ରମଟିରେ ସରସ ଓ ସୁନ୍ଦର ଭାବରେ ପରିସ୍ଫୁଟ ହୋଇ ପାରିଥିଲା । ଗୋଟିଏ ସଂଳାପରେ ଏଥିରେ କୁହାଯାଇଛି, 'ଏ ଦେଶ (ଭାରତ)ରେ ସେମାନେ ଯେଉଁ ଝିଅଙ୍କୁ ବାହା ହୋଇଥାନ୍ତି, ତାଙ୍କୁ ଆଗରୁ ଭଲ ପାଇ ନଥା'ନ୍ତି, ବାହା ହେଲା ପରେ ତାଙ୍କୁ ଭଲ ପାଇଥା'ନ୍ତି, (Here they do not marry the girls whom they love, but they love the girls whom they marry) ଏହି ଚିତ୍ରରେ ଗଙ୍ଗାନଦୀ, ତାର କୂଳସ୍ଥ ଧର୍ମପୀଠ, ନଗରୀଗୁଡିକର ବହୁ ଜୀବନ୍ତ ଚିତ୍ର ଦିଆଯାଇଛି ।

ପୂର୍ବେ ଇଂଲଣ୍ଡ ବିଶେଷତଃ ଲଣ୍ଡନରେ ମଧ୍ୟ ବିଦ୍ୟାଳୟମାନଙ୍କରେ କଠିନ ଶାରୀରିକ ଦଣ୍ଡର ବ୍ୟବସ୍ଥା ଥିଲା । ପ୍ରଧାନ ଶିକ୍ଷକଙ୍କର ପ୍ରଧାନ ଅସ୍ତ୍ର ଥିଲା ବେତ । ଆମ ଦେଶରେ ଯେମିତି କଠୋର ନୀତିବାନ୍ ପ୍ରଧାନ ଶିକ୍ଷକ ବେତ ଉପରେ ନିର୍ଭରଶୀଳ ଥିଲେ, ସେମିତି ବିଲାତରେ ମଧ୍ୟ ଅନେକ ପ୍ରସିଦ୍ଧ ପ୍ରଧାନ ଶିକ୍ଷକ ବେତ୍ରଧାରୀ ରୂପରେ ଚିତ୍ରିତ ହୋଇଥାନ୍ତି । ସେଥିପାଇଁ ଇଂରାଜିରେ ଗୋଟିଏ କଥା ଥିଲା-ମାଡ ନହେଲେ ପିଲା ଖରାପ ହୋଇଯିବ (Spare the rod, Spoil the child), ମାତ୍ର ମୁଁ ବିଲାତ ଯିବାର ଚାରି ପାଞ୍ଚ ବର୍ଷ

ପୂର୍ବରୁ ଆଇନ କରାଯାଇ ଲଣ୍ଡନର ସ୍କୁଲମାନଙ୍କରୁ ଶାରୀରିକ ଦଣ୍ଡ ବ୍ୟବସ୍ଥା ଉଠାଇ ଦିଆଯାଇଥିଲା । ନିର୍ଦ୍ଦିଷ୍ଟ ଭାବରେ କହିଲେ ୧୯୭୩ ମସିହା ଜାନୁୟାରୀ ପହିଲାରୁ ବେତର ବ୍ୟବହାର ଆଇନାନୁସାରେ ନିଷିଦ୍ଧ କରାଯାଇଥିଲା ।

ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ପରାମର୍ଶ ଦେବାକୁ ଗଠିତ ପ୍ଲଓଡେନ ଶିକ୍ଷା କମିଶନ ୧୯୬୬ ରେ ତାଙ୍କର ରିପୋର୍ଟରେ ଲେଖି ଥିଲେ ସେ ପ୍ରାଥମିକ ବିଦ୍ୟାଳୟମାନଙ୍କରୁ ଶାରୀରିକ ଦଣ୍ଡ ଦେବାର ବ୍ୟବସ୍ଥା ଶୀଘ୍ର ନିଷିଦ୍ଧ ହେବା ଉଚିତ । ଏହା ଉପରେ ଶିକ୍ଷା କ୍ଷେତ୍ରରେ ଖୁବ୍ ଆଲୋଚନା ଚାଲିଥିଲା । କେତେକ ଶିକ୍ଷକ ବେତ୍ରାଘାତକୁ ଏବେ ମଧ୍ୟ ସମର୍ଥନ କରୁଥିଲେ । ମାତ୍ର ଆଇନ୍ ହେଲାପରେ ଏହା ସ୍କୁଲମାନଙ୍କରୁ ପୂରା ଉଠିଯାଇଛି କହିଲେ ଚଳେ ।

ଲଣ୍ଡନ ସ୍କୁଲ ମାଷ୍ଟର ଆସୋସିଏସନ (London School master' Association) ତରଫରୁ କୁହାଯାଇଥିଲା ଯେ ଏହି ନିଷ୍ପତ୍ତି ଶିକ୍ଷକମାନଙ୍କ ଉପରେ ଛାଡ଼ି ଦେଇ ଥିଲେ ଭଲ ହୋଇଥାନ୍ତା । ତେବେ ସେମାନେ ମତ ଦେଇଥିଲେ ଯେ, ଏହି ପଦକ୍ଷେପ କେବଳ ପ୍ରାଥମିକ ସ୍ତରରେ ସୀମାବଦ୍ଧ ହୋଇ ନରହି ମାଧମିକ ସ୍ତରରେ ବ୍ୟାପକ ଭାବରେ କାର୍ଯ୍ୟକାରୀ ହୋଇ ପାରିବ । ଶିକ୍ଷା କ୍ଷେତ୍ରରେ ଏହି ସଂସ୍କାରକୁ ପ୍ରାୟ ସମସ୍ତେ ସ୍ୱାଗତ କରି ଥିଲେ ।

ଫେବୃୟାରୀ ୨୭ ତାରିଖରେ ଆମର ଜଣେ ଅଧ୍ୟାପିକା ସୁସୀ ଆମ ଭାରତୀୟ ଶିକ୍ଷାର୍ଥୀମାନଙ୍କୁ ତାଙ୍କ ଘରକୁ ନିମନ୍ତ୍ରଣ କରିଥିଲେ ରାତ୍ରିଭୋଜନ ପାଇଁ । ସେଠାରେ ଆମ ଭିତରେ ଇଂରେଜ ଓ ଭାରତୀୟ ସଭ୍ୟତା ସଂସ୍କୃତି ସଂପର୍କରେ ବହୁ ଆଲୋଚନା ହୋଇଥିଲା । ସେଥି ମଧ୍ୟରେ ଗୋଟିଏ ସମସ୍ୟା ବିଶେଷ ଆଲୋଚନାର ବିଷୟବସ୍ତୁ ହୋଇଥିଲା । ତାହା ହେଲା ଜାତିଗତ ବୈଷମ୍ୟ (Racial discrinination), ବିଭେଦ ବ୍ୟବଧାନ ଓ ବିଦେଶୀମାନଙ୍କ ଅନୁପ୍ରବେଶ । ସୁସୀ କହିଲେ ଯେ ବିଲାତରେ ଆଜିକାଲି ସବୁଦେଶର ଲୋକଙ୍କୁ ଦେଖିବାକୁ ମିଳେ । ଆଗେ ସେମାନେ ନିଜ ଦେଶ ଛାଡି ଜୀବିକା ଅନ୍ୱେଷଣରେ ସେଠାକୁ ବହୁ ସଂଖ୍ୟାରେ ଯାଇଥିଲେ । ତା ପରେ ସେମାନେ ସ୍ଥାୟୀ ବାସିନ୍ଦା ହୋଇ ବିଲାତର ସଭ୍ୟତା, ସଂସ୍କୃତି, ଶିକ୍ଷା, ଶିଳ୍ପ ବାଣିଜ୍ୟ କ୍ଷେତ୍ରରେ ପ୍ରାଧାନ୍ୟ ଲାଭ କରିଛନ୍ତି ।

ପୂର୍ବେ ବିଭିନ୍ନ ଦେଶରୁ ଆସି ବିଲାତରେ ଜୀବିକା ନିର୍ବାହ କରିବାରେ କୌଣସି କାରଣ ନଥିଲା । ତାପରେ ଅନ୍ୟ ଦେଶବାସୀଙ୍କ ଆସିବାରେ ବାଧା ଥିଲେ ହେଁ ରାଜ୍ୟଗୋଷ୍ଠୀ (Common wealth) ର ନାଗରିକମାନେ ବିଲାତକୁ ଆସିବାର କୌଣସି ଅସୁବିଧା ନଥିଲା ।

ସେମାନେ ବିଲାତରେ ପାଞ୍ଚବର୍ଷ ରହିବା ପରେ ସେଠାରେ ନାଗରିକ ହେଉଥିଲେ । ଦ୍ୱିତୀୟ ମହାଯୁଦ୍ଧ ପୂର୍ବରୁ ରାଜ୍ୟଗୋଷ୍ଠୀ ଅନ୍ତର୍ଭୁକ୍ତ ଦେଶ ଯଥା କାନେଡା, ଅଷ୍ଟ୍ରେଲିଆ, ନିଉଜିଲ୍ୟାଣ୍ଡ ଓ ଦକ୍ଷିଣ ଆଫ୍ରିକାରୁ ଅଧିକ ସଂଖ୍ୟାରେ ଲୋକ ଆସି ବିଲାତରେ ବାସ କରିଗଲେ । ୧୯୫୦ ମସିହା ପରେ ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜ, ଭାରତ ଓ ପାକିସ୍ତାନରୁ ବହୁ ସଂଖ୍ୟକ ଅଧିବାସୀ ଅନୁପ୍ରବେଶ କରିଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଜୀବିକାର୍ଜନ କରିବାକୁ ଆସିଥିଲେ ।

ଆଜିକାଲି ବିଲାତରେ ଏମାନଙ୍କ ସଂଖ୍ୟା ବହୁଗୁଣିତ ହୋଇଯିବାରୁ ନିଯୁକ୍ତି, ବସବାସ, ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ ବାଣିଜ୍ୟ ପ୍ରଭୃତି କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଛି । ତେଣୁ ୧୯୬୨ ମସିହାରୁ ଏଥିରେ ବିଲାତ ସରକାର ଆଇନ ବଳରେ କଟକଣା କଲେଣି । ତେବେ ଆଜିକାଲି ଅଧିକାଂଶ ଶିକ୍ଷାନୁଷ୍ଠାନ, ଡାକ୍ତରଖାନା, ପରିବହନ, ଶିଳ୍ପାନୁଷ୍ଠାନ, ଦୋକାନ ବଜାର ପ୍ରଭୃତିରେ କୃଷ୍ଣକାୟ ଲୋକଙ୍କୁ ବହୁ ସଂଖ୍ୟାରେ ନିଯୁକ୍ତ ହୋଇଥିବାର ଦେଖାଯାଏ । କେତେକ ସ୍ଥାନରେ ଏମାନଙ୍କ ପ୍ରତି ଦୁର୍ବ୍ୟବହାର ଓ ପକ୍ଷପତିତା ହେଉଛି ବୋଲି ଅଭିଯୋଗ ହୋଇଥାଏ । ରେଡ଼ିଓ, ଟେଲିଭିଜନ, ପତ୍ର-ପତ୍ରିକାରେ ଏ ସଂପର୍କୀୟ ଅନେକ ସମ୍ବାଦ ସଂପ୍ରସାରିତ ହେଉଛି । ତେବେ ପ୍ରତିବର୍ଷ ପ୍ରାୟ ନଅ ହଜାର ବିଦେଶୀ ନାଗରିକ ବିଲାତକୁ ଯାଇ ସେଠାରେ ସ୍ଥାୟୀ ବାସିନ୍ଦା ହେଉଛନ୍ତି ବୋଲି ଜଣା ପଡିଛି ।

ଇଂରେଜମାନଙ୍କ ମଧ୍ୟରେ ବେକାରମାନଙ୍କ ସଂଖ୍ୟା ବହୁ ପରିମାଣରେ ବୃଦ୍ଧିପ୍ରାପ୍ତ ହେଉଥିବାରୁ ଏବଂ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ବ୍ୟବସାୟ କ୍ଷେତ୍ରରେ ବହୁ ସମସ୍ୟା ସୃଷ୍ଟି ହେଉଥିବାରୁ ବିଲାତରେ ଖୁବ୍ ଜନ ଅସନ୍ତୋଷ ପ୍ରକାଶ ପାଇଛି । କେତେକ ରାଜନୈତିକ ନେତା ମଧ୍ୟ ଏହି ଅଶାନ୍ତି ଅସନ୍ତୋଷକୁ ପ୍ରକାଶ କରି ଏ ଦିଗରେ ନେତୃତ୍ୱ ନେଉଛନ୍ତି । ସେମାନଙ୍କର ଦାବି ହେଲା ଯେ ଆଉ ବିଦେଶୀ ଲୋକମାନଙ୍କୁ ବିଲାତରେ ସ୍ଥାୟୀ ଭାବରେ ବାସ କରିବାକୁ ଅନୁମତି ଦିଆ ନଯାଉ ଏବଂ ସେମାନଙ୍କର ପ୍ରବେଶରେ ମଧ୍ୟ ବହୁ ବାଧାବିଘ୍ନ ସୃଷ୍ଟି କରାଯାଉ । ରକ୍ଷଣଶୀଳ ଦଳର ଜଣେ ପୂର୍ବତନ ମନ୍ତ୍ରୀ ଓ ନେତା ଏନକ ପାଓଏଲ ଏହି ସଂପର୍କରେ ୧୯୬୮ ମସିହାରେ ଉତ୍ତେଜନାମୂଳକ ଆଗ୍ନେୟ ଭାଷଣ ଦେଇ ଜାତିଗତ ବିଦ୍ୱେଷ ସୃଷ୍ଟି କରୁଛନ୍ତି ବୋଲି ଅଭିଯୋଗ ହୋଇଥିଲା । ତେଣୁ ତାଙ୍କୁ ରକ୍ଷଣଶୀଳ ଦଳର ମୁଖ୍ୟ ନେତା ହିଥ୍ ଦଳୀୟ ପଦବୀରୁ ବହିଷ୍କାର କରି ଦେଇଥିଲେ । ଏମିତିକି ତାଙ୍କୁ ଛାୟାମନ୍ତ୍ରୀମଣ୍ଡଳ (Shadow cabinet) ରୁ ମଧ୍ୟ ଅନ୍ତର କରି ଦିଆଯାଇଥିଲା । କିନ୍ତୁ ୧୯୭୦ ମସିହା ସାଧାରଣ ନିର୍ବାଚନ ହୋଇଥିଲା । ଏଥିରେ ସାହେବମାନେ ମଧ୍ୟ ତାଙ୍କର ବିଷୋଦଗାରରେ ସହଯୋଗୀ ଓ ସମଭାଗୀ ବୋଲି ଅନୁମିତ ହୁଏ ।

ଆଉ ଗୋଟିଏ ମଜାକଥା ଆମର ସେ ଦିନ ଆଲୋଚ୍ୟ ବିଷୟ ହୋଇଥିଲା । ତାହା ହେଲା ଇଂରେଜ ମାଟି ବିଲାତରେ ପୁଣି ଇଂରେଜ ଭାଷାରେ ଉଚ୍ଚାରଣଗତ ଆକାଶ ପାତାଳ ପାର୍ଥକ୍ୟ ! ଏଥିରେ ଆଞ୍ଚଳିକ ଭାଷାଗତ ବୈଷମ୍ୟ ଏତେ ସେ ସ୍କଟଲ୍ୟାଣ୍ଡରେ ଗୋଟିଏ ପ୍ରକାର ଉଚ୍ଚାରଣ, ଆୟରଲ୍ୟାଣ୍ଡରେ ଆଉ ଏକପ୍ରକାର, ଓଏଲସ୍‌ରେ ଏକ ପ୍ରକାର ଉଚ୍ଚାରଣ ତ ମଧ୍ୟଭାଗରେ (Midland) ରେ ଆଉ ଏକ ପ୍ରକାର । ସେଥିରେ ପୁଣି ଗୋଟିଏ ଅଞ୍ଚଳରେ ଉଚ୍ଚ ଶ୍ରେଣୀର ଲୋକମାନେ ଏକ ପ୍ରକାର ଉଚ୍ଚାରଣ କଲାବେଳେ ନୀଚ ଶ୍ରେଣୀର ଅଧିବାସୀମାନେ ଅଲଗା ପ୍ରକାର ଉଚ୍ଚାରଣ କରନ୍ତି । ତେବେ ବି.ବି.ସି ସମ୍ବାଦ ପାଠରେ ବ୍ୟବହୃତ ଇଂରାଜୀ ଉଚ୍ଚାରଣ ଉପଯୁକ୍ତ ମାନ (Standard)ର ବୋଲି ଧରାଯାଏ । ପୂର୍ବେ ପୁଣି ବର୍ତ୍ତମାନ ଅପେକ୍ଷା ଅଧିକ ଉଚ୍ଚାରଣଗତ ପାର୍ଥକ୍ୟ ପରିଲକ୍ଷିତ ହେଉଥିଲା । ଲଣ୍ଡନ ନଗରୀରେ ଏବେ ମଧ୍ୟ ପୂର୍ବଠାରୁ ପଶ୍ଚିମ, ଉତ୍ତର ଠାରୁ ଦକ୍ଷିଣ ଇଂରାଜୀ ଉଚ୍ଚାରଣ ବେଶ୍ ସ୍ୱତନ୍ତ୍ର । ହାୟ, ଦେଶକେ ଫାଙ୍କ୍, ନଈକେ ବାଙ୍କ୍ କୁହାଯାଉ ଥିଲେ ହେଁ ସତରେ ଅଂଚଳକେ ଫାଙ୍କ୍ କଥାକେ ବାଙ୍କ୍ ବୋଲି କହିବା ଅଧିକ ଠିକ୍ ହେବ ପରା !

ହଁ, ସେ ଦିନ ଏମିତି ଘମାଘୋଟିଆ ଆଲୋଚନା ଓ କଥାବାର୍ତ୍ତାରେ ରାତି ଆଗେଇଲା । ସୁସୀ ନିଜେ ଯନ୍ତ୍ରପାତି ସାହାର୍ଯ୍ୟରେ ରୋଷଇ କାର୍ଯ୍ୟରେ ବ୍ୟସ୍ତ । ସେ ଇଂରେଜୀ ଖାଦ୍ୟପ୍ରସ୍ତୁତିରେ ଲାଗି ପଡିଥିଲେ । ସବୁଠୁଁ ବେଶୀ ସମୟ ଓ ଶ୍ରମ ସ୍ୱୀକାର କରିବାକୁ ହେଲା ଗୋଟିଏ ପିଠା ପ୍ରସ୍ତୁତ କରିବାରେ । ନାଁ ତାର ପ୍ୟାନ୍‌କେକ୍ । ସେଥିପାଇଁ ତାଙ୍କୁ ସାହାଯ୍ୟ କରିବାକୁ ଆମ ଭାରତୀୟ ମହିଳା ମୋହିନୀ ରାଉତ୍ ଆଗେଇ ଗଲେ । ମାତ୍ର ସେବି କ'ଣ କରି ଜାଣନ୍ତି ଯେ ସାହାଯ୍ୟ କରିବେ ? ମୋର ସେତେବେଳେ ମନେ ପଡ଼ିଲା ଆମର ଆଧୁନିକା ଶିକ୍ଷିତାମାନଙ୍କ ପିଠାପଣା କରିବାରେ ଅଜ୍ଞାତର ବିଷୟ । ଅଥଚ ଆଗେ ଆମ ଘରେ ଘରେ ଅଶିକ୍ଷିତା ମା' ଭଉଣୀମାନେ କେତେ ପ୍ରକାରର ସୁସ୍ୱାଦ ପିଠାପଣା କରୁଥିଲେ ପୁନିଅପରବ, ପୂଜା ପାର୍ବଣମାନଙ୍କରେ !

ସୁସୀ ସେଦିନ ପ୍ୟାନକେକ୍ କରିବାରେ ଅସଫଳ ହେଲେ । କିନ୍ତୁ ତାହା ପ୍ରସ୍ତୁତ କରିବାର କାରଣ ଜଣାଇ କହିଥିଲେ ଆଜି ପରା ପ୍ୟାନ୍‌କେକ୍‌ର ଦିନ (Today is called the day of pancakes) !

❑❑❑

# ଅଧ୍ୟାୟ -୧୨

## ଦୁଇଟି ପ୍ରଦର୍ଶନୀ, ଐଶ୍ୱର୍ଯ୍ୟ ଓ ଆଲେଖ୍ୟର

ଲଣ୍ଡନର ଏକ ବିଶେଷ ଆକର୍ଷଣୀୟ ଅନୁଷ୍ଠାନ ଶ୍ରୀମତୀ ଡୁଷୋଙ୍କର (Madame Tussaud's) ପ୍ରଦର୍ଶନୀ । ସାଧାରଣ ପ୍ରଦର୍ଶନୀ ଠାରୁ ଏହା ସ୍ୱତନ୍ତ୍ର, ମର୍ଯ୍ୟାଦାସମ୍ପନ୍ନ ଓ କଳାତ୍ମକ । ଏହା ଯେମିତି ଚିତ୍ତାକର୍ଷକ, ସେମିତି ଶିକ୍ଷଣୀୟ । ଉନ୍ନତ ଧରଣର ବିପଣୀ ବୀଥିକା ଅକ୍ସଫୋର୍ଡ଼ ଷ୍ଟ୍ରିଟ୍ ଓ ମନୋହର ରିଜେଣ୍ଟ ପାର୍କ ମଧ୍ୟବର୍ତ୍ତୀ ମେରିଲବୋନ୍ ରୋର୍ଡ ପାର୍ଶ୍ୱରେ ଏହି ପ୍ରଦର୍ଶନୀଟି ଅବସ୍ଥିତ ।

ମାର୍ଚ୍ଚ ପହିଲା । ସେଦିନ ମୁଁ ନିକଟସ୍ଥ ବେକର ଷ୍ଟ୍ରିଟ୍ ଷ୍ଟେସନ ଯାଏ ଭୂମିତଳ (Underground) ଟ୍ରେନ୍‌ରେ ଯାଇଥିଲି । ସେଠାରୁ ୫/୭ ମିନିଟ୍ ଚାଲି ମୁଁ ପ୍ରଦର୍ଶନୀଠାରେ ପହଁଞ୍ଚିଲି । ବିରାଟ ପ୍ରାସାଦଟିଏ, ସୁନ୍ଦର ଓ ସୁସଜ୍ଜିତ । ପ୍ରବେଶଦ୍ୱାରରେ ଶୋଭାପାଉଛି ୮୧ ବର୍ଷ ବୟସ୍କା ଡୁଷୋଙ୍କର ସ୍ୱହସ୍ତନିର୍ମିତ ନିଜ ପ୍ରତିମୂର୍ତ୍ତି ଟି । ଦର୍ଶକମାନଙ୍କୁ ସ୍ୱାଗତ କରିବା ଭଙ୍ଗୀରେ ତାହା ସଂସ୍ଥାପିତ ।

ପ୍ରାୟ ଦୁଇଶହ ବର୍ଷ ତଳର କଥା । ଫ୍ରାନ୍ସର ଷ୍ଟାସବର୍ଗରେ ଜନ୍ମଗ୍ରହଣ କରିଥିଲେ ମେରୀ । ପ୍ୟାରିସ୍‌ଠାରେ ଦାଦା ଫିଲିପ୍-କୁର୍ଟିସ୍‌ଙ୍କ ଦ୍ୱାରା ସେ ହୋଇଥିଲେ ଲାଳିତ ପାଳିତ । କୁର୍ଟିସ୍ ଜଣେ ଡାକ୍ତର ହୋଇଥିଲେ ହେଁ ମହମତିଆରି ମୂର୍ତ୍ତିଗଠନରେ ପାରଦର୍ଶିତା ଲାଭ କରିଥିଲେ । ମେରୀ ୧୭ବର୍ଷ ବୟସରୁ ମହମରେ ଅନେକ ପ୍ରକାର ଜୀବ ଓ ପଦାର୍ଥ ଗଠନ ଶିକ୍ଷା କରିଥିଲେ ।

୧୭୯୦ ଖ୍ରୀଷ୍ଟାବ୍ଦରେ ଫରାସୀ ରାଜପ୍ରସାଦ ଭର୍ସାଇଲସ୍‌କୁ ଯାଇଥିଲେ ରାଣୀଙ୍କ (ଷୋଡ଼ଷ ଲୁଇ)ଙ୍କ ଭଉଣୀ ଏଲିଜାବେଥ୍‌ଙ୍କୁ ମେରୀ ମହମମୂର୍ତ୍ତି ଗଠନ ଶିକ୍ଷା ଦେବାକୁ । ଯେତେବେଳେ ଫରାସୀ ବିପ୍ଳବ ଆରମ୍ଭ ହେଲା ବିପ୍ଳବୀମାନେ ମେରୀଙ୍କୁ ଜଣେ ରାଜାନୁଗତ ଭାବି କଏଦୀଖାନାରେ ଭର୍ତ୍ତି କରିଥିଲେ । ସୌଭାଗ୍ୟକୁ ତାଙ୍କର କଳାତ୍ମକ ସାମର୍ଥ୍ୟ ତାଙ୍କୁ ଫାଶୀକାଠରୁ ରକ୍ଷା କରିଥିଲା । ମେରୀ ନିଜର ପ୍ରତ୍ୟକ୍ଷ ଅନୁଭୂତିରୁ ରାଜା, ରାଣୀ, ଫାଶୀକାଠ ଗୁଲେଟିନ୍ ପ୍ରଭୃତିର ଜୀବନ୍ତ ରୂପାୟନ କରିଥିଲେ । ପ୍ରଚାର ପାଇଁ ବିପ୍ଳବୀମାନେ ପ୍ରାୟ ସମସ୍ତ ନିହତ ବ୍ୟକ୍ତିଙ୍କର ମସ୍ତକ ବା ମୁଖା (Mask) ମହମରେ ପ୍ରସ୍ତୁତ କରିବାକୁ ଚାହିଁଥିଲେ । ମେରୀ ତାଙ୍କର ଦାଦାଙ୍କ ସହିତ ମିଶି ସେଗୁଡିକୁ ଗଠନ କରିଥିଲେ ।

ମେରୀ ଫାଙ୍କୋସ୍ ତୁଷୋଙ୍କୁ ବିବାହ କଲାପରେ ୧୮୦୨ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡକୁ ଚାଲି ଯାଇଥିଲେ । ସେଥିରେ ସେ ତାଙ୍କର ବଛା ବଛା ୩୦ଟି ମହମମୂର୍ତ୍ତି ନେଇଯାଇଥିଲେ । ପ୍ରାୟ ୩୩ ବର୍ଷ ଧରି ସେ ବିଲାତରେ ତାଙ୍କର ଦୁଇ ପୁଅଙ୍କ ସହିତ ବିଭିନ୍ନ ସ୍ଥାନକୁ ଯାଇଥିଲେ, ଏବଂ ବଡ଼ ହଲ ଓ ଥିଏଟର ଘରେ ମହମ ମୂର୍ତ୍ତି ଗୁଡିକର ପ୍ରଦର୍ଶନୀ ଖୋଲିଥିଲେ । ସେଗୁଡିକ ମଧ୍ୟରେ ସମସାମୟିକ ଜନନାୟକ, ନେତା, ରାଜାରାଣୀ, କଳାକାର, ଅଭିନେତା, ଅଭିନେତ୍ରୀ, ଲେଖକ ଲେଖିକା ପ୍ରମୁଖଙ୍କ ମୂର୍ତ୍ତି ପ୍ରଦର୍ଶିତ ହେଉଥିଲା ।

ଶେଷରେ ୧୮୩୫ ମସିହାରେ ଶ୍ରୀମତୀ ତୁଷୋ ଲଣ୍ଡନ ସହରରେ ସ୍ଥାୟୀ ଭାବରେ ଗୋଟିଏ ପ୍ରଦର୍ଶନୀର ଆୟୋଜନ କରିଥିଲେ । ସେଦିନଠାରୁ ଏହି ପ୍ରଦର୍ଶନୀରେ ମହମ ମୂର୍ତ୍ତିଗୁଡିକର ସଂଖ୍ୟା ବଢ଼ି ବଢ଼ି ଚାଲିଛି । ମହମର କେବଳ ମୂର୍ତ୍ତିଗୁଡିକର ତିଆରି ହୋଇନାହିଁ, ଇତିହାସର ଅନେକ ସ୍ମରଣୀୟ ଘଟଣା ଜୀବନ୍ତ ଭାବରେ ରୂପାୟିତ ହୋଇଛି । ଏଗୁଡିକ ନୈସର୍ଗିକତା (Naturality), ଗତିଶୀଳତା (Dynamisn) ଓ ଭାସ୍କର୍ଯ୍ୟ ଖୁବ୍ ଚିତ୍ତାକର୍ଷକ । ବିଭିନ୍ନ ଦୃଶ୍ୟ ସଂବଳିତ ଚିତ୍ରାବଳୀ Panorama ଦର୍ଶକ ମନରେ ନାନା ପ୍ରକାର ରସ ଓ ଆବେଗ ଉଦ୍ରେକ କରେ । କେତେକକୁ ଦେଖିଲେ ମନୁଷ୍ୟ ଭୟଭୀତ ହୋଇପଡେ । କେତେକ ଦର୍ଶକ ମନରେ ଦୟା ଓ ସହାନୁଭୂତି ଜାଗ୍ରତ କରେ । କେତେକ ତା ମନରେ ଭକ୍ତି ଓ ଶ୍ରଦ୍ଧା ତ କେତେକ ଘୃଣା ଓ କ୍ରୋଧ ସୃଷ୍ଟି କରିଥାଏ । ସେଗୁଡିକ ମଧ୍ୟରୁ ପୁଣି ଅନେକେ ସରସ ଓ ସକ୍ରିୟ । ଆଧୁନିକ ଯନ୍ତ୍ରବିଜ୍ଞାନ ତଥା ବୈଦ୍ୟୁତିକ କୌଶଳ ସାହାଯ୍ୟରେ ସେଗୁଡିକର ସ୍ଥାଣୁତ୍ୱ ଓ ନୀରବତା ଲୋପ ପାଇଛି । ସେମାନେ ଯେମିତି ପ୍ରାଣବନ୍ତ, ସେମିତି ଲୋଭନୀୟ ହୋଇପାରିଛନ୍ତି । ଅନେକ ଐତିହାସିକ ଘଟଣାର ମଞ୍ଚସଜ୍ଜା (Setting ) ଓ ବାସ୍ତବତା (Reality) ଦର୍ଶକକୁ ଗଭୀର ଭାବରେ ଅଭିଭୂତ କରିଥାଏ । ମୂର୍ତ୍ତିଗୁଡିକ ଏତେ ଜୀବନ୍ତ ହୋଇଥାଏ ଯେ ସେଗୁଡିକ ମହମ ନିର୍ମିତ ବୋଲି ଆଦୌ ଜାଣିହୁଏ ନାହିଁ । ସେମାନେ ଯେମିତି ରକ୍ତମାଂସର ଶରୀର ଧରି ଆତଯାତ ହେଉଛନ୍ତି ।

ଶୁଣାଯାଏ ଯେ ୧୭୮୯ମସିହାରେ ଯେତେବେଳେ ଭୟଙ୍କର ଫରାସୀ ବିପ୍ଲବ ସଂଘଟିତ ହେଲା, ସେତେବେଳେ ମୃତ୍ୟୁଦଣ୍ଡରେ ଦଣ୍ଡିତ ହେଉଥିବା ହତଭାଗ୍ୟ ବ୍ୟକ୍ତିମାନଙ୍କରେ ମୁଖା ପ୍ରସ୍ତୁତି ଦାୟିତ୍ୱ ଦିଆଗଲା ଶ୍ରୀମତୀ ତୁଷୋଙ୍କୁ । ଏହି କାର୍ଯ୍ୟ ଖୁବ କଷ୍ଟକର ହେଲେ ହେଁ ସେ ଦୃଢ଼ ସାହସ ଓ ଅତୁଟ ମନୋବଳ ସହିତ ଏହି କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିଥିଲେ । ସେଗୁଡିକ ମଧ୍ୟରୁ କେତେକ ବର୍ତ୍ତମାନ ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ ହେଉଛି । ପରବର୍ତ୍ତୀ କାଳରେ ଶ୍ରୀମତୀ ତୁଷୋ ଇତିହାସର ତଥା ସମସାମୟିକ ଯୁଗରନେତା, ରାଜା, ରାଣୀ ଓ ଘଟଣାଗୁଡ଼ିକର ରୂପସଜ୍ଜା ଓ ମୂର୍ତ୍ତିଗୁଡିକ ଗଠନ କରି ଖୁବ୍ ଲୋକପ୍ରିୟ ହୋଇଥିଲେ ।

୧୮୫୦ ମସିହା । ଅପ୍ରେଲ ମାସ ୧୫ ତାରିଖ ଦିନ ହିଁ ଶ୍ରୀମତୀ ତୁଷୋ ମୃତ୍ୟୁବରଣ କରିଥିଲେ । ତାଙ୍କର ଅସାଧାରଣ ସାଧନାର ଅପୂର୍ବ ସିଦ୍ଧି କେବଳ ବିଲାତ କାହିଁକି ସାରା ଜଗତର ପରମ ଐଶ୍ୱର୍ଯ୍ୟମୟ ପ୍ରଦର୍ଶନୀ ଭାବରେ ଏ ପର୍ଯ୍ୟନ୍ତ ସୁ ପ୍ରତିଷ୍ଠିତ ହୋଇ ଆସଛି । ସେହି ପ୍ରଦର୍ଶନୀର ମହମମୂର୍ତ୍ତି ଓ ଦୃଶ୍ୟାବଳୀକୁ ଭଲକରି ଦେଖିବା ନିମନ୍ତେ ଅନ୍ୟୁନ ୩/୪ଘଣ୍ଟା ନିତାନ୍ତ ଦରକାର ।

୧୯୭୯ ମାର୍ଚ୍ଚ ପହିଲା ଦିନ ମୁଁ ସେଠାରେ ଯାହାସବୁ ଦେଖିଲି, ସେଥିରୁ କେତୋଟି ଆଜି ଉଲ୍ଲେଖ କରିବାର ଲୋଭ ସମ୍ବରଣ କରିପାରୁନାହିଁ ।

ପ୍ରଥମେ ମୁଁ ଗ୍ରାଣ୍ଡ ହଲ (Grand Hall ) ରେ ପହଞ୍ଚିଲି । ସେଠାରେ ଶ୍ରୀମତୀ ତୁଷୋଙ୍କର ଦ୍ୱାରା ନିର୍ମିତ ଫରାସୀ ରାଜପରିବାର ବ୍ୟକ୍ତିଗଣଙ୍କର ମହମ ମୂର୍ତ୍ତି ଖୁବ୍ ଜୀବନ୍ତ । ରାଜା ଷୋଡ଼ଶ ଲୁଇଙ୍କର ପ୍ରତିମୂର୍ତ୍ତି ରାଣୀ ମେରୀ ଓ ପୁତ୍ରକନ୍ୟାଙ୍କ ମୂର୍ତ୍ତି ସହିତ ଗୋଟିଏ ସ୍ୱତନ୍ତ୍ର କୋଠରୀରେ ଶୋଭାପାଉଛି । ଇଂଲଣ୍ଡର ରାଜ ପରିବାରର ଐତିହାସିକ ଘଟଣା ଓ ମୂର୍ତ୍ତିଗୁଡ଼ିକ ମହମରେ ରୂପାୟିତ ହୋଇଛି । ଗୋଟିଏ ସ୍ଥାନରେ ଇଂଲଣ୍ଡର ଏକ କ୍ଷମତାଶାଳୀ ରାଜା ଅଷ୍ଟମ ହେନେରୀ ଓ ତାଙ୍କର ୬ଟି ରାଣୀଙ୍କ ମହମ ମୂର୍ତ୍ତି ବି ଜୀବନ୍ତ ! ସେମାନଙ୍କର ରାଜକୀୟ ପୋଷାକ ପରିଚ୍ଛଦ ଓ ସଂଭ୍ରାନ୍ତଶୀଳତା ଦେଖିଲେ ମନେହୁଏ ସତେ ଯେମିତି ଅଷ୍ଟମ ହେନେରୀ ସମସ୍ତ ରାଜରାଣୀଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ଦଣ୍ଡାୟମାନ ! ପ୍ରଥମ ଏଲିଜାବେଥ୍ ଦ୍ୱିତୀୟ ଚାର୍ଲସ, ଚତୁର୍ଥ ଜର୍ଜ, ପଞ୍ଚମ ଜର୍ଜ, ମହାରାଣୀ ଭିକ୍ଟୋରିୟା, ସପ୍ତମ ଏଡଓ୍ୱାର୍ଡ ପ୍ରମୁଖ ରାଜାରାଣୀମାନଙ୍କର ମହମମୂର୍ତ୍ତିଗୁଡ଼ିକ ରାଜକୀୟ ବେଶଭୂଷାରେ କି ମନୋଜ୍ଞ !

ରାଜବଂଶ ବ୍ୟତୀତ ଗ୍ରାଣ୍ଡ ହଲରେ ପୋପ୍ ଦ୍ୱିତୀୟ ଜନ ପଲ ଏବଂ ଆବ୍ରାହମ୍ ଲିଙ୍କନ, ଚର୍ଚ୍ଚିଲ, ଡିଗଲ, ରେଗନ, ଏନକ୍ରୁମା, କିଙ୍ଗ ହୋସେନ ପ୍ରମୁଖ ରାଷ୍ଟ୍ରନାୟକଙ୍କର ମହମମୂର୍ତ୍ତିଗୁଡ଼ିକ ଖୁବ୍ ଆକର୍ଷଣୀୟ ହୋଇଛି ।

ଏହି ହଲ୍‌ରେ ଆମର ଜାତିପିତା ଗାନ୍ଧିଜୀ, ପୂର୍ବତନ ପ୍ରଧାନମନ୍ତ୍ରୀ ନେହେରୁ ଓ ଇନ୍ଦିରାଗାନ୍ଧିଙ୍କ ପ୍ରତିମୂର୍ତ୍ତି ଅତ୍ୟନ୍ତ ଜୀବନ୍ତ ଓ ବାସ୍ତବ ହୋଇଛି । ବାପୁଜୀଙ୍କ ସ୍ୱଭାବସୁଲଭ ହସ ଓ ଆଣ୍ଠୁଲୁଚା ପରିଧାନ ଖୁବ୍ ବିଶେଷତ୍ୱ ପୂର୍ଣ୍ଣ ଭାବରେ ପ୍ରଦର୍ଶିତ ।

ତା ପରେ ମୁଁ ଦେଖିଲି ବିଭିନ୍ନ ଐତିହାସିକ ଘଟଣାକୁ ନେଇ ମହମମୂର୍ତ୍ତିର ଅପୂର୍ବ ଆଲେଖ୍ୟ Tableaux । ଏହା ମାତ୍ର ବର୍ଷକ ମଧ୍ୟରେ ଉନ୍ମୋଚିତ ହୋଇଥିଲା ଏବଂ ଏଥିରେ ବିଲାତ ପାର୍ଲାମେଣ୍ଟ ଗୃହକୁ ଧ୍ୱଂସ କରିବା ଷଡଯନ୍ତ୍ରର ଖଳ ନାୟକ ଗୁଇ ଫାଓକ୍ସ, ରାଣୀ

ମେରୀ ପ୍ରଭୃତିକ ମହମମୂର୍ତ୍ତି ଅତ୍ୟନ୍ତ ଆକର୍ଷଣୀୟ । ଦେଖିଲି ସବୁଠାରେ ବେଶୀ ଲୋକ ରୁଣ୍ଡ ହୋଇଛନ୍ତି ଗୋଟିଏ ଆଲେଖ୍ୟ ସମ୍ମୁଖରେ । ତାହାହେଲା ଶୟନରତା ସୁନ୍ଦରୀ (Sleeping Beauty) । ଏହା ଡକ୍ଟର ୟୁର୍ଟିସଙ୍କ ନିର୍ମିତ ସର୍ବପ୍ରାଚୀନ ମହମମୂର୍ତ୍ତି । ଫ୍ରାନସ୍‌ର ରାଜା ପଞ୍ଚଦଶ ଲୁଇଙ୍କ ରାଣୀ ମାଡାମ୍ ଡୁ ବାରୀଙ୍କର ଏକ ପ୍ରତିମୂର୍ତ୍ତି । ଶାୟିତ ସାମ୍ରାଜ୍ଞୀଙ୍କର ଅସାଧାରଣ ସୌନ୍ଦର୍ଯ୍ୟ କି ଚିତ୍ତାକର୍ଷକ ! ପୁଣି ସେହି ପ୍ରତିମୂର୍ତ୍ତିକୁ ଜୀବନ୍ତ କରିବା ପାଇଁ କୃତ୍ରିମ ଶ୍ୱାସକ୍ରିୟାର ବ୍ୟବସ୍ଥା ହୋଇଛି । ପୂର୍ବେ ଘଡି ଯନ୍ତ୍ରର ପ୍ରଣାଳୀ (Clock machanism) ଅନସୁସାରେ ଏହି ଶ୍ୱାସକ୍ରିୟା ପରିଚାଳିତ ହେଉଥିଲା । ସଂପ୍ରତି ବୈଦ୍ୟୁତିକ ପ୍ରଣାଳୀର ଉପଯୋଗ କରାଯାଇ ଏହି ଶ୍ୱାସକ୍ରିୟା ବ୍ୟବସ୍ଥା ହୋଇଛି ।

ସବୁଠାରୁ ଅଧିକ ଲୋମହର୍ଷଣକାରୀ ଦୃଶ୍ୟ ଦୃଷ୍ଟିଗୋଚର ହେଲା ଏଠାରେ ଥିବା ଭୟଙ୍କର କୋଠରୀ (Chamber of Horrors) ମଧ୍ୟରେ । ଏଠାରେ ଶ୍ରୀମତୀ ତୁଷୋ କେତେକ କୁଖ୍ୟାତ ହତ୍ୟାକାରୀ, ବହୁ ରାଜତାନ୍ତ୍ରିକ ଓ ସାମାଜିକ ଭ୍ରଷ୍ଟାଚାର, ଭୀତିପ୍ରଦ ଦଣ୍ଡବିଧି ଆଦି ବିଭିନ୍ନ ପ୍ରକାର ଶ୍ରବ୍ୟ-ଦୃଶ୍ୟ ସାମଗ୍ରୀ (Audio visual materials) ସାହାଯ୍ୟରେ ରୂପାୟିତ କରିଥିଲେ । ମହମମୂର୍ତ୍ତି ସହିତ ଉପଯୁକ୍ତ ଦୃଶ୍ୟସଜ୍ଜା, ପରିପାଟୀ ଓ ଭୟଙ୍କର ଶବ୍ଦ ସଂଯୋଜନା ଅନେକ ଆବେଗପ୍ରବଣ ଦର୍ଶକଙ୍କୁ କ୍ରନ୍ଦନରତ ବା ଶଙ୍କାକୁଳ କରିଦିଏ ।

ଦ୍ୱିତୀୟ ବିଶ୍ୱଯୁଦ୍ଧର କେତେକ ଭୟାବହ ଦୃଶ୍ୟ ଓ ଫରାସୀ ଆନ୍ଦୋଳନର ମର୍ମସ୍ପର୍ଶୀ ଘଟଣାର ଆଲେଖ୍ୟ ଖୁବ୍ ଚିତ୍ତଚାଞ୍ଚଲ୍ୟକାରୀ । ସାମରିକ ଅସ୍ତ୍ରଶସ୍ତ୍ର ଓ ଆଗ୍ନେୟ ତଥା ଆଣବିକ ବିସ୍ଫୋରଣର ପ୍ରବଳ ଶବ୍ଦ ଏହି ଦୃଶ୍ୟାବଳକୁ ଅତ୍ୟନ୍ତ ଭୀତିପ୍ରଦ କରିଥାଏ । ଯେଉଁ 'ଗୁଲୋଟିନ' ଯନ୍ତ୍ରରେ ବହୁ ଫରାସୀ ବିପ୍ଳବୀ ଓ ରାଜାରାଣୀଙ୍କର ଶିରଚ୍ଛେଦ ହୋଇଥିଲା, ତାହା 'ଗାରୋଟ' ପ୍ରାଣଦଣ୍ଡ-ପ୍ରଣାଳୀ ଓ ବୈଦ୍ୟୁତିକ ଚଉକି ସାହାଯ୍ୟରେ ମୃତ୍ୟୁଦଣ୍ଡ ଦିଆଯାଉଥିଲା, ସେଗୁଡିକ ମନରେ ଅତିରିକ୍ତ ଭୟ ସଂଚାର କରେ ।

ଆଉ ଏକ ରୋମାଞ୍ଚକର ଦୃଶ୍ୟ ହେଲା 'ସ୍ନାନାଗାରେ ନବବଧୂ' ( Bride in the Bath) ଏହା ମଧ୍ୟ ଗୋଟିଏ ବାସ୍ତବ ଘଟଣାକୁ ନେଇ ରୂପାୟିତ । ଜର୍ଜ ଜୋସେଫ ସ୍ମିଥ ନାମକ ଜଣେ ହତ୍ୟାକାରୀ ନିଜର ତିନୋଟି ସ୍ତ୍ରୀଙ୍କୁ ସ୍ନାନାଗାରର ଜଳପୂର୍ଣ୍ଣ କୁଣ୍ଡରେ ବୁଡାଇ ମାରିଦେଇଥିଲା । ଏହିପରି ବହୁ ଲୋମହର୍ଷଣକାରୀ ଘଟଣାର ରୂପାୟନରେ ସତେ-ଭୟଙ୍କର କୋଠରୀର ନାମ ସାର୍ଥକ ହୋଇଛି ।

ଇଂରେଜ ଜାତୀୟ ଇତିହାସରେ ଏକ ବିଶେଷ ଉଲ୍ଲେଖଯୋଗ୍ୟ ଘଟଣା ହେଲା ଟ୍ରାଫାଲ୍‌ଗାର ଯୁଦ୍ଧ (Battle of Trafalgar) । ଏହି ଅବିସ୍ମରଣୀୟ ଘଟଣାର ଜୀବନ୍ତ ଆଲେଖ୍ୟ

୧୯୭୬ ମସିହାରେ ଉଦ୍‌ଘାଟିତ ହୋଇଥିଲା । ଏଥିରେ ମହମ-କଳା ନୈପୁଣ୍ୟର ବି ଯାଦୁକାରୀ ଶକ୍ତି ଅଭିବ୍ୟକ୍ତ । ୧୮୦୫ ମସିହା ଅକ୍ଟୋବର ୨୧ ତାରିଖ ଇଂରେଜମାନଙ୍କର ଏକ ଗର୍ବ ଓ ଗୌରବର ଦିନ । ସେଦିନ ବ୍ରିଟିଶ ନୌସେନାର ପ୍ରସିଦ୍ଧ ସେନାପତି ନେଲସନଙ୍କର ଅଧିନାୟକତ୍ୱରେ ଫରାସୀ ଓ ସ୍ପାନିସ ଶତ୍ରୁ ସୈନ୍ୟଙ୍କୁ ପରାସ୍ତ କରିଥିଲେ । ସେହି ଯୁଦ୍ଧରେ ବ୍ୟବହୃତ ହୋଇଥିବା ଭିକ୍ଟରୀ ( Victory) ଜାହାଜଟିର କେବଳ ପ୍ରତିରୂପ କରିବାରେ ୫୦ ହଜାର ପାଉଣ୍ଡରୁ ଅଧିକ ଖର୍ଚ୍ଚ ହୋଇଥିଲା । ସେହି ଜାହଜଟିର ନିର୍ମାଣରେ ଏତେ ଖର୍ଚ୍ଚ ହୋଇଥିଲା କି ନାହିଁ ସନ୍ଦେହ ! ପ୍ରକୃତ ଯୁଦ୍ଧକାଳୀନ ଗୁଳିଗୋଳା ଓ ବନ୍ଧୁକର ବଜ୍ର ଗମ୍ଭୀର ଶବ୍ଦ, ରଣତୂରୀ ଓ ରଣ ଦୁନ୍ଦୁଭିର ହୃଦୟବିଦାରକନାଦ, ଅନ୍ଧକାରମୟ ଧୂମପଟଳ, ସୈନ୍ୟମାନଙ୍କର ଗୁରୁଗର୍ଜ୍ଜନ ପ୍ରଭୃତି ଆଧୁନିକ ବିଜ୍ଞାନ ଓ ଯନ୍ତ୍ରପାତି ଯୋଗୁଁ ଅତି ବାସ୍ତବ ଓ ମନୋଜ୍ଞ ହୋଇଛି । ଦର୍ଶକ ସମ୍ମୁଖରେ ସତେ ଯେମିତି ଟ୍ରାଫାଲ୍‌ଗାର ଯୁଦ୍ଧର ବିଭୀଷିକା ପୁନଃଅଭିନୀତ ହୋଇଯାଏ ।

ତୁଷୋଙ୍କର ପ୍ରଦର୍ଶନୀ ପ୍ରାସାଦରୁ ବାହାରିଲା ମାତ୍ରେ ଆଖିରେ ପଡିଲା ବିରାଟ ଲଣ୍ଡନ ପ୍ଲାନେଟୋରିୟମ (London Planetorium) । ଦେଖିବାକୁ ଭାରିଇଚ୍ଛା ହେଲା । ଟିକେଟ୍ ଧରି ଭିତରକୁ ଗଲି । ସେଠାରେ ଯେମିତି ସତେ ରାତ୍ରିର ତାରକାଖଚିତ ଆକାଶ ! ଶୂନ୍ୟ ମଣ୍ଡଳରେ ଗ୍ରହନକ୍ଷତ୍ର ପ୍ରଭୃତି ଅପୂର୍ବ ଆଲୋଚନାରେ ଦୀପ୍ତିମନ୍ତ !! ଅତି ଶକ୍ତିଶାଳୀ ଓ ବୃହଦାକାର ପ୍ରକ୍ଷେପକ ଯନ୍ତ୍ର (Projector) ସାହାଯ୍ୟରେ ଜ୍ୟୋତିଷ୍କ, ଧୂମକେତୁ, ଉଲ୍‌କା, ଛାୟାପଥ ପ୍ରଭୃତିର ଅବସ୍ଥିତି ଓ ଗତି ସଂପର୍କରେ ବିସ୍ତୃତ ବିବରଣୀ ମଧ୍ୟ ଜାଣିବାକୁ ପାଇଲୁ । ସ୍ଥୂଳତଃ ମଣିଷକୃତ ଏହି ନଭୋମଣ୍ଡଳର ଅପୂର୍ବ ଐଶ୍ୱର୍ଯ୍ୟ ସନ୍ଦର୍ଶନ କରି ମୁଁ ମୁଗ୍ଧ ହେଲି ।

ସେଦିନ ଦେଖିଲି ଗୋଟିଏ ପ୍ରଦର୍ଶନୀରେ ମନୁଷ୍ୟ ଓ ତାର ଜୀବନଯାତ୍ରା ଏବଂ ଅନ୍ୟଟିରେ ଜ୍ୟୋତିଷ୍କ ଓ ତାର ଲୀଳାଖେଳାର କି ସୁନ୍ଦର ଓ ମନୋଜ୍ଞ ଆଲେଖ୍ୟ !!

□□□

## ଅଧ୍ୟାୟ-୧୩

## ମୁକ୍ତ ବିଶ୍ୱବିଦ୍ୟାଳୟ ଉଚ୍ଚଶିକ୍ଷାର ବାଞ୍ଛାକଳ୍ପତରୁ

୧୯୭୯ ଫେବୃୟାରୀ ମାସ ୨୫ ତାରିଖ । ଆମେ ସେଦିନ ଗୋଟିଏ ବିଶ୍ୱବିଶ୍ରୁତ ଶିକ୍ଷାନୁଷ୍ଠାନକୁ ବୁଲି ଯାଇଥିଲୁ । ଏହା ହେଉଛି ବିଲାତର ବୃହତ୍ତମ ବିଶ୍ୱବିଦ୍ୟାଳୟ ଏବଂ ବିଶ୍ୱର ଏକ ସୁପ୍ରସିଦ୍ଧ ତଥା ବିଶେଷତ୍ୱପୂର୍ଣ୍ଣ ଶିକ୍ଷାସଂସ୍ଥା । ଏହି ନୂତନ ଧରଣର ଶିକ୍ଷାନୁଷ୍ଠାନଟି ହେଲା ମୁକ୍ତ ବିଶ୍ୱବିଦ୍ୟାଳୟ (Open University) । ଏହାର ଏକ ପ୍ରଧାନ କାର୍ଯ୍ୟାଳୟ ରହିଛି ଲଣ୍ଡନ ସହରର ଏକ ଉଚ୍ଚ ସ୍ଥାନରେ ପ୍ରତିଷ୍ଠିତ ଆଲେକ୍‌ଜେଣ୍ଡ୍ରିଆ ପ୍ରାସାଦରେ ।

ମୁଁ ଜାଣି ଖୁସି ହେଲି ଯେ ଏହି ସ୍ଥାନରେ ପ୍ରଥମେ ବିବିସିର ଟିଭି ସଂପ୍ରସାରଣ (Broadcasting) ଘଟିଥିଲା ୧୯୩୬ ମସିହାରେ । ଏହିଠାରୁ ପ୍ରଥମେ ଟେଲିଭିଜନ କାର୍ଯ୍ୟକ୍ରମର ସଂଚାରଣ ଘଟି ସମଗ୍ର ଜଗତକୁ ଆଲୋକିତ କରିଥିଲା । ଏବେ ଏଠାରେ ବହୁ ସଂଖ୍ୟାରେ ରେଡ଼ିଓ ଓ ଟେଲିଭିଜନର ଶିକ୍ଷା କାର୍ଯ୍ୟକ୍ରମମାନ ପ୍ରସ୍ତୁତ ହେଉଛି ଏବଂ ସାରା ଦୁନିଆରେ ଲୋକପ୍ରିୟତା ଅର୍ଜନ କରୁଛି ।

ଏହି ମୁକ୍ତ ବିଶ୍ୱବିଦ୍ୟାଳୟ ବିଶ୍ୱର କେବଳ ସର୍ବପ୍ରଥମ ନୁହେଁ । ଏହାର ସଂଗଠନ, ପାଠ୍ୟକ୍ରମ ପ୍ରସ୍ତୁତି, ବହୁ ମାଧମ ଓ ସାଧନ ସାମଗ୍ରୀର ସଦୁପଯୋଗ ପ୍ରଭୃତି କ୍ଷେତ୍ରରେ ସର୍ବଶ୍ରେଷ୍ଠ ପ୍ରମାଣିତ ହୋଇଛି । ଯଥାର୍ଥରେ ଏହି ବିଶ୍ୱବିଦ୍ୟାଳୟ ମୁକ୍ତ, ସ୍ୱାଧୀନ ଓ ସ୍ୱାୟତ୍ତ । ଏଥିରେ ପ୍ରବେଶ କରିବା ପାଇଁ କୌଣସି ଶିକ୍ଷା-ଯୋଗ୍ୟତାର ଆବଶ୍ୟକତା ନାହିଁ । ଆଗେ ଆସିଲେ ଆଗେ ସୁବିଧା ପାଇବା (First come first served) ନୀତି ଏଠାରେ ମୁଖ୍ୟତଃ କାର୍ଯ୍ୟକାରୀ ହୋଇଥାଏ । ଯେଉଁମାନେ କୌଣସି କାରଣରୁ କଲେଜ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରୁ ବଂଚିତ ହୋଇଥାନ୍ତି, ସେମାନେ ଏଠାରେ ଶିକ୍ଷାଲାଭର ସୁଯୋଗ ପାଇଥାନ୍ତି । ତେଣୁ ହଜାର ହଜାର ସଂଖ୍ୟାରେ ଗୃହିଣୀ, ଶିକ୍ଷକ ଶିକ୍ଷୟିତ୍ରୀ, ବିଭିନ୍ନ କର୍ମକ୍ଷେତ୍ରରେ ନିଯୁକ୍ତ ନରନାରୀ ଏଠାରେ ଉଚ୍ଚଶିକ୍ଷା ଲାଭର ବାଞ୍ଛା ଚରିତାର୍ଥ କରିଥାନ୍ତି । ଗୋଟିଏ ବାକ୍ୟରେ କହିଲେ ସମାଜର ଦଳିତ, ବଂଚିତ ଓ ଅବହେଳିତ ଜନତାକୁ ଜ୍ଞାନର ଉଚ୍ଚତମ ଶିଖରରେ ପହଞ୍ଚାଇବାରେ ଏହି ବିଶ୍ୱବିଦ୍ୟାଳୟ ସହାୟକ ହେଉଛି ।

୧୯୬୪ ମସିହାର କଥା । ସେତେବେଳେ ବିଲାତରେ ଶ୍ରମିକ ଦଳ ଶାସନ କ୍ଷମତାରେ ଥା'ନ୍ତି । ବର୍ଷକ ପୂର୍ବରୁ ଉଚ୍ଚଶିକ୍ଷାର ଉନ୍ନତି ପାଇଁ ବିଖ୍ୟାତ ରବିନ୍‌ସ କମିଟି

ପରାମର୍ଶ ଦେଇଥା'ନ୍ତି । ବିରୋଧୀ ଦଳର ନେତା ଭାବରେ ହାରୋଲ୍ଡ ଉଇଲ୍‌ସନ ରେଡ଼ିଓ, ଟେଲିଭିଜନ ପ୍ରଭୃତି ଦୂର ଶିକ୍ଷଣ (Distance Learning) ମାଧ୍ୟମ ସାହାର୍ଯ୍ୟର ଏକ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି କରିଥିଲେ । ୧୯୫୦ ମସିହାଠାରୁ ସଂଚାରଣ (Broad-casting) କୁ ଶିକ୍ଷାର ଏକ ସଫଳ ଓ ସାର୍ଥକ ଆୟୁଧ ଭାବରେ ଗୃହୀତ ହୋଇଥାଏ ଏବଂ ବିବିସି ଓ ଶିକ୍ଷାମଣ୍ଡଳ ଏ ଦିଗରେ ଦୃଢ଼ ପଦକ୍ଷେପମାନ ନେଉଥାନ୍ତି । ବିଦ୍ୟାଳୟ ଶିକ୍ଷା ସମାପନ କରି ଯେଉଁମାନେ ଉଚ୍ଚଶିକ୍ଷା ଲାଭ କରିବାକୁ ଇଚ୍ଛୁକ ସେମାନଙ୍କୁ ଉଚ୍ଚଶିକ୍ଷାର ସୁଯୋଗ ପ୍ରଦାନ କରିବା ପାଇଁ ଉପାୟ ଚିନ୍ତା କରାଯାଉଥାଏ ।

ମୁକ୍ତ ବିଶ୍ୱବିଦ୍ୟାଳୟ ଏହି ଲକ୍ଷ୍ୟ ସାଧନରେ ନିତାନ୍ତ ସହାୟକ ହୋଇ ପାରିବ ବୋଲି ମତ ପ୍ରକାଶ ପାଇଥିଲା । ସୌଭାଗ୍ୟକୁ ୧୯୪୬ ରେ ଶ୍ରମିକ ଦଳ ସରକାରରକୁ ଆସିବା ଫଳରେ ଏବଂ ନିଜେ ହାରୋଲଡ୍ ଉଇଲେସନ ବିଲାତର ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ଯୋଗୁଁ ଏହି ସ୍ୱପ୍ନର ସାର୍ଥକ ରପାୟନ ହୋଇପାରିଥିଲା । ୧୯୬୯ ମସିହାରେ ଆବଶ୍ୟକ ଆଇନ୍ ବଳରେ ଏକ ସ୍ୱାଧୀନ ଓ ସ୍ୱାୟତ୍ତ ସଂସ୍ଥା ଭାବରେ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲା । ୧୯୭୧ ବର୍ଷକୁ ୨୪,୦୦୦ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ ଆରମ୍ଭ କଲେ । ସଂପ୍ରତି ପ୍ରାୟ ୮୦ ହଜାର ବ୍ୟକ୍ତି ଏହାର ଶିକ୍ଷାର୍ଥୀ ଭାବରେ ପଞ୍ଜୀକୃତ ହୋଇଛନ୍ତି । ପ୍ରାୟ ୩୦ ହଜାର ଏହାର ସ୍ନାତକ ଡିଗ୍ରୀ ଲାଭ କରି ସାରିଛନ୍ତି ।

ମୁକ୍ତ ବିଶ୍ୱବିଦ୍ୟାଳୟ ସାଧାରଣତଃ ତିନି ପ୍ରକାର ପାଠ୍ୟକ୍ରମ ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପ୍ରସ୍ତୁତ କରିଥାଏ । ଗୋଟିଏ ହେଲା ସ୍ନାତକା (Under graduate), ଅନ୍ୟଟି ହେଲା ସ୍ୱଳ୍ପକାଳୀନ ସହଯୋଗୀ ଶିକ୍ଷାର୍ଥୀ ପାଠ୍ୟକ୍ରମ (Associate Student Course), ସ୍ନାତକୋତ୍ତର ପାଠ୍ୟକ୍ରମ, ଉଭୟ ବି ଏ ଓ ବି ଏ (ଅନର୍ସ) ଡିଗ୍ରୀ ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପ୍ରସ୍ତୁତ କରେ । ଗୋଟିଏ ଗୋଟିଏ ବର୍ଷର ଅଧ୍ୟୟନ ସଂପୂର୍ଣ୍ଣ ହେଲେ ସେମାନଙ୍କୁ ଗୋଟିଏ ଲେଖାଁ କ୍ରେଡିଟି ମିଳିଥାଏ । ମାତ୍ର ଏଥିପାଇଁ ସେମାନଙ୍କୁ କ୍ରମାଗତ ମୂଲ୍ୟାୟନ ଓ ଶେଷରେ ତିନିଘଣ୍ଟା ବ୍ୟାପୀ ଚୂଡ଼ାନ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡିଥାଏ । ଏହିପରି ୬ଟି କ୍ରେଡିଟ୍ ଲାଭ କଲେ ବିଏ ଡିଗ୍ରୀ ଓ ୮ଟି କେଡିଟ୍ ପାଇଲେ ବିଏ (ଅନର୍ସ) ଡିଗ୍ରୀ ମିଳିଥାଏ । ପ୍ରଥମ ବର୍ଷକୁ ପ୍ରାରମ୍ଭିକ ବା ମୂଳଭିତ୍ତି (Foundation) ପାଠ୍ୟକ୍ରମ କୁହାଯାଏ ଏବଂ ତାପରେ ୨ୟ ୩ୟ ଓ ୪ର୍ଥ ବର୍ଷ ପାଇଁ ଅଧ୍ୟୟନ କରିବାକୁ ହୁଏ । ସାଧାରଣତଃ ମୁକ୍ତ ବିଶ୍ୱବିଦ୍ୟାଳୟ ୬ଟି ବିଭାଗରେ ପାଠଦାନ ତଥା ଡିଗ୍ରୀପ୍ରଦାନ କରିଥାଏ । ସେ ଗୁଡିକ ହେଲା କଳା, ସମାଜିକ ବିଜ୍ଞାନ, ଗଣିତ, ବିଜ୍ଞାନ କାରିଗରି ଓ ଶିକ୍ଷାନୁଧାନ । ଏହିସବୁ ବିଭାଗ ଅଧୀନରେ ଅନେକ

ବିଷୟ ଥାଏ ଏବଂ ଛାତ୍ରଛାତ୍ରୀଗଣ ଭିତ୍ତିଭୂମି-ପାଠ୍ୟକ୍ରମ ପରେ ନିଜର ରୁଚି ଓ ଆଗ୍ରହ ଅନୁସାରେ ବିଷୟ ନିର୍ବାଚନ କରନ୍ତି । ଏଥିପାଇଁ ସେମାନେ ଶହେରୁ ଅଧିକ ବିଷୟ ନିର୍ବାଚନର ସୁଯୋଗ ପାଇଥାନ୍ତି ।

ସ୍ନାତକୋତ୍ତର ପାଠ୍ୟକ୍ରମ ପ୍ରାୟତଃ ଗବେଷଣା ଆଧାରିତ । ବି, ଫିଲ୍, ଏମ୍. ଫିଲ୍ ଓ ପିଏଇଚ୍.ଡି ଡିଗ୍ରୀ ପାଇଁ ଛାତ୍ରଛାତ୍ରୀଗଣଙ୍କୁ ପ୍ରସ୍ତୁତ କରାଯାଏ ଏବଂ ସେମାନେ ଉଚ୍ଚଶିକ୍ଷାପ୍ରାପ୍ତି ସଙ୍ଗେ ସଙ୍ଗେ ସନ୍ଦର୍ଭ (Thesis) ପ୍ରଭୃତିରେ ସଫଳତା ଅର୍ଜନ କରିଥାନ୍ତି । ତିନିମାସ କାଳ ପୂର୍ଣ୍ଣ ସମୟ ପାଇଁ ଅଧ୍ୟୟନ କଲେ ଗୋଟିଏ କ୍ରେଡ଼ିଟ୍ ମିଳିଥାଏ । ଶିକ୍ଷାର୍ଥୀଗଣଙ୍କ ଗବେଷଣା କାର୍ଯ୍ୟର ଅଗ୍ରଗତି ସେମାନଙ୍କର କ୍ରେଡିଟ ଲାଭରୁ ସୂଚିତ ହୁଏ । ଶହ ଶହ ଗବେଷକ ପୂରା ସମୟ ଦେଇ ମୁକ୍ତ ବିଶ୍ୱବିଦ୍ୟାଳୟରେ ଗବେଷଣାରତ ଥାନ୍ତି ଏବଂ ସେମାନେ ବିଭିନ୍ନ ସଂସ୍ଥାରୁ ଆର୍ଥିକ ସାହାଯ୍ୟ ଲାଭ କରିଥାନ୍ତି । ସେମାନଙ୍କ ବ୍ୟତୀତ ନିଜ ସୁବିଧାରେ ବହୁ ଗବେଷକ ସ୍ୱାଧୀନ ଭାବରେ ବା ଅନ୍ୟ ସଂସ୍ଥା ସାହାଯ୍ୟରେ ଗବେଷଣା କରିଥାନ୍ତି । ସେମାନେ କିନ୍ତୁ ମୁକ୍ତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ବାହାର ବିଶେଷଜ୍ଞ ମାନଙ୍କ ପରାମର୍ଶକ୍ରମେ ଗବେଷଣାସନ୍ଦର୍ଭ ମୂଲ୍ୟାୟନ ଏବଂ ତାର ସଫଳ ମୂଲ୍ୟାୟନ ପରେ ଡିଗ୍ରୀମାନ ପ୍ରଦାନ କରିଯାଇଥାଏ ।

୧୯୮୦ ମସିହାରେ ପ୍ରାୟ ୭୦ଟି ପୂର୍ଣ୍ଣାଙ୍ଗ ସହଯୋଗୀ ପାଠ୍ୟକ୍ରମ ପ୍ରଚଳିତ ଏବଂ ପ୍ରତ୍ୟେକ ପାଠ୍ୟକ୍ରମ ୧୦ମାସ ପାଇଁ ଉଦ୍ଦିଷ୍ଟ ଥିଲା । ନିଜ ନିଜ ବୃତ୍ତିରେ ଦକ୍ଷତା ଓ ଅଧିକ ଜ୍ଞାନଲାଭ ପାଇଁ ଏହି ପାଠ୍ୟକ୍ରମମାନ ପ୍ରସ୍ତୁତ ହେଉଥାଏ ଏବଂ କୌଣସି ଡିଗ୍ରୀ ପ୍ରଦାନ କରିବା ଏଗୁଡିକର ଲକ୍ଷ୍ୟ ନୁହେଁ । ଅବଶ୍ୟ ପରବର୍ତ୍ତୀ କାଳରେ ଏଥିରୁ ଉତ୍ତୀର୍ଣ୍ଣ ହେଲା ପରେ କୌଣସି ଡିଗ୍ରୀ ଲାଭ ପାଇଁ କ୍ରେଡିଟିମାନ ସହାୟକ ହୁଏ । ତେବେ ଏହି ସହଯୋଗୀ ପାଠ୍ୟକ୍ରମ ପାଇଁ ମଧ୍ୟ ଏକ ଚୂଡ଼ାନ୍ତ ପରୀକ୍ଷା ଫଳ ଉପରେ ସାର୍ଟିଫିକେଟ୍ ମିଳିଥାଏ । ପରୀକ୍ଷା ନ ଦେଲେ ସୁଦ୍ଧା ପାଠ୍ୟକ୍ରମ ସଂପୂର୍ଣ୍ଣ କରିଥିବାରୁ ଗୋଟିଏ ସାର୍ଟିଫିକେଟ୍ ମିଳେ ଏବଂ ଏମିତି ଚାରୋଟି ସାର୍ଟିଫିକେଟ୍ ମିଳିଲେ ଗୋଟିଏ ଡିପ୍ଲୋମା ପାଇବା ପାଇଁ ସଂପୃକ୍ତ ବ୍ୟକ୍ତି ହକ୍‌ଦାର ହୋଇଥାନ୍ତି । ସେମିତି ବାର ସପ୍ତାହରୁ କମ୍ ସ୍ୱଳ୍ପକାଳୀନ ପାଠ୍ୟକ୍ରମଗୁଡିକରେ ପ୍ରଚଳନ ହୋଇଥାଏ ଏବଂ ଏଥିପାଇଁ ହଜାର ହଜାର ଛାତ୍ରଛାତ୍ରୀ ମଧ୍ୟ ଆଗ୍ରହୀ ହୋଇଥାନ୍ତି ।

ମୁକ୍ତବିଶ୍ୱବିଦ୍ୟାଳୟର ଜଣେ କର୍ମକର୍ତ୍ତା ଏହିସବୁ ଧାରଣା ଦେବାପରେ ଆମ ସାଥିରେ ପାଠ୍ୟକ୍ରମ ବିକାଶ (Cirriculum Development) ଓ ଶିକ୍ଷାଦାନ ପଦ୍ଧତି (Meth-

ods of Technology) ସଂପର୍କରେ ଆଲୋଚନା କରିଥିଲେ । ଆମେ ଯେଉଁସବୁ ପ୍ରଶ୍ନ ପଚାରିଥିଲୁ, ସେ ସବୁର ଉତ୍ତର ଦେଇଥିଲେ । ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା କାଳରୁ ରେଡ଼ିଓ ଓ ଟେଲିଭିଜନ କାର୍ଯ୍ୟକ୍ରମର ସଦୁପଯୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ଆସିଛି । ଏଥିପାଇଁ ନୂତନ ଶିକ୍ଷାଦାନ ପଦ୍ଧତି, ପ୍ରୟୋଗ ଓ ପ୍ରକଳ୍ପର ସଦୁପଯୋଗ କରାଯାଇଛି ।

ସାଧାରଣତଃ ଚାରିପ୍ରକାର ଉପାଦାନକୁ ନେଇ ପାଠ୍ୟକ୍ରମ ଗଠିତ ହୋଇଥାଏ । (୧) ମୁଦ୍ରିତ ଉପାଦାନ (Printed materal)-ବହିପତ୍ର ଓ ଡାକଦ୍ୱାରା ଭିନ୍ନ ଭିନ୍ନ ସମୟରେ ପଠା ଯାଉଥିବା ସାମଗ୍ରୀ, (୨) ଟେଲିଭିଜନ ଓ ରେଡ଼ିଓ କାର୍ଯ୍ୟକ୍ରମ-ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରସ୍ତୁତ ରେଡିଓ ଓ ଟେଲିଭିଜନ କାର୍ଯ୍ୟକ୍ରମଗୁଡିକୁ ଦେଖିବା ଓ ଶୁଣିବା (୩) ଶିକ୍ଷାଦାନ ଓ ପରାମର୍ଶ ଦାନ(Tuition and counselling) ବ୍ୟକ୍ତିଗତ ଓ ଦଳଗଜ ଭାବରେ ଶିକ୍ଷା ଦିଗ୍‌ଦର୍ଶନ, ପ୍ରେରଣା ଓ ବ୍ୟକ୍ତିଗତ ଓ ଦଳଗତ ଭାବରେ ଶିକ୍ଷା ପ୍ରେରଣା ଓ ପରାମର୍ଶ ପ୍ରଦାନ କରିବା (୪) ପ୍ରଶ୍ନୋତ୍ତର ଓ ମୂଲ୍ୟାୟନ (Assignments and Assessments) ଛାତ୍ରଛାତ୍ରୀମାନେ ଘରେ ପ୍ରଶ୍ନୋତ୍ତର କରିବା, ବୈଜ୍ଞାନିକ ପରୀକ୍ଷା (Experiinmats) କରିବା, କମ୍ପ୍ୟୁଟର ସାହାଯ୍ୟରେ ଅଧ୍ୟୟନ କରିବା ଓ ପରୀକ୍ଷା ଦେବା ।

ଡ଼ାକ ସାହାଯ୍ୟରେ ଛାତ୍ର ଛାତ୍ରୀମାନଙ୍କୁ ପାଠ୍ୟକ୍ରମର ବିଭିନ୍ନ ପ୍ରସଙ୍ଗରେ ବିଧିବଦ୍ଧ ଭାବରେ ଲେଖାଯାଇଥିବା ଉପାଦାନମାନ ଯୋଗାଇ ଦିଆଯାଏ । ଗୋଟିଏ ପୂର୍ଣ୍ଣାଙ୍ଗ ପାଠ୍ୟକ୍ରମ ପାଇଁ ପ୍ରାୟ ବତ୍ରିଶଟି ପ୍ରସଙ୍ଗ ଉପରେ ପ୍ରସ୍ତୁତ ଏହି ସାମଗ୍ରୀଗୁଡିକୁ ବନ୍ଧେଇ ଦେଲେ ୧୦/୧୫ଟି ବହି ହୋଇଥାଏ । ବର୍ଷର ବିଭିନ୍ନ ସମୟରେ ସେଗୁଡିକ ପ୍ରାୟ ମୁଦ୍ରିତ ଓ ସଚିତ୍ର ହୋଇଥାଏ ଏବଂ ଛାତ୍ରଛାତ୍ରୀ ସେଥିରେ ନିଜର ଆବଶ୍ୟକ ପ୍ରଶ୍ନ ଓ ଟିପ୍ପଣୀ ଲେଖିବା ପାଇଁ ପ୍ରସ୍ତୁତ ମାର୍ଜିନ ଛଡ଼ାଯାଇଥାଏ । ଏହା ବ୍ୟତୀତ ସେମାନଙ୍କ ପାଇଁ ପାଠ୍ୟକ୍ରମ ଅନୁସାରେ ପ୍ରକାଶିତ କେତେକ ପୁସ୍ତକ ମଧ୍ୟ ଅନୁମୋଦିତ ହୋଇଥାଏ । ମୁକ୍ତ ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନେ ସାଧାରଣତଃ ଏଗୁଡିକୁ ଲେଖିଥାନ୍ତି ଏବଂ ଏଗୁଡିକ ସାରା ପୃଥିବୀରେ ଖୁବ୍ ଲୋକପ୍ରିୟ ହୋଇ ଯାଇଛି ।

ବିଜ୍ଞାନ ଓ କାରିଗରି ପାଠ୍ୟକ୍ରମକୁ ଯଥାଯଥ ଭାବରେ କାର୍ଯ୍ୟକାରୀ କରିବାକୁ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରୀକ୍ଷା ପ୍ରୟୋଗ ପ୍ରଭୃତିର ସଂପାଦନା ପାଇଁ ଉପକରଣମାନଙ୍କୁ ଗୋଟିଏ ପେଟିକା(Kit) ରେ ଭର୍ତ୍ତି କରି ସେମାନଙ୍କ ପାଖକୁ ପଠାଯାଏ । ବିଭିନ୍ନ ପ୍ରକାର ରାସାୟନିକ ସାମଗ୍ରୀ, କୋଚ୍ ଉପକରଣ, କ୍ଷୁଦ୍ର ଅଣୁବୀକ୍ଷଣ ଯନ୍ତ୍ର ପ୍ରଭୃତି ଏହିସବୁ କିଟ୍‌ରେ ଭର୍ତ୍ତିକରି ଛାତ୍ରଛାତ୍ରୀ ମାନଙ୍କୁ ବ୍ୟକ୍ତିଗତ ଭାବରେ ଯୋଗାଇ ଦିଆଯାଏ ।

ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ପାଠ୍ୟକ୍ରମରେ ରେଡ଼ିଓ ଓ ଟେଲିଭିଜନ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇ ସପ୍ତାହର ବିଭିନ୍ନ ଦିଗଗୁଡିକରେ ସଂପ୍ରସାରିତ ହୋଇଥାଏ । ଛାତ୍ର ଛାତ୍ରମାନଙ୍କୁ ଆଗରୁ ଜଣାଇ ଦିଆଯିବା ସଂଗେ ସଂଗେ ଆବଶ୍ୟକ ଜ୍ଞାତବ୍ୟ ତଥ୍ୟ ଯୋଗାଇ ଦିଆଯାଏ; କଳାଠାରୁ ବିଜ୍ଞାନ, ସାମାଜିକ ବିଜ୍ଞାନଠାରୁ ଭୌତିକବିଜ୍ଞାନ ପର୍ଯ୍ୟନ୍ତ ବିଭିନ୍ନ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଚିତ୍ତାକର୍ଷକ ଓ ଫଳପ୍ରଦ ରେଡ଼ିଓ ଓ ଟେଲିଭିଜନ କାର୍ଯ୍ୟକ୍ରମମାନ ଶୁଣିବା ଓ ଦେଖିବା ପାଇଁ ସୁଯୋଗ ମିଳିଥାଏ । ଅନେକ ନାଟକ କଳାତ୍ମକ ତଥା ନାଟକୀୟ ରୂପରେ ଉପସ୍ଥାପିତ ହୋଇଥାଏ ।

ଉପରୋକ୍ତ ଉପାଦାନ ଗୁଡ଼ିକୁ ଛାତ୍ରଛାତ୍ରୀମାନେ ସ୍ୱାଧୀନ ଭାବରେ ଅଧ୍ୟୟନ କରିବା ପାଇଁ ସହାୟକ ହୋଇଥାଏ । ମାତ୍ର ବ୍ୟକ୍ତିଗତ ଭାବରେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ସାମୟିକ ଶିକ୍ଷାଦାନ, ଆଲୋଚନା ଓ ପରାମର୍ଶ ପାଇଁ ସୁଯୋଗ ଦିଆଯାଏ । ମୁକ୍ତ ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନଙ୍କ ମଧ୍ୟରୁ ଏଥିପାଇଁ ନିଯୁକ୍ତି ଦିଆଯାଇଥାଏ ଏବଂ ପ୍ରାୟ ଜଣଙ୍କ ଦାୟିତ୍ୱରେ ୧୫ରୁ ୨୦ ଜଣ ଛାତ୍ରଛାତ୍ରୀଙ୍କୁ ଦିଆଯାଇଥାଏ । ସେମାନେ ପ୍ରଦତ୍ତ ପ୍ରଶ୍ନୋତ୍ତର କାର୍ଯ୍ୟ ଦେଖି ମତାମତ ଦିଅନ୍ତି ଏବଂ ବିଭିନ୍ନ କେନ୍ଦ୍ରର ଛାତ୍ରଛାତ୍ରୀ ମାନଙ୍କୁ ବ୍ୟକ୍ତିଗତ ତଥା ଦଳଗତ ଭାବରେ ଶିକ୍ଷାଦାନ ଓ ପରାମର୍ଶ ପ୍ରଦାନ କରିଥାନ୍ତି । ଦେଶର ବିଭିନ୍ନ ସ୍ଥାନରେ ସେମାନଙ୍କର ଅଧ୍ୟୟନ ପାଇଁ କେନ୍ଦ୍ର (Study Center) ମାନ ରହିଛି ଏବଂ ସେଗୁଡିକ ମୁଖ୍ୟତଃ ମହା ବିଦ୍ୟାଳୟ ଗୁଡିକରେ ସ୍ଥାପିତ ହୋଇଥାଏ । ଛାତ୍ରଛାତ୍ରୀମାନେ ସେମାନଙ୍କର ନିକଟବର୍ତ୍ତୀ କେନ୍ଦ୍ରରେ ଏଥିପାଇଁ ଯୋଗଦାନ କରିଥାନ୍ତି । ସେଠାରେ ସମୃଦ୍ଧ ପୁସ୍ତକାଗାର ରେଡ଼ିଓ, ଟେଲିଭିଜନ, ଟେପ୍, ରେକର୍ଡର, ଭିଡ଼ିଓ ରେକର୍ଡର ଏମିତିକି କେତେକ କେନ୍ଦ୍ରରେ କମ୍ପୁଟର ମଧ୍ୟ ରଖାଯାଇଥାଏ । ସମୟ ସମୟରେ ଛାତ୍ରଛାତ୍ରୀମାନେ ନିଜ ନିଜ ମଧ୍ୟରେ କେତେକ ପ୍ରସଙ୍ଗରେ ଆଲୋଚ଼ନା ଓ ବିଚାର ବିମର୍ଶ କରିଥାନ୍ତି । ଅନେକ ଗ୍ରୀଷ୍ମକାଳୀନ ବିଦ୍ୟାଳୟ (Summer School) ମଧ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପରିଚାଳିତ ହୁଏ ଏବଂ ସେଠାରେ ଶିକ୍ଷାଦାନ, ଆଲୋଚ଼ନା ଚକ୍ର, ବିଜ୍ଞାନାଗାର କାର୍ଯ୍ୟ, କ୍ଷେତ୍ରକାର୍ଯ୍ୟ (Field Work) ପ୍ରଭୃତି ସଂପାଦିତ ହୁଏ ।

ବର୍ଷସାରା ଛାତ୍ରଛାତ୍ରୀମାନଙ୍କୁ ଡାକରେ ପ୍ରଶ୍ନମାନ ପଠାଇ ଦିଆଯାଏ ଏବଂ ସେମାନଙ୍କ ଲିଖିତ ଉତ୍ତରଗୁଡିକୁ ଦେଖି ଆବଶ୍ୟକ ସଂଶୋଧନ ଓ ପରାମର୍ଶ ସହ ଫେରାଇ ଦିଆଯାଏ । ଏହା ଉପରେ ଗ୍ରେଡ଼ ଓ କ୍ରେଡ଼ିଟ୍ ଦିଆଯାଏ ଏବଂ ଏ ସବୁ ଛାତ୍ରଛାତ୍ରୀମାନଙ୍କ କୃତିତ୍ୱ ବିଚାରରେ ସହାୟକ ହୁଏ ।

ପାଠ୍ୟକ୍ରମ ପ୍ରସ୍ତୁତି ଓ ସମୟ ନିର୍ଦ୍ଧାରଣ ପାଇଁ ପ୍ରତ୍ୟେକ ବିଷୟରେ ଗୋଟିଏ ଲେଖାଁ ଦଳ ଗଠନ ହୋଇଥାଏ ଏବଂ ଏଥିରେ ଅଧ୍ୟାପକ, ବିଶେଷଜ୍ଞ, ଶିକ୍ଷା ଉଦ୍ୟୋଗବିତ୍ ଓ ବିବିସିର ପ୍ରଯୋଜକମାନେ ରହି ବିଚାର ଆଲୋଚନା କରନ୍ତି । ପ୍ରତ୍ୟେକ ପାଠ୍ୟକ୍ରମ ପାଇଁ ଏବଂ ବହୁମାଧ୍ୟମୀୟ (Multimedia) ପ୍ୟାକେଜ ପ୍ରସ୍ତୁତ କରାଯାଇଥାଏ ଏବଂ ପ୍ରତ୍ୟେକ କାର୍ଯ୍ୟପାଇଁ ସମୟ ନିର୍ଦ୍ଧାରଣ (Scheduling) କରାଯାଇଥାଏ । ବିଶ୍ୱବିଦ୍ୟାଳୟର ଶିକ୍ଷା ଉଦ୍ୟୋଗ ବିଭାଗ ତରଫରୁ ଏହି ସବୁ ପ୍ୟାକେଜ୍‌ର ପ୍ରାଥମିକ ପରୀକ୍ଷା(Try out) ଓ ମୂଲ୍ୟାୟନ (Evaluation) କରାଯାଏ ।

ଆମେ ସେଦିନ ମୁକ୍ତ ବିଶ୍ୱବିଦ୍ୟାଳୟ ପାଇଁ ପ୍ରସ୍ତୁତ କେତେକ ଟେଲିଭିଜନ କାର୍ଯ୍ୟକ୍ରମ ଦେଖିଲୁ ଏବଂ ବି.ବି.ସି. ସହାୟତାରେ ସେଗୁଡିକ କିପରି ପ୍ରସ୍ତୁତ ହୁଏ ଆମକୁ ଦେଖାଇ ବୁଝାଇ ଦିଆଯାଇଥିଲା ।

ମୂଳତଃ ସମସ୍ତଙ୍କର ସମୂହ ସହଯୋଗ ଓ ସମନ୍ୱୟ ଯୋଗୁଁ ପାଠ୍ୟକ୍ରମଗୁଡ଼ିକରେ ପରିକଳ୍ପନାଠାରୁ ମୂଲ୍ୟାୟନ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ କାର୍ଯ୍ୟକ୍ରମଗୁଡିକ ଯଥାସମୟରେ ସଂପାଦିତ ହୋଇଥାଏ ଏବଂ ଛାତ୍ରଛାତ୍ରୀଗଣ ବିଶେଷଭାବରେ ଉପକୃତ ହୋଇଥାନ୍ତି । ଫଳରେ ବିଶ୍ୱବିଦ୍ୟାଳୟର କୃତିତ୍ୱ ଓ ସାଫଲ୍ୟ ସର୍ବଦା ଓ ସର୍ବତ୍ର ସ୍ୱୀକୃତ ହୋଇଥାଏ । ସାଧାରଣ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡିକରେ ପୂର୍ଣ୍ଣ ସମୟ ଦେଇ କୌଣସି ଡିଗ୍ରୀ ଓ ଡିପ୍ଲୋମା ପାଇବାରେ ଛାତ୍ର ଛାତ୍ରୀମାନେ ଯେତେ ଖର୍ଚ୍ଚାନ୍ତ ଓ ହଇରାଣ ହୁଅନ୍ତି, ଏଥିରେ ସେତେ ହୁଅନ୍ତି, ନାହିଁ । ତେଣୁ ମୁକ୍ତ ବିଶ୍ୱବିଦ୍ୟାଳୟର ଶିକ୍ଷା ଯେମିତି ଶସ୍ତା ଓ ସୁଲଭ, ସେମିତ ସାର୍ବଜନୀନ ଓ ସାମ୍ୟବାଦିକ । ଅର୍ଥନୈତିକ ଦୁର୍ନୀତିଗ୍ରସ୍ତ, ଶାରୀରିକ ବିକଳାଙ୍ଗ ଓ ସମାଜର ଅବହେଳିତ ଗୋଷ୍ଠୀ ଯେଉଁମାନେ ଉଚ୍ଚଶିକ୍ଷା ଲାଭରୁ ବଂଚିତ ହୋଇଥାନ୍ତି, ସେମାନଙ୍କ ପାଇଁ ଏହା ପରମ ଆଶୀର୍ବାଦର କାମଧେନୁ ଓ ବାଞ୍ଛାକଳ୍ପତରୁ ଭାବରେ କାର୍ଯ୍ୟକରିଥାଏ ।

ଆନନ୍ଦର କଥା ଏହି ଯେ ଭାରତ ସରକାର ସଂପ୍ରତି ଆମର ପ୍ରିୟ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟ ଇନ୍ଦିରା ଗାନ୍ଧିଙ୍କ ନାମରେ ଏକ ମୁକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି । ବିଲାତର ସୁପ୍ରତିଷ୍ଠିତ ଓ ବିଶ୍ୱବିଦିତ ମୁକ୍ତ ବିଶ୍ୱବିଦ୍ୟାଳୟ ଏହାର କାର୍ଯ୍ୟପନ୍ଥାରେ ଓ କ୍ରମୋନ୍ନତିରେ ଦିଗ୍‌ଦର୍ଶନ ଓ ପ୍ରେରଣା ପ୍ରଦାନ କରିବ ବୋଲି ଆଶା ।

❑❑❑

# ଅଧ୍ୟାୟ -୧୪

## ଆମର ବ୍ରାଇଟନ ଯାତ୍ରା  ଓ ଟିମ୍‌ଙ୍କ ଅତିଥି ଚର୍ଚ୍ଚା

୧୯୭୯ ମସିହା ମାର୍ଚ୍ଚ ୭ ତାରିଖ । ଏକ ଶୀତଳ ସକାଳ । ପତଳା ବରଫ ସବୁଆଡେ ବିଛାଡ଼ି ହୋଇ ପଡିଛି । ମେଘୁଆ ଆକାଶରେ ଏବେ ବି ସୂର୍ଯ୍ୟର ସତ୍ତା ନାହିଁ । କିନ୍ତୁ ନଅଟା ବାଜିଲାଣି । ଆମେ ଗୋଟିଏ କୋଚରେ ବିଲାତର ଏକ ସୁନ୍ଦର ସ୍ଥାନ ବ୍ରାଇଟନକୁ ଯାତ୍ରାରମ୍ଭ କଲୁ । ଦ୍ରୁତଗତିରେ ସୌଖୀନ୍ ବସ୍‌ଟି ଆଗେଇ ଚାଲିଚି । ଆଖିରେ ପଡ଼ିଲା ସୁଦୃଶ୍ୟ ଅଂଚଳର ଶୋଭା ସଂପଦ, ବିଚିତ୍ର ଓ ବର୍ଣ୍ଣାଢ଼୍ୟ !

ଦୁଇ ତିନି ଘଣ୍ଟା ଭିତରେ ଆମେ ବ୍ରାଇଟନରେ ପହଂଚିଲୁ । ଇଂଲଣ୍ଡର ଉତ୍ତରରେ ସମୁଦ୍ର କୂଳରେ ଅବସ୍ଥିତ ଏକ ମନୋରମ ସହର । ଆମ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ହେଲା ବ୍ରାଇଟନ ପଲିଟେକନିକ ଶିକ୍ଷାନୁଷ୍ଠାନର ପରିଦର୍ଶନ ଏବଂ ତିନି ଚାରୋଟି ଉଚ୍ଚ ଶିକ୍ଷାନୁଷ୍ଠାନ ପରିଦର୍ଶନ । ପ୍ରକୃତରେ ତିନି ଚାରୋଟି ଉଚ୍ଚ ଶିକ୍ଷାନୁଷ୍ଠାନକୁ ନେଇ ବ୍ରାଇଟନ ପଲିଟେକ୍‌ନିକ୍ ଗଢ଼ିଉଠିଛି । ପ୍ରଥମେ ୧୯୭୦ ମସିହାରେ ତତ୍‌କାଳୀନ ଆର୍ଟ ଓ ଡ଼ିଜାଇନ୍ କଲେଜ ସହିତ ଟେକନୋଲଜି କଲେଜର ସମ୍ମିଶ୍ରଣରେ ଏହା ଗଠିତ ହୋଇଥିଲା । ୧୯୭୬ ମସିହାରେ ପୂର୍ବତନ ବ୍ରାଇଟନ୍ ଶିକ୍ଷା ମହାବିଦ୍ୟାଳୟ ଓ ୧୯୭୯ ମସିହାରେ ସସେକସ୍ ଉଚ୍ଚଶିକ୍ଷା ମହାବିଦ୍ୟାଳୟର ସମ୍ମିଶ୍ରଣରେ ଏହାର ଆକାର ଓ ପ୍ରକାରରେ ସମୃଦ୍ଧି ସାଧିତ ହୋଇଛି । ସଂପ୍ରତି ବ୍ରାଇଟନ ପଲିଟେକ୍‌ନିକ୍‌ର ବୌଦ୍ଧିକ ସଂଗଠନ ଓ ଭୌତିକ ସଂରଚନା ଖୁବ୍ ଉଲ୍ଲେଖ ଯୋଗ୍ୟ ହୋଇ ପାରୁଛି ।

ବର୍ତ୍ତମାନ ଏହି ସଂଯୁକ୍ତ ଶିକ୍ଷାନୁଷ୍ଠାନରେ ପ୍ରାୟ ଦଶ ହଜାର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏଥି ସହିତ ସଂଶ୍ଳିଷ୍ଟ ଚାରୋଟି ଶିକ୍ଷାନୁଷ୍ଠାନ ସ୍ୱତନ୍ତ୍ର ସ୍ଥାନଗୁଡିକରେ ସ୍ଥାପିତ । ଏହି ସମସ୍ତ ଶିକ୍ଷାନୁଷ୍ଠାନ ଏକ ପରିଚାଳନାଧୀନ ହୋଇଥିଲେ ହେଁ ପ୍ରତ୍ୟେକର ବିକାଶ ସ୍ୱକୀୟ ରୀତି ଓ ପ୍ରକୃତି ନେଇ ରୂପାୟିତ ହେଉଛି ।  ବ୍ରାଇଟନ ପଲିଟେକ୍‌ନିକ୍‌ର ଶିକ୍ଷଣ ସମ୍ବଳ (Learning Resources) ଅତ୍ୟନ୍ତ ଉଚ୍ଚକୋଟୀର । ସଂପୃକ୍ତ ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ପାଠାଗାର, ସାଧନ ସାମଗ୍ରୀ, ମାଧ୍ୟମ ପ୍ରଭୃତି ପାଠ୍ୟକ୍ରମ ଅନୁସାରେ ବିଶେଷ ସ୍ୱତନ୍ତ୍ର ଓ ସାର୍ଥକ । ପୁସ୍ତକ ଓ ପତ୍ରିକାରୁ ଆରମ୍ଭ କରି ରେଡ଼ିଓ, ଟେଲିଭିଜନ, ଫିଲମ, ଭିଡ଼ିଓ ଓ ଅଡ଼ିଓ କ୍ୟାସେଟ, ଟେପ୍ ପ୍ରଭୃତି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଶ୍ରବ୍ୟଦୃଶ୍ୟ ସାମଗ୍ରୀର ସଦୁପଯୋଗିତା ସମ୍ଭବ ହୋଇ ପାରୁଛି ।

ବ୍ରାଇଟନ ପଲିଟେକ୍ନିକର ନିର୍ମାଣ ବା ପ୍ରଯୋଜନା (Production) ବ୍ୟବସ୍ଥା ଖୁବ୍ ଉଚ୍ଚକୋଟୀର । ରେଡ଼ିଓ, ଟେଲିଭିଜନ ଏମିତିକି ଫିଲ୍ମର ପ୍ରସ୍ତୁତି ପାଇଁ ଏଠାରେ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ରହିଛି । ସମସ୍ତ ପ୍ରକାର ଇଞ୍ଜିନିୟରିଂ ରେକର୍ଡିଂ ଯନ୍ତ୍ରପାତି ଓ ତାଲିମପ୍ରାପ୍ତ ତଥା ଅଭିଜ୍ଞ ପ୍ରଯୋଜକ, କଳାକାର ପ୍ରଭୃତି ରହି ନାନା ପ୍ରକାର ଉନ୍ନତ ଧରଣର କାର୍ଯ୍ୟକ୍ରମ ଓ ଚଳଚିତ୍ର ପ୍ରସ୍ତୁତ କରିଥାନ୍ତି । ଶିକ୍ଷାଧିକାରୀ ତଥା ବିଶେଷଜ୍ଞମାନେ ରହି ଏହିସବୁ ଶିକ୍ଷା-କାର୍ଯ୍ୟକ୍ରମ ଓ ଚଳଚିତ୍ର ପ୍ରସ୍ତୁତିରେ ସାହାଯ୍ୟ କରିଥାନ୍ତି ।

ଆମେ ପଲିଟେକ୍ନିକ୍‌ର ବିଭିନ୍ନ ବିଭାଗ ବୁଲି ଦେଖିଲୁ । ତାପରେ ରୟାଲ ପେଭିଲିୟନକୁ ଯାଇଥିଲୁ । କିନ୍ତୁ ସେଠାରେ କେଉଁ କାରଣରୁ ଗୋଟିଏ ଧର୍ମଘଟ ଚାଲିଥିବାରୁ ବେଶୀ କିଛି ଦେଖି ହେଲାନାହିଁ । ଆମେ ବାହାରୁ ତାର ବିଭିନ୍ନ ଦୃଶ୍ୟ ଦେଖିଥିଲୁ । ରାଜ ରାଣୀମାନଙ୍କ ମୂର୍ତ୍ତି, ସାଜସଜା ପ୍ରଭୃତି ଭାରି ସୁନ୍ଦର ଦିଶୁଥିଲା । ଗ୍ରୀଷ୍ମକାଳରେ ରାଜ ପରିବାର ଏଠାରେ କିଛିକାଳ ରହି ଅବସର ବିନୋଦନ କରିଥାନ୍ତି ।

ଆମେ ତାପରେ ବ୍ରାଇଟନର ସମୁଦ୍ରକୂଳକୁ ବୁଲି ଯାଇଥିଲୁ । ପାର୍ବତ୍ୟ ନଦୀ ବା ଝରଣା କୂଳରେ ବିଶେଷତଃ ହିମାଳୟ ପାଦଦେଶରେ ଯେମିତି କ୍ଷୁଦ୍ର କ୍ଷୁଦ୍ର ଚିକ୍କଣ ପ୍ରସ୍ତର ଦୃଷ୍ଟିଗୋଚର ହୁଏ, ସେଠା ସମୁଦ୍ର କୂଳରେ ସେମିତି ଗଦା ହୋଇଥିବା ବାଲିଗରଡାମାନ ଦେଖି ଆଶ୍ଚର୍ଯ୍ୟ ହେଲୁ । ପୁରୀ ସମୁଦ୍ରକୂଳ ବିଶେଷତଃ ସ୍ୱର୍ଗଦ୍ୱାର ପାଖରେ ଯେପରି ବହୁ ଦୋକାନରେ ସ୍ମାରକୀ (Souvenir) ଉପହାର ସାମଗ୍ରୀ (Gift materials) ମାନ ବିକ୍ରି ହୁଏ ।

ସେଠାରେ ସେମିତି ଅନେକ ଲୋଭନୀୟ ତଥା ଆକର୍ଷଣୀୟ ପଦାର୍ଥ ବିକ୍ରି ହେଉଥିଲା । ସେଠାରେ ଆମେ ବହୁ ସମୟ କଟାଇ କେତେ ଫଟୋ ଉଠାଇଲୁ ଏବଂ ଖିଆପିଆ କଲୁ ।

ସେଦିନ ଆମେ ଫେରିଲା ବେଳକୁ ଖୁବ୍ ବର୍ଷା ଆରମ୍ଭ ହୋଇଗଲା । ରାସ୍ତା ଉପରେ ବହଳ ବରଫ ଲଦି ହୋଇଗଲା । ହାଡ଼ଭଙ୍ଗା ଶୀତ ମାଡ଼ି ଆସିଲା । Horse and Hound ନାମକ ଏକ ଶିକାର ପତ୍ରିକାର ସଂପାଦକ ଲେଖିଥିଲେ ଯେ ଏ ବର୍ଷଟା କୋକିଶିଆଳଙ୍କ ପାଇଁ ଭଲ, କିନ୍ତୁ ସେମାନଙ୍କ ଶିକାରୀଙ୍କ ପାଇଁ ଭାରି ଖରାପ । (This year is good for the fox, but very  bad for their hunters) ପରେ ଖବର କାଗଜରେ ବାହାରିଲା ଯେ ଗୋଟିଏ ଗୋଟିଏ ଅଞ୍ଚଳରେ ୧୮ ଫୁଟ ଉଚ୍ଚରେ ବରଫ ଗଦା ହୋଇଯିବାରୁ ଯାତାୟତ ବନ୍ଦ ହୋଇଗଲା । ଗାଡ଼ିମଟର ଆଉ ଯିବା ଆସିବା କରିପାରିଲା ନାହିଁ । ଅନେକେ ରାସ୍ତା ଉପରେ ଅଟକି ଗଲେ । ବିଦ୍ୟୁତ୍ ତାରରେ ଅତିରିକ୍ତ ବରଫ ଲାଗି ବିଚ୍ଛିନ୍ନ ହେଇଗଲା । ଅନେକ ମେଣ୍ଢାଛୁଆ ଓ କୁକୁଡ଼ା ବେଶୀ ଥଣ୍ଡାରେ ମରିଗଲେ ।

ଏଇ ସମୟରେ ସୁନିଲବାବୁ ଏଡିନବରାରୁ ଲଣ୍ଡନ ଆସିଥିଲେ । ତାଙ୍କ ପାଖରେ ଲଣ୍ଡନରେ ରହୁଥିବା ବହୁ ଓଡ଼ିଆଙ୍କ ଠିକଣା ଥିଲା ଏବଂ ତାଙ୍କ ରହଣିକାଳ ମଧ୍ୟରେ ସେମାନଙ୍କ ଘରକୁ ଯାଇ ସଙ୍ଗୋଳିବା ତାଙ୍କର ଏକ ନିତ୍ୟ ନୈମିତ୍ତିକ କାର୍ଯ୍ୟ ହୋଇଥିଲା । ସେ ଦିନ ସଂଧ୍ୟାରେ ମୋତେ ସାଥିରେ ନେଇ କୈଳାସବାବୁଙ୍କ ଘରକୁ ବୁଲି ଯାଇଥିଲେ । ସେଠାରେ ପୁରୀ, ଆଳୁ ପୋଟଳ ତରକାରୀ ଆଉ ଘରେ ବସାଯାଇଥିବା ଦହି ଖାଇ ଫେରିଥିଲୁ ।

ତା ଆର ଦିନ ସୁନିଲ ବାବୁ ଭାରତୀୟ ୱାଇ.ଏମ୍.ସି.ଏ. (Indian Y.M.C.A.) ହଷ୍ଟେଲରେ ଗୋଟିଏ କୋଠରୀ ନେଇ ରହିଲେ । କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଡ଼ାକ୍ତର କ୍ଷିତୀଶଚନ୍ଦ୍ର ସାମଲ ତାଲିମ ପାଉଥିବା ଡାକ୍ତରଖାନାକୁ ଆମେ ବୁଲିଗଲୁ । ସେ ମଧ୍ୟ ସେହି ହଷ୍ଟେଲରେ ରହୁଥିଲେ । ସେଠାରେ ଶିଶୁ ଚିକିତ୍ସା ବିଶେଷଜ୍ଞ ଡକ୍ଟର ପିତ୍‌କ ଦାସ ନିଜେ ଏମ୍.ବି.ବି.ଏସ୍. ପାସ୍ କରିଥିଲେ ମଧ୍ୟ ହୋମିଓ ପାଥିରେ ଗବେଷଣା କରିବାକୁ ସେଠାକୁ ଯାଇଥିଲେ । ତାଙ୍କ ସହିତ କଥାବାର୍ତ୍ତା ହେଲା । ସେ ଗୋଟିଏ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ ଏବଂ ପରେ ସେଠାରେ କ'ଣ ଚାକିରୀ ପାଇଁ ପାରନ୍ତି ବୋଲି କହୁଥିଲେ ।

ଥରେ ଆମେ ଭୂଇଁ ତଳ ରେଳଗାଡ଼ିରେ ବସାକୁ ଆସୁଛୁ । ଭାରି ଭିଡ଼ ହୋଇଥାଏ । ଜଣେ ଭଦ୍ର ମହିଳା ଆସି ଷ୍ଟେସନରେ ପହଂଚିଲା ବେଳକୁ ଟ୍ରେନ ଛାଡ଼ିଦେଉଥିଲା । ସେ ତରତର ହୋଇ ଟ୍ରେନ୍ ଭିତରକୁ ସିନା ପଶିଗଲେ, ତାଙ୍କ ହାତ ବ୍ୟାଗଟି ବାହାରେ ଥିଲାବେଳେ ଦୁଆର ବନ୍ଦ ହୋଇଗଲା । ମୁଁ ସେଠାରୁ ଅଳ୍ପ ଦୂରରେ ଠିଆ ହୋଇଥିଲି । ମଣି ସିଂହ ଓ ଜଣେ ଇଂରେଜ ଯୁବକ ଉକ୍ତ ଭଦ୍ର ମହିଳାଙ୍କ ପାଖରେ ଠିଆ ହୋଇଥିଲେ । ଉଭୟେ ମିଶି ଭଦ୍ର ମହିଳାଙ୍କ ବ୍ୟାଗଟି ଭିଡ଼ି ବାହାର କରିଦେଲେ । କିନ୍ତୁ ମଣି ସିଂହଙ୍କ ନିଜ ହାତ ଗ୍ଲୋଭଟି ସେଇ ଦୁଆର ମଝିରେ ଚିପି ହୋଇ ରହିଲା । ଯେତେ ଯତ୍ନରେ ଭିଡ଼ିଲେ ସୁଦ୍ଧା ତାହା ବାହାରି ପାରିଲା ନାହିଁ । ବରଂ ଜୋରରେ ଭିଡ଼ିଲେ ଗ୍ଲୋଭଟି ଛିଡି ଯିବାର ଭୟହେଲା । ତେଣୁ ସେ ଭାବିଲେ-ଆର ଷ୍ଟେସନରେ ଟ୍ରେନ୍ ରହିଲେ ଦ୍ୱାର ଖୋଲିଯିବ ଏବଂ ତା ସଙ୍ଗେ ସଙ୍ଗେ ଗ୍ଲୋଭବି ମଧ୍ୟ ବାହାରିପଡ଼ିବ ।

ମାତ୍ର ଗୋଟିଏ ପରେ ଗୋଟିଏ ଷ୍ଟେସନ ଆସୁଥାଏ, ଟ୍ରେନ୍ ଅଟକୁଥାଏ । ହେଲେ ଟ୍ରେନର ସେଇପଟ ଦ୍ୱାର ସବୁ ନ ଖୋଲି ଅନ୍ୟ ପାଖ ଦ୍ୱାର ସବୁ ଖୋଲୁଥାଏ । ଏମିତି କେତେ ଦୂର ଅଯଥାରେ ଯାଉଥିବୁ ? ପୁଣି ଆମର ଯେଉଁ ପାଖ ଦ୍ୱାର ଖୋଲିବା କଥା, ସେ ପାଖରେ ପ୍ଲାଟ ଫର୍ମ ପଡ଼ିଲେ ତ ହେବ ? ଗୋଟିଏ ଗ୍ଲୋଭ ଛାଡିଲେ ଅନ୍ୟଟି ବେକାର୍ ! ଅଧିକରୁ ଅଧିକା ଥଣ୍ଡା ମାଡ଼ି ଆସୁଛି । ଶେଷରେ ମୁଁ ଟିକେ ଜୋରରେ ଗ୍ଲୋଭଟିକୁ ଭିଡିଦେଲି । ସୌଭାଗ୍ୟକୁ ତାହା ବାହାରି ପଡ଼ିଲା । ମଣିସିଂହ ଅବାକ୍ ହେଲେ । ଉକ୍ତ ଭଦ୍ରମହିଳା ସହିତ ଅନ୍ୟଯାତ୍ରୀମାନେ ହସି ଉଠିଲେ ।

ଥରେ ଆମର କୋର୍ସ ନିର୍ଦ୍ଦେଶକ ଟିମଲଙ୍ଗ ତାଙ୍କ ଘରକୁ ରାତ୍ରିଭୋଜନ ପାଇଁ ଡାକିଲେ । ବହୁ ଦୂର ହେଲେ ହେଁ କେଉଁ ଷ୍ଟେସନରେ ଓହ୍ଲାଇ କେଉଁ ରାସ୍ତାରେ ଯିବାକୁ ହେବ ଭଲ ଭାବରେ ବତାଇ ଦେଇଥିଲେ । ତେଣୁ ଅମେ ବେଶୀ ଅସୁବିଧାର ସମ୍ମୁଖୀନ ନହୋଇ ତାଙ୍କ ଘରେ ପହଞ୍ଚିଲୁ । ଗୋଟିଏ ଭଡ଼ା ଘରେ ସେ ରହନ୍ତି । ବୟସ ତାଙ୍କର ୪୫ବର୍ଷରୁ ବେଶୀ ହେବ । ଏ ପର୍ଯ୍ୟନ୍ତ ବିବାହ କରିନଥିଲେ ବୋଲି ଆମକୁ ଆଗରୁ କହିଥିଲେ । ବିଶେଷତଃ ତାଙ୍କ ସହିତ ଆମର ବ୍ୟକ୍ତିଗତ ସୁଖଦୁଃଖ ଓ ସଂସ୍କୃତିଗତ ପାର୍ଥକ୍ୟ ସଂପର୍କରେ କଥାବାର୍ତ୍ତା ହେଲାବେଳେ କହିଥିଲେ ଯେ ଆଜିକାଲି ବିବାହ କରି ପିଲାମାନଙ୍କ ଲାଳନପାଳନ ଝଞ୍ଜାଳ ମୁଣ୍ଡେଇବାକୁ ଅନେକ ଇଂରେଜ ଯୁବକ ଯୁବତୀ ପ୍ରସ୍ତୁତ ନୁହଁନ୍ତି । ସମ୍ଭବତଃ ସେଥିପାଇଁ ସେ ନିଜେ ବି ଅବିବାହିତ ।

କିନ୍ତୁ ସେଦିନ ଆମେ ତାଙ୍କ ଘରେ ପାଦଦେଲା ମାତ୍ରେ ସେ ଜଣେ ସୁନ୍ଦରୀ ଭଦ୍ରମହିଳାଙ୍କୁ ଦେଖାଇ ଦେଇ କହିଲେ-ଏ ହେଉଛନ୍ତି ହେଲେନ୍ । ଆଜି ଆପଣଙ୍କର ହଷ୍ଟେସ୍ (Hostess) । ସେ ଆପଣମାନଙ୍କ ସତ୍କାର କରିବେ । ସେ ମୋର ଗାର୍ଲଫ୍ରେଣ୍ଡ !

ଆମେ ସମସ୍ତେ ଟିକିଏ ଆଶ୍ଚର୍ଯ୍ୟ ହେଲୁ ତାଙ୍କର ନିର୍ବିକାର ସ୍ୱଷ୍ଟୋକ୍ତି ରେ । କିନ୍ତୁ ସେଠାର ଆଧୁନିକ ପାଶ୍ଚାତ୍ୟ ସଂସ୍କୃତି ଓ ଦାମ୍ପତ୍ୟ ଜୀବନ ସଂପର୍କରେ ଜାଣିଥିଲେ, ଏହି କଥାରେ ବିଶେଷ ଆଶ୍ଚର୍ଯ୍ୟ ହେବାର ନାହିଁ । ବିଲାତରେ ତଥା ପାଶ୍ଚାତ୍ୟ ଦେଶଗୁଡିକରେ ବିବାହ ଏକ ମାମୁଲି କାର୍ଯ୍ୟ । ମନ ମିଳିଲେ ଯୁବକ ଯୁବତୀ ବା ବୃଦ୍ଧବୃଦ୍ଧା ଏକତ୍ର ବାସ କରିପାରନ୍ତି । ସନ୍ତାନ ଉତ୍ପତ୍ତି ବିଶେଷ କାମ୍ୟ ନୁହେଁ । ଅବିବାହିତ ଅବସ୍ଥାରେ ସନ୍ତାନ ଜନ୍ମହେଲେ ତାର ଲାଳନପାଳନ କରିବାରେ କୌଣସି ଆଇନଗତ ବା ସାମାଜିକ ବାରଣ କିମ୍ବା ବାଧା ନାହିଁ । ସମାଜରେ ଆଜିକାଲି ଏହି ଘଟଣାକୁ ଅତି ସ୍ୱାଭାବିକ ଭାବରେ ଗ୍ରହଣ କରାଯାଏ ଏବଂ ଏ ପ୍ରକାର ପିଲାମାନଙ୍କର ଅନ୍ୟ ପିଲାଙ୍କ ପରି ସମାନ ଅଧିକାର, ସମାନ ସୁବିଧା ସୁଯୋଗ ଥାଏ ।

ଉଭୟ ଟିମ୍ ଓ ହେଲେନ୍ ଆମର ଚର୍ଚ୍ଚାକଲେ । ପ୍ରଚୁର ଖାଦ୍ୟପେୟ ମଧ୍ୟରେ ଚିକେନ୍, ପର୍କ, ପେଷ୍ଟି, ଆଳୁ ଚିପ୍‌ସ, ପାଉଁରୁଟି, ଚିନାବାଦାମ, ଆଇସକ୍ରିମ୍ ପ୍ରଭୃତି ପ୍ରଧାନ । ସେଗୁଡିକ ମଧ୍ୟରୁ ଅଧିକାଂଶ ବରଫ ପରି ଥଣ୍ଡା । ମୋ ପରି ଏସିଆର ବିଶେଷତଃ ଅନ୍ୟ ଭାରତୀୟ ବନ୍ଧୁମାନଙ୍କୁ ତାହା ରୁଚିକର ହେଲାନାହିଁ । କିନ୍ତୁ ଆଫ୍ରିକାର ବନ୍ଧୁମାନେ ଆନନ୍ଦରେ ଖାଇଲା ପରି ଲାଗିଲା । ଶେଷରେ ଆମେ ସେମାନଙ୍କୁ ସାଧୁବାଦ ଜଣାଇ ବିଦାୟ ନେଲୁ ।

❑❑❑

# ଅଧ୍ୟାୟ-୧୫

## ବିଲାତରେ ଜାନୁୟାରୀ ଛବିଶ ଓ ତିରିଶ

ସେଦିନ ଜାନୁୟାରୀ ୨୬ ତାରିଖ, ଆମର ପବିତ୍ର ଗଣତନ୍ତ୍ର ଦିବସ । ଆମ ସବୁରି ଏକ ବଡ଼ ଆନନ୍ଦର ଦିନ । ବିଦେଶରେ ରହିଲେ ମଧ ଆମର ଏହା ଏକ ଉତ୍ସବ ଦିନ । ଏଥିପାଇଁ ଆମେ ଭାରତର ତିନିଜଣ ବଂଧୁ (ଜଗଦୀଶ ସିଂହ, ମୋହିନୀ ରାଓତ ଓ ମୁଁ) ଏକାଠି ହୋଇ ଆମ ଦେଶର ହାଲଚାଲ ଆଲୋଚନା କଲୁଁ । ଏହାକୁ କେନ୍ଦ୍ରକରି ବହୁ ସୁଖଦୁଃଖ ହେଲୁ ।

ପୂର୍ବରୁ ଆମେ ଠିକ୍ କରିଥିଲୁ ଯେ ଇଂରେଜ ବଂଧୁ ପେଣ୍ଡ୍ରିଡ୍‌ଙ୍କୁ ଏକ ଜାତୀୟ ଦିବସରେ ଗୋଟିଏ ଭୋଜିକୁ ନିମନ୍ତ୍ରଣ କରିବୁ । ସେ ଓ ତାଙ୍କ ସ୍ତ୍ରୀଙ୍କୁ ସାଥିରେ ନେଇ ଆମେ ଗୋଟିଏ ହୋଟେଲକୁ ଗଲୁ । ଗୋଟିଏ ଭାରତୀୟ ହୋଟେଲ୍ ମଟନ୍, ଚିକେନ୍, ପଲାଉ, ତନ୍ଦୁରୀ, ଡାଲି, ତରକାରୀ ପ୍ରଭୃତି ଭାରତୀୟ ଢ଼ଙ୍ଗରେ ତିଆରି ହୋଇଥିଲା । ସାହେବମାନେ ଆମପରି ଖାଦ୍ୟରେ ଏତେ ତେଲ ମସଲା ବ୍ୟବହାର କରନ୍ତି ନାହିଁ । ସେଦିନ ସେହି ହୋଟେଲରେ ଯେତେ କହିଲେ ମଧ ତେଲ ମସଲା ଭାଗ କମ୍ ନଥିଲା । କିନ୍ତୁ ସେମାନେ ଆମ ସାଥିରେ ଆନନ୍ଦରେ ଖାଇଲେ । କେବଳ ଥରେ ଥରେ କହୁଥାନ୍ତି-ଭାରି ରାଗ ହୋଇଛି (It's very hot) । ଶେଷରେ ଭାରତୀୟ ମିଠା ସନ୍ଦେଶର ବ୍ୟବସ୍ଥା ହୋଇଥିଲା ।

ଲଣ୍ଡନ ସହରର କେନ୍ଦ୍ରସ୍ଥାନରେ ଗୋଟିଏ ଭାରତୀୟ ୱାଇ.ଏମ୍.ସି.ଏ. ହଷ୍ଟେଲ ଅଛି । ସେଠାରେ ଭାରତର ସବୁ ରାଜ୍ୟର ଲୋକ ଦେଖାଯା'ନ୍ତି । ସେଠାରେ ଖାଇବା ଓ ରହିବାର ସୁବିଧା ରହିଛି । ସେଠା ଭୋଜନାଳୟରେ ଭାରତୀୟ ଖାଦ୍ୟ ଦିଆଯାଏ । ସକାଳେ ପୁରୀ ତରକାରୀ, ବରା ସମ୍ବର ପ୍ରଭୃତି ଜଳଖିଆ ଓ ଦିନରାତି ମିଲ୍‌ରେ ଭାତ, ରୁଟି, ଡାଲି, ଖଟା, ତରକାରୀ, ଆଦି ମିଳିଥାଏ । ସଭାସମିତି କରିବାକୁ ଚଳଚ୍ଚିତ୍ର ଦେଖିବାକୁ, ଭାରତୀୟ ଉପହାର ସାମଗ୍ରୀ କିଣିବାକୁ ସୁବିଧାମାନ ରହିଛି ।

ସେଦିନ ଆମ ଗଣତନ୍ତ୍ର ଦିବସ ଉପଲକ୍ଷେ ଇଣ୍ଡିୟାନ୍ ଲିଗ୍ ତରଫରୁ ଗୋଟିଏ ବଡ଼ ସଭାର ଆୟୋଜନ ହୋଇଥିଲା ସେଇ ହଷ୍ଟେଲ୍‌ର ମହାତ୍ମା ଗାନ୍ଧି ହଲ୍‌ରେ । ସେତେବେଳେ ଭାରତୀୟ ରାଷ୍ଟ୍ରଦୂତ ଥାନ୍ତି ଶ୍ରୀଗୋରେ । ସେ ଏହି ସଭାରେ ସଭାପତିତ୍ୱ କରିଥିଲେ । ସେମାନେ ଭାରତର ଗଣତନ୍ତ୍ରକୁ ସାରା ପୃଥିବୀରେ ବଡ଼ ଆଉ ସଫଳ ବୋଲି

ପ୍ରଶଂସା କରିଥିଲେ । ମୁଁ ଏଇ ସଭାର କେତୋଟି ଫଟୋ ଉଠାଇଥିଲି । ସଭା ଶେଷରେ ଜଳପାନର ବ୍ୟବସ୍ଥା ହୋଇଥିଲା ।

୧୯୨୯ ମସିହାର କଥା । ଭାରତ ସେତେବେଳେ ପରାଧୀନ । ବିଦେଶରେ ରହିଲେ ମଧ୍ୟ ଭାରତୀୟ ଛାତ୍ରଛାତ୍ରୀଗଣ ଦେଶର ସ୍ୱାଧୀନତା ଆଉ ତାର ଉନ୍ନତି ପାଇଁ ଚିନ୍ତା କରୁଥିଲେ । ଇଂରେଜ ସରକାରଙ୍କ ଅତ୍ୟାଚାର ବିରୁଦ୍ଧରେ ଆପତ୍ତି କରୁଥିଲେ । ଏଥିପାଇଁ ଭାରତର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଓ ସୁପରିଚିତ ବକ୍ତା ଭି.କେ. କ୍ରିଷ୍ଣମେନନ୍ ବିଲାତରେ ରହି ପାଠପଢୁଥିଲା ବେଳେ ଇଣ୍ଡିୟାନ୍ ଲିଗ୍ ଗଢ଼ିଥିଲେ । ୧୯୭୮ ମସିହାରେ ଲିଗ୍‌ର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଥିଲା ।

ଜାନୁୟାରୀ ୩୦ ତାରିଖ । ଆମେ ଗୋଟିଏ ବଡ଼ ହାଇସ୍କୁଲକୁ ବୁଲି ଯାଇଥିଲୁ । ତାର ନାମ କିନ୍ସଲେ ସ୍କୁଲ । ସେଇ ସ୍କୁଲର ପାଠପଢ଼ା ଓ ପଢ଼ାଇବା ଏକ ନୂଆ ପ୍ରକାରର । ପ୍ରତ୍ୟେକ ପିଲା ନିଜର ରୁଚି ଓ ଶକ୍ତିକୁ ଚାହିଁ ପାଠ ପଢ଼ନ୍ତି । ଗୋଟିଏ ବର୍ଷରେ କିଏ ଗୋଟିଏ ତ କିଏ ଦୁଇଟି ଶ୍ରେଣୀ ଉତ୍ତୀର୍ଣ୍ଣ ହୁଅନ୍ତି । ରୋଟାରୀ, ଅଫିସେଟ୍, ଲାଇଥୋ, ଫଟୋ କପିଅର ପ୍ରଭୃତି ଛପାଯନ୍ତ୍ରଠାରୁ ଆରମ୍ଭ କରି ଭିଡ଼ିଓ ରେକର୍ଡ଼ର, ସ୍ଲାଇଡ ଆଉ ଫିଲମ୍ ପ୍ରୋଜେକ୍ଟର, ରେଡ଼ିଓ, ଟେଲିଭିଜନ ପ୍ରଭୃତି ନାନା ପ୍ରକାର ଶ୍ରବ୍ୟ-ଦୃଶ୍ୟ ମାଧ୍ୟମ ଓ ସାମଗ୍ରୀ ରଖାଯାଇଛି । ଛାତ୍ରଛାତ୍ରୀମାନେ ନିଜ ଇଚ୍ଛା ମୁତାବକ ଏଥି ମଧ୍ୟରୁ ବାଛି ଶିକ୍ଷା ଲାଭରେ ବ୍ୟବହାର କରନ୍ତି । ଶିକ୍ଷକ ଓ ଶିକ୍ଷୟିତ୍ରୀଗଣ ସେଠାରେ ରହି ସେମାନଙ୍କୁ ପରାମର୍ଶ ଓ ସାହାଯ୍ୟ ଦେଇଥାନ୍ତି । କେଉଁ ବିଷୟ କେଉଁ ଟେପ୍ ବା କ୍ୟାସେଟ୍ ବା ଫିଲମ୍‌ରେ ଅଛି ସେମାନେ ବତାଇ ଦିଅନ୍ତି । ପିଲାମାନେ ତାକୁ ନିଜେ ନେଇ ଅଲଗା ଜାଗାରେ ବସି ଦେଖନ୍ତି ବା ଶୁଣନ୍ତି ।

ସେଇ ସ୍କୁଲରେ ଏଗାର ଶହ ଛାତ୍ରଛାତ୍ରୀ ପାଠପଢ଼ନ୍ତି । ସେଠାରେ ପଞ୍ଚସ୍ତରୀ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟ କରନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଯୁବକ ଯୁବତୀ ଆଉ ଆଧୁନିକ ଶିକ୍ଷଣ ପଦ୍ଧତି, ମାଧ୍ୟମ ଓ ସାମଗ୍ରୀଗୁଡ଼ିକର ବ୍ୟବହାରରେ ତାଲିମପ୍ରାପ୍ତ ଓ ଅଭ୍ୟସ୍ତ । ପିଲାମାନେ ନିଜର ସାମର୍ଥ୍ୟ ଓ ଆଗ୍ରହ ଅନୁସାରେ ଅଗ୍ରଗତି କରନ୍ତି । ନିଜେ ନିଜର ଶିକ୍ଷକ । ସ୍ୱାଧ୍ୟାୟନ ହିଁ ପ୍ରଥମ କଥା । ସେଠାରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହିତ ବହୁ ଆଲୋଚନା ହେଲା । ସେମାନେ ସବୁ ବିଭାଗକୁ ନେଇ ଆମ୍ଭମାନଙ୍କୁ ଦେଖାଇ ବୁଝାଇ ଦେଲେ । ଛାତ୍ରଛାତ୍ରୀଗଣ କୌଣସି ପ୍ରସଙ୍ଗରେ ଚାହିଁଲେ ଆଲୋଚନା ଓ ତର୍କ ବିତର୍କ କରନ୍ତି । ଶିକ୍ଷକ ଶିକ୍ଷୟିତ୍ରୀମାନେ ଏ ଦିଗରେ ସାହାଯ୍ୟ କରନ୍ତି, ଉତ୍ସାହ ଦିଅନ୍ତ, ବାଟ ବତାଇ ଦିଅନ୍ତି । ସେଠାରେ ଜଣେ ଶିକ୍ଷକ କଥା ପ୍ରସଙ୍ଗରେ କହିଲେ-ଆମ୍ଭଏଠାରେ ପାଠପଢ଼ା ସଭାସମିତି ଜରିଆରେ ଚାଲେ ।

ପିଲାମାନେ ନିଜେ ନିଜେ ପାଠ ପଢ଼ନ୍ତି ବୋଲି କହିଲେ ସୁଦ୍ଧା ଶିକ୍ଷକମାନଙ୍କ ଉପରେ ଖୁବ୍ ଚାପ ପଡ଼େ । କାରଣ ସେମାନେ ପ୍ରତି ମୁହର୍ତ୍ତରେ ପିଲାମାନଙ୍କର ବ୍ୟକ୍ତିଗତ ପାଠପଢ଼ା ଓ ତତ୍ ସଂପର୍କୀୟ ପ୍ରଶ୍ନଗୁଡିକର ଉତ୍ତର ଦେବାକୁ ପ୍ରସ୍ତୁତ ଥାନ୍ତି । ସେମାନଙ୍କର ଜ୍ଞାନଗରିମା ଓ ବହୁଦର୍ଶିତା ମଧ୍ୟ ଖୁବ୍ ଉଚ୍ଚକୋଟୀର । କାରଣ କେଉଁ ବିଷୟରେ କେଉଁ ରେଡିଓ, ଟେଲିଭିଜନ, ଭିଡିଓ, ଟେପ୍ ସ୍ଲାଇଡ, କ୍ୟାସେଟ୍ ବା ବହିପତ୍ର ପ୍ରଭୃତି ବ୍ୟବହାର କରିବାକୁ ହେବ, ସେମାନେ ପରାମର୍ଶ ଦିଅନ୍ତି ।

ସହକାରୀ ପ୍ରଧାନ ଶିକ୍ଷକ ଆମ୍ଭମାନଙ୍କୁ ବୁଲାଇ ଦେଖାଇବାରେ ସାହାଯ୍ୟ କଲେ । ପ୍ରଧାନ ଶିକ୍ଷକ ବ୍ୟତୀତ ସେଇ ସ୍କୁଲରେ ଦୁଇଜଣ ସହକାରୀ ପ୍ରଧାନ ଶିକ୍ଷକ, ଜଣେ ଲାଇବ୍ରେରିୟାନ୍ ଓ ଜଣେ ମାଧମ ଅଧିକାରୀ (ମେଡ଼ିଆ ଅଫିସର) ଥାନ୍ତି । ଆଜିକାଲି ଶିକ୍ଷାଦାନକୁ କେବଳ କଥା ଓ କଳାପଟା ଭିତରେ ଆବଦ୍ଧ ନରଖି ସେମାନେ ସବୁ ପ୍ରକାର ମାଧମ ଓ ସାମଗ୍ରୀର ବ୍ୟବହାର କରୁଛନ୍ତି । ଫଳରେ ପାଠପଢ଼ା ଅଧିକ ସରସ ଓ ସଫଳ ହୋଇ ପାରିଛି । ଏବେ ଆମେ ଏ ଦିଗରେ ଚିନ୍ତା କରୁଛୁଁ । ମାତ୍ର ଚେଷ୍ଟାର ଅଭାବ ଆଉ ସୁବିଧା ସୁଯୋଗର ଅଭାବ ।

ବସ୍‌ରେ ଆମେ ଫେରିଲୁ ବାଟରେ ମନେ ପଡିଲା ଆମ ଦେଶର ଅନୁନ୍ନତ ଅବସ୍ଥା ଆଉ ତୁଳନା କଲି ଏହା ସହିତ ସେ ଦେଶର ପ୍ରାଚୁର୍ଯ୍ୟ । କାହା ସହିତ ଆମର ଇର୍ଷା ନାହିଁ । କିନ୍ତୁ ଆମକୁ ଏଥିପାଇଁ କଠିନ ପରିଶ୍ରମ କରିବାକୁ ହେବ । ଦେଶକୁ ଆଗେଇ ନେବାକୁ ହେବ । ମନେ ପଡ଼ିଲା ସେଦିନ ଥିଲା ଗାନ୍ଧିଜୀଙ୍କର ଶହୀଦ ଦିବସ । ତାଙ୍କର ଅମର ବାଣୀ ଆଉ ଅମର କାହାଣୀ ଗୋଟି ଗୋଟି ହୋଇ ଆଖି ଆଗରେ ନାଚିଗଲା । ଆମ ଦେଶ କଥା ଭାରି ମନେ ପଡିଲା ।

□□□

# ଅଧ୍ୟାୟ-୧୬

## ଓଏଲ୍‌ସ ଅଞ୍ଚଳର ଶୋଭା ଓ ସଂସ୍କୃତି

୧୯୭୯ ମସିହା ମାର୍ଚ୍ଚ ମାସ ୧୨ ତାରିଖ । ସେଦିନ ବ୍ରିଟିଶ କାଉନ୍‌ସିଲ୍ ଅଫିସକୁ ଯାଇ ଆମେ ସେଠାରୁ ସାଢ଼େ ଦଶଟା ବେଳେ ଓଏଲ୍‌ସକୁ ବାହାରିଲୁ । ବ୍ରିଟିଶ କାଉନସିଲର ଗୋଟିଏ ସୌଖୀନ କୋଚରେ ଆମେ ଯାତ୍ରା କଲୁ । ପାଗ ନିତାନ୍ତ ଖରାପ ନଥିଲା । ଖରାପାଗ ହୋଇନଥିଲେ ହେଁ ବର୍ଷା ଓ ଥଣ୍ଡାର ପ୍ରାବଲ୍ୟ ନଥିଲା ।

ଲଣ୍ଡନର ଉତ୍ତରାଂଚଳ ଦେଇ ଆସିଲାବେଳେ କୋଚର ଡ୍ରାଇଭର ତାଙ୍କ ପାଖରେ ଥିବା ମାଇକ୍ରୋଫୋନ୍‌ରେ ଜଣାଇ ଦେଲେ ଯେ ଏହା ହାମ୍ପଷ୍ଟିଡ୍ ହିଥ ଏରିଆ । ତାର ବିସପ ଲେନ ମଧଦେଇ କୋଚ ଆସିଲା ବେଳେ ସେ ସୂଚାଇ ଦେଲେ ଯେ ଏହାକୁ ମଧ ମିଲିୟାନେର ଲେନ୍ ବା କୋଟିପତିଙ୍କର ରାସ୍ତା କୁହାଯାଏ । ଏହ ଅଞ୍ଚଳରେ ବହୁ ଧନୀ, ମାନୀ, ଓ ଶିଳ୍ପପତିଙ୍କର ବସତି । ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଆକାଶସ୍ପର୍ଶୀ ହର୍ମ୍ୟ ଦଣ୍ଡାୟମାନ !

ହାମ୍ପଷ୍ଟିଡ ହିଥ୍‌ର ତଳିଆ ଅଂଚଳ ମଧ ଦେଇ ଆସିଲାବେଳେ ଆମ ଆଖିରେ ପଡିଲା ବହୁ ପ୍ରଶସ୍ତ ଫାର୍ମ ହାଉସ । ବୃହଦ୍‌କାୟ ଅଶ୍ୱମାନ ସେଠାରେ ତୃଣ ଭୂମିରେ ଚାରଣରତ । ସେମାନଙ୍କୁ ସାୟାରଘୋଡା (Shire horse) କୁହାଯାଏ । ସେମାନେ ହଳ କରନ୍ତି, ଟ୍ରାକ୍ଟର ଟାଣନ୍ତି ଏବଂ ଗାଡ଼ି ମଧ ବୁହାନ୍ତି । କ୍ରମେ ଯନ୍ତ୍ରପାତି ବ୍ୟବହାର ଫଳରେ ଏହି ଘୋଡାମାନଙ୍କର ସଂଖ୍ୟା କମିଯାଇଥିଲେ ସୁଦ୍ଧା ଏବେ ସେଗୁଡିକ ଖୁବ୍ ଆଦୃତ, ଖୁବ୍ ଲୋକପ୍ରିୟ !

ତାପରେ ଆମର ଦୃଷ୍ଟିଗୋଚର ହେଲା ସୁନ୍ଦର ସବୁଜ କେଦାର ଦିଗନ୍ତବ୍ୟାପୀ । ଅନେକ ଗଛରୁ ପତ୍ରସବୁ ଝଡି ପଡିଥାଏ । ଥୁଣ୍ଟା, କଳା ଓ ଧୂସର ଗଛମାନଙ୍କ ଦେହରେ ସବୁଜିମାର ସ୍ପର୍ଶ ଲାଗି ଆସୁଥାଏ । କେତେକାଳରେ ଦେହରେ ନାଲି ନାଲି ପତ୍ର ଆଉ କଢ଼ମାନ ମୁରୁକି ଉଠୁଛି । କେତେକ ଅଜଣା ଚଢ଼େଇ ପର ମେଲାଇ ଉଡିଯାଉଥାନ୍ତି, ନାନାପ୍ରକାର ରାବ କରି । ସବୁଠୁଁ ମଜା ଲାଗୁଥାଏ ଉଜ୍ଜ୍ୱଳ ସୂର୍ଯ୍ୟ କିରଣ । ସମ୍ଭବତଃ ଏଥରକର ଦୁଇମାସ ରହଣି କାଳ ମଧରେ ଏହା ସର୍ବପ୍ରଥମ । ମୁଁ ତ କୋଚର ବାମ ପାଖରେ ଗୋଟିଏ ପାର୍ଶ୍ୱ ଆସନରେ ବସିଥାଏ । ଉଷୁମ ସୂର୍ଯ୍ୟକିରଣ ସତେ ଯେମିତି ସେ

ଦିନ ମୋ ଦେହରେ ଶୀତଳତା ଆଉ ନୀରସତାକୁ ଘଷିମାଜି ଦେଉଥାଏ । ମନରେ ଆନନ୍ଦ ଆଉ ଆଲୁଅ ସେମିତି ଉଛୁଳି ଉଠୁଥାଏ ।

ମୋ ଆଗ ଧାଡ଼ିର ଆସନରେ ବସିଥାନ୍ତି ଆମ କୋର୍ସ ଡାଇରେକ୍ଟର ଟିମୋଥି ଲଙ୍ଗ । ରାସ୍ତାରେ ଯେଉଁସବୁ ସହର ବା ନୂତନ ଦର୍ଶନୀୟ ସ୍ଥାନ ବା ପଦାର୍ଥ ଆଖିରେ ପଡୁଥାଏ, ତାଙ୍କୁ ମୁଁ ପଚାରି ବୁଝୁଥାଏ । ବାଟରେ ପଡିଲା ଗୋଟିଏ ରେସ୍ତୋରାଁ ଗ୍ରାନାଡା (Grenada)। ଏଠାରେ ସବୁ ପଦାର୍ଥର ମୂଲ୍ୟ ପ୍ରାୟ ଦୁଇଗୁଣ । ତେବେ ଆମେ ଚା' ଓ କିଛି ସ୍ନାକ୍ ଖାଇଲୁ । ସବୁ ପରିଷ୍କାର ପରିଚ୍ଛନ୍ନ । ସବୁକଥା ସୁସଜ୍ଜିତ ଓ ଆଧୁନିକୀକୃତ । ଏଠାର ଟଏଲେଟ୍‌ରେ ଗୋଟିଏ ନୂଆକଥା ସେଦିନ ଦେଖିଲି । ତାହା ହେଲା, ସାଧାରଣତଃ ଟଏଲେଟ୍‌ରେ ହାତଧୋଇ ପୋଛିବା ପାଇଁ ଗୋଟିଏ ଲମ୍ବା ମୋଟାକନା ବା ଟାଓ୍ୱେଲ ଥାଏ । ମାତ୍ର ଏଠାରେ ହାତଧୋଇ ପୋଛିବା ପାଇଁ ଗୋଟିଏ ସୁଇଚ ଟିପିଦେବାକୁ ହୁଏ । ଗରମ ପବନ ବାହାରି ମିନିଟକ ଭିତରେ ଓଦା ହାତକୁ ଶୁଖାଇ ଦିଏ ।

ଦୀର୍ଘ ଓ ପ୍ରଶସ୍ତ ପଥରେ କୋଚର ଗତି ଦ୍ରୁତତର । ତାହା Motorway No.1 । ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ନାନାପ୍ରକାର ସଂକେତ ଓ ସୂଚନା ଦିଆଯାଇଛି । ଡ୍ରାଇଭର ଗାଡ଼ି ଚଳାଇଲା ବେଳେ ବାଟବଣା ବା ବାଉଳା ହେବାର ସମ୍ଭାବନା ବହୁତ କମ୍ । ରାସ୍ତା ଉପରେ ମଧ୍ୟ ଧଳାଗାର ଦିଆଯାଇ ଗାଡ଼ିର ଗତିପଥକୁ ନିର୍ଦ୍ଧାରଣ କରାଯାଇଛି ।

ଗୋଟିଏ ବଡ ସହର ପଡିଲା । ଦୂରୁଁ ଦିଶିଲା ତାର ଆକାଶଚୁମ୍ବୀ ଚିମିନୀ ଆଉ ଅଟ୍ଟାଳିକା । କଳକାରଖାନାରେ ଚତୁର୍ଦ୍ଦିଗ ଭରପୁର । ଟିମୋଥି ଲଙ୍ଗ୍ ଜଣାଇଦେଲେ ଯେ ଏହା ବର୍ମିଙ୍ଗହାମ ନଗରୀ । ଇଞ୍ଜିନିୟରିଂ ଓ ଭାରୀ ବୈଦ୍ୟୁତିକ ସରଞ୍ଜାମ ଉତ୍ପାଦନ ପାଇଁ ଏହା ଖୁବ୍ ପ୍ରସିଦ୍ଧ । ଲଣ୍ଡନ ପରେ ସମ୍ଭବତଃ ଏହାର ସ୍ଥାନ, ଆୟତନ ଓ ଲୋକସଂଖ୍ୟା ଦୃଷ୍ଟିରୁ । ଏହାର ଲୋକସଂଖ୍ୟା ଥିଲା ୧୧ଲକ୍ଷ । କୃଷ୍ଣକାୟ ଲୋକସଂଖ୍ୟା ମୋଟ ଲୋକସଂଖ୍ୟାର ଏକ ଚତୁର୍ଥାଂଶ । ଶିଳ୍ପକାର୍ଯ୍ୟ ପାଇଁ ଭାରତ, ପାକିସ୍ତାନ, ଆଫ୍ରିକା, ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜ ପ୍ରଭୃତିରୁ ବହୁ ସଂଖ୍ୟକ ଲୋକ ଆସିଥିଲେ । ସେମାନଙ୍କ ସଂଖ୍ୟା କ୍ରମେ ବୃଦ୍ଧିପ୍ରାପ୍ତ ହେଉଛି । ଯଦିଓ ସଂପ୍ରତି ବାହାର ଦେଶର ଲୋକ ବିଲାତ ପ୍ରବେଶ କରିବାରେ ଅଧିକ କଟକଣା ଜାରି କରାଯାଉଛି, କୃଷ୍ଣକାୟ ଲୋକଙ୍କର ଅନୁପାତ ବଢ଼ିବାରେ ଲାଗିଛି । ଶ୍ୱେତକାୟ ଲୋକଙ୍କ ମଧ୍ୟରେ ବୃଦ୍ଧିହାର ହ୍ରାସ ପାଇଥିଲେ ହେଁ କୃଷ୍ଣକାୟମାନଙ୍କ ମଧ୍ୟରେ ଏହି ହାର ସେମିତି ହ୍ରାସ ପାଇନାହିଁ । ତେଣୁ ଏନୋକ ପାଓଏଲଙ୍କ ପରି କେତେକ କୃଷ୍ଣବିଦ୍ୱେଷୀ ନେତା ବିଲାତରୁ କୃଷ୍ଣକାୟ ଲୋକଙ୍କୁ ବିତାଡ଼ନ କରିବା ଓ ସେମାନଙ୍କ ବିଲାତ

ପ୍ରବେଶ ଉପରେ ଅତି କଠୋର ନୀତି ଗ୍ରହଣ କରିବାକୁ ଦାବି କରିଛନ୍ତି । ଏହା ନକଲେ ପ୍ରାୟ ଅଧିକାଂଶ ଶିଳ୍ପନଗରୀରେ ମୋଟ ଲୋକସଂଖ୍ୟାର ଏକ ତୃତୀୟାଂଶ ହେବେ କେବଳ କୃଷ୍ଣକାୟ ଏବଂ ସେମାନଙ୍କ କର୍ତ୍ତୃତ୍ୱରେ କଳକାରଖାନା ରହିଯିବ ବୋଲି ଏନକ ପାଓଏଲଙ୍କ ଆଶଙ୍କା ।

ରାସ୍ତାକଡ଼ରେ ଦେଖାଗଲା ବହୁତ ଡ଼େଙ୍ଗାଗଛ । କଳା ଅଙ୍ଗାର ପରି ଠିଆ ହୋଇଥାଏ । ବସନ୍ତ ଆସିଲେ ସେଥିରେ ସୁନ୍ଦର ସବୁଜ ପତ୍ର ଭରି ହୋଇଯାଏ ଆଉ ଗ୍ରୀଷ୍ମଋତୁରେ ଫୁଲ ଫଳ ଲଦିହୋଇ ପଡେ । ଏହିସବୁ କି ଗଛ ଟିମୋଥି ଲଙ୍ଗଙ୍କୁ ଜଣାନଥିଲା । ମୁଁ ତାଙ୍କୁ ସେଗୁଡିକ ଲାଇମ ଟ୍ରୀ (Lime tree)ବୋଲି କହିଦେବାରୁ ସେ ଆଶ୍ଚର୍ଯ୍ୟ ହେଲେ । ମୁଁ ଏ କଥା ମଧ୍ଯ ଜଣାଇ ଦେଲି ଯେ ଏହି ଗଛର ଫଳ ପାଚିଲେ ଖୁବ୍ ଖଟା ଲାଗିବାରୁ ନାଁ ଏମିତି ହୋଇଛି । ଆଗକୁ ଆଗେଇଲା ବେଳେ ଆଖିରେ ପଡିଲା ବହୁ ଉଚ୍ଚ ପାହାଡ଼, ନଦୀ ଓ ହ୍ରଦ । ପାହାଡର ଘନ ସବୁଜିମା ଆଉ ନଦୀହ୍ରଦରେ ଜଳର ଘନନୀଳିମା ଦେଖି ଖୁବ୍ ଆନନ୍ଦିତ ହେଲୁ । ପ୍ରକୃତିର ଦୃଶ୍ୟଗୁଡିକ ଚଳଚ୍ଚିତ୍ର ପରି ଆଖି ଆଗରେ ନାଚିଗଲା ।

ସ୍ୟାଣ୍ଡବାକ୍ ବୋଲି ଗୋଟିଏ ସ୍ଥାନରେ ଆମେ ପହଞ୍ଚିଲୁ । ରାସ୍ତାକଡରେ ଥିବା ଗୋଟିଏ ହୋଟେଲରେ ମଧ୍ୟାହ୍ନ ଭୋଜନ କଲୁ । ପାଖରେ ଆଉ ହୋଟେଲ ପ୍ରଭୃତି ନଥିବାରୁ ଖାଦ୍ୟପଦାର୍ଥର ଦର ଖୁବ୍ ଅଧିକ । ତାପରେ ଆମେ ଡ଼ୀ (Dee)ନଦୀ ପାଖରେ ପହଞ୍ଚିଲୁ । ଡୀ ନଦୀକୁ ଦେଖିଲା ମାତ୍ରେ ମନେ ପଡିଲା ଚାର୍ଲସ ମ୍ୟାକେଙ୍କ ରଚିତ ଦି ମିଲର ଅଫ ଦି ଡୀ (The Miller of the Dee) କବିତାଟି । କେତେ ସରସ ଓ ସୁନ୍ଦର କବିତାଟିଏ । ଏଇ ନଦୀ କୂଳରେ ଅଟାକଳଟିଏ ପକାଇ ନିଜ ଝାଳବୁହା ପରିଶ୍ରମରେ ଇଂରେଜ ଲୋକଟି କି ସୁଖୀ ! ସ୍ୱାଧୀନତାର  ସ୍ୱାଦ ଓ ଶ୍ରମର ମର୍ଯ୍ୟାଦା ତାକୁ ଖୁବ୍ ସୁଖୀ କରି ପାରିଥିଲା । ଦିନେ ରାଜା ହଲ୍ ବା ହେନେରୀ ସେଠାରେ ପହଞ୍ଚି  ତାର ମନ ଫୁଲଣା ଗୀତ ଶୁଣିଥିଲେ । 'ମୁଁ କାହାକୁ ଈର୍ଷାକରେ ନାହିଁ କି ମୋତେ କେହି ଈର୍ଷା କରନ୍ତି ନାହିଁ (I envy nobody no, not I, and nobody envies me) । କିନ୍ତୁ ରାଜା ତାର ବିମଳ ସୁଖରେ ଈର୍ଷାପରାୟଣ ହୋଇ ପଡିଥିଲେ ଏବଂ ସେ କାହିଁକି ଏତେ ସୁଖୀ ବୋଲି ପଚାରିଥିଲେ । ଟିକି ଚକିକଳର ମାଲିକ ଉତ୍ତର ଦେଇଛି-The miller smiled, and doffed his cap,

"I earn my bread" quoth he;
I love my wife, I love my friends,
I love my children three;
I owe no penny I can not pay
I thank the river Dee.

That turns the mill that grinds the corn.

To feed my babes and me"

ରାଜା ହେନେରୀ ଏହା ଶୁଣି ଦୀର୍ଘଶ୍ୱାସ ତ୍ୟାଗ କରି କହିଥିଲେ ଚକି କଳର ମାଲିକର ଟୋପି ତାଙ୍କ ରାଜ ମୁକୁଟ ଓ ତାର କଳ ତାଙ୍କ ରାଜ୍ୟର ସମସ୍ତ ରାଜସ୍ୱ ସହିତ ସମାନ । ଏହିପରି ଲୋକ ଇଂଲଣ୍ଡର ଗର୍ବ ବୋଲି ରାଜା ମଧ୍ୟ ସ୍ୱୀକାର କରିଛନ୍ତି ("Such men as thou are Englond's boast, O miller of the Dee")

ଏବେ ଆମର କୋଚଟି ଛଅ ନମ୍ବର ମଟର ରାସ୍ତାରେ ଗତିକଲା । ଉତ୍ତର ଓଏଲସ ଅଭିମୁଖେ ଆମେ ଆଗେଇ ଚାଲିଲୁ । ଏହି ଡୀ ନଦୀ ଉପରେ ଦେଖିଲୁ ଏକ ବିରାଟ ଜଳ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଓ ଏହାର ଅତ୍ୟୁଚ୍ଚ ଡ଼୍ୟାମ୍ । ରୋମୀୟମାନେ ଇଂଲଣ୍ଡକୁ ଆକ୍ରମଣ କରି ଶାସନ କରୁଥିବା ବେଳୁ ଏଠାରେ ଗଢ଼ିଥିବା ପୋଲଟିର କେତେକାଂଶ ଏବେ ବି ଦୃଷ୍ଟିଗୋଚର ହୁଏ । ଡୀ ନଦୀ ଉପରେ ଏହି ପ୍ରାଚୀନ ପୋଲକୁ ଅଧିକ ପ୍ରଶସ୍ତ ଓ ଶକ୍ତିଶାଳୀ କରି ଏବେ ମଧ୍ୟ ବ୍ୟବହୃତ ହେଉଛି ।

ଏହି ପୋଲ ପାଖକୁ ଲାଗି ଚେଷ୍ଟର ସହର । ଏହାର ସୁଦୃଶ୍ୟ ଉଦ୍ୟାନ, ଦୋକାନ ବଜାର, ଟାଉନ ହଲ ପ୍ରଭୃତି ପଡିଲା । ଗୋଟିଏ ବଡ଼ ଗୀର୍ଜା ଦୃଷ୍ଟିଗୋଚର ହେଲା । ତାର କାଷ୍ଠ, କାଚ ପ୍ରଭୃତିରେ ଅତି ସୁନ୍ଦର କାରୁକାର୍ଯ୍ୟ ଓ କଳାକୃତି ଆମେ ପରିଦର୍ଶନ କରି ମୁଗ୍ଧ ହେଲୁ । ସେଠାରୁ ଆସି କିଛି ସମୟ ଦୋକାନ ବଜାରରେ ବୁଲାବୁଲି କଲୁ ।

ତାପରେ ଆମର କୋଚ ଆଗେଇ ଚାଲିଲା ଏବଂ ପ୍ରାୟ ୧୫ କିଲୋମିଟର ଯିବା ପରେ ରିକ୍ସହାମ ସହରରେ ପହଞ୍ଚିଲୁ । ସେତେବେଳେ ସଂଧ୍ୟା ପାଞ୍ଚଟା । ସହର ବେଶୀ ବଡ ନୁହେଁ । ମାତ୍ର ସୁନ୍ଦର ଓ ପରିଷ୍କାର ପରିଛନ୍ନ । ଆଧୁନିକ ସୁବିଧା ସୁଯୋଗର କୌଣସି ଅଭାବ ନାହିଁ ।

ଓଏଲସ୍ ଅଞ୍ଚଳ ଇଂଲଣ୍ଡର ଏକ ବିଶେଷ ଅଂଶ ହେଲେ ହେଁ ଏଠାରେ ଅଧିବାସୀମାନେ ନିଜର ସ୍ୱତନ୍ତ୍ର ଭାଷା ଓ ସଂସ୍କୃତି ନିମନ୍ତେ ଗର୍ବ ଅନୁଭବ କରନ୍ତି । ଇଂରେଜୀ ଠାରୁ ଫ୍ରେଞ୍ଚ ଓ ଜର୍ମାନୀ ଭାଷା ଯେତିକି ପୃଥକ୍, ଓଏଲସ୍ ଭାଷାର ବନାନ, ଉଚ୍ଚାରଣ ଓ ଆଙ୍ଗିକ ଗଠନ ତା ଠାରୁ ଅଧିକ ତଫାତ୍ । ବହୁ ଶତାବ୍ଦୀ ପୂର୍ବେ ଏହି ଅଞ୍ଚଳରେ କେତେକ କେଲଟିକ୍ ଜାତି ବାସ କରୁଥିଲେ । ସେମାନଙ୍କର ଥିଲା ଛୋଟ ଛୋଟ ରାଜ୍ୟ । ଗ୍ରୀଷ୍ମକାଳରେ ସେମାନେ ନିଜ ନିଜ ମଧ୍ୟରେ ସଂଗ୍ରାମରତ ଥିଲେ ଏବଂ ଶୀତ ଋତୁରେ ସଂଗୀତ ଗାନ ଓ ରଚନା ଏବଂ ନୃତ୍ୟ ଅଭିନୟ କରିବାରେ ସମୟ ଅତିବାହିତ କରୁଥିଲେ ।

ଇଂରେଜମାନେ ସେମାନଙ୍କୁ ପରାସ୍ତ କରି ଓଏଲସ୍ ଅଞ୍ଚଳ ଅଧିକାର କରିଥିଲେ । ସେମାନେ ଅବଶ୍ୟ ଏହା ଫଳରେ ଏକ ଶାସନାଧୀନ ହେଲେ ଏବଂ ଏକତାବଦ୍ଧ ହୋଇ ଶାସନରେ ସମାନ ଅଧିକାର ସାବ୍ୟସ୍ତ କଲେ । କେତେ ବର୍ଷ ହେଲା ଓଏଲସ୍ ଜାତୀୟ ଦଳ ନାମକ ଏକ ରାଜନୈତିକ ଦଳ (Welsh Plaid Cytnru) ଗଢ଼ା ଯାଇଛି । ଏହି ରାଜନୈତିକ ଦଳ ଓଏଲସ୍ ପାଇଁ ଏକ ସ୍ୱତନ୍ତ୍ର ପାର୍ଲାମେଣ୍ଟ ଦାବୀ କରେ । କିନ୍ତୁ ସେତେବେଳେ ଲୋକମତ (Referendum) ନିଆଯାଇ ଦେଖାଗଲା ଯେ ଖୁବ୍ କମ୍ ଲୋକ ସ୍ୱତନ୍ତ୍ର ପାର୍ଲାମେଣ୍ଟର ପକ୍ଷପାତୀ । ଏବେ ବ୍ରିଟିଶ ପାର୍ଲାମେଣ୍ଟର ଏହି ଦଳର ଜଣେ ସଭ୍ୟ ରହିଛନ୍ତି ଏବଂ ଓଏଲସ୍ ସମସ୍ୟାମାନ ବୁଝିବା ପାଇଁ ବିଲାତ ମନ୍ତ୍ରୀମଣ୍ଡଳରେ ଜଣେ ସ୍ୱତନ୍ତ୍ର ମନ୍ତ୍ରୀ ରହିଛନ୍ତି । ଅନେକ ସମୟରେ ଅନ୍ୟ ବିଭାଗ ଦାୟିତ୍ୱରେ ମଧ ଓଏଲସ୍ ଅଞ୍ଚଳର ମନ୍ତ୍ରୀ ରହି ସୁନାମ ଅର୍ଜନ କରିଥାନ୍ତି । ଏହି ଶତାବ୍ଦୀର ବିଖ୍ୟାତ ଓଏଲସ୍ ପ୍ରଧାନମନ୍ତ୍ରୀ ହେଲେ ଲଏଡ ଜର୍ଜ (Loyd George) । ୧୯୫୫ ମସିହାରୁ କାର୍ଡିଫ ଓଏଲ୍ସର ରାଜଧାନୀ ଭାବରେ ଘୋଷିତ ହୋଇଥିଲା ।

ସଂପ୍ରତି ଓଏଲସ୍ ଅଞ୍ଚଳର ଶତକଡ଼ା ୨୫ ଭାଗ ଲୋକ ଓଏଲସ୍ ଭାଷା କହୁଛନ୍ତି । ମାତ୍ର ୧୯୦୧ରେ ଏହାର ଦୁଇଗୁଣ ଲୋକ ଏହି ଭାଷା କହୁଥିଲେ । ୧୯୬୫ରୁ ଏହାକୁ ଇଂରେଜ ଭାଷାର ସମକକ୍ଷ କରାଯାଇଛି । ଅବଶ୍ୟ ଆଜିକାଲି ଅନେକ ଉଗ୍ରଜାତୀୟବାଦୀ ଓଏଲସ୍ ଭାଷାକୁ ସେହି ଅଞ୍ଚଳର ଅଫିସ ଓ କୋର୍ଟ କଚେରୀର ଭାଷା ରୂପେ ବ୍ୟବହାର କରିବାକୁ ଦାବି କରିଛନ୍ତି । ଅନେକ ରେଡ଼ିଓ ଓ ଟେଲିଭିଜନ କାର୍ଯ୍ୟକ୍ରମ ମଧ ଓଏଲସ୍ ଭାଷାରେ ପ୍ରସାରିତ ହୋଇଥାଏ । ଏହି ଭାଷା ଦୈନନ୍ଦିନ ଜୀବନରେ ବ୍ୟବହାର କରନ୍ତୁ କି ନାହିଁ ଓଏଲସ୍ ବାସୀଗଣ ଏହାକୁ ସେମାନଙ୍କର ସ୍ୱତନ୍ତ୍ର ସଂସ୍କୃତିର ପ୍ରତୀକ ଭାବରେ ଗ୍ରହଣ କରନ୍ତି । ସେମାନଙ୍କ ମତରେ ଓଏଲସ୍ ହେଉଛି 'ମୋର ପିତୃଭୂମି' (Land of my fathers) ଯାହା ଓଏଲସ୍ ଭାଷାରେ "Mae hen wlad fynhradan" କୁହାଯାଏ ।

ଓଏଲସ୍‌ରେ ଏହି ଭାଷାର ଅଧ୍ୟୟନ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ବାଧ୍ୟତାମୂଳକ । ପ୍ରାୟ ଅଧେ ରେଡ଼ିଓ ଓ ଟେଲିଭିଜନ ଜାତୀୟ କାର୍ଯ୍ୟକ୍ରମ ଓଏଲସ୍ ଭାଷାରେ ସଂପ୍ରସାରିତ ହୁଏ । ମାତ୍ର ୧୯୬୦ରେ ଓଏଲ୍ସରେ ପ୍ରତିଷ୍ଠିତ ଏକ ବେତାର କେନ୍ଦ୍ରରୁ ସମସ୍ତ କାର୍ଯ୍ୟକ୍ରମ ଓଏଲସ୍ ଭାଷାରେ ସଂପ୍ରସାରିତ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲା । କାରଣ ଅଧିକାଂଶ ଓଏଲସ୍‌ବାସୀ ଏହା ଚାହିଁ ନଥିଲେ ।

ଓଏଲସବାସୀଗଣ ଖୁବ୍ ସଂଗୀତପ୍ରିୟ ଏବଂ ସେମାନଙ୍କ ମଧ୍ୟରୁ କେତେକ ବିଶ୍ୱବିଖ୍ୟାତ ହୋଇଛନ୍ତି । ପ୍ରତିବର୍ଷ ଏଠାରେ ଏକ ଜାତୀୟ ଉତ୍ସବ ବହୁଦିନ ଧରି ପାଳିତ

ହୁଏ । ଜାତୀୟ ପୋଷାକ ପିନ୍ଧି ଓ ଓଏଲସ୍ ସଙ୍ଗୀତ ଗାଇ ଓ ଲୋକନୃତ୍ୟ କରି ସେମାନେ ଏହି ଉତ୍ସବ ମହାସମାରୋହରେ ପାଳନ କରନ୍ତି । ଏ ସବୁଥିରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହୁଏ ।

ଭୌଗୋଳିକ ଦୃଷ୍ଟିରୁ ଓଏଲସ୍ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ । ଏହା ଦକ୍ଷିଣାଞ୍ଚଳର ଶିଳ୍ପୋନ୍ନତ ଏବଂ କେନ୍ଦ୍ରାଞ୍ଚଳ ନଦୀ, ହ୍ରଦ ଉପତ୍ୟକା ଓ ଅରଣ୍ୟ ଯୋଗୁଁ ପର୍ଯ୍ୟଟନମାନଙ୍କର ଅତି ପ୍ରିୟ । ପ୍ରାୟ ଅର୍ଦ୍ଧାଧିକ ଲୋକ ଦକ୍ଷିଣ ଶିଳ୍ପାଞ୍ଚଳରେ ବାସ କରନ୍ତି ଏବଂ ବିଶ୍ୱ ବିଖ୍ୟାତ କୋଇଲା ଖଣିରେ କାର୍ଯ୍ୟକରି ଜୀବିକା ନିର୍ବାହ କରନ୍ତି । ମାତ୍ର ଏବେ ଏଠାରେ ବହୁତ କୋଇଲା ଖଣି ବନ୍ଦ ହୋଇ ଗଲାଣି ଏବଂ ଲୋକମାନଙ୍କୁ ଜାତୀୟକରଣ ହୋଇଥିବା ଶିଳ୍ପ ବାଣିଜ୍ୟ ପ୍ରଭୃତିରେ ଜୀବିକାର୍ଜନ ବ୍ୟବସ୍ଥା କରାଯାଉଛି । ଓଏଲସ୍‌ର ଇସ୍ପାତ ଶିଳ୍ପ ମଧ୍ୟ ଖୁବ୍ ପ୍ରସିଦ୍ଧ । ବ୍ରିଟେନର ଏକ ତୃତୀୟାଂଶ ଇସ୍ପାତ ଏଠାରୁ ହିଁ ମିଳିଥାଏ ।

ପୂର୍ବେ ଓଏଲସ୍ ଖୁବ୍ ଅନୁନ୍ନତ ଓ ଅବହେଳିତ ହୋଇଥିଲା । ଏବେ ଏହା ଶିଳ୍ପ ସମୃଦ୍ଧ ଓ ଉନ୍ନତ ରାସ୍ତାଘାଟରେ ସଂଯୁକ୍ତ । ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସାଂଗୀତିକ ମାଧୁର୍ଯ୍ୟ ପର୍ଯ୍ୟଟକଗଣଙ୍କର ବିଶେଷ ଆକର୍ଷଣ । ଓଏଲସ୍ ପ୍ରସଙ୍ଗରେ ମନେ ପଡ଼ିଲା ଆମ ଓଡ଼ିଶାରେ ସମ୍ବଲପୁର ଅଞ୍ଚଳର ଏହିପରି ସବୁ ବିଶେଷତ୍ୱର ସାମଞ୍ଜସ୍ୟ ଓ ସାର୍ଥକତା !

□□□

# ଅଧ୍ୟାୟ-୧୭

## ଓଏଲ୍ସରେ ଶିକ୍ଷା ସଂଗମ ଓ ଶିକ୍ଷା ଉଦ୍ୟୋଗ

ସେଦିନ ଆମେ ରିକ୍ସହାମରେ ପହଞ୍ଚିଲୁ ସାଢ଼େ ପାଞ୍ଚଟାରେ । ସଂଧ୍ୟା ଲାଗି ଆସୁଥିଲା । ସୋରିଷ ଫୁଲିଆ ଖରା, ମଝିରେ ମଝିରେ ପୁଣି ଝିପ୍ ଝିପ୍ ବର୍ଷା । ତା ପରେ ଅନ୍ଧାର ସାଥିରେ ଚଉଦିଗରୁ କୁହୁଡି ଘେରି ଆସିଲା । ଆମେ ବିଶ୍ରାମ ନେଲୁ ।

ତା'ପର ଦିନ ସକାଳୁ ନିତ୍ୟକର୍ମ ସାରି ଆମେ କ୍ଲୁଇନ ଗଲୁ । ଗୋଟିଏ ଛୋଟ ସହର । ମାତ୍ର ଉତ୍ତର ପୂର୍ବ ଓଏଲ୍ସର ଏକ ସୁନ୍ଦର ଶିଳ୍ପ ସମୃଦ୍ଧ ଅଂଚଳରେ ତାହା ଅବସ୍ଥିତି । ତାର ପ୍ରାକୃତିକ ସୌନ୍ଦର୍ଯ୍ୟ ସାରା ଜଗତରେ ବିଖ୍ୟାତ । ଖ୍ରୀଷ୍ଟପୂର୍ବ ଶତାବ୍ଦୀର ରୋମୀୟମାନଙ୍କ ଶାସନ କାଳରୁ ଏହାର ଶିଳ୍ପ ପରମ୍ପରା ଗଢ଼ି ଉଠିଛି । ଏହାର ଅଧିବାସୀମାନେ ଖୁବ୍ ସ୍ନେହୀ, ପରିଶ୍ରମୀ ଓ ଅତିଥିବତ୍ସଳ ।

ଆମେ ଦେଖିବାକୁ ଆସିଥିବା ଶିକ୍ଷାନୁଷ୍ଠାନର ନାମ ଉତ୍ତର ପୂର୍ବ ଓଏଲ୍ସ ପ୍ରତିଷ୍ଠାନ (North East Wales Institute) ଦୁଇଟି ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନକୁ ନେଇ ଏହା ୧୯୭୫ ମସିହାରୁ ଏକ ନୂତନ ରୂପରେ ଗଢ଼ି ଉଠିଛି । ସେଥିରୁ ଗୋଟିଏ ହେଲା ଶିକ୍ଷା ମହାବିଦ୍ୟାଳୟ ଓ ଅନ୍ୟଟି ହେଲା ଉତ୍ତର ଓଏଲସର ଏକମାତ୍ର କଳା ମହାବିଦ୍ୟାଳୟ । ଆବାଳବୃଦ୍ଧ ବନିତା ସମସ୍ତ ଶ୍ରେଣୀର ଲୋକଙ୍କ ଅଭାବ ଓ ଆବଶ୍ୟକତାକୁ ପୂରଣ କରିବାକୁ ଏହି ସମ୍ମିଳିତ ଶିକ୍ଷାନୁଷ୍ଠାନଟି ଉଦ୍ଦିଷ୍ଟ ।

ଦୁଇଟି ବଡ଼ ଶିକ୍ଷାନୁଷ୍ଠାନ ମିଶିଯିବା ଫଳରେ ଅନେକ ପ୍ରକାର ଭୌତିକ ସୁବିଧା (Physical facilities) ମିଳି ପାରିଛି ଏବଂ ସବୁ ଶ୍ରେଣୀର ଛାତ୍ର ଓ ଜନସାଧାରଣଙ୍କ ପାଇଁ ନାନା ପ୍ରକାର ପାଠ୍ୟକ୍ରମର ଆୟୋଜନ ହୋଇ ପାରିଛି । ବ୍ୟବସାୟୀଙ୍କଠାରୁ ଗୃହିଣୀ, ବିଶ୍ୱବିଦ୍ୟାଳୟର ସ୍ନାତକଠାରୁ ବିଦ୍ୟାଳୟତ୍ୟାଗୀ ଛାତ୍ରଛାତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଶିକ୍ଷାଗ୍ରହଣରେ ସୁଯୋଗ ରହିଛି । ସେହି ଅଞ୍ଚଳ ବ୍ୟତୀତ ମାଲୟେସିଆ, ନାଇଜେରିଆ, ଭେନଜୁଏଲା, ଇରାକ୍ ପ୍ରଭୃତି ବହୁ ଦେଶର ଛାତ୍ରଛାତ୍ରୀଗଣ ଏଠାରେ ଅଧ୍ୟୟନ କରୁଛନ୍ତି ।

ଏହି ଶିକ୍ଷାନୁଷ୍ଠାନକୁ ଏକ ଶିକ୍ଷା ସଂଗମ (Educational Complex) କହିଲେ ଯଥାର୍ଥ ହେବ । ବିଭିନ୍ନ ପ୍ରକାର ପାଠ୍ୟକ୍ରମ ସେଠାରେ ଆୟୋଜିତ ହେଉଛି ସାନଠାରୁ ବଡ଼ଯାଏ ପାଞ୍ଚଶହ ସଂଖ୍ୟକ ଭିନ୍ନ ଭିନ୍ନ ବୟସର ଶିକ୍ଷାର୍ଥୀମାନଙ୍କ ପାଇଁ । ଚାରୋଟି ସ୍ଥାନରେ ଏହି ଶିକ୍ଷାନୁଷ୍ଠାନ କାର୍ଯ୍ୟ କରି ଚାଲିଛି । ଦଶ ହଜାର ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନରତ ଓ

ଏକ ସହସ୍ରାଧିକ ଅଧ୍ୟାପକ କାର୍ଯ୍ୟରତ ଥା'ନ୍ତି । ସମସ୍ତଙ୍କ ମଧ୍ୟରେ ସହୃଦୟତା, ସହଯୋଗ ଓ କର୍ମନିଷ୍ଠା ଭରି ରହିଥାଏ ।

କମ୍ପ୍ୟୁଟରଠାରୁ ଆରମ୍ଭ କରି କଳକାରଖାନା ଚଳାଇବା, ବୈମାନିକ ବିଜ୍ଞାନଠାରୁ ବ୍ୟବସାୟ ଚଳାଇବା ଯାଏ ଅନେକ ପ୍ରକାର ତାଲିମର ବ୍ୟବସ୍ଥା ଏଠାରେ ରହିଛି । ଦୁଇ ବର୍ଷିଆ ପାଠ୍ୟକ୍ରମଠାରୁ ଦୁଇ ମାସିଆ ତାଲିମ ପାଠ୍ୟକ୍ରମ ପର୍ଯ୍ୟନ୍ତ, ପୁରା ସମୟ ଦେଇ ପଢ଼ିବାଠାରୁ ଚାକିରୀ ମଧ୍ୟରେ ଆସି ସାମୟିକ ତାଲିମ ପାଇବାଯାଏ ବହୁ ପାଠ୍ୟକ୍ରମ ସଂଗଠିତ ହୋଇଥାଏ । ଏମିତି କି ବଢ଼େଇକାମଠାରୁ ଇଟାକାମ୍ ଯାଏ ଆଧୁନିକ ସମାଜରେ ଆବଶ୍ୟକ ପଡୁଥିବା ସବୁ ପ୍ରକାର ଧନ୍ଦାରେ ତାଲିମ ବ୍ୟବସ୍ଥା ଏଠାରେ ରହିଛି ।

ଏହି ଶିକ୍ଷାନୁଷ୍ଠାନରେ ଶିକ୍ଷକମାନଙ୍କ ପ୍ରଶିକ୍ଷଣ ବ୍ୟବସ୍ଥା ସବୁଠୁଁ ଅଧିକ ଗୁରୁତ୍ୱପୂର୍ଣ୍ଣ । ପ୍ରାକ୍ ପ୍ରାଥମିକ ଶ୍ରେଣୀରେ ପଢ଼ାଇବାଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ସ୍ତରରେ ପଢ଼ାଇବା ଯାଏ ସବୁ ପ୍ରକାର ଅଧ୍ୟାପନା ପାଇଁ ଏଠାରେ ତାଲିମଦାନର ବ୍ୟବସ୍ଥା ରହିଛି । ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଥା'ନ୍ତି ଅଳ୍ପବୟସର ତରୁଣ  ଯୁବକ ଏବଂ ଅନ୍ୟତ୍ର ବହୁ ବର୍ଷ କାର୍ଯ୍ୟ କରିସାରି ଶେଷ ଜୀବନରେ ଶିକ୍ଷକତା କରିବାକୁ ଆସିଥିବା ପ୍ରୌଢ଼ଗଣ । ଏଠାରେ ସଫଳ ପ୍ରଶିକ୍ଷଣ ନିମନ୍ତେ ସୁଦକ୍ଷ ଶିକ୍ଷକ ତ ଥା'ନ୍ତି, ଏହାଛଡା ସାଧାରଣ ସୁଲଭ ଉପକରଣ ଯଥା ଚିତ୍ରଟିଏରୁ ଆରମ୍ଭ କରି ମୂଲ୍ୟବାନ୍ ଉପକରଣ କମ୍ପ୍ୟୁଟର ତଥା ଟେଲିଭିଜନଯାଏ ବହୁବିଧ ଆଧୁନିକ ସାଧନ ସାମଗ୍ରୀର ସଦୁପଯୋଗ କରାଯାଇଥାଏ । କଳା, ନାଟ୍ୟ, ସଂଗୀତ, ବୟନ କଳା, ଧର୍ମଶିକ୍ଷା, ପରିବେଶ ବିଜ୍ଞାନ, ବିଦ୍ୟାଳୟ ପରିଚାଳନା ଇତ୍ୟାଦି ବିଭିନ୍ନ ବିଷୟରେ ଶିକ୍ଷକ ପ୍ରସ୍ତୁତି କରାଯାଇଥାଏ ।

ଆମେ ସେଠାକୁ ଗଲାବେଳେ ଛଅଶହରୁ ଅଧିକ ଶିକ୍ଷକ ତାଲିମ ପାଉଥିଲେ । ନାଇଜେରିଆ, ମାଲୟେସିଆ, ଇଜିପ୍ଟ, ସିରିଆ ପ୍ରଭୃତି ଦେଶରୁ ଅନେକ ଶିକ୍ଷକ ଥା'ନ୍ତି । ଶ୍ରବ୍ୟଦୃଶ୍ୟ ସାମଗ୍ରୀଗୁଡିକର ବ୍ୟବହାର କରାଯାଇ ବିଭିନ୍ନ ବିଷୟରେ ଶିକ୍ଷକ ପ୍ରସ୍ତୁତି ହେଉଥିଲା । ଗୋଟିଏ ବିରାଟ ସାଧନ ସାମଗ୍ରୀ କେନ୍ଦ୍ର ଓ ଗ୍ରନ୍ଥାଗାର ଏଠାରେ ରହିଛି । ଆଜିକାଲି ପ୍ରାକ୍ ସେବାକାଳୀନ ତାଲିମ ପାଇଁ ବିଭିନ୍ନ ଦେଶରୁ ବେଶୀ ଶିକ୍ଷାର୍ଥୀ ଆସୁନଥିଲେ ସୁଦ୍ଧା ସେବାକାଳୀନ ତାଲିମ (Inservice Training) ର ଆଦର ବଢ଼ିଥିବାରୁ ଏହି ବିଭାଗ କୌଣସି ଅସୁବିଧାର ସମ୍ମୁଖୀନ ହେଉନାହିଁ ।

ମାର୍ଚ୍ଚ ୧୪ ତାରିଖ ଦିନ ଆମେ ନିତ୍ୟକର୍ମସାରି କ୍ଲୁଇନର ପ୍ରସିଦ୍ଧ ଶିକ୍ଷା ଉଦ୍‌ଯୋଗ କେନ୍ଦ୍ର (Educational Technology Centre) କୁ  ଯାଇଥିଲୁ । ଖୁବ୍  ଥଣ୍ଡା ପାଗ । ସମୟ

ସମୟରେ ଝିପ୍ ଝିପ୍ ବର୍ଷା ମଧ୍ୟ ହେଉଥିଲା । ଉଚ୍ଚ ପାହାଡ଼ର ସବୁଜସୁଷମା ଏବଂ ତାର ମଥାନ ଉପରେ ଭାସମାନ ଧବଳ ବାରିଦମାଳାର କ୍ରୀଡ଼ା ଖୁବ୍ ଆକର୍ଷଣୀୟ ହୋଇଥାଏ । ନିକଟବର୍ତ୍ତୀ ସବୁଜ କେଦାରରେ ଗୋ-ମେଷାଦି ଜୀବଜନ୍ତୁ ଉତ୍‌ଫୁଲ୍ଲ ହୋଇ ଚାରଣରତ ଥା'ନ୍ତି ।

ପ୍ରଥମେ ଆମକୁ କେନ୍ଦ୍ରର ସହକାରୀ ସଂଯୋଜକ ପାଛୋଟି ନେଲେ । ଗୋଟିଏ ପ୍ରକାଣ୍ଡ ପ୍ରାସାଦ। ଏହାର ଚାରି ମହଲାରେ ଥିଏଟର, ନୃତ୍ୟଶାଳା, ସିନେମାଘର, ଦୋକାନ, ଭୋଜନାଳୟ, ପ୍ରଦର୍ଶନୀ ପ୍ରଭୃତି ଅନେକ ସଂଗଠନ ଓ ସଂସ୍ଥା କାର୍ଯ୍ୟ କରୁଛି । ତା ମଧ୍ୟରେ କେନ୍ଦ୍ରର ଏକ ସ୍ୱତନ୍ତ୍ର ଅବସ୍ଥିତି । ଏଠାରେ ଅନ୍ୟାନ୍ୟ ସଂସ୍ଥାଗୁଡିକର ହଟଗୋଳର କୁ-ପ୍ରଭାବ ନଥାଏ ।

ଉଦ୍ୟୋଗ କେନ୍ଦ୍ରର ଏକ ବିରାଟ ଷ୍ଟୁଡିଓ । ସେଠାରେ ବିବିସି (BBC) ତା'ର ସ୍ୱତନ୍ତ୍ର ଟେଲିଭିଜନ ଓ ରେଡ଼ିଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥାଏ । ବିଭିନ୍ନ ପ୍ରକାର ମୁଦ୍ରିତ ସାଧନ ସାମଗ୍ରୀ ପ୍ରସ୍ତୁତି ପାଇଁ ଏଠାରେ ବିଭିନ୍ନ ପ୍ରକାର କ୍ଷୁଦ୍ର ଛାପାକଳ, ବ୍ଲକ ପ୍ରସେସିଂ ଜେରକ୍ସ ପ୍ରଭୃତି ଯନ୍ତ୍ରପାତି ବ୍ୟବହୃତ ହୋଇଥାଏ । ଫିଲମ୍ ସ୍ଲାଇଡ, ଫିଲମ୍ ଷ୍ଟ୍ରିପ୍ ପ୍ରଭୃତି ଏଠାରେ ପ୍ରସ୍ତୁତ ହୁଏ । ଓଏଲସ୍ ଅଞ୍ଚଳର ବିଶେଷ ଅବସ୍ଥା ଓ ଆବଶ୍ୟକତା ଦୃଷ୍ଟିରୁ ଏହି ସମସ୍ତ ଟିଭି ଓ ରେଡ଼ିଓ କାର୍ଯ୍ୟକ୍ରମ ତଥା ଅନ୍ୟାନ୍ୟ ଶ୍ରବ୍ୟଦୃଶ୍ୟ ସାମଗ୍ରୀ ପ୍ରଯୋଜିତ ହୋଇଥାଏ ।

କେନ୍ଦ୍ରର ସଂଯୋଜକ ମିଷ୍ଟର କ୍ଲାର୍କ ଜୋନ୍‌ସ ଭାଷଣ ଦେଇ କହିଲେ ଯେ ୧୯୭୬ ମସିହାର ଜାନୁୟାରୀ ମାସରେ ଏହି କେନ୍ଦ୍ରର ଜନ୍ମ । ଉତ୍କଟ ମୁଦ୍ରାସ୍ଫିତି ଯୋଗୁଁ ବଜେଟ କାଟ ହେଉଥିଲା ବେଳେ ଉକ୍ତ ପ୍ରାସାଦଟି ତିରିଶି ଲକ୍ଷ ପାଉଣ୍ଡ ବା ୪୮୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା । ସେଠାରେ ଏକ ସମୃଦ୍ଧ ମାଧ୍ୟମ ସାଧନ ଗ୍ରନ୍ଥାଗାର (Media Resource Library) ରହିଛି ଏବଂ ବିଭିନ୍ନ ମାଧ୍ୟମ ପାଇଁ ଉପଯୋଗୀ ସହାୟକ ସାମଗ୍ରୀମାନ (Support materials) ବହୁ ସଂଖ୍ୟାରେ ଉତ୍ପାଦିତ ହେଉଛି ।

ଓଏଲସ୍ ଏକ ଦ୍ୱିଭାଷୀ ଅଞ୍ଚଳ ହୋଇଥିବାରୁ ଇଂରେଜୀ ସହିତ ଓଏଲସ ଭାଷା (Welsh) ର ପ୍ରସାର ଓ ଉନ୍ନତି ପାଇଁ ନାନା ପ୍ରକାର ପଦକ୍ଷେପ ନିଆଯାଉଛି । ପୂର୍ବରୁ ବର୍ଣ୍ଣିତ ବିଦ୍ୟାଳୟ ପରିଷଦ (Schools Council) ଆନୁକୂଲ୍ୟରେ ଅନେକ ପ୍ରକଳ୍ପରେ ଏଠାରେ ଅଧ୍ୟାପକ ଓ ଅଧ୍ୟାପିକାଗଣ ସଂପୃକ୍ତ ହୋଇ ଆଂଚଳିକ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥାନ୍ତି । ସେମାନଙ୍କ ପରାମର୍ଶ ଓ ସାହାଯ୍ୟ କ୍ରମେ ବିଭିନ୍ନ ପ୍ରକାର ଶ୍ରବ୍ୟ-ଦୃଶ୍ୟ ସାମଗ୍ରୀ (Audio-visual Materials) ପ୍ରସ୍ତୁତ ହେଉଥିବାରୁ ସେଗୁଡିକ ଓଏଲ୍‌ସ ଶିକ୍ଷାର୍ଥୀମାନଙ୍କ

ପାଇଁ ଖୁବ୍ ଉପଯୋଗୀ ଓ ଉପାଦେୟ ହୋଇପାରିଛି । ଉଭୟ ପ୍ରାଇମେରୀ ଓ ହାଇସ୍କୁଲ ମାନଙ୍କୁ ଏହି ସବୁ ସାଧନ ସାମଗ୍ରୀ ଉକ୍ତ ଉଦ୍ୟୋଗ କେନ୍ଦ୍ରରୁ ଯୋଗାଇ ଦିଆଯାଏ ଏବଂ ଏହି ସୂତ୍ରରୁ କେନ୍ଦ୍ର ପର୍ଯ୍ୟାପ୍ତ ଆୟ କରିଥାଏ ।

ମୁଁ ମୋର ଚୂଡ଼ାନ୍ତ ପ୍ରକଳ୍ପ ଭାବରେ 'ଇଂଲଣ୍ଡର ଶିକ୍ଷକ କେନ୍ଦ୍ର' (Teachers Centre) ଗୁଡିକରେ ଏକ ଅନୁଧ୍ୟାନ' ଗ୍ରହଣ କରିଥିଲି ଏବଂ ବିଭିନ୍ନ ଶିକ୍ଷକ କେନ୍ଦ୍ରକୁ ଅନୁଧ୍ୟାନକରି ଏକ ବହୁମୁଖୀ ମାଧ୍ୟମୀୟ (Multimedia) ବିବରଣୀ ପ୍ରସ୍ତୁତ କରୁଥିଲି । ଏହି ପ୍ରସଙ୍ଗରେ ମୁଁ ଉକ୍ତ କେନ୍ଦ୍ରର ଶିକ୍ଷାଧିକାରୀ (Education Officer) ତଥା ସଂଯୋଜକ (Coordinator) ଙ୍କ ସହିତ ସାକ୍ଷାତକାର କରିଥିଲି । ଏହି ସାକ୍ଷାତକାରର ଟେପ୍‌ରେକଡିଂ ଓ ଫଟୋ ଉଠାଇବାରେ ମୋର ବନ୍ଧୁ ମାଲେୟେସିଆର ବାନ୍ତାନ୍, କେନିଆର ମେରୀ, ଭାରତର ଡଃ ସିଂହ ଓ ମୋହିନୀ ସାହାଯ୍ୟ କରିଥିଲେ ।

ତା' ପରେ ଆମେ ନିକଟବର୍ତ୍ତୀ ଆଲୁନ୍ ମାଧ୍ୟମିକ ବିଦ୍ୟାଳୟକୁ ବୁଲିଯାଇଥିଲୁ । ସେଠାରେ ହେଡମାଷ୍ଟର ଓ ଶିକ୍ଷକ ବନ୍ଧୁମାନଙ୍କ ସହିତ ଆଳାପ ଆଲୋଚନା କଲୁ । ସେଠାରେ ସାଧନ କେନ୍ଦ୍ରକୁ ଯାଇ ତାର ଆସବାବପତ୍ର ଓ ସାମଗ୍ରୀ, ସେଗୁଡିକର ପ୍ରସ୍ତୁତି ପ୍ରଭୃତି ଦେଖିଥିଲୁଁ । ସେଗୁଡିକର ସଦୁପଯୋଗ ପାଇଁ ଶିକ୍ଷକ କହିଲେ ସ୍କୁଲରେ ପର୍ଯ୍ୟାପ୍ତ ଶିକ୍ଷକ ନଥିବାରୁ ଅନେକ ସମୟରେ ସେବାକାଳୀନ ତାଲିମ ପାଇଁ ଆବଶ୍ୟକ ସଂଖ୍ୟାରେ ଶିକ୍ଷକ ପଠାଇପାରନ୍ତି ନାହିଁ । ଏହି ଅଞ୍ଚଳର ଶିକ୍ଷାସଂସ୍ଥା ଯଥେଷ୍ଟ ଆର୍ଥିକ ସାହାଯ୍ୟ ଯୋଗାଇ ପାରୁନାହିଁ ବୋଲି ସେ ମଧ୍ୟ ଅଭିଯୋଗ କରିଥିଲେ ।

ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହିତ ଆଳାପ କରି ଜାଣିଲୁ ଯେ ସେଠାରେ ମଧ୍ୟ କାର୍ଯ୍ୟର ଚାପ (Work load) ଶିକ୍ଷକଙ୍କ ଉପରେ ଅଧିକ । ଶୃଙ୍ଖଳା ରକ୍ଷା କରିବାରେ ବେଶୀ ସମୟ ଓ ଶକ୍ତିର ଅପଚୟ ହୁଏ । ଆମର ମନେହେଲା ଏହା ଏକ ସାଧାରଣ ଯୁଗ ଯନ୍ତ୍ରଣା । ତା' ପରେ ଆମେ ସେମାନଙ୍କଠାରୁ ବିଦାୟ ନେଇଥିଲୁ ।

□□□

# ଅଧ୍ୟାୟ-୧୮

## ଆମ ତାଲିମର ଶେଷଦିନ କେତୋଟି

ମାର୍ଚ୍ଚ ୧୫ ତାରିଖ, ୧୯୭୯ ମସିହା । ଆମେ ବିଲାତର ଶୋଭାମୟୀ ଓଏଲସ ଅଂଚଳକୁ ଯିବାଦିନ ଉଜ୍ଜ୍ୱଳ ସୂର୍ଯ୍ୟକିରଣରେ ଚଉଦିଗ ଝିଲିମିଲି ହୋଇ ଉଠିଥିଲା । ଦ୍ୱିତୀୟ ଦିନଟି ଥିଲା ମେଘାକ୍ରାନ୍ତ । ସୂର୍ଯ୍ୟରଶ୍ମିର ସତ୍ତା ନଥିଲା । ଆଜି ଆମେ ଫେରିଲା ବେଳକୁ ଝିପିଝିପି ବର୍ଷା ଆଉ ତା ସାଥିରେ ଟିକି ଟିକି ବରଫ ଝରି ପଡୁଥିଲା ।

ସୌଖୀନ ବସ୍‌ଟି ଦ୍ରୁତ ଗତିରେ ଆଗେଇ ଚାଲିଥାଏ । ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରଶସ୍ତ ସବୁଜ ପ୍ରାନ୍ତର, ନଦୀ, ପାହାଡ଼, ବୃକ୍ଷଲତା, ଦଳଦଳ ଗୋମେଷାଦି ପଶୁମାନଙ୍କ ଚାରଣ । ପ୍ରଥମେ ପଡିଲା ସିଭସବରୀ ସହର । ମଝିରେ ବହିଯାଉଛି ଓଏଲ୍‌ସ ନଦୀ । ଗୋଟିଏ ଝୁଲା ପୋଲ ଉପରେ ଆମେ ଆସିଲୁ । ନଦୀରେ ଛୋଟ ଛୋଟ ଜାହାଜ ଓ ନୌକା ଭାସୁଥାଏ । ମଝିରେ ମଝିରେ ଉଜ୍ଜ୍ୱଳ ସୂର୍ଯ୍ୟଲୋକ ଖୁବ୍ ସୁନ୍ଦର ଦିଶୁଥାଏ ।

ତା ପରେ ଆମେ କଭେଣ୍ଟି ସହରରେ ରହି ବିଗତ ବିଶ୍ୱଯୁଦ୍ଧରେ ନଷ୍ଟ ହୋଇଥିବା ବିରାଟ ଗୀର୍ଜା ଦେଖିଲୁ । ଅବଶ୍ୟ ୧୯୬୦ରେ ଏହା ପୁନଃନିର୍ମିତ ହୋଇଥିଲା । ଅତି ଆଧୁନିକ ଧରଣର ଏକ ବୃହତକାୟ ଗୀର୍ଜା । ଏହାକୁ କଳାତ୍ମକ ଓ ଭାବୋଦ୍ଦୀପକ ଭଙ୍ଗୀରେ ପୁନର୍ଗଠିତ କରାଯାଇଛି । ଆଧୁନିକ କାରୁକାର୍ଯ୍ୟ ଓ ଶିଳ୍ପକଳାରେ ଧ୍ୱଂସକାରୀ ମନୁଷ୍ୟର ରକ୍ତପିପାସା ସତେ ଯେମିତି ମୂର୍ତ୍ତିମନ୍ତ ହୋଇଛି । ଗୀର୍ଜା କାନ୍ଥରେ ଖଚିତ ରଙ୍ଗୀନ୍ ଓ ଚିତ୍ରିତ କାଚ ମଧ୍ୟରୁ ଭଗବାନଙ୍କ ମହିମା ଓ ତାଙ୍କ ଆଶିଷର ଆଲୋକ -ଧାରା ଯେମିତି ବିଚ୍ଛୁରିତ ହୋଇ ପଡୁଥାଏ ।

ର୍ଗୀଜା ବାହାରେ ଗୋଟିଏ ବ୍ରୋଞ୍ଜ ମୂର୍ତ୍ତି ପ୍ରତି ଆମେ ବିଶେଷ ଭାବରେ ଆକୃଷ୍ଟ ହେଲୁ । ବିଶେଷତଃ ମୋର ତା ପ୍ରତି ଥିଲା ଏକ ସ୍ୱତନ୍ତ୍ର ଆକର୍ଷଣ । ଆମର ମହିଷାମର୍ଦ୍ଦିନୀ ଦୁର୍ଗାମୂର୍ତ୍ତି ପରି ସଇତାନ (ଅସୁର) ଉପରେ ଭଗବାନଙ୍କର ଏକ ଅସ୍ତ୍ରଧାରୀ ମୂର୍ତ୍ତି । ମୁଁ ଭାବିଲି ମଣିଷର ଭାବପ୍ରକାଶ କରିବା ପାଇଁ କଳା ଏକ ସାର୍ବଜନୀନ ମାଧ୍ୟମ ଧର୍ମ ବର୍ଣ୍ଣ ଓ ଭୌଗୋଳିକ ଅବସ୍ଥିତି ବା ସାଂସ୍କୃତିକ ଦୂରତା ନିର୍ବିଶେଷରେ ।

ସେଠାରୁ ଆମେ ଯାତ୍ରାରମ୍ଭ କରି ସନ୍ଧ୍ୟା ୬ଟା ସୁଦ୍ଧା ଲଣ୍ଡନକୁ ଫେରିଆସିଲୁ । ତା ଆରଦିନ ମାର୍ଚ୍ଚ ୧୬ ତାରିଖ । ଶିକ୍ଷାନୁଷ୍ଠାନଟିକୁ ଯିବା ବାଟରେ ଚାଖଣ୍ଡେ ବହଳର ବରଫ ଲଦି ହୋଇ ପଡିଥାଏ । ସମ୍ଭବତଃ ଗତ ରାତି ସାରା ପ୍ରବଳ ବରଫ ବର୍ଷା ଲାଗି ରହିଥିଲା ।

ସେ ଦିନ ଆମେ ପ୍ରତ୍ୟେକ ଗୋଟିଏ ଲେଖାଁ ଚୂଡ଼ାନ୍ତ ପ୍ରକଳ୍ପର (Final Project) ସଂକ୍ଷିପ୍ତ ବିବରଣୀ ଦାଖଲ କରିବାର ଥିଲା । ମୁଁ ଏକା ତାହା ପ୍ରସ୍ତୁତ କରି ପାରିଥିଲି । ତେଣୁ ଆମର କୋର୍ସ ଡ଼ିରେକ୍ଟର ଟିମ୍‌ଲଙ୍ଗ୍ ମଉଜ କରି କହିଲେ, 'ମହାନ୍ତି ଏକା ସୁନା ପିଲା' Mohanty is a good boy । ତା' ପରେ ଓଏଲସ ଭ୍ରମଣ ଉପରେ ଆମ ଭିତରେ ବିସ୍ତୃତ ଆଲୋଚନା ହେଲା ।

ମୋର ଶେଷ ପ୍ରକଳ୍ପ ଥିଲା ବିଲାତ ଶିକ୍ଷକ କେନ୍ଦ୍ର (Teachers Centre) ଉପରେ ଏକ ଅନୁଧ୍ୟାନମୂଳକ ବହୁ ମାଧ୍ୟମୀୟ (Multimedia) ବିବରଣୀ । ଏଥିରେ ଲେଖା ସହିତ ଛବି, ଫଟୋ, ସ୍ଲାଇଡ୍,ଟେପ୍ ପ୍ରଭୃତି ବିଭିନ୍ନ ସାମଗ୍ରୀ ଦିଆଯିବାର ଥିଲା । ଟିମ୍ ଲଙ୍ଗଙ୍କ ପରାମର୍ଶ କ୍ରମେ ମୁଁ ମଣି ସିଂହକୁ ସାଥିରେ ନେଇ ହାଇବରୀ ପାଖେ ରେସେଡନ ଶିକ୍ଷକ କେନ୍ଦ୍ରକୁ ପରିଦର୍ଶନ କରିବାକୁ ଗଲି । ଏଠାକୁ ଯିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଉକ୍ତ କେନ୍ଦ୍ରର ଅଧ୍ୟକ୍ଷ (Warden) ଙ୍କ ସହିତ ଟେପ୍‌ରେ ଏକ ସାକ୍ଷାତକାରକୁ ରେକର୍ଡିଂ କରିବା, ଫଟୋ ଉଠାଇବା ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବା । ମିସ୍ କେନାଲି (Miss Kennally) ଥିଲେ କେନ୍ଦ୍ରର ୱାର୍ଡେନ । ସେ ମୋ ସହିତ ସାକ୍ଷାତକାର ଓ ତାର ରେକର୍ଡିଂ କଥା ଶୁଣି ସଙ୍କୁଚିତ ହୋଇ ପଡିଥିଲେ । ବରଂ ସେ ନାନା କାର୍ଯ୍ୟରେ ବ୍ୟସ୍ତତାର ଛଳନା କରି ତାଙ୍କ ସହିତ ସାକ୍ଷାତ କରିବାର ସୁଯୋଗ ଦେଲେ ନାହିଁ ।

ଅଥଚ ସେଠାରୁ ୧୫ କିଲୋମିଟର ଦୂରସ୍ଥ ୱାଟ୍‌ଫୋର୍ଡ ଶିକ୍ଷକ କେନ୍ଦ୍ରର ୱାର୍ଡେନ୍ ସେଠା ପାଠାଗାରରେ ଅଧ୍ୟୟନ କରୁଥିଲେ । କଥାବାର୍ତ୍ତାରୁ ଜାଣିବାକୁ ପାଇଲି ଯେ ସେ ପି.ଏଚଡି. ଡିଗ୍ରୀ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ । ତାଙ୍କ ସାଥିରେ ଆଲୋଚନା କଲି ଶିକ୍ଷକ କେନ୍ଦ୍ରର ସମସ୍ୟା ଓ କାର୍ଯ୍ୟକଳାପ ସଂପର୍କରେ । ସେତେବେଳେ ଆମ ଆଲୋଚନାର ରେକର୍ଡିଂ ଓ ଫଟୋମାନ ଉଠାଯାଇଥିଲା । ସେ ମଧ ଏଥିରେ ଖୁବ୍ ସହଯୋଗ କରିଥିଲେ । ମୁଁ ତାଙ୍କୁ ସାଧୁବାଦ ଜଣାଇଲି ।

ବ୍ରିଟିଶ କାଉନ୍‌ସିଲ ତରଫରୁ ଆମ କୋର୍ସର ପ୍ରତ୍ୟେକଙ୍କୁ ବିଭିନ୍ନ ମାଧ୍ୟମରେ ତାଲିମ ଦିଆଯାଇଥିଲା । ଟେପ୍‌ରେକର୍ଡର, କ୍ୟାମେରା, ଭିଡ଼ିଓ ରେକର୍ଡର, ସର୍ଟସରକୁଇଟ ଟେଲିଭିଜନ ପ୍ରଭୃତି ବ୍ୟବହାରରେ ଶିକ୍ଷା ଦିଆଯାଇଥିଲା । ଫଟୋଗ୍ରାଫି ସେଠାରେ ଏକ ସାଧାରଣ କଥା । ହାଇସ୍କୁଲର ପିଲାମାନେ ମଧ ସେମାନଙ୍କ ଡାର୍କ ରୁମ୍‌ରେ ଫଟୋ ପ୍ରିଣ୍ଟିଙ୍ଗ କରିଥାନ୍ତି । ମାତ୍ର ମୋର ଫଟୋଗ୍ରାଫିରେ ବିଶେଷ କିଛି ଧାରଣା ନଥିଲା । ହେଲେ, ମୋର ପ୍ରକଳ୍ପ ବିବରଣୀ ପାଇଁ ବଡ ଫଟୋଗୁଡ଼ିକ ଦରକାର ଥିଲା । ତେଣୁ ଟିମ୍‌ଲଙ୍ଗ ମୋତେ

ସାଥିରେ ନେଇ ବ୍ରିଟିଶ୍ କାଉନସିଲର ମେଡ଼ିଆ ଡିପାଟମେଣ୍ଟରେ ଥିବା ଡାର୍କରୁମ (Darkroom)କୁ ନେଇ କେମିକାଲରୁ କେତେ ମିଶାଇ ଡେଭଲପ କରିବାକୁ ଓ ପ୍ରିଣ୍ଟିଙ୍ଗ ତଥା ଏନଲାର୍ଜମେଣ୍ଟ କରିବାକୁ ହେବ ଏବଂ ଏଥିପାଇଁ କେଉଁ କେଉଁ ମେସିନ୍ କିପରି ବ୍ୟବହାର କରିବାକୁ ପଡିବ ବୁଝାଇ ଦେଲେ । ତା ପରେ ମୁଁ ହାତେ ହାତେ ଉକ୍ତ ଡାର୍କରୁମ୍‌ରୁ ଅନେକ ଫଟୋ ପ୍ରିଣ୍ଟିଙ୍ଗ ଓ ଏନ୍‌ଲାର୍ଜମେଣ୍ଟ କରିଥିଲି । ଏ ସବୁ କାର୍ଯ୍ୟ ହାତରେ କରିବାରେ ସତେ କି ଆନନ୍ଦ !

ମାର୍ଚ୍ଚ ୨୫ ତାରିଖ ଥିଲା ମାତୃଦିବସ (Mother's Day) ସେ ଦିନ ପ୍ରତ୍ୟେକ ମାତାଙ୍କ ପାଇଁ ଖୁବ୍ ଶ୍ରଦ୍ଧାରେ ପୁଷ୍ପଗୁଚ୍ଛ ଠାରୁ ଆରମ୍ଭ କରି ବହୁ ମୂଲ୍ୟର ପଦାର୍ଥମାନ କିଣି ଉପହାର ଦେଇଥାନ୍ତି । ମିଠା, କେକ ପ୍ରଭୃତି କିଣି ଘରକୁ ଆଣି ମାଆଙ୍କୁ ଖୁଆନ୍ତି । ମାଆଙ୍କୁ ଆନନ୍ଦ ଦେବା ସେଦିନ ଯେମିତି ପ୍ରତ୍ୟେକ ପୁତ୍ରକନ୍ୟାଙ୍କର ଏକ ସାଧାରଣ କର୍ତ୍ତବ୍ୟ । ଏ କଥାଟି ମୋତେ ଭାରି ଭଲ ଲାଗିଲା । ସର୍ବଂସହା ଓ ସ୍ନେହମୟୀ ମାତାଙ୍କର ମୁଖରେ ହସ ଫୁଟାଇବା ସତେ ଯେମିତି ଆମର ଏକ ମୌଳିକ କର୍ତ୍ତବ୍ୟ ! କିନ୍ତୁ କେତେଜଣ ତାକୁ ମାନୁଛନ୍ତି !

ଆମର କୋର୍ସ ସରି ଆସିଲା । ମୁଁ ଓ ସୁନୀଲବାବୁ ୟୁରୋପ ଭ୍ରମଣରେ ଯିବାର ଆୟୋଜନ କରିଥିଲୁ । ସେତେବେଳେ ମୋର ବନ୍ଧୁ ତଥା ବି-ଇଡ଼ି ଟ୍ରେନିଂ ସହପାଠୀ ରାଜେନ୍ଦ୍ର ବାବୁଙ୍କର ସାନ ଭାଇ ଡକ୍ଟର ବ୍ରଜେନ୍ଦ୍ର ଦାସ ପଶ୍ଚିମ ଜର୍ମାନୀରେ ରହୁଥିଲେ । ସେଠାରେ ଏକ ବିରାଟ ଡାକ୍ତରଖାନାରେ ସେ ଥିଲେ ଜଣେ ସ୍ୱନାମଧନ୍ୟ ଡାକ୍ତର । ଆମେ ଜର୍ମାନୀ ଗଲେ ସେ ସାହାଯ୍ୟ କରିବେ ବୋଲି କହିଥିଲେ । ମାର୍ଚ୍ଚ ୨୬ ତାରିଖ ଦିନ ସକାଳ ୯ଟାରେ ତାଙ୍କ ପାଖରୁ ଗୋଟିଏ ଫୋନ୍ କଲ୍ ପାଇଲି । ସେ କହିଲେ ଫ୍ରାଙ୍କଫୋଟ ଗଲେ ସେ ଆମ ରହିବା ଓ ବୁଲାବୁଲିର ସବୁ ସୁବିଧା କରି ଦେବେ । ତେବେ ବର୍ଲିନରେ ମଧ ତାଙ୍କର ଜଣେ ବନ୍ଧୁ ଅଛନ୍ତି, ସେଠାକୁ ଗଲେ ଆମଙ୍କୁ ସେ ସାହାଯ୍ୟ କରି ପାରିବେ ବୋଲି ଜଣାଇଲେ । ତେବେ ମୁଁ ତାଙ୍କୁ କହିଥିଲି ଯେ ଗତଥର ମୁଁ ଫ୍ରାଙ୍କଫୋଟକୁ ଯାଇଥିଲି । ତେଣୁ ଏଥର ବର୍ଲିନ ଯିବୁ ଏବଂ ତାଙ୍କ ବନ୍ଧୁଙ୍କର ସାହାଯ୍ୟ ନେବୁ । ସେ ତାଙ୍କର ଠିକଣା ବତାଇ ଦେଲେ ଏବଂ ତାଙ୍କୁ ଲେଖିବେ ବୋଲି କହିଲେ ।

ସେଇ ମାର୍ଚ୍ଚ ୨୬ ତାରିଖ ଦିନ ମଧ ସକାଳୁ ବର୍ଷା ଲାଗି ରହିଥିଲା । ସେଦିନ ଆମକୁ (Diner London Education Authority) (ILEA) ସମ୍ବଳ କେନ୍ଦ୍ର (Resource Center) କୁ ଯିବାର କାର୍ଯ୍ୟକ୍ରମ ଥିଲା । ସେହି ଅନୁଷ୍ଠାନଟିକୁ ଦେଖିବା ସଙ୍ଗେ ସଙ୍ଗେ ତା ଉପରେ ଆମେ ସମସ୍ତେ ମିଶି ଗୋଟିଏ ଟେପ୍‌ରେକର୍ଡ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାର ଥିଲା ।

ବର୍ଷା ଝିପ୍ ଝିପ୍ ହେଉଥିଲେ ମଧ୍ୟ ମୁଁ ମାଲୟେସିଆ ବନ୍ଧୁ ମହମ୍ମଦ ଓ ବନ୍ତାନ୍‌ଙ୍କ ସହିତ ILEA ସମ୍ବଳକେନ୍ଦ୍ରକୁ ଗଲି । ତାର ୱାର୍ଡେନ୍ ମିସ୍ ପେନୀଙ୍କ ସହିତ ସାକ୍ଷାତ୍‌କାର କଲି । ଶିକ୍ଷକ ତଥା ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ ମାଧ୍ୟମ ଓ ସାମଗ୍ରୀର ଉପଯୋଗ କରିବା ପାଇଁ ଉକ୍ତ ଅନୁଷ୍ଠାନଟି ପ୍ରତିଷ୍ଠିତ ଏବଂ ଖୁବ୍ ସଫଳତାର ସହିତ ତାହା କେତେ ବର୍ଷ ହେଲା କାର୍ଯ୍ୟ କରି ଆସୁଛି । ଏହା ମଧ୍ୟ ଏକ ପ୍ରକାର ଶିକ୍ଷକକେନ୍ଦ୍ର । ମୁଁ ଏହାକୁ ମୋର ପ୍ରକଳ୍ପ ବିବରଣୀରେ ଦେବା ପାଇଁ ଉକ୍ତ ସାକ୍ଷାତ୍‌କାରର ଟେପ୍‌ରେକର୍ଡିଂ ଓ ଫଟୋ ଉଠାଇବା ବ୍ୟବସ୍ଥା କରିଥିଲି । ମହମ୍ମଦ ଓ ବନ୍ତାନ୍ ଏହି କାର୍ଯ୍ୟରେ ମୋତେ ସାହାଯ୍ୟ କରିଥିଲେ ।

ମୁଁ ସେଠାରୁ ବ୍ରିଟିଶ କାଉନସିଲକୁ ଯାଇ ମୋର ଫେରନ୍ତା ଯାତ୍ରାର ବିବରଣୀ ଓ ଟିକେଟ୍ ସଂଗ୍ରହ କରିଥିଲି । ସେଠାରୁ କଣ୍ଡୁଇଟ୍ ଷ୍ଟ୍ରିଟ୍‌ରେ ଥିବା ଜର୍ମାନୀ ଟୁରିଷ୍ଟ ଅଫିସକୁ ଯାଇ କେତେକ ତଥ୍ୟ ଓ ସହାୟତା ସାମଗ୍ରୀ ଆଣିଥିଲି । ସେଠାରେ ରିଟର୍ଣ୍ଣ ଟିକେଟ୍ କିଣିଲେ ବହୁତ କନ୍‌ସେସନ୍ ମିଳେ । ମୁଁ ଏପ୍ରିଲ ୭ରେ ହାମ୍‌ବର୍ଗ ଯାଇ ସେଠାରୁ ୧୨ ତାରିଖରେ ଫେରିବା ପାଇଁ ଟିକେଟ୍ କାଟିଲି । ସେହି ସମୟ ଭିତରେ ବର୍ଲିନ ଓ କୋପେନ୍ ହେଗେନ୍ ପରିଦର୍ଶନ ପ୍ରସ୍ତାବ ହୋଇଥିଲା । ସୁନିଲବାବୁ ଷ୍ଟୁଡେଣ୍ଟସ କନ୍‌ସେସନ୍ ପାଇ ପାରିବେ ବୋଲି ଅନ୍ୟ ବାଟରେ ଯିବାର ବ୍ୟବସ୍ଥା କରିଥିଲେ । କିନ୍ତୁ ଆମେ ସାଥି ହୋଇ ୟୁରୋପ ଭ୍ରମଣର ଆୟୋଜନ କଲୁ ।

ଏପ୍ରିଲ ୭ ତାରିଖ ଦିନ ଆମ୍ଭମାନଙ୍କର ଏକ ନିରାଡମ୍ବର ଉତ୍ସବରେ ସାର୍ଟିଫିକେଟ ପ୍ରଦାନ କରା ଯାଇଥିଲା ଏବଂ କୋର୍ସ ସମ୍ପର୍କରେ ଆମ୍ଭମାନଙ୍କ ସମାଲୋଚନାମୂଳକ ମତାମତ (Critical views) ଦେବାକୁ ଅନୁରୋଧ କରାଯାଇଥିଲା । ସେମାନେ ମଧ୍ୟ ଆମ୍ଭମାନଙ୍କୁ ଶୁଭେଚ୍ଛା ଜଣାଇଲେ ।

ଗୋଟିଏ ହୋଟେଲରେ ଆମେ ଆମ କୋର୍ସ ଡାଇରେକ୍ଟର ଦ୍ୱୟଙ୍କୁ ନିମନ୍ତ୍ରଣ କରି ଗୋଟିଏ ବିଦାୟକାଳୀନ ମଧ୍ୟାହ୍ନ ଭୋଜି ସଭାର ଆୟୋଜନ କରିଥିଲୁ । ସେଠାରେ ଖିଆପିଆ ସଙ୍ଗେ ସେମାନଙ୍କୁ ଫୁଲତୋଡ଼ା ଉପହାର ଦେଇଥିଲୁ । ସେଠାରେ ଲୋକମାନେ ରକ୍ଷଣଶୀଳ ଓ ଗମ୍ଭୀର ସ୍ୱଭାବର ବୋଲି କୁହାଯାଉଥିଲେ ସୁଦ୍ଧା ସେମାନଙ୍କର ସହୃଦୟତା, ସଦିଚ୍ଛା ଓ ଗଣତାନ୍ତ୍ରିକ ମନୋଭାବ ଖୁବ୍ ଆକର୍ଷଣୀୟ । କୋର୍ସ ଡିରେକ୍ଟର ଦ୍ୱୟଙ୍କୁ କେତେକ ସେମାନଙ୍କ ନାମ ଧରି ଡାକୁଥିଲେ ସୁଦ୍ଧା ସେଥିରେ ଆପତ୍ତି ନଥିଲା ଏବଂ କେତେକ ବ୍ୟଙ୍ଗ ବିଦ୍ରୂପ ତଥା ଥଟ୍ଟା ପରିହାସ କଲେ ସୁଦ୍ଧା ସେମାନେ ଉଦାରତାର ସହିତ ଗ୍ରହଣ କରୁଥିଲେ । ସେମାନଙ୍କ ବ୍ୟବହାରରେ ଆତ୍ମାଭିମାନ ବା ଅହମିକାର କ୍ଷୀଣ ସୂଚନା ମିଳିନଥିଲା ।

ବିଶେଷତଃ ମୁଁ ସେମାନଙ୍କଠାରୁ ସମସ୍ତ ପ୍ରକାର ସହଯୋଗ ଓ ସଦିଚ୍ଛା ଲାଭ କରିପାରିଛି ଏବଂ ବିଭିନ୍ନ ବାଧାବିଘ୍ନ ଓ ଅସୁବିଧା ମାଧ୍ୟମରେ ମୋର ଏଥର ବିଲାତ ରହଣି ଓ ତାଲିମ ଖୁବ୍ ସଫଳ ଓ ସରସ ହୋଇ ପାରିଛି । ନୂତନ ଅବସ୍ଥା ସହିତ ସମତୁଲ ହୋଇ ଚଳିବା ଏବଂ ଧୈର୍ଯ୍ୟ, ସନ୍ତୋଷ ଓ ସୌଜନ୍ୟର ସହିତ ଜୀବନକୁ ଅତିବାହିତ କରିବା ସତେ ଯେମିତି ଏହି ରହଣିର ମୂଳମନ୍ତ୍ର ହୋଇଥିଲା ।

□□□

# ଅଧ୍ୟାୟ-୧୯

## ୟୁରୋପ ଯାତ୍ରାର ପ୍ରଥମ ସୋପାନ

ଲଣ୍ଡନରେ ଆମର ପାଠ୍ୟକ୍ରମ ସଂପୂର୍ଣ୍ଣ ହେଲା ଏପ୍ରିଲ ୬ ତାରିଖରେ । ଭାରତକୁ ଫେରିବା ପାଇଁ ବ୍ରିଟିଶ କାଉନ୍‌ସିଲ ୧୩ ତାରିଖ ଉଡାଜାହାଜରେ ଆମ ପାଇଁ ଟିକେଟ୍ କାଟିଦେଲେ । ତେଣୁ ମଝିରେ ଯେଉଁ ସପ୍ତାହଟି ରହିଲା, ତାର ସଦୁପଯୋଗପାଇଁ ମୁଁ ପୂର୍ବରୁ ପ୍ରସ୍ତୁତି ଆରମ୍ଭ କରି ଦେଇଥିଲି । ମୁଁ ଆଗରୁ ଦୁଇଥର ୟୁରୋପ ଭ୍ରମଣରେ ଯାଇ ବହୁଦେଶ ପରିଦର୍ଶନ କରିଥିଲି । କିନ୍ତୁ ଜର୍ମାନୀ, ନରଓୟେ, ସୁଇଡେନ୍ ପ୍ରଭୃତି କେତେକ ଦେଶ ଦେଖି ପାରିନଥିଲି । ତେଣୁ ଏତକ ସମୟ ଏହିସବୁ ଦେଶରେ ଭ୍ରମଣ କରିବା ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଥିଲି ।

ଏହିସବୁ ଦେଶକୁ ଯିବା ପାଇଁ ପାସ୍‌ପୋର୍ଟ (ପାରପତ୍ର) ଓ ଭିସା (ପ୍ରବେଶପତ୍ର) ସଂଗ୍ରହ କରିଥିଲି । ଯେଉଁ ଜାହାଜ ଓ ଟ୍ରେନ୍‌ରେ ଯିବା କଥା, ସେଥିପାଇଁ ପୂର୍ବରୁ ଟିକେଟ୍ କିଣି ସ୍ଥାନ ସଂରକ୍ଷଣ କରାଇଥିଲି । ସୁନୀଲ ବାବୁଙ୍କ ସାଥିରେ ଯିବା ପାଇଁ କଥାବାର୍ତ୍ତା କରିଥିଲି । କିନ୍ତୁ ଛାତ୍ର ରିହାତି (Students concession) ପାଇବା ପାଇଁ ଯେଉଁ ଜାହାଜ ଓ ଟ୍ରେନ୍‌ରେ ସେ ଯିବା ଓ ଆସିବା ପାଇଁ ବ୍ୟବସ୍ଥା କଲେ, ମୁଁ ସେଥିରେ ଯିବା ସମ୍ଭବ ହେଲା ନାହିଁ । ତେଣୁ ଆମ ଭିତରେ କଥାବାର୍ତ୍ତା ହୋଇ ସ୍ଥିର ହେଲା କେଉଁ କେଉଁ ଦେଶରେ ଭ୍ରମଣ କରିବୁ ।

ଏପ୍ରିଲ ୭ ତାରିଖ ମୁଁ ସ୍ପ୍ରିଙ୍ଗଗାର୍ଡନ (Spring Garden)ସ୍ଥ ବ୍ରିଟିଶ କାଉନସିଲ୍ ମୁଖ୍ୟ ଅଫିସକୁ ଯାଇଥିଲି । ବ୍ରିଟିଶ କାଉନସିଲ ମଧ୍ୟ ଗୋଟିଏ ସାର୍ଟିଫିକେଟ୍ ଦେଇଥିଲା, ତାକୁ ସେଦିନ ଆଣିଥିଲି । ଆମର ଅଧିକ ବହିପତ୍ର ଘରକୁ ଆଣିବା ପାଇଁ କାଉନସିଲ କିଛି ଅତିରିକ୍ତ ମାଲ ମାସୁଲ (Extra Luggage charge) ଦେଇଥାନ୍ତି । କିନ୍ତୁ ମୁଁ ୟୁରୋପ ଭ୍ରମଣରେ ଯିବାର ଜାଣି ଏଥିପାଇଁ କିଛି ଦେଲେ ନାହିଁ । ଅଥଚ ମଣିପୁରର ମଣିସଂହ କୁଆଡେ ବୁଲି ନ ଯିବାରୁ ତାଙ୍କୁ ଏହା ମିଳିଥିଲା ।

ଏପ୍ରିଲ ୮ ତାରିଖ । ସକାଳ ୮ଟା ସୁଦ୍ଧା ମୁଁ ୟୁରୋପ ଭ୍ରମଣରେ ବାହାରି ପଡିବା କଥା । ମୁଁ ଭୋରରୁ ଉଠି ସବୁ କାମ ସାରିଦେଲି । ଲ୍ୟାଣ୍ଡଲେଡି ମଧ୍ୟ ସାଢ଼େ ୭ଟାରେ ଗୃହ କର୍ମରେ ଲାଗିଥିବାର ଦେଖିଲି । ମାତ୍ର ତାଙ୍କ ବିଶ୍ୱସ୍ତ ଭୃତ୍ୟ ଡେସ୍ ଆରାମରେ ଶୋଇଥିଲା । ସେ ଦିନ ଶନିବାର ବୋଲି ଆଗରୁ ମନେ ନଥିଲା । କାରଣ ଶନିବାର ଓ ରବିବାର ଛୁଟିଦିନ ହୋଇଥିବାରୁ ଜଳଖିଆ ୯ଟା ସୁଦ୍ଧା ମିଳିଥାଏ । ମୁଁ ଏ କଥା ଆଗରୁ କହିଥିଲେ ସେମାନେ ବେଳାବେଳି ଜଳଖିଆ ତିଆରିକରି ମୋତେ ଦେଇ ପାରିଥାନ୍ତେ ।

ତେବେ ଲ୍ୟାଣ୍ଡଲେଡିଙ୍କୁ କହିବାରୁ ସେ ଡ୍ରେସ୍‌କୁ ଉଠାଇ ଜଳଖିଆ ପ୍ରସ୍ତୁତ କଲେ । ମୋତେ ୮ଟା ସୁଦ୍ଧା ତାହା ଦେଲେ ମଣିସିଂହ ମୋ ସାଥିରେ ନଯାଉଥିଲେ ସୁଦ୍ଧା ଜଳଖିଆ କଲେ । ମୋ ଘରଟି ଖାଲି କରିଦେଇ ମଣିସିଂହଙ୍କ ଘର ଭିତରେ ଜିନିଷପତ୍ରତକ ରଖିଦେଲି । ୧୩ ତାରିଖ ଦିନ ସେତକ ନେଇ ମୁଁ ସିଧା ବିମାନ ବନ୍ଦରକୁ ଯିବି ବୋଲି ଲ୍ୟାଣ୍ଡଲେଡିଙ୍କୁ କହିଦେଲି । ସେମାନଙ୍କ ସାହାଯ୍ୟ ସହଯୋଗ ପାଇଁ ସାଧୁବାଦ ଜଣାଇଲି । ସେମାନେ ମଧ୍ୟ ମୋର ୟୁରୋପଯାତ୍ରା ପାଇଁ ଶୁଭକାମନା କଲେ । ମୁଁ ବିଦାୟ ନେଲି ।

ଟଫନେଲ୍ ପାର୍କ ଅଣ୍ଡରଗ୍ରାଉଣ୍ଡ ଷ୍ଟେସନରୁ ଗୋଟିଏ ଟିକେଟ୍ କିଣି ଟ୍ରେନ୍‌ରେ ବସିଲି । ସାଢ଼େ ୮ଟାରେ ଲିଭର୍‌ପୁଲ ଷ୍ଟେସନରେ ପହଞ୍ଚିଲି । ସେଠାର ଭୂଇଁ ଉପରକୁ ଯାଇ ଲିଭରପୁଲର ପ୍ରଧାନ ଷ୍ଟେସନକୁ ଆସିଲି । ପାସ୍‌ପୋର୍ଟ ପ୍ରଭୃତି ତନଖି କରାଗଲା । ସେହି ଷ୍ଟେସନରେ ୧୧ ନମ୍ବର ପ୍ଲାଟଫର୍ମରେ ଟ୍ରେନ୍‌କୁ ଅପେକ୍ଷା କଲି । ଗାଡି ଠିକ୍ ସାଢ଼େ ନଅଟାରେ ଛାଡିଲା । ମୋ ପାଖରେ ସୁଇସ ଝିଅଟିଏ ବସିଲେ । କଥାବାର୍ତ୍ତା ହେଲା । କ୍ୟାମ୍ବ୍ରିଜରେ ସେ ଇଂରାଜୀ ସାହିତ୍ୟ ଅଧ୍ୟୟନ କରୁଥିଲେ । ସେହିବର୍ଷ ସେ ମାତ୍ର ଜାନୁୟାରୀ ୩ରେ ଇଂଲଣ୍ଡକୁ ଆସିଥିଲେ । ଇଂଲଣ୍ଡରେ ଖୁବ୍ ଶୀତ ପଡିଛି ବୋଲି ସେ କହିଲେ ' ତାଙ୍କ ଦେଶଠାରୁ ଶୀତ ଇଂଲଣ୍ଡରେ ଅଧିକ କି ?' ବୋଲି ମୁଁ ପଚାରିବାରୁ ସେ 'ହଁ' କଲେ ।

ହାରଉଇକ୍ ଷ୍ଟେସନରୁ ବନ୍ଦରକୁ ଯିବାକୁ ପଡିଲା । ଯାତ୍ରୀମାନେ ଚାଲି ଚାଲି ସେଠାକୁ ଗଲେ । କିନ୍ତୁ ଗୋଟିଏ କନ୍‌ଭେୟରବେଲ୍‌ଟ ଉପରେ ନିଜର ମାଲପତ୍ର ରଖିଦେଲେ । ତାହା ଆଗେଇ ଚାଲିଲା । ମୋ ପାଖରେ ଯାଇଥିବା ଗୋଟିଏ ଝିଅପିଲା ତାର ଟେଡିବିୟର (ଖେଳନା ଭାଲୁ)କୁ ମଧ୍ୟ ସେଇ ଗତିଶୀଳ ବେଲଟ୍ ଉପରେ ରଖି ଦେଲା ।

ଆମେ ଗୋଟିଏ ବିରାଟ ଜାହାଜ ଉପରେ ଚଢ଼ିଲୁ । ନାଁ ତାର ସେଣ୍ଟଏଡ଼ମଣ୍ଡ (St. Edmund) ତାର ଓଜନ ୯ ହଜାର ଟନ୍ । ପ୍ରାୟ ଦୁଇ ହଜାର ଯାତ୍ରୀ ଓ ଦୁଇଶହରୁ ଅଧିକ କାର୍ ଏଥିରେ ବୁହା ହେବାର ସୁବିଧା ଥିଲା । ଜାହାଜରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ରହିଥିଲା । ପାନ, ଭୋଜନ, କ୍ରୀଡା, ଭ୍ରମଣ, ଶୟନ ପ୍ରଭୃତି ସମସ୍ତ ପ୍ରକାର ସୁବିଧା ରହିଥିଲା ।

ମୁଁ ଜାହାଜରେ ଜଣେ ଯୁବକକୁ ଭାରତୀୟ ଭାବି କଥାବାର୍ତ୍ତା ଆରମ୍ଭ କଲି । ସତକୁ ସତ ସେ ସେତେବେଳେ ମାଞ୍ଚେଷ୍ଟରରେ ଡାକ୍ତର ଥିଲେ ଏବଂ ଚଣ୍ଡିଗଡରୁ ଯାଇଥିଲେ । ତାଙ୍କ ନାଁ ବୀରେନ୍ଦ୍ର ଶର୍ମା । ସେ ବର୍ଷେ ହେଲା ଯାଇଥିଲେ । ସେ ବିଭାହୋଇ ନଥିଲେ । ହଲାଣ୍ଡରେ ତାଙ୍କର ଜଣେ ଘନିଷ୍ଠ ବନ୍ଧୁ ଥିଲେ । ସେ ତାଙ୍କ ପାଖକୁ ଯାଇ ହଲାଣ୍ଡର ବିଭିନ୍ନ

ସ୍ଥାନ ଭ୍ରମଣର ପରିକଳ୍ପନା କରିଥିଲେ । ସେ ପାଞ୍ଚ ପାଉଣ୍ଡଦେଇ ଜାହାଜର ଏକ କଷ୍ଟମସଫ୍ରି ଦୋକାନରୁ ଗୋଟିଏ Teacher ହୁଇସ୍କି ଓ ୧୦ ପ୍ୟାକେଟ ଥିବା ଏକ ସିଗାରେଟ କେସ୍ କିଣିଲେ ତାଙ୍କ ସାଙ୍ଗକୁ ଉପହାର ଦେବାକୁ ସେ ମୋ ପାଖରେ ତାଙ୍କର ବ୍ୟାଗ୍ ପ୍ରଭୃତି ରଖି ଜାହାଜର ଡେକ ଉପରକୁ ବୁଲି ଯାଉଥିଲେ । ସେ ଫେରିଲେ । ମୁଁ ବାହାରକୁ ଯାଇ ସମୁଦ୍ରର ମନୋହର ଦୃଶ୍ୟ ଦେଖୁଥିଲି ।

ବାହାରେ ଖୁବ୍ ଥଣ୍ଡା ପବନ ପିଟୁଥିଲା । ଜାହାଜ ଟଳମଳ ହୋଇ ମନ୍ଥର ଗତିରେ ପ୍ରଥମେ ଆଗେଇ ଚାଲିଲା । ଦୁଇପଟେ ଗଭୀର ସୁନୀଳ ଜଳରାଶି । ଏକ ଦିଗରେ ଇଂଲଣ୍ଡ ସ୍ଥଳ ଭାଗ ଦୃଷ୍ଟିଗୋଚର ହେଉଥିଲା । ଅନ୍ୟ ଦିଗରେ ଜାହାଜଟି ସାଗରର ବକ୍ଷ ବିଦୀର୍ଣ୍ଣ କରି ଗତି କରୁଥିଲା ସମ୍ମୁଖକୁ । ଧବଳମେଘମାଳ ଦୂରକୁ ବରଫ ପରି ଦିଶୁଥିଲା ଆଉ ଭାସି ଯାଉଥିଲା ଦୂରକୁ ।

ଏଥି ମଧ୍ୟରେ ମୋର ଟିକେଟ୍, ପାର୍ସପୋର୍ଟ ଓ ଭିସା ଚେକ କରାଗଲା । ହଲାଣ୍ଡର ବିଭିନ୍ନ ସ୍ଥାନ ମୁଁ ପୂର୍ବରୁ ଦେଖିଥିବାରୁ ଏଥର ସେଇ ବାଟେ ୟୁରୋପର ଅନ୍ୟ ଦେଶକୁ ଯିବା ଠିକ୍ କରିଥିଲି । କିନ୍ତୁ ମୁଁ ସେଠାରେ ରହୁ ନଥିବାରୁ ସେଥିପାଇଁ ଭିସା କରି ନଥିଲି । କିନ୍ତୁ ମୋତେ ସେଥିପାଇଁ ଅସ୍ଥାୟୀ ପ୍ରବେଶପତ୍ର (Temporary Visa) କରିବାକୁ ହେବ ବୋଲି ପରାମର୍ଶ ଦିଆଗଲା । କିନ୍ତୁ ତାହା ହୁକ୍ ଅଫ୍ ହଲାଣ୍ଡ ବନ୍ଦରରେ ଜାହାଜରୁ ଓହ୍ଲାଇଲା ବେଳେ ମୋତେ ମିଳିବ ବୋଲି କୁହାଗଲା । ମୋର ପାସ୍ ପୋର୍ଟ ମଧ୍ୟ ସେମାନେ ରଖିଲେ । ତା'ର କାରଣ ପଚାରିବାରୁ ସେମାନେ କହିଲେ ଯେ ଭିସା ନମ୍ବର ଦେବାକୁ ଏଠାରେ ନାହିଁ ମୁଁ ଲାଇନ୍‌ରେ ଥିବାବେଳେ ମୋତେ ମୋର ପାସପୋର୍ଟ ଫେରସ୍ତ ମିଳିବ ।

ଜାହାଜ ଭିତରେ ଦଳ ଦଳ ହୋଇ ଯୁବକ ଯୁବତୀ ଉଦଣ୍ଡ ଓ ଉଦ୍ଧତ ପରି ଘୂରି ବୁଲୁଥିଲେ । ବିଭିନ୍ନ ବର୍ଣ୍ଣ ଓ ଭଙ୍ଗୀର ପୋଷକ ପରିଚ୍ଛଦ ସେମାନେ ପରିଧାନ କରିଥିଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଅବଶ୍ୟ ଦେଖିବାକୁ ସୁସ୍ଥ ସୁନ୍ଦର । ଥରେ ମୁଁ ବସି ବହି ପଢୁଛି । ମୋ ଦେହକୁ ଘଷି ହୋଇ ଜଣେ ଯୁବତୀ ବସି ପଡିଲେ । ମୁଁ ଟିକିଏ ଅବଶ୍ୟ ଘୁଞ୍ଚିଗଲି । ମାତ୍ର ସେ ମୋ ପାଖକୁ ପୁଣି ଲାଗିଯିବାରେ ସଂକୋଚ ତିଳେ ହେଲେ ଅନୁଭବ କଲେ ନାହିଁ । ମୁଁ କିଛି ସମୟ ପରେ ପୁଣି ଘୁଞ୍ଚି ଯାଇ ବସିଲି । ମୁଁ ଭାବିଲି-ଏମାନେ ସମ୍ଭବତଃ ହିପ୍‌ପି ଦଳର ।

କ୍ରମେ ଜାହାଜର ଗତି ପ୍ରଖର ହେଲା । ବାହାରୁ ଜାହାଜ ଦେହରେ ପିଟି ହେଉଥିବା ଲହରୀମାଳାରୁ ଶବ୍ଦ ଜୋରରେ ଶୁଣାଯାଉଥାଏ । ଜାହାଜ ମଧ୍ୟ ଭାରି ଦୋହଲୁଥାଏ । ମୁଁ ଥରେ ଡେକ୍ ଉପରକୁ ଯାଇ ଦେଖିଲି ଜାହାଜ ପରା ମଝି ଦରିଆରେ । ଚତୁର୍ଦ୍ଦିଗରେ ଅସୀମ ନୀଳ ସମୁଦ୍ର କେଉଁ ଦିଗରେ ଭୂମିର ସୂଚନା ମିଳୁ ନଥିଲା । ଗୋଟିଏ ପକ୍ଷୀର ଦୃଶ୍ୟ ବା

କାକଳୀର ସ୍ପର୍ଶ ମଧ୍ୟ ନଥିଲା । ଯାତ୍ରା ଆରମ୍ଭରୁ ଚତୁର୍ଦ୍ଦିଗ ମେଘାଚ୍ଛନ୍ନ ଥିଲା । କିନ୍ତୁ ଅପରାହ୍ଣରେ ଉଜ୍ଜ୍ୱଳ ସୂର୍ଯ୍ୟ ରଶ୍ମି ସୁନୀଳ ଜଳ ରାଶିକୁ ଉଜ୍ଜ୍ୱଳ ଓ ଝିଲ୍‌ମିଲ୍ କରୁଥାଏ । ଗୋଟିଏ ଗୋଟିଏ ଭାଗରେ ସମୁଦ୍ରର ଜଳ ଖୁବ୍ କୃଷ୍ଣ ବର୍ଣ୍ଣ ଦିଶୁଥିଲା । ସମ୍ଭବତଃ ସେସବୁ ସ୍ଥାନରେ ଜଳ ଅତିଶୟ ଗଭୀର ।

ହଲାଣ୍ଡ ଉପକୂଳସ୍ଥ ପ୍ରସିଦ୍ଧ ବନ୍ଦର ହୁକ୍ ଅଫ୍ ହଲାଣ୍ଡରେ ଜାହାଜ ପହଞ୍ଚିଲା । ସେତେବେଳକୁ ସ୍ଥାନୀୟ ଘଣ୍ଟାରେ ସମୟ ୭ଟା । କିନ୍ତୁ ମୋ ହାତଘଡ଼ିରେ ବାଜିଥିଲା ୬ଟା ଲଣ୍ଡନର ସମୟ । ମୁଁ ଜାହଜରୁ ଓହ୍ଲାଇ ଗଲାବେଳେ ପାସ୍‌ପୋର୍ଟଟି ଫେରି ପାଇଲି । ବନ୍ଦର ବାହାରକୁ ଯିବାମାତ୍ରେ ଟ୍ରେନ୍‌ଟି ଠିଆ ହୋଇଥିଲା । ସେଠାରେ ଗୋଟିଏ ଆସନ ପାତି ବସିଲି । ଘଣ୍ଟାକ ପରେ ଟ୍ରେନ୍ ଛାଡ଼ିଲା । ଷ୍ଟେସନ୍ କାନ୍ଥଘଣ୍ଟାରେ ସେତେବେଳେ ଦେଖିଲି ୮ଟା ବାଜିଛି ।

ତା ପରେ ଦଳେ ଜର୍ମାନୀ ଛାତ୍ରଛାତ୍ରୀ ଆସି ସେ କମ୍ପାର୍ଟମେଣ୍ଟରେ ପଶିଲେ । ସେ ଖୁବ୍ ଧୀରସ୍ଥିର ଭାବରେ ବସିଲେ କଥାବାର୍ତ୍ତାରେ ଖୁବ୍ ସୌଜନ୍ୟ ଓ ଶିଷ୍ଟାଚାର । ମୋର ଅନୁମତି ନେଇ ସେମାନେ ଟ୍ରାଞ୍ଜିଷ୍ଟରକୁ ବଜାଇ ଗୀତ ଶୁଣିଲେ । ସେମାନଙ୍କ ସାଥିରେ କଥାବାର୍ତ୍ତା କରି ମୁଁ ଜର୍ମାନୀ ବିଷୟରେ କେତେକ କଥା ଜାଣିଲି ।

ରୋଟରଡ୍ୟାମ ଷ୍ଟେସନରେ ସେମାନେ ଓହ୍ଲାଇ ଗଲେ । ଜଣେ ଭଦ୍ରଲୋକ ସେଠାରେ ଉଠିଲେ ସୁସ୍ଥ, ସୁନ୍ଦର ଓ ସୁଶିକ୍ଷିତ । କୌଣସି ଅଫିସ କାର୍ଯ୍ୟରେ ସେ ହାମ୍ବର୍ଗ ଯାଉଥିଲେ । ରାତି ୧୨ଟା ପ୍ରାୟ । ଦୁଇ ତିନିଜଣ କଷ୍ଟମସ୍ ଅଫିସର ସେଇ କମ୍ପାର୍ଟମେଣ୍ଟରେ ପଶିଲେ । ପୂରା ସରକାରୀ ୟୁନିଫର୍ମ ପିନ୍ଧିଥିଲେ । ସେମାନେ ଜର୍ମାନୀ ଭାଷାରେ କଥାବାର୍ତ୍ତା ହେଲେ । ଏହି ଭଦ୍ରଲୋକଙ୍କୁ କେଜାଣି କାହିଁକି ସେମାନେ ଉକ୍ତ ଡବାରୁ ବାହାର କରି ନେଲେ । ଏଥିମଧ୍ୟରେ ଜଣେ ଭଦ୍ରମହିଳା ସେଇ ଡ଼ବାକୁ ପଶି ଆସିଥିଲେ । ଅଧା ଇଂରେଜୀରେ ସେ ମୋ ସାଥିରେ କଥାଭାଷା କରୁଥିଲେ । ସେ ମୋତେ କହିଲେ ଯେ ଉକ୍ତ ଭଦ୍ରଲୋକଙ୍କୁ ଥାନାକୁ ଡାକି ନିଆଗଲା ।

ଶୀତଳ ରାତ୍ରି । ସେଇ ଗୋଟିଏ ଡବାରେ ମାତ୍ର ଆମେ ଦୁଇଜଣ-ମୁଁ ଆଉ ଭଦ୍ରମହିଳା ଜଣଙ୍କ । ଟ୍ରେନ୍‌ର ଗତି ଖୁବ୍ କ୍ଷିପ୍ର । କେତେବେଳେ ସେଇ ଡବାରେ ଲାଗିଥିବା ହିଟରକୁ ଅଫ୍ (Off) ତ କେତେବେଳେ ଅନ୍ (On) କରୁଥାନ୍ତି । କେତେବେଳେ ଲାଇଟ୍ ଅଫ୍ (Off) ତ କେତେବେଳେ ଅନ୍ (On) କରୁଥାନ୍ତି । କେତେବେଳେ ଚିତ୍ କରି ଶୋଉଥାନ୍ତି ତ କେତେବେଳେ ଗୁମ୍‌ମାରି ବସୁଥାନ୍ତି । ଏମିତି ଅର୍ଦ୍ଧଶାୟିତ ଓ ଅର୍ଦ୍ଧଜାଗ୍ରତ ଅବସ୍ଥାରେ ରାତ୍ରି ଅତିକ୍ରମ ହେଉଥାଏ । ହାମ୍‌ବର୍ଗରେ ଗାଡ଼ି ପହଞ୍ଚିଲା । ସେତେବେଳେ ସମୟ ରାତି ୩ଟା ।

□□□

# ଅଧ୍ୟାୟ-୨୦

## ଜର୍ମାନୀରୁ ଡେନମାର୍କ

ହାମ୍‌ବର୍ଗ ପଶ୍ଚିମ ଜର୍ମାନୀର ଦ୍ୱିତୀୟ ବୃହତ୍ତମ ନଗରୀ । ରାତ୍ରିରେ ମଧ୍ୟ ତାର ଉଚ୍ଚ ପ୍ରାସାଦମାଳା ପ୍ରତିଭାତ ହେଉଥାଏ । ରଙ୍ଗୀନ ଆଲୋକ ଚତୁର୍ଦ୍ଦିଗ ବିଛୁରିତ । ବିସ୍ତୀର୍ଣ୍ଣ ଜଳରାଶିରେ ଆଲୋକପୁଞ୍ଜ ପ୍ରତିଫଳିତ । ନୈଶ ସୌନ୍ଦର୍ଯ୍ୟରେ ଚତୁର୍ଦ୍ଦିଗ ହସି ଉଠୁଥାଏ । ନିଶୀଥ କାଳ, ଚଉଦିଗ ନୀରବ, ନିସ୍ପନ୍ଦ ।

ଟ୍ରେନ୍‌ରୁ ବାହାରିଲା ମାତ୍ରେ ଶୀତଳତାର ସ୍ପର୍ଶ । କ'ଣ କରିବାକୁ ହେବ, ଏହା ମନକୁ ଆଚ୍ଛନ୍ନ କଲା । ସୁନିଲ କହିଥିଲେ ଯେ ସେ ପୂର୍ବରୁ ଆଉ ଏକ ନଗରୀ ଫ୍ଲେନ୍‌ସବର୍ଗରେ ଥିବା ତାଙ୍କର ଜଣେ ସାଙ୍ଗ ପାଖରେ ପହଞ୍ଚିବେ । ମୁଁ ତାଙ୍କୁ ସେଠାରେ ଭେଟିଲା ପରେ ସାଥିହୋଇ ୟୁରୋପରେ କେତେକ ଦେଶରେ ଭ୍ରମଣ କରିବୁ । ତେଣୁ ମୁଁ ହାମ୍ ବର୍ଗରେ ଦିନେ ରହି ତାକୁ ଦେଖିବାକୁ ଚାହିଁଥିଲେ ହେଁ ଦୁହେଁ ଏକାଠି ଆମେ ଭ୍ରମଣ କରିବାର ପ୍ରସ୍ତାବ ଥିବାରୁ ମୁଁ ସିଧା ଫ୍ଲେନ୍‌ସବର୍ଗ ଯିବାକୁ ଠିକ୍ କଲି । ସେଠାରୁ ଟ୍ରେନ୍‌ରେ ଫ୍ଲେନ୍‌ସବର୍ଗ ଯିବାକୁ ହେବ ।

ମୁଁ କେତେବାଟ ଚାଲି ଚାଲି ବୁଲିଲି । ୨୪ଟି ମାର୍କ ଦେଇ ଫ୍ଲେନସବର୍ଗକୁ ଗୋଟିଏ ଟିକେଟ୍ କାଟିଲି । ତା ପରେ ବିରାଟ ପ୍ଲାଟଫର୍ମକୁ ଆସିଲି । ବିଭିନ୍ନ ଟ୍ରେନ୍‌ର ଯାତ୍ରା ସମୟ ଗୋଟିଏ ବିଜ୍ଞପ୍ତିରେ ଲେଖାଯାଇଥିଲା । ମାତ୍ର ଜର୍ମାନୀ ଭାଷାରେ ଲେଖାଯାଇଥିବାରୁ ସ୍ପଷ୍ଟ ଭାବରେ ଜାଣିହେଲା ନାହିଁ । ନିକଟରେ ଜଣେ ଭଦ୍ର ମହିଳା ପ୍ଲାଟଫର୍ମର ଚଉକିଟିରେ ବସି ବହିଖଣ୍ଡେ ପଢୁଥିଲେ । ଅଣ୍ଡାକୁ ତାଙ୍କର ଖାତିର ନାହିଁ । ତାଙ୍କୁ ମୁଁ ଫ୍ଲେନସବର୍ଗକୁ କେତେବେଳେ ଗାଡ଼ି ଅଛି ପଚାରିଲି । ସେ ସ୍ପଷ୍ଟ ଇଂରାଜୀରେ ଉତ୍ତର ଦେଲେ । ମାତ୍ର ନିଜର ସନ୍ଦେହ ହେବାରୁ ନୋଟିସ ବୋର୍ଡ ପାଖକୁ ନିଜେ ଆସି ଦେଖି କହିଲେ ୫ଟା ୩୪ ମିନିଟ୍‌ରେ ଟ୍ରେନ୍ ଅଛି ।

ମୁଁ ଭଦ୍ରମହିଳାଙ୍କୁ ଧନ୍ୟବାଦ ଦେଲି । ତାଙ୍କ ପାଖରେ ପ୍ଲାଟଫର୍ମର ଆଉ ଏକ ଚଉକିରେ ବସିଲି । କେଉଁଠୁ ସେ ଆସିଲେ ବୋଲି ତାଙ୍କୁ ପଚାରିଲି । ସେ ଉତ୍ତର ଦେଲେ ମୁଁ ହଲାଣ୍ଡର ହେଗ୍ ସହରରୁ ଆସିଲି ।

ମୁଁ କହିଲି, ଜର୍ମାନୀ ଓ ଫ୍ରାନ୍‌ସରେ ଅନେକ ଲୋକ ଇଂରେଜୀ କହିବା ତ ଦୂରର କଥା, ବୁଝିପାରନ୍ତି ନାହିଁ । ମାତ୍ର ହଲାଣ୍ଡରେ ବହୁଲୋକ ଇଂରେଜୀ ବୁଝିପାରନ୍ତି, ଭଲ କହିପାରନ୍ତି ମଧ୍ୟ । ଏହାର କାରଣ କ'ଣ ?

ସେ କହିଲେ-ହାଇସ୍କୁଲରେ ପିଲାମାନେ ନିଜ ମାତୃଭାଷା ସହ ଇଂରେଜି ଶିକ୍ଷା କରିଥାନ୍ତି । ତେଣୁ ହଲ୍ୟାଣ୍ଡରେ ଅନେକେ ଇଂରେଜୀରେ ଭଲ ।

ପଚାରିଲି-ଆପଣ କେଉଁଠାକୁ ଯିବେ ?

ଉତ୍ତର ଦେଲେ-ମୁଁ ମ୍ୟୁନିକ୍‌ରେ ଜଣେ ବଂଧୁଙ୍କୁ ଭେଟିବାକୁ ଯାଉଛି ।

ତା ପରେ ଜଣେ ଭଦ୍ରଲୋକ ସେଇବାଟେ ଆସିଲେ । ମୁଁ ତାଙ୍କୁ ଜଣେ ଭାରତୀୟ ବୋଲି ଅନୁମାନ କଲି । ମୁଁ ତାଙ୍କୁ ପଚାରିଲି । ସେ ଭଲ ଇଂରାଜୀରେ ଉତ୍ତର ଦେଲେ । ସେ ପ୍ରକୃତରେ ଜଣେ ଭାରତୀୟ । କଲିକତାରୁ ଆସି ଜର୍ମାନୀରେ ଅଛନ୍ତି । ଜର୍ମାନୀ ଭାଷାରେ ଭଲ କହିବା ବା ଲେଖିବା ସମ୍ଭବ ହେଉନାହିଁ । ହେଲେ ବୁଝିପାରିବେ । କାରଣ ଜର୍ମାନୀର ଏକ ଜାହାଜ କମ୍ପାନୀରେ ସେ କାମ କରନ୍ତି । ଭଲ ଦରମା ବି ପାଉଛନ୍ତି । ହେଲେ ଶତକଡ଼ା ୩୫ ଭାଗ ଟ୍ୟାକ୍‌ସରେ କଟିଯାଉଛି । ଅବଶ୍ୟ ଏମିତି ସମସ୍ତେ ଦେଉଛନ୍ତି । ଦୁଇବର୍ଷ ହେଲା ଏଠାରେ କାମ କରୁଛନ୍ତି । ଅଧିକାଂଶ ସମୟ ତାଙ୍କର ଜାହାଜ ଭିତରେ କଟେ ପୁଣି ସମୁଦ୍ର ମଧ୍ୟରେ । ଜାହାଜରେ ବି ବେଶୀ ଇଂରେଜୀରେ କଥାବାର୍ତ୍ତା ଚଳେ । ସେଥିରେ ଥିବା କେତେକ ଭାରତୀୟ ଓ ପାକିସ୍ତାନୀଙ୍କ ସହିତ ହିନ୍ଦିରେ ମଧ୍ୟ କଥାବାର୍ତ୍ତା ହୁଅନ୍ତି । ତେଣୁ ଜର୍ମାନୀ ଭାଷା ଶିକ୍ଷା କରିବାକୁ ସୁଯୋଗ ମିଳେନାହିଁ ।

ପଶ୍ଚିମ ଜର୍ମାନୀରେ ଜଣେ ଭାଇ ଓ କେତେକ ସମ୍ପର୍କୀୟ ଅଛନ୍ତି । ସ୍ଥଳ ଭାଗରେ ଚାକିରୀ ଖୋଜି ଖୋଜି ମିଳିଲା ନାହିଁ । ତେଣୁ ଜଳ ଭାଗରେ ଏଇ ଚାକିରୀ ମିଳିଛି । ସେଦିନ ଜଣେ ବଂଧୁଙ୍କୁ ବିଦାୟ ଦେବାକୁ ସେ ଆସିଥିଲେ । ସେହି ବନ୍ଧୁ ଚାରିବର୍ଷ ଚାକିରୀ କରି ଏବେ ଘରକୁ ଫେରିଲେ । ଚାକିରୀ ପାଇଁ ତାଙ୍କର ଚାରିବର୍ଷର କଣ୍ଟ୍ରାକ୍ଟ ଥିଲା । ସେଇ ଚୁକ୍ତିପତ୍ର ଅନୁସାରେ କାର୍ଯ୍ୟକାଳ ପୂରିବାରୁ ସେ ସ୍ୱଦେଶକୁ ଫେରିଗଲେ । ସେ ଜଣେ ଜର୍ମାନୀ ଝିଅକୁ ବାହା ହୋଇଥିଲେ ଚାକିରି ରଖିପାରି ଥା'ନ୍ତେ । କିନ୍ତୁ ସେ ଧନୀଘରର ପିଲା । ସେଠାରେ ମଧ୍ୟ ଜଣେ ହିନ୍ଦୁ ଝିଅକୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ତେଣୁ ସେଦିନ କୋପନ୍‌ହେଗେନ୍ ଯାଇ ସେଠାରୁ ତାଙ୍କ ବଡ଼ଭାଇଙ୍କ ସାଥିରେ ଭାରତକୁ ଫେରିଯିବେ । ତାଙ୍କର ବଡ଼ଭାଇ ନରଓୟେର ଜଣେ ଝିଅକୁ ବିବାହ କରିଛନ୍ତି । ତାଙ୍କର ଦୁଇଟି ପିଲା । ସେମାନେ ଘରକୁ ଯାଇ ସାନଭାଇକୁ ବିବାହ କରାଇ ଫେରିବେ ।

ସେଇ ଯୁବକଙ୍କ ନାମ ସପନ କୁମାର ରାୟଚୌଧୁରୀ । ଭଲ ସ୍ୱାସ୍ଥ୍ୟ ଦେଖିବାକୁ ସୁନ୍ଦର । ଏଠାରେ ମଧ୍ୟ ତାଙ୍କର ଅନେକ ଜର୍ମାନ ଝିଅଙ୍କ ସହିତ ବନ୍ଧୁତା ରହିଛି । କିନ୍ତୁ ସେ ଜଣେ ପାକିସ୍ଥାନୀ ଝିଅକୁ ଭଲ ପାଇ ବସଛନ୍ତି । ଉଭୟେ ବିବାହ କରିବାକୁ ମନସ୍ଥ କରିଛନ୍ତି ।

ଯୁବକଟି ଦମ୍ଭର ସହିତ କହିଲେ- ମୁଁ ସେ ଝିଅକୁ କହିଛି ତାର ଧର୍ମ ଛାଡି ସେ ମୋ ପାଖରେ ରହିବ । ତାର ବାପା ଭାଇ ମୋ ପାଖକୁ ଆସିପାରନ୍ତି, ମାତ୍ର ମୁଁ ସେମାନଙ୍କ ପାଖକୁ ଯିବିନାହିଁ । ଆଜି ମୁଁ ତା ସାଥିରେ ମଧ୍ୟ ଉଚ୍ଚବାଚ କରି ଆସିଛି । ମୋତେ ସେ ଲେଖିକରି ନଦେଲେ ହେବନାହିଁ । ନ ହେଲେ ତାର ବାପାଭାଇ ମୋତେ ମୋ ଧର୍ମ ଛାଡିବାକୁ ବାଧ୍ୟ କରି ପାରନ୍ତି ।

ମୁଁ ତାଙ୍କୁ ପଚାରିଲି-ଆପଣ ତ ଏତେ ଜର୍ମାନୀ ଝିଅକୁ ଭଲ ପାଉଛନ୍ତି । ସେମାନଙ୍କ ଭିତରୁ ଜଣଙ୍କୁ ନ ବାଛି ପାକିସ୍ତାନୀ ଝିଅକୁ କାହିଁକି ବାଛିଲେ । କେଉଁ ଅବସ୍ଥାରେ ତାଙ୍କୁ ବେଶୀ ଭଲ ପାଇ ବସିଲେ ? ସେ ହସି ହସି କହିଲେ- ଠିକ୍ କଥା । ତା ପ୍ରତି ମୋର କାଇଁକି ଗୋଟେ ଦୁର୍ବଳତା ବଢ଼ିଗଲା । ସେ ଏମ୍.ଏ ପଢୁଛି । ସତେ ତାର କଳାକେଶ ଓ ଗୋରା ଦେହ ଦେଖି ମୁଁ ମୁଗ୍ଧ ହୋଇଗଲି । ତା ପରେ ତା ସାଥିରେ କଥାବାର୍ତ୍ତା କରି ସମ୍ପର୍କଟା ବଢ଼ିଯାଇଛି ।

ଏତିକିବେଳେ ହଠାତ୍ 'ମୋ ଗାଡ଼ିବେଳ ହେଲାଣି' କହି ସେ ମୋ ଠାରୁ ବିଦାୟ ନେଲେ । ମୁଁ ଏତେ ବଡ଼ ପ୍ଲାଟଫର୍ମକୁ ଦେଖିବାରେ ଲାଗିଲି । ଥଣ୍ଡା ବି ଲାଗୁଛି । ମୁଁ ଆଶ୍ଚର୍ଯ୍ୟ ହେଲି ଷ୍ଟେସନର ସମସ୍ତ ଅଫିସ, ଦୋକାନ ବଜାର, ପ୍ଲାଟଫର୍ମ ସବୁ କିଛି ଗୋଟିଏ ଛାତ ତଳେ । ହେଲେ ପ୍ରଚୁର ଆଲୋକ ଓ ବାୟୁ ସଂଚାଳନର ସୁବିଧା ମଧ୍ୟ ରହିଛି ।

୬ଟା ବାଜିଲା । ୮ନମ୍ବର ପ୍ଲାଟଫର୍ମରେ ମୋର ଉଦ୍ଦିଷ୍ଟ ଟ୍ରେନ୍‌ଟି ପହଞ୍ଚିବାର କଥା । କିନ୍ତୁ ପ୍ଲାଟଫର୍ମଟା ଶୂନଶାନ୍ ଦେଖି ସନ୍ଦେହ ହେଲା । ତେଣୁ ଷ୍ଟେସନର ସଂପୃକ୍ତ ଅଫିସକୁ ଯାଇ ପଚାରିଲି । ସେଠାର ତଥ୍ୟାଧିକାରୀ Information Officer କହିଲେ ଫ୍ଲେନ୍‌ସବର୍ଗକୁ ଯେଉଁ ଗାଡ଼ି ଯିବା କଥା, ତାର ଠିକ୍ ସମୟ ହେଲା ସାଢ଼େ ପାଞ୍ଚ । ହେଲେ ଆଜି ରବିବାର ହୋଇ ଥିବାରୁ ତାହା ୯ଟା ୨୦ରେ ଯିବ ।

ମୁଁ ତେଣୁ ଏତେ ସମୟ କ'ଣ କରିବି ଭାବିଲି । ସୁନିଲଙ୍କ ସାଥିରେ ତ ଏଇସବୁ ଜାଗା ବୁଲାବୁଲି କରିବୁ । ଦୁଇ ତିନି ଘଣ୍ଟା ତ କୁଆଡେ କଟିଯିବ । ମୁଁ ତେଣୁ ପ୍ରତୀକ୍ଷାଳୟ (Waiting Room) କୁ ଯାଇ ମୋ ନିତ୍ୟକର୍ମ ସାରିଲି । ଜଳଖିଆ କଲି । ପ୍ଲାଟଫର୍ମରୁ ବାହାର ଦୃଶ୍ୟ ଦେଖିଲି । ଖଣ୍ଡେ ପତ୍ରିକା ଧରି ପଢ଼ିଲି । ଯାତ୍ରୀଙ୍କ ସହ କଥାବାର୍ତ୍ତା କଲି ।

ଟ୍ରେନ୍ ଠିକ୍ ୯ଟା ୨୦ ମିନିଟ୍‌ରେ ଆସି ପହଞ୍ଚିଲା । ମୁଁ ଯେଉଁ ଡବାରେ ଉଠିଲି, ସେଇ ଡବାରେ ଜଣେ ଜର୍ମାନୀ ଯୁବକ ଉଠିଲେ । ଦୁହେଁ ବସି କଥାବାର୍ତ୍ତା ହେଲୁ । ସ୍କୁଲରେ ସେ ଶେଷ ବର୍ଷରେ ପଢୁଥିଲେ । ଜଣେ ସାଙ୍ଗକୁ ଦେଖିବାକୁ ସେ ମଧ୍ୟ ଫ୍ଲେନ୍‌ସବର୍ଗ

ଯାଉଥିଲେ । ତାଙ୍କଠାରୁ ଜାଣିବାକୁ ପାଇଲି ଯେ ଜର୍ମାନୀ ସ୍କୁଲରେ କଳା ଓ ସଂଗୀତ ବାଧ୍ୟତାମୂଳ ଏବଂ ଇଂରେଜୀକୁ ଗୋଟିଏ ବିଦେଶୀ ଭାଷା ଭାବରେ ପଢ଼ାଯାଏ । ଅବଶ୍ୟ ତାହା ସ୍ୱେଚ୍ଛାକୃତ ଭାବରେ ପଢ଼ିବାକୁ ହୁଏ । ସେହି ଯୁବକ ତାହା ପଢୁଥିବାରୁ ଇଂରେଜିରେ କହିବା ବା ବୁଝିବା ତାଙ୍କ ପକ୍ଷେ ସମ୍ଭବ ହୋଇ ପାରୁଛି । ସ୍କୁଲ ଶିକ୍ଷା ପରେ ପ୍ରତ୍ୟେକ ଯୁବକ ଦେଢ଼ବର୍ଷ ପାଇଁ ନୌସେନା, ସ୍ଥଳ ସେନା ଓ ବାୟୁସେନା ମଧ୍ୟରୁ ଗୋଟିକରେ ସାମରିକ ତାଲିମ ପାଇବାକୁ ହୁଏ । ୧୮ରୁ ୪୪ ବର୍ଷ ମଧ୍ୟରେ ପ୍ରତ୍ୟେକ ଯୁବକ ଏଇ ଟ୍ରେନିଂ ପାଇବାକୁ ବାଧ୍ୟ । ଅବଶ୍ୟ ଶାରୀରିକ ବିକଳାଙ୍ଗ ଓ ନିତାନ୍ତ ଦୁର୍ବଳ ଲୋକଙ୍କୁ ଏଇ ସାମରିକ ତାଲିମରୁ ଅବ୍ୟାହତି ଦିଆଯାଇ ପାରେ । ତେବେ ତାର ଶିକ୍ଷାଦାନ କିମ୍ବା ଇଞ୍ଜିନିୟରିଙ୍ଗରେ କାର୍ଯ୍ୟ କରିବାକୁ ଦିଆଯାଏ । ଯୁବକଟି କହିଲେ ମୁଁ ପିତାମାତାଙ୍କର ଏକମାତ୍ର ସନ୍ତାନ । ଭାଇ ଭଉଣୀ ଆଉ ନାହାନ୍ତି । କିନ୍ତୁ ମୁଁ ସାମରିକ ତାଲିମ୍ ନେବାକୁ ଦେଢ଼ବର୍ଷ ପାଇଁ ଯିବି ।

ମୁଁ ପଚାରିଲି-ଆଚ୍ଛା, ଯଦି ତୁମେ ସେଥିରେ ନଯିବ, କ'ଣ ହେବ ?

ତରୁଣ ଯୁବକ ମୁରୁକି ହସି କହିଲେ-ନଗଲେମୋର ପୁରୁଷତ୍ୱ ଉପରେ ଆଞ୍ଚ ଆସିବ ନାହିଁ ?

ମୋର ଆଉ ଗୋଟିଏ ପ୍ରଶ୍ନର ଉତ୍ତର ଦେଇ ସେ ପୁଣି କହିଲେ-୧୬ ବର୍ଷ ଯାଏ ସ୍କୁଲଶିକ୍ଷା । ଜଣେ ଚାହିଁଲେ ଆଉ ଗୋଟିଏ ବର୍ଷ ପଢ଼ି ପାରିବ । ସ୍କୁଲରେ ମଧ୍ୟ ନାନା ପ୍ରକାର ବିଭାଗ ଅଛି । ଯେ ଯେଉଁ ବିଭାଗ ଚାହିଁଲା ଯିବ ।

'ତୁମେ ସଂଗୀତରେ କ'ଣ ଶିକ୍ଷା କରୁଛ ?' ପଚାରିବାରୁ ସେ କହିଲେ,-ମୁଁ ସେହି ସମୟରେ ପିଆନୋ ବଜାଏ । ମୋତେ ତାହା ଭାରି ଭଲ ଲାଗେ ।

ଟ୍ରେନ୍ ଫ୍ଲେନ୍ସବର୍ଗଠାରେ ପହଞ୍ଚିଲା । ପ୍ରାୟ ୧୧ଟା ସମୟ । ତରୁଣ ବନ୍ଧୁ ବିଦାୟ ନେଲେ । ସମ୍ଭବତଃ ସେ ଗଲାବେଳେ କହୁଥିଲେ 'ବ୍ଲେସ' (Good bye) ବିଦାୟ । ଟ୍ରେନ୍‌ରୁ ଓହ୍ଲାଇଲି । ପାଖ ଫୋନ୍ ବକ୍ସରେ ପଶି ଫୋନ୍ କରିବାକୁ ବାହାରିଲି । ସୁନିଲ ସେଠାର ବନ୍ଧୁଙ୍କ ଫୋନ୍ ନମ୍ବର ଦେଇଥିଲେ ।

ଠିକ୍ ଏଇ ସମୟରେ ପଛରୁ ସୁନିଲ୍ ମୋତେ ଡାକ ଛାଡ଼ିଲେ । ତାଙ୍କ ସାଥିରେ ଜଣେ ତରୁଣୀ ଓ ଜଣେ ତରୁଣ ଯୁବକ ମଧ୍ୟ ଆସିଥିଲେ । ପରସ୍ପରକୁ ଶୁଭେଚ୍ଛା ଜଣାଇଲା ପରେ ସୁନିଲ୍ ସେମାନଙ୍କ ପରିଚୟ କରାଇ ଦେଲେ । ତରୁଣୀ ତାଙ୍କର ବାନ୍ଧବୀ ଏବଂ ଯୁବକ ହେଉଛନ୍ତି ତାଙ୍କ ଭାବୀ ସ୍ୱାମୀ । ଚାରିବର୍ଷ ହେଲା ସେମାନେ(ଦୁହେଁ) ଏକାଠି ରହୁଛନ୍ତି । ମାତ୍ର ବିବାହ କରି ନାହାନ୍ତି । କାରଣ ଝିଅର ପାଠପଢ଼ା ସରିନାହିଁ । ନିକଟରେ ତାହା ସରିବ, ବିବାହ ହେବ ।

ସୁନିଲ୍ କହିଲେ -୧୫ ମିନିଟ୍ ଭିତରେ କୋପେନ୍ ହେଗେନକୁ ଟ୍ରେନ୍ ମିଳିବ । ମୁଁ ପ୍ରସ୍ତୁତ ହୋଇ ଆସିଛି । ଆପଣ କହିଲେ ଏଇ ଟ୍ରେନ୍‌ରେ ଚାଲିଯିବା । ସଂଧ୍ୟା ୫ଟାରେ ସେଠାରେ ପହଞ୍ଚିଯିବା ।

ମୁଁ ପଚାରିଲି-ଏହାପରେ ଟ୍ରେନ୍ କେତେବେଳେ ?

ସେ କହିଲେ-୪ଟା ପରେ ଆଉ ଗୋଟେ ଟ୍ରେନ୍ ଅଛି । ହେଲେ ସେ କୋପେନ୍‌ରେ ରାତି ୧୦ଟାରେ ପହଞ୍ଚିବ ।

ମୁଁ ତେଣୁ କହିଲି-ମୁଁ ବି ପ୍ରସ୍ତୁତ । ଚାଲ, ଏଇ ଟ୍ରେନ୍‌ରେ ପଳାଇବା ।

ଆମେ ଟ୍ରେନ୍‌କୁ ଯିବା ପୂର୍ବରୁ ଡେନମାର୍କର ଦୁଇ ତିନି ଜଣ ଅଫିସର ଆମକୁ ଅଟକାଇଲେ । ଆମ ପାସ୍ ପୋଟକୁଚେକ୍ କଲେ । ସେଇ ଟ୍ରେନ୍ ଭିତରେ ଆମକୁ ଭିସା(ପ୍ରବେଶପତ୍ର) ମଞ୍ଜୁର କରି ଦେଲେ । ଅବଶ୍ୟ ତାହା ଅସ୍ଥାୟୀ (ଟାନ୍‌ଜିଟ୍) ଭିସା । ତେବେ ତାହା ଆମର ଯଥେଷ୍ଟ । ଗାଡ଼ି ବିଜୁଳି ବେଗରେ ଧାଇଁଥାଏ ।

□□□

# ଅଧ୍ୟାୟ-୨୧

## କୋପେନହେଗେନରେ ଦିନେ

ଟ୍ରେନ୍‌ରେ ଗଲାବେଳେ ଡେନମାର୍କର ପାର୍ବତ୍ୟ ଅଞ୍ଚଳ ଖୁବ୍ ଚିତ୍ତାକର୍ଷକ ଦିଶୁଥାଏ । ସୁନେଲି ସୂର୍ଯ୍ୟ କିରଣରେ ଚତୁର୍ଦ୍ଦିଗ ଉଜ୍ଜ୍ୱଳ । ସୁନୀଳ ପ୍ରାକୃତିକ ଦୃଶ୍ୟ ଅତ୍ୟନ୍ତ ସ୍ୱପ୍ନିଳ ।

ସମୁଦ୍ର କୂଳେ କୂଳେ ଟ୍ରେନ୍‌ଟି ଯାଉଥିଲା ବେଳେ ମନେପଡିଲା ଚିଲିକା ତୀରରେ ରେଳଗାଡ଼ିର ଯାତ୍ରା । ଆଖି ଆଗରେ ନାଚିଗଲା ଓଡ଼ିଶାର ଶୋଭା ସଂପଦ-ତାର ନଦୀ ହ୍ରଦ, ବଣ ପାହାଡ଼, ରାସ୍ତାଘାଟ, କ୍ଷେତ ବାଡ଼ି, ତୃଣପ୍ରାନ୍ତର ।

ଜାହାଜରେ କିଛି ସମୟ ସମୁଦ୍ର କୋଳରେ କଟିଲା । ସନ୍ଧ୍ୟା ୫ଟାରେ ଆମେ କୋପେନହେଗେନରେ ପହଞ୍ଚିଲୁ । ୧୯୭୯ ଏପ୍ରିଲ ୧୮ ତାରିଖ । ସେଠାରେ କେଉଁଠି ରାତ୍ରିଯାପନ କରିବୁ, ବୁଝାବୁଝି କଲୁ । ସେଦିନ ଦୁର୍ଭାଗ୍ୟକୁ ରବିବାର । ସବୁ ଟୁରିଷ୍ଟ ଅଫିସ ବନ୍ଦ । ତେବେ ବିଭିନ୍ନ ଲୋକଙ୍କ ସହିତ କଥାବାର୍ତ୍ତା କଲୁ । ବୁଝିଲୁ ଯେ ସେଠାରେ ରାତିକୁ ସର୍ବନିମ୍ନ ଭଡ଼ା ୧୦୦କ୍ରୋନ୍ ବା ୧୦ ପାଉଣ୍ଡ । ତେବେ ବି ଭଡାଘରଟିଏ ପାଇବା କଷ୍ଟକର ।

ରାତି ୮ଟା ଯାଏ ସେଠାରେ ଦିନର ଆଲୋକ ଓ ଉଜ୍ଜ୍ୱଳତା । ତେଣୁ ଦିବାଲୋକରେ ସେଠାରେ ମୁଖ୍ୟ ଦର୍ଶନୀୟ ସ୍ଥାନ ଦେଖିଲେ କିପରି ହୁଅନ୍ତା ! ରାତି ୧୦ଟାରେ ତ ବର୍ଲିନକୁ ଗୋଟିଏ ଟ୍ରେନ ଅଛି । ତେଣୁ ସେ ପର୍ଯ୍ୟନ୍ତ କୋପେନ୍‌ହେଗେନରେ ବୁଲି ସେଇ ଟ୍ରେନ୍‌ରେ ବର୍ଲିନ ଅଭିମୁଖେ ଯାତ୍ରା କରିବା ଭଲ ।

ତେଣୁ ଆମେ ମୁଦ୍ରା ବଦଳାଇ କିଛି କ୍ରୋନ୍ ସଂଗ୍ରହ କଲୁ । ଆମ ବ୍ୟାଗ ପ୍ରଭୃତି ଷ୍ଟେସନରେ ଥିବା ଲୁହା ବାକ୍ସରେ ରଖିବାକୁ ଠିକ୍ କଲୁ । କିନ୍ତୁ ଆମେ ଗୋଟିଏ ବାକ୍ସରେ ଜିନିଷପତ୍ର ରଖି ନିୟମାନୁସାରେ କ୍ରୋନ ମୁଦ୍ରା ଦୁଇଟି ଗୋଟିଏ କଣାରେ ଭର୍ତ୍ତିକଲୁ, ହେଲେ ତାହା ବାହାରି ପଡିଲା । ଚାବି ପଡ଼ିଲା ନାହିଁ । ଗୋଟିଏ ପରେ ଗୋଟିଏ ବାକ୍ସରେ ଫେଲ୍‌ମାରି ତୃତୀୟ ବାକ୍ସରେ ମୁଦ୍ରା ତ ଲାଗିଲା । ଚାବି ମଧ୍ୟ ଠିକ୍ ଭାବରେ ପଡ଼ିଲା ।

ଆମେ ବୁଲି ବାହାରିଲୁ । ଗୋଟିଏ ଚଲାପଥ ସେଇ ଷ୍ଟେସନ ଠାରୁ ସମୁଦ୍ର କୂଳକୁ ଲମ୍ୱିଯାଇଛି । ଆମେ ସେଇ ରାସ୍ତାରେ ଦ୍ରୁତଗତିରେ ପାଦଚାଳନା କଲୁ । ରବିବାର ହୋଇଥିବାରୁ ଗହଳି ବି ନଥିଲା । ଉଭୟ ପାର୍ଶ୍ୱରେ ବଡ ବଡ ଦୋକାନ ବଜାର, ସେ ସବୁ ମଧ୍ୟ ବନ୍ଦ ଥିଲା ।

ଚାଲି ଚାଲି ଗଲେ ବିଳମ୍ବ ହେବ ବୋଲି ଆମେ ଏକ ଟାଉନ୍ ବସ୍‌ରେ (ଆଠ ନମ୍ବର) କିଛି ବାଟ ଗଲୁ । ସମୁଦ୍ର କୂଳରେ ଥିବା ମେରମେଡ଼ Mermaid ବା ମତ୍ସ୍ୟକନ୍ୟାର ମୂର୍ତ୍ତି କୋପେନ୍ ହେଗେନର ଏକ ବିଶେଷ ଆକର୍ଷଣ । ତାକୁ ଡେନମାର୍କର ଅଧିବାସୀମାନେ 'ଲିଙ୍ଗଲି' ବୋଲି କହୁଥିଲେ । ଏହି ଦର୍ଶନୀୟ ପଦାର୍ଥଟିକୁ ଦେଖିବାକୁ ମନରେ ଆମର ପ୍ରବଳ ଉତ୍‌କଣ୍ଠା ! କିନ୍ତୁ ଯେତେ ଚାଲିଲେବି ବାଟ ସରୁ ନଥାଏ । ଶେଷରେ ଦେଖାଗଲା ସେଇ ମୂର୍ତ୍ତିଟି ଦୂରରୁ ।

ଆମେ ସମୁଦ୍ରକୂଳର ସର୍ପିଳ ପଥରେ ଆଗେଇଥାଉ ମନର ପ୍ରବଳ ଆକୁଳତା ନେଇ । ସନ୍ଧ୍ୟା ହୋଇ ଆସୁଥାଏ । ଶେଷରେ ଆମେ ଜଣେ ପର୍ଯ୍ୟଟକଙ୍କୁ ପଚାରିବାରୁ ସେ ଦେଖାଇ ଦେଲେ । ସେଠାରୁ ଜଳପରୀ ମୂର୍ତ୍ତିଟି ମାତ୍ର ୧୦/୧୫ମିଟର ଦୂରରେ, ଅଥଚ ତାହା ଆମର ଦୃଷ୍ଟି ଆକର୍ଷଣ କରି ପାରି ନଥିଲା । ଆମେ ଦେଖି ଆଶ୍ଚର୍ଯ୍ୟ ହେଲୁ ଯେ, ଗୋଟିଏ ମୁଣ୍ଡାପଥର ଉପରେ ଏକ ମିଟର ଉଚ୍ଚର ଏଇ ମୂର୍ତ୍ତି ! ବିଶ୍ୱବିଖ୍ୟାତ ଲେଖକ ହାନ୍‌ସ ଅଣ୍ଡରସନ୍‌ଙ୍କ ପ୍ରିୟ ଜଳକନ୍ୟା ଏହି କରଟଲ ମେରମେଡ଼ ମୂର୍ତ୍ତି ! ଏହା ପୁଣି ପୃଥିବୀ ବିଖ୍ୟାତ !! ଆମ ମନ ସତେ ଦବିଗଲା । ସବୁ ଉତ୍‌କଣ୍ଠାରେ ଭଙ୍ଗା ପଡ଼ିଗଲା । !

ତେବେ ତାର ପୃଷ୍ଠଭୂମିରେ ଆମର ଗୋଟିଏ ଫଟୋ ଉଠାଇବାକୁ ଚାହିଁଲୁ । ଆମ ପଛରେ ଜଣେ ଋଷବାସୀ ୫/୭ ବର୍ଷର କନ୍ୟାଟିକୁ ଧରି ଆସୁଥିଲେ । ଆମେ ତାଙ୍କୁ ଅନୁରୋଧ କଲୁ ଆମ ପାଇଁ ଗୋଟିଏ ଫଟୋ ଉଠାଇ ଦେବାକୁ । ସେ ଫଟୋ ଆମ କ୍ୟାମେରାରେ ଉଠାଇ ଦେଲେ । ଆମ ସାଥିରେ ତାଙ୍କ ଝିଅଟିର ଫଟୋବି ଉଠିଲା ।

ସେତେବେଳେ ଚଉଦିଗ ଅନ୍ଧକାରାଚ୍ଛନ୍ନ ହୋଇ ଯାଇଥିଲା । ସମୁଦ୍ର ମଧ୍ୟରେ ଥିବା ଜାହାଜ ଓ ନୌକାଗୁଡିକରେ ମଧ୍ୟ ଆଲୋକ ଜଳି ଉଠିଥିଲା । ସେଠାରୁ ଦେଖାଯାଉଥିଲା ସମୁଦ୍ର କୂଳରେ ଏକ ବିରାଟ ଟାୱାର । ସୁନିଲବାବୁ ଫ୍ଲେନସ୍‌ବର୍ଗରେ ରହୁଥିବା ସାଙ୍ଗଙ୍କ ଠାରୁ ଜାଣିଥିଲେ ଯେ ତାହା ହେଉଛି ଏକ ଟେଲିଭିଜନ ଟାୱାର ଏବଂ ତା' ନିକଟରେ ଥିଲା ଏକ ପ୍ରକୃତିବାଦୀ ସଂପ୍ରଦାୟ । Naturalists Community । ଏକ ସ୍ୱେଚ୍ଛାଚାରୀ ସ୍ୱାଧୀନତା ପ୍ରେମୀ- ଗୋଷ୍ଠୀ ।

ଆମେ ସେଠାକୁ ଯିବାକୁ ଚାହିଁଲୁ । ମାତ୍ର ଆମକୁ ସେ ସଂପର୍କରେ କେହି କିଛି କହି ପାରିଲେ ନାହିଁ । ଖୁବ୍ ଥଣ୍ଡା ଲାଗିଲାଣି । ସଂଧ୍ୟା ପରେ ତ ଟେଲିଭିଜନ୍ ଟାୱାର (T V Tower) ଭିତରକୁ ଯାଇହେବ ନାହିଁ । ତେଣୁ ବାଟ ପଚାରି ପଚାରି ସେଇ ପ୍ରକୃତିବାଦୀ ସଂପ୍ରଦାୟ ରହିଥିବା ସ୍ଥାନକୁ ଗଲୁ । ସେଠାରେ ଏକ ଦମ୍ପତିଙ୍କୁ ଦେଖିଲୁ । ତାଙ୍କୁ ପଚାରିବାରୁ

ସେ କହିଲେ ସେମାନଙ୍କ ଖୀରସ୍ଥାନୀଗୋଷ୍ଠୀ (Community Chirstian) କୁହାଯାଏ । ଗ୍ରୀଷ୍ମ ଋତୁରେ ସେମାନେ ନଗ୍ନ ଶରୀରରେ ରହନ୍ତି । କିନ୍ତୁ ଏବେ ସେମାନେ ପୋଷାକ ପିନ୍ଧୁଛନ୍ତି । ସାଧାରଣ ଲୋକଙ୍କ ପରି ଜୀବନ ନିର୍ବାହ କରୁଛନ୍ତି ।

ପ୍ରକୃତ ବିଷୟ କ'ଣ ଜାଣିବାକୁ ଆମେ ଦୁହେଁ ଟାଓ୍ଵାର ଆଡ଼କୁ ଆଗେଇଲୁ । ଶେଷରେ ୧୦/୧୨ବର୍ଷର ବାଳକଟିଏ ଆମକୁ ଉକ୍ତ ସ୍ଥାନକୁ ଦେଖାଇଦେବା ପାଇଁ ଗଲା । ଅର୍ଦ୍ଧାଲୋକିତ ଓ ଅର୍ଦ୍ଧାନ୍ଧକାର ସେହି ସ୍ଥାନଟି ଭାରି ଅଦ୍ଭୁତ ଓ ଅଶ୍ୱସ୍ତିକର ଲାଗୁଥିଲା । ବହୁ ଜନାକୀର୍ଣ୍ଣ ଲାଗୁଥିଲା । ଅନେକ ଲୋକଙ୍କର ଯିବା ଆସିବା ଲାଗିଥାଏ ।

ଆମେ ଗୋଟିଏ ଫାଟକ ପାଖରେ ପହଞ୍ଚିଲୁ । ସେଠାରେ ଲେଖାଯାଇଥିଲା ଖ୍ରୀଷ୍ଟିୟାନ । ଅନତି ଦୂରରେ ଏକ ଦୋକାନ । ସେଠାକୁ ଯାଇ ଦେଖିଲୁ ବହୁ ଅଜବ ଜିନିଷ ବିକ୍ରି ହେଉଛି । ଚିଲମ, ନଗ୍ନ ଚିତ୍ର, କଣ୍ଠିମାଳ, ହାର, ଘଡ଼ି ଇତ୍ୟାଦି । ଯେଉଁ ମହିଳା ଉକ୍ତ ଦୋକାନ ଦାୟିତ୍ୱରେ ଥିଲେ, ସେ କହିଲେ ଯେ ସେଇ ଅଞ୍ଚଳରେ ଖାଲି ଘେରାଏ ବୁଲି ଆସିବାକୁ ଦୁଇଘଣ୍ଟା ଲାଗିବ ।

ତା ଭିତରେ ପ୍ରାୟ ଦୁଇ ହଜାର ଲୋକ ରହୁଛନ୍ତି । ଗୋଟିଏ ଅରାଜକ ସ୍ୱେଚ୍ଛାଚାରୀ ଦଳ । କୌଣସି ଶୃଙ୍ଖଳା କୌଣସି ଆଇନ୍ ଏଠାରେ ଲାଗୁ ହୁଏ ନାହିଁ । ବଡ ଅଜବ ଆଉ ଖାପଛଡ଼ା ସେମାନଙ୍କ ଜୀବନ, ବଡ ଅହେତୁକ ସେମାନଙ୍କର ଚଳଣି । କିଛିଦୂରରେ ଜଣେ ଯୁବତୀ ଦାନ୍ତରେ କାମୁଡି କ'ଣ ଭାଂଗୁଥିଲା, ପାଖରେ ଥିଲେ ଗୋଟିଏ ଦମ୍ପତି । ସେମାନେ କିଛି ଅର୍ଥ ବିନିମୟରେ କ'ଣ ସେଠାରୁ ନେଲେ । ଜାଣିବାକୁ ପାଇଲୁ ତାହା ହେଉଛି ହାସିସ, ଏକ ନିଶାଦ୍ରବ୍ୟ ।

ଆମେ ଆଗ୍ରହରେ ସେଠାକୁ ଗଲୁ କ'ଣ ଦେଖିବାକୁ । ମାତ୍ର ଆମକୁ କାହିଁକି ସନ୍ଦେହ କରି ଉକ୍ତ ଦୋକାନୀ ମହିଳା କହିଲେ ଆପଣ ଭିତରକୁ ଯାନ୍ତୁ, ଭଲ ମାଲ ପାଇବେ ।

ମୁଁ ଉକ୍ତ ଖ୍ରୀଷ୍ଟିୟାନ ବିଷୟରେ ଅଧିକ ଜାଣିବାକୁ ପାଇଲି । ସେହି ମହିଳା ବଡ ଆଗ୍ରହରେ ବୁଝାଇଦେଲେ-ଜୀବନକୁ ନିତାନ୍ତ ସ୍ୱାଧୀନ ଓ ସହଜ ଭାବରେ କଟାଇ ଦେବାକୁ ସେମାନେ ଚାହାନ୍ତି । ସୁଖବାଦ ତଥା ଆନନ୍ଦବାଦ ହେଲା ସେମାନଙ୍କର ଧର୍ମ । ତେଣୁ ଆଧୁନିକ ଜଗତରେ ସେମାନେ ହେଲେ ଅସାଧାରଣ ।

ଏହାପରେ ସେ ଆମକୁ ଭିତରେ ଥିବା କ୍ୟାଣ୍ଟିନ, କ୍ଲବ ଆଦି ଦେଖିବାକୁ ବାଟ ବତାଇ ଦେଲା । କିଛିବାଟ ଗଲା ପରେ ଏକ ବାର୍ ବା କ୍ଲବ ଦେଖିଲୁ । ତା ଭଭିତରକୁ ଦଳ ଦଳ ହୋଇ ଲୋକେ ଯାଉଥିଲେ । ଭିତରୁ ଅସ୍ପଷ୍ଟ ଆଲୋକ ଓ ନୃତ୍ୟଗୀତ ଶୁଣା ଯାଉଥିଲା ।

ସେହି ଗୃହର ଦ୍ୱାର ଦେଶରେ ଗୋଟିଏ ସାଇନ୍‌ବୋର୍ଡ ମରାଥିଲା । ତା ଦେହରେ ଲେଖାଥିଲା- 'ପାଗଳ-ଗାରଦ ୧୯୭୭ (Lunatics 1977) । ସେଥିରୁ ଆମେ କିଛି ବୁଝି ପାରିଲୁ ନାହିଁ । କେହି ମଧ ବୁଝାଇଦେବା ଅବସ୍ଥାରେ ନଥିଲେ । ସେଠି ବାର୍ ଭିତରକୁ ପଶି କ'ଣ ହେଉଛି ଦେଖିବାକୁ ଚାହିଁଲୁ । କବାଟ ଆଉଜା ହୋଇଥିଲା । ଆମେ ଦୁଆର ଖୋଲି ବଡ଼ ସଙ୍କୁଚିତ ହୋଇ ପ୍ରବେଶ କଲୁ । ମାତ୍ର ଦେଖିଲୁ କିଏ ମଦ୍ୟପାନ କରୁଥିଲା ତ କିଏ ନୃତ୍ୟ କରୁଥିଲା । କେହି କେହି ମଦ୍ୟପାତ୍ର ଧରି କଥାବାର୍ତ୍ତା ହେଉଥିଲେ । ଘର ଭିତରେ ନାନା ପ୍ରକାର ନିଶାଗନ୍ଧରେ ଭରପୁର । ଆମେ ସିଗାରେଟ୍ ଧୂଆଁରେ ଅତିଷ୍ଠ ହୋଇପଡି ଏଇ କଡ଼ା ଧୂଆଁକୁ ସମ୍ଭାଳିବା ଅସମ୍ଭବ ମନେକଲୁ । ତେଣୁ ଆମେ ଅଧିକ ଦୃଶ୍ୟ ଦେଖିବା ସମ୍ଭବ ହେଲାନାହିଁ । ସେହିଘରୁ ବାହାରି ଆସିଲୁ ।

ବାହାରେ ସେତେବେଳକୁ କେତେକ ସ୍ଥାନରେ ଅଗି ଜଳିଲାଣି । ନିଆଁ ଚାରିପାଖରେ ସ୍ତ୍ରୀ ପୁରୁଷ ଲୋକଙ୍କ ଭିଡ଼ । କିଏ ବସିଛି ତ କିଏ ଠିଆ ହୋଇଛି । କିଏ ମଦବୋତଲତ କିଏ ସିଗାରେଟ୍ ଧରିଥାନ୍ତି । ନିକଟବର୍ତ୍ତୀ ଘର ଗୁଡିକରେ କାଚ ଝରକାରେ ସେଇ ଅଗିନିଆଁ ଖୁବ୍ ଜୋରରେ ପ୍ରତଫଳିତ ହୋଇଥାଏ । ସେଇ ଘର ଦୁଆର ମୁହଁରେ ଲେଖା ଯାଇଥାଏ କେଉଁଠି ବାର୍ ତ କେଉଁଠି ଡିସ୍‌କୋ, କେଉଁଠି କ୍ଲବ ତ କେଉଁଠି ମବ୍ । କେତେକ ଆମ ଆଡ଼କୁ ଚାହୁଁଥାନ୍ତି । ଏଇ ଜନ ଗହଳି ମଧରେ ବହୁ ଅଳ୍ପବୟସ୍କା ତରୁଣୀ ଓ ତରୁଣ ଯୁବକ ଦେଖାଯାଉଥିଲେ । ଭାବିଲି, ଏମାନଙ୍କର ଭବିଷ୍ୟତ କ'ଣ ?

ଅଗିନିଆଁ ପାଖରେ ଶୀତ ନଥିଲା । ଉଷୁମ ଲାଗୁଥିଲା, ଆରାମ ଲାଗୁଥିଲା । ହେଲେ, କେତେ ସମୟ ଏମିତି କଟାଇବୁ ? ଫେରି ଆସିଲୁ । କିଛି ବାଟ ଆସିଚୁ । ଭେଟ ହେଲା ଜଣେ ଯୁବତୀଙ୍କ ସହିତ । ସେ ଏକାକୀ ଯାଉଥିଲେ । ପଚାରିଲି ସଂପ୍ରଦାୟ ସଂପର୍କରେ । ସେ ଉତ୍ତରଦେଲେ ଏମିତି ମୁକ୍ତ ଜୀବନ ମୋତେ ଭଲ ଲାଗୁଛି । ପିଲାପିଲି ବି ନାହାନ୍ତି । ସ୍ୱାମୀ ଜଣେ ସଙ୍ଗୀତଜ୍ଞ । ବାଦ୍ୟ ବି ବଜାନ୍ତି । ରାତିରେ ଆମେ ଗୋଟିଏ କ୍ଲବରେ କାମ କରୁ । ସେଠାକୁ ଯେଉଁମାନେ ଆସନ୍ତି କିଛି ଦିଅନ୍ତି, ଏହା ଆମର ରୋଜଗାର । ଯେତିକି ମିଳେ, ସେତିକିରେ ଆମେ ଚଳିଯାଉଁ ।

କ୍ରିଷ୍ଟିନିୟା ହେଉଛି କୋପେନହେଗେନର ଏକ ବଡ଼ ବିବଦମାନ ସଂପ୍ରଦାୟ । ଏକ ସମୃଦ୍ଧ ଓ ଶୃଙ୍ଖଳିତ ସମାଜ ମଧରେ ଗୋଟିଏ ସର୍ବହରା ଓ ବାରବୁଲା ଗୋଷ୍ଠୀ । ଏହାକୁ ସେମାନେ ଏକ 'ଅସାଧାରଣ ସାମାଜିକ ପରୀକ୍ଷା' ବୋଲି କହୁଥିଲେ । ଗତାନୁଗତିକ ଦାମ୍ପତ୍ୟ ଜୀବନରେ ସେମାନଙ୍କ ଆସ୍ଥା ନାହିଁ । ଲଗାମଛଡା ଯୌନ ଜୀବନ ସେମାନଙ୍କର

ରୀତି ଓ ଅଭ୍ୟାସ । ଜନସାଧାରଣ ଓ ରାଜନୀତିଜ୍ଞମାନଙ୍କ ମଧ୍ୟରେ ଏ ସଂପର୍କରେ ପ୍ରବଳ ଆଲୋଚନା, ସମାଲୋଚନା ଆଉ ବାଦବିବାଦ । ଡେନମାର୍କର ପାର୍ଲମେଣ୍ଟରେ ମଧ୍ୟ ଏହି ସମସ୍ୟା ଅନେକଥର ଉତ୍‌ଥାପିତ ହୋଇଛି ଓ ଆଲୋଚିତ ହୋଇଛି । କିନ୍ତୁ ସମାଧାନ କାହିଁ ?

୧୯୭୧ ମସିହାର ଏକ ଘଟଣା । ଶହ ଶହ ଲୋକ ରାସ୍ତାକଡ଼ରେ ପଡି ରହିଲେ । ଯେତେ ହାରି ଗୁହାରି କଲେ କେହି ଶୁଣିନଥିଲେ । ପ୍ରତିରକ୍ଷା ବିଭାଗର ପୁରୁଣା ବ୍ୟାରାକ୍‌କୁ ମରାମତି କରିବା ଅସମ୍ଭବ ହେଲା । ପ୍ରାୟ ୧୯୨ଟି ଭଙ୍ଗାଘର ଏଇ ବ୍ୟାରାକ୍ ଭିତରେ ଥିଲା । ନଗର-ପାଳିକାକୁ ଏଇ ଘରସବୁ ଛାଡିଦେବା ପାଇଁ ପ୍ରତିରକ୍ଷା ବିଭାଗ ଏକ ନିଷ୍ପତ୍ତି ନେଲା । ନଗର ପାଳିକା ଏଥିପାଇଁ ପ୍ରସ୍ତୁତ ନଥିଲା । ପ୍ରାୟ ୫୦ ଏକର ଜମି-ଅଳିଆ ଅପରିଷ୍କାର, ଭଙ୍ଗାରୁଜା ଘର ଆଦିରେ ଭରପୂର । ଏଇ ସମୟରେ ଏଇ ବାସ୍ତୁହରା ଗୃହହୀନ ଦଳ ଏତକ ଜାଗା ଅଚାନକ ଭାବରେ ଦଖଲ କରିନେଲେ । ପୋଲିସଙ୍କ ସହିତ ପ୍ରବଳ ଗଣ୍ଡଗୋଳ ହେଲା । ବୁଲ୍‌ଡୋଜର ବହୁ ସଂଖ୍ୟାରେ ଆସିଲା । ସବୁ ଘର ଦ୍ୱାର ଭାଙ୍ଗି ଏକାକାର କରିଦେବ; ଭୂମି ସାଥିରେ ସବୁ ମିଶାଇ ଦେବାର ବ୍ୟବସ୍ଥା ହେଲା । କିନ୍ତୁ ସେଠାରେ ସବୁ ଘରଦ୍ୱାର ସ୍ତ୍ରୀ ପିଲାରେ ଭରପୂର । ରାସ୍ତା ଉପରେ ଲୋକମାନେ ଚକାପକାଇ ବସି ରହିଲେ ।

ଏଇ ଅବସ୍ଥାରେ ପୋଲିସ୍, ବୁଲ୍‌ଡୋଜର ଫେଲ୍ ମାରିଲେ । ଏଇ ଅଞ୍ଚଳ ହେଲା ଖ୍ରିଷ୍ଟିୟାନା, ସମାଜର ଦଳିତ, ବଂଚିତ, ଅବହେଳିତ ଆଉ ନିଷ୍ପେଷିତ ଜନତାର ଆଶ୍ରୟସ୍ଥଳ । କିନ୍ତୁ ଏଠାରେ ମଧ୍ୟ ଆଡ୍‌ଡ଼ା କରି ରହିଲେ ବହୁ ସମାଜ ବିରୋଧୀ, ଅପରାଧୀ ଓ ଆତଙ୍କବାଦୀ !

ଆମେ ଫେରିଲା ବେଳେ ଦେଖିଲୁ ଗୋଟିଏ ଘରେ ଲେଖାଯାଇଛି ଇନଫରମେସନ୍ ସେଣ୍ଟର (Information Centre) । ସେଠାରେ ବି ମିଞ୍ଜି ମିଞ୍ଜି ଆଲୁଅ । ଦୁଇ ତିନି ଜଣ ବସି ଗପସପ ହେଉଥିଲେ । ଆମେ କ'ଣ ତଥ୍ୟ ମିଳିବ, ପଚାରିବାରୁ ଗୁଡାଏ ଖୋଜାଖୋଜି ଚାଲିଲା । ଶେଷରେ ଜଣେ ଯୁବକ ଖଣ୍ଡେ ସାଇକ୍ଲୋଷ୍ଟାଇଲଡ ପ୍ରଚାର ପୁସ୍ତିକା ଧରାଇଦେଲେ ।

ଆମେ ବାଟରେ ବହୁ ନୈଶ୍ୟଦୃଶ୍ୟ ଦେଖିଲୁ । ବିଙ୍ଗୋ, ବାର୍, ସିନେମା ଘର, ସିନେକ୍ଲବ, ସେକ୍‌ସସପ ଆଦି । ଗୋଟିଏ ସ୍ଥାନରେ ଅତ୍ୟନ୍ତ ଲୋକଗହଳି ଦେଖିଲୁ । ନାଁ ତା'ର ଟିଭୋଲି (Tivoli)। ସବୁପ୍ରକାର ନାଚ ତାମସା, ଗୀତବାଦ୍ୟ, ଆତସବାଜି, ପବ୍ ହୋଟେଲ ଇତ୍ୟାଦି । ସାରାରାତି ଏମିତି ବିଚିତ୍ର କାର୍ଯ୍ୟକ୍ରମ ଚାଲେ । ପର୍ଯ୍ୟଟକମାନଙ୍କର ଭିଡ ଜମେ । ମନୋରଞ୍ଜନ ଚାଲେ ।

ରେଲଷ୍ଟେସନରେ ପହଞ୍ଚିଲୁ । ବକ୍ସ ଖୋଲି ଆମର ସାମାନ ସବୁ ବାହାର କଲୁ । ବର୍ଲିନରେ ସକାଳ ୮ଟାରେ ପହଞ୍ଚିବୁ ବୋଲି ସେଠାରେ ଥିବା ବଂଧୁଙ୍କୁ ଫୋନ କଲୁ । ମାତ୍ର ନପାଇବାରୁ ରାଜେନ୍ଦ୍ର ବାବୁଙ୍କର ଡାକ୍ତର ଭାଇ ଡଃ ଦାସ ଫ୍ରାଙ୍କ ଫର୍ଟରେଥିଲେ, ତାଙ୍କର ସେ ଚିହ୍ନାଥିବାରୁ ତାଙ୍କୁ ଜଣାଇ ଦେବାକୁ ଅନୁରୋଧ କଲୁ । ସେଇ ବର୍ଲିନ ବଂଧୁ ଜଣେ ଭାରତୀୟ । ନାମ ତାଙ୍କର ଡକ୍ଟର ଚନ୍ଦ୍ରଭାଲ ତ୍ରିପାଠୀ । ବର୍ଲିନ ଫ୍ରି ୟୁନିଭରସିଟିର ପ୍ରଫେସର ।

ଠିକ୍ ରାତି ୧୦ଟାରେ ଟ୍ରେନ୍ ଛାଡ଼ିଲା । ବେଶୀ ଭିଡ଼ ନଥିବାରୁ ରିଜର୍ଭେସନ୍ ନଥିବା ସତ୍ତ୍ୱେ ସ୍ଥାନ ଲାଭରେ ଅସୁବିଧା ହେଲା ନାହିଁ । ଗଭୀର ଅନ୍ଧକାର ମଧ୍ୟରେ ପ୍ରବଳ ଶବ୍ଦକରି ଟ୍ରେନ୍ ଚାଲିଲା ।

❑❑❑

# ଅଧ୍ୟାୟ-୨୨

## ବର୍ଲିନ ଯାତ୍ରା ପଥେ

ରାତ୍ରିଯାତ୍ରାରେ ସମୟ ବଞ୍ଚେ । ମାତ୍ର ଭ୍ରମଣର ସୁଖ ନଥାଏ । ଯାତ୍ରାର ଆନନ୍ଦ ମିଳେ ନାହିଁ । କେଉଁ ବାଟରେ ଯାଅ, କଣ ସବୁ ଥାଏ, କିଛି ଜାଣିହୁଏ ନାହିଁ । ପୁଣି ନୂଆ ସ୍ଥାନ ତ ସଂପୂର୍ଣ୍ଣ ଅପରିଚିତ ! କିଛି କଳ୍ପନା କରିବା ବି କଷ୍ଟକର । କେବଳ ଅନୁମାନ କରାଯାଇ ପାରେ ।

ସେଦିନ ସେମିତି ରାତି ୧୦ଟାରେ କୋପେନ୍‌ହେଗେନ୍ ଆମରି ଯାତ୍ରାରେ କିଛି ଅନୁଭୂତି ହେଲା ନାହିଁ କହିଲେ ଚଳେ, ପ୍ରାୟ ୨ଘଣ୍ଟା ପରେ ମୁଁ ଦେଖିଲି ଆମେ ଗୋଟିଏ ଜାହାଜରେ ସମୁଦ୍ର ପାରି ହେଉଚୁ । ଆମଙ୍କୁ କୁହାଗଲା, ପୂର୍ବଜର୍ମାନୀରେ ପ୍ରବେଶ କରିବା ପାଇଁ ପାସ୍‌ପୋର୍ଟ ଅଫିସରୁ ଭିସା ସଂଗ୍ରହ କରିବାକୁ । ଆମେ ସେତେବେଳକୁ ସମୁଦ୍ରପାରି ହୋଇ ବନ୍ଦରକୁ ଲାଗି ରହିଥିବା ଗୋଟିଏ ଟ୍ରେନ୍ ପାଖରେ ପହଞ୍ଚିଲୁ ।

ଯାତ୍ରୀମାନେ ଧାଡ଼ିରେ ଚାଲିଲେ, ଆମେ ପ୍ରତ୍ୟେକ ଗୋଟିଏ ଲେଖାଁ ଫର୍ମ ପୂରଣ କରି ୫ ମାର୍କ ଫିଜ୍ ଦାଖଲ କଲୁ । ଆମର ପାସ୍‌ପୋର୍ଟ ବହିରେ ଟ୍ରାନ୍‌ସିଟ୍ ଭିସା ଦିଆଗଲା । ଟ୍ରେନ୍‌ରେ ଆମେ ବସିଲୁ । କେତେବେଳେ ଟ୍ରେନ ଛାଡିଲା ଜଣାପଡିଲାନାହିଁ । ମାତ୍ର ତାପରେ ଜଣଙ୍କ ପରେ ଜଣେ ଆମର ପାସପୋର୍ଟ, ଭିସା ଆଦି ଚେ଼କ୍ କରିବାକୁ ଆସୁଥାନ୍ତି । ସେମାନେ ସମସ୍ତେ ପୂର୍ବ ଜର୍ମାନୀର କର୍ମଚାରୀ । ସେମାନଙ୍କ କାନ୍ଧରେ ଗୋଟିଏ ଲେଖାଁ କୀଟସ ବାକ୍ସ (Kits Box) ପରି ପଡିଥାଏ । ପ୍ରତ୍ୟେକଙ୍କ ମୁହଁକୁ ସେମାନଙ୍କ ପାର୍ସପୋର୍ଟରେ ଥିବା ଫଟୋ ସହିତ ମିଳାଉଥାନ୍ତି । ପାସ୍‌ପୋର୍ଟକୁ ତନ୍ନ ତନ୍ନ କରି ଦେଖୁଥାନ୍ତି । ସେମାନେ ଗୋଟିଏ ଲେଖାଁ ଟର୍ଚ୍ଚ ଓ ସିଡି ମଧ୍ୟ ଧରିଥାନ୍ତି । ସିଡି ପକାଇ ଉପରକୁ ଯାଇ ସବୁ ଦେଖନ୍ତି । ସିଟ୍ ତଳକୁ ଟର୍ଚ୍ଚ ଆଲୁଅ ପକାଇ ଯାଞ୍ଚ କରନ୍ତି । ଏମିତି ସେମାନେ ବାରମ୍ବାର ଚେ଼କ୍ କରିବା ଫଳରେ ଆଉ ଆମର ନିଦ ହେଲା ନାହିଁ ।

ସକାଳ ହେଲା ବେଳକୁ ଦେଖିଲି ଟ୍ରେନ୍‌ର ପ୍ରତ୍ୟେକ ଡବା ଜେଲର ଗୋଟିଏ ନିବୁଜ କୋଠରୀ ବା ସେଲ୍ (Cell)ପରି । ବର୍ଲିନ ପାଖ ହୋଇ ଆସିଲାଣି । ଚେକ୍ କାମ ଆହୁରି ତନ୍ନ ତନ୍ନ ହେଉଛି । ରେଲ ଲାଇନ୍‌ର ଉଭୟପଟେ ୧୨ ଫୁଟ ଉଚ୍ଚର ଶକ୍ତ ତାର ବାଡ଼ ! ତାହା ପୁଣି ବିଦ୍ୟୁତ ସଂଚାଳିତ (Electrified) ହୋଇଛି ବୋଲି ଶୁଣିଲି । କେତେକ କହିଲେ ଯେ ସାରା ପୂର୍ବ ଜର୍ମାନୀ ଏକ ବିରାଟ କଏଦୀଘର (Zail) ପରି ହୋଇଛି । ବ୍ୟକ୍ତି ସ୍ୱାଧୀନତାର ସତ୍ତା ନାହିଁ ।

ସକାଳ ୯ଟାରେ ଆମେ ପହଞ୍ଚିଲୁ ପଶ୍ଚିମ ବର୍ଲିନର ଗୋଟିଏ ଷ୍ଟେସନରେ । ସେଠାରେ ଆମେ ଓହ୍ଲାଇଲୁ । ସୌଭାଗ୍ୟକୁ ଡକ୍ଟର ଚନ୍ଦ୍ରଭଲ ତ୍ରିପାଠୀ ମଧ୍ୟ ସେଠାରେ ଆମକୁ ଅପେକ୍ଷା କରିଥିଲେ । ଅନୁମାନ କରି ଆମେ ତାଙ୍କ ପରିଚ଼ୟ ମାଗିଲୁ ଏବଂ ନିଜର ପରିଚ଼ୟ ଦେଲୁ । ପୂର୍ବ ରାତ୍ରିରେ ସେ ବହୁ ବିଳମ୍ବରେ ଘରକୁ ଫେରିଥିଲେ । ତେଣୁ ଆମ ଫୋନ୍ କିମ୍ବା ଡକ୍ଟର ଦାସଙ୍କ ଫୋନ୍ ପାଇ ପାରିନଥିଲେ । ତେବେ ଆମର ଅସୁବିଧା ହେବାର ଆଶଙ୍କା କରି ସକାଳ ୭ଟାରେ ଡକ୍ଟର ଦାସ ତାଙ୍କ ସାଥିରେ ଫୋନ କଥାବାର୍ତ୍ତା ହୋଇଥିଲେ । ସେଥିଯୋଗୁଁ ତାଙ୍କ ପକ୍ଷେ ଟ୍ରେନକୁ ଆସିବା ସମ୍ଭବ ହୋଇଥିଲା ।

ସେ ଆମ ଦୁହିଁଙ୍କୁ ନେଇ ପ୍ରଥମେ ଗୋଟିଏ ଟ୍ରାଭେଲ ଏଜେନ୍‌ସୀ (Travel Agency) ଅଫିସକୁ ନେଲେ । ସେ ଆମ ସହିତ ଏଥିପାଇଁ ପୂର୍ବରୁ ପରାମର୍ଶ କରିଥିଲେ । ସେ କହିଲେ ଯେ ଦୁଇଦିନ ପାଇଁ କୌଣସି ଗୋଟିଏ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିବେ; ତେଣୁ ଆମେ ଉଭୟ ପୂର୍ବ ଓ ପଶ୍ଚିମ ବର୍ଲିନର ଦର୍ଶନୀୟ ସ୍ଥାନ ଦେଖିବା ପାଇଁ ଗୋଟିଏ ଟୁରିଷ୍ଟି କୋଚରେ ଯିବାକୁ ଠିକ୍ କଲୁ । ଆମେ ପ୍ରତ୍ୟେକ ୪୧ ମାର୍କ ଲେଖାଁ ଦେଇ ଗୋଟିଏ ଗୋଟିଏ ଟିକେଟ୍ କିଣିଲୁ ।

ଡକ୍ଟର ତ୍ରିପାଠୀ ଆମଙ୍କୁ ନେଇ ଗୋଟିଏ ରେଷ୍ଟୁରାଣ୍ଟକୁ ଗଲେ । ସେଠାରେ ଚ଼ିଜ୍‌ଦିଆ ସ୍ୟାଣ୍ଡ ଉଇଚ଼ ଓ ପଟାଟୋ ଚିପ୍‌ସ ମାଗିଲୁ । ସ୍ୟାଣ୍ଡଉଇଚଭେଜ୍ (Vegetarian) ହେବା ଉଚିତ ବୋଲି ମଧ୍ୟ ସଂପୃକ୍ତ କ୍ୟାଣ୍ଟିନ୍ କନ୍ୟାଙ୍କୁ କହିଲୁ । ସେ ଆଣିବାରୁ ଆମେ ଚିପ୍‌ସରୁ ଖଣ୍ଡେ ଖଣ୍ଡେ ପାଟିରେ ପକାଇଲୁ । ଶୀଘ୍ର ସବୁ ଖତମ ହୋଇଗଲା । କଫି ଆଣିବା ପୂର୍ବରୁ ସୁନିଲବାବୁ ଖଣ୍ଡେ ସ୍ୟାଣ୍ଡଉଇଚ଼ ପାଟିରେ ପୂରାଇ ଦାନ୍ତେଇଛନ୍ତି । ମାଂସ (ସମ୍ଭବତଃ ପର୍କ) ତା ଭିତରେ ଥିବା ଅନୁଭବ କରି ଅଟକିଗଲେ । ମୁଁ ତ ଯାହା ଖାଇବାକୁ ବାହାରିଥିଲି, ରହିଗଲି । ଯେଉଁତକ ଖିଆ ହେଲା ସେତିକି । କଫି କପେ ଲେଖାଁ ପିଇ ଆମେ ଉଠିଲୁ । ସମ୍ଭବତଃ ଡକ୍ଟର ତ୍ରିପାଠୀ ରେଷ୍ଟୁରାଁର ଦେୟତକ ଦେଲେ ।

ଡକ୍ଟର ତ୍ରିପାଠୀଙ୍କର ସେଦିନ ଗୋଟିଏ ସେମିନାରରେ ଯୋଗ ଦେବାର ଥିଲା । ସେ ୪ଟା ବେଳେ ଆସି ଆମଙ୍କୁ ସେଠାରୁ ତାଙ୍କ ଘରକୁ ସାଥିରେ ନେଇଯିବେ ବୋଲି କହିଲେ । ଏଥି ଭିତରେ ଆମେ ଟୁରିଷ୍ଟି କୋଚରେ ଯାଇ ପୂର୍ବ ପଶ୍ଚିମ ବର୍ଲିନର ଦର୍ଶନୀୟ ସ୍ଥାନମାନ ଦେଖିସାରି ଫେରି ଆସିଥିବୁ । ସମ୍ଭବତଃ ସକାଳ ୧୦ଟାରେ ଟୁରିଷ୍ଟ କୋଚ଼ ବାହାରିବାର ଥିଲା । ଠିକ୍ ସମୟରେ କୋଚ଼ ଛାଡ଼ିଲା । ଜଣେ ଭଦ୍ରମହିଳା ଗୋଟିଏ ମାଇକ୍‌ରେ ଆମଙ୍କୁ ସ୍ୱାଗତ କରି କେତେକ ଦର୍ଶନୀୟ ସ୍ଥାନ ସଂପର୍କରେ ଜଣାଇଲେ । ପ୍ରଥମେ ସେ ବର୍ଲିନର ଅତୀତ ସଂପର୍କରେ କିଛି ସୂଚନା ଦେଲେ । ଆଠଶହ ବର୍ଷ ତଳେ

ଏହାର ଜନ୍ମ ଗୋଟିଏ ଗ୍ରାମ୍ୟ ପରିବେଶ ମଧ୍ୟରୁ । ସ୍ପ୍ରିନଦୀ ଉପରେ କୋଲନ ନାମକ ଏକ କ୍ଷୁଦ୍ରଦ୍ୱୀପ । ସେଠାରେ ଏକ ଛୋଟ ବ୍ୟବସାୟ କେନ୍ଦ୍ର ଆରମ୍ଭ ହେଲା । ସେଇ ନଦୀକୂଳରେ ବର୍ଲିନ ନାଁରେ ଆଉ ଏକ ବସତି ମଧ୍ୟ ମୁଣ୍ଡ ଟେକିଲା, କେତେବେଳେ ଏଇ ଦୁଇଟି ଅଂଚଳ ମଧ୍ୟରେ ସହଯୋଗ ତ କେତେବେଳେ ସଂଘର୍ଷ । ମନେହେଲା ବର୍ଲିନ ଦୁଇଭାଗ ହେବା ଓ ଦୁହିଁଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିବାର ପରମ୍ପରା ଖୁବ୍ ପ୍ରାଚୀନ ।

ଶେଷରେ ୧୩୦୭ରେ ଉଭୟ ଅଂଚଳ ମଧ୍ୟରେ ମିଳାମିଶା ହୋଇଥିଲା । ଉଭୟେ ଏକ ଶାସନାଧୀନ ହେବା ପାଇଁ ସ୍ଥିର କରିଥିଲେ । କ୍ରମେ ବଡ଼ ବଡ଼ ବ୍ୟବସାୟୀ ସ୍ପ୍ରିନଦୀ କୂଳରେ ନିଜର ସାମ୍ରାଜ୍ୟ ସ୍ଥାପନ କଲେ । ଶାସକ କାଇଜର ସେମାନଙ୍କୁ ସେଠାରେ ବାଣିଜ୍ୟ ବ୍ୟବସାୟ ପାଇଁ ସମସ୍ତ ସୁବିଧା ଯୋଗାଇ ଦେଲେ । ଆଇନଶୃଙ୍ଖଳା ମଧ୍ୟ ଦୃଢ଼ ହେଲା । ଶାନ୍ତି ଓ ନିରାପତ୍ତା ମିଳିଲା । ବର୍ଲିନ ଏକ ବିରାଟ ଶିଳ୍ପ ବାଣିଜ୍ୟ କେନ୍ଦ୍ର ଭାବରେ ଦ୍ରୁତଗତିରେ ଉନ୍ନତି କରିଚାଲିଲା । ୧୮ଶ ଶତାବ୍ଦୀରେ ବର୍ଲିନ ହେଲା ୟୁରୋପର ଏକ ପ୍ରଧାନ ସମୃଦ୍ଧ ନଗରୀ । କଳା, କାରୁକାର୍ଯ୍ୟ, ଶିଳ୍ପ ଶିକ୍ଷା, ବାଣିଜ୍ୟ ପ୍ରଭୃତିରେ ନଗରୀଟି ଖୁବ୍ ଉଚ୍ଚକୋଟୀକୁ ଉପନୀତ ହୋଇ ପାରିଥିଲା । ଏହାକୁ ସ୍ପ୍ରିନଦୀ କୂଳର ଏଥେନ୍ସ ବୋଲି ସମସ୍ତେ କହିଲେ ।

ସେତେବେଳକୁ ଆମ କୋଚ୍‌ଟି ପୂର୍ବ ଜର୍ମାନୀର ଚେକ୍ ପଏଣ୍ଟ (Check Point)ରେ ଠିଆ ହୋଇଛି । ସେଠାରେ ଆମର ଯାଞ୍ଚ ଚାଲିଲା ପ୍ରାୟ ଅଧଘଣ୍ଟାକରୁ ଅଧିକ ସମୟ କର୍ମଚାରୀ (ଉଭୟ ଭଦ୍ରବ୍ୟକ୍ତି ଓ ଭଦ୍ର ମହିଳା) ଆମର ମୁହଁ ସହିତ ପାସ୍‌ପୋର୍ଟର ଫଟୋକୁ ତନ୍ନ ତନ୍ନ ମିଳାଉଥାନ୍ତି । ଜଣେ କୋଚ୍ ଭିତରେ ପଶି ତଳ ଉପର, ବେଞ୍ଚତଳ, ର୍ୟାକ୍ ତଳେ କିଏ ଅଛନ୍ତି କି ନାହିଁ ଚେକ୍ କରୁଥାନ୍ତି । ସେଠାରେ ପୁଣି ଆମକୁ ୧୧ମାର୍କ ଲେଖାଁ ଦେବାକୁ ପଡିଲା ଭିସା ବାବତକୁ ।

ଏହି ସମୟ ମଧ୍ୟରେ ଆମର ପଥ ପ୍ରଦର୍ଶିକା (Guide) କହୁଥାନ୍ତି, ସ୍ପ୍ରିନଦୀ କୂଳରେ ଅବସ୍ଥିତ ଏଇ ବର୍ଲିନ ସହର ଜର୍ମାନୀର ବୃହତ୍ତମ ନଗରୀ । ବିଭିନ୍ନ ରୂପ,ଗନ୍ଧ ଓ ଶବ୍ଦରେ ଏହା ଯେପରି ବୈଚିତ୍ର୍ୟମୟୀ, ସେପରି ରହସ୍ୟମୟୀ । ସତରେ ମୃତ୍ୟୁରୁ ତାର ଜନ୍ମ, ଧ୍ୱଂସରୁ ତାର ସୃଷ୍ଟି, ବିଭୀଷିକା ମଧ୍ୟରେ ଏହାର ଆନନ୍ଦ ଉଲ୍ଲାସର ଉଚ୍ଛ୍ୱାସ !

ଦ୍ୱିତୀୟ ମହାଯୁଦ୍ଧର ଭଗ୍ନାବଶେଷରୁ ଏହି ନଗରୀ ଗଢ଼ି ଉଠିଛି ନୂଆ ରୂପ ବୈଭବ, ନୂଆ ଐଶ୍ୱର୍ଯ୍ୟ ନେଇ । ଏବେ ବି ତାର ମୂକସାକ୍ଷୀ ରହିଛି ଧ୍ୱସ୍ତ ଗୀର୍ଜା, ପ୍ରାସାଦ ଓ ପୋଲ ରୂପରେ । ସଂପୂର୍ଣ୍ଣ ନଗ୍ନତା, ଶୂନ୍ୟତା ଓ ନିଃସ୍ୱତା ମଧ୍ୟରୁ ଆଜି ମହାନଗରୀ ପ୍ରାଚୁର୍ଯ୍ୟ, ସୌନ୍ଦର୍ଯ୍ୟ ଓ ସମୃଦ୍ଧିର ଗନ୍ତଘର ଖୋଲି ଦେଇଛି । ଏହାର ପୃଷ୍ଠଭୂମିରେ ରହିଛି ଜର୍ମାନୀ

ଜାତିର ଅସାମାନ୍ୟ ପୌରୁଷ, ପରାକାଷ୍ଠା ଓ କର୍ମନିଷ୍ଠା ! ଯେଉଁ ନଗରୀ ଦିନେ ମୃତ୍ୟୁ ଓ ଯନ୍ତ୍ରଣାର ଆର୍ତ୍ତଚିତ୍କାର କରୁଥିଲା, ଆଜି ସେଠାରେ ସଂଗୀତ ଓ ହାସ୍ୟର ହିଲ୍ଲୋଳ ଖେଳିଯାଉଛି । ସର୍ବତ୍ର ଗୀତବାଦ୍ୟ, ନୃତ୍ୟାଭିନୟ, ଚିତ୍ରାଙ୍କନ, ରୂପରସ ପ୍ରଭୃତିର ବର୍ଣ୍ଣାଢ଼୍ୟ ବିଚିତ୍ରା । ସହସ୍ର ସର୍ବସାଧାରଣ ଚିତ୍ତବିନୋଦନ କେନ୍ଦ୍ର, ବିବାହର ରଙ୍ଗମଞ୍ଚ, ନୃତ୍ୟଶାଳା, ଚଳଚ୍ଚିତ୍ର କେନ୍ଦ୍ର, ବିପଣୀ ବୀଥିକାରେ ଚତୁର୍ଦ୍ଦିଗ ରସୋତ୍ତୀର୍ଣ୍ଣ !

ଅନନ୍ତ ଅହମିକା ଓ ଉଚ୍ଚାକାଂକ୍ଷାର ବଶବର୍ତ୍ତୀ ହୋଇ ହିଟଲର୍ କ୍ଷମତାକୁ ଆସିଲେ ଏବଂ ବିଶ୍ୱବ୍ୟାପୀ ଆର୍ଯ୍ୟ ଜର୍ମାନ ଜାତିର ପ୍ରଭୁତ୍ୱ ବିସ୍ତାର ଲାଳସାରେ ସମଗ୍ର ଦେଶକୁ ମରୀଚିକା ଗ୍ରସ୍ତ କରାଇଥିଲେ । ବିସମାର୍କ ଜର୍ମାନୀ ଜାତିକୁ ଏକତାବଦ୍ଧ କରି କଳାକାରୁକାର୍ଯ୍ୟର କେନ୍ଦ୍ରପୀଠ ରୂପେ ଗଢ଼ି ଥିଲେ ଏହି ବର୍ଲିନ ନଗରୀ । ମାତ୍ର ହିଟଲର ଏହାକୁ ଧ୍ୱଂସପଥରେ ଟାଣିନେଲେ ।

ଚେକ୍ ପଏଣ୍ଟର ଚେକ୍ କାର୍ଯ୍ୟ ବିଳମ୍ବିତ ହେବାରୁ ମୁଁ ମୋ ପାଖରେ ଥିବା ଗୋଟିଏ ଗାଇଡି ବହିର ପୃଷ୍ଠା ଲେଉଟାଇଲି । ୧୯୧୪-୧୮ରେ ପ୍ରଳୟଙ୍କରୀ ପ୍ରଥମ ମହାସମରରେ ବର୍ଲିନୀବାସୀମାନେ ଖୁବ୍ ଅତ୍ୟାଚାରିତ ହୋଇଥିଲେ । ଖାଦ୍ୟାଭାବ, ଆଗ୍ନେୟାସ୍ତ୍ରର ଆଘାତ, ବ୍ୟବହାର୍ଯ୍ୟ ସାମଗ୍ରୀର ବିକଟ ଦୁର୍ମୂଲ୍ୟତା, ବିପଦର ଆଶଙ୍କା ପ୍ରଭୃତିର ଶିକାର ହୋଇ ସେମାନେ ଭୀଷଣ ଭାବରେ ସନ୍ତପ୍ତହୋଇଥିଲେ । ମହାଯୁଦ୍ଧରେ ପରାଜିତ ହୋଇ ଦେଶର ସମ୍ରାଟ ହଲାଣ୍ଡକୁ ପଳାୟନ କରିଥିଲେ । ପୁଣି ୧୯୨୦ ମସିହା ବେଳକୁ ବର୍ଲିନ ଏକ ବିରାଟ ସମୃଦ୍ଧ ନଗରୀ ଭାବରେ ସୁପ୍ରତିଷ୍ଠିତ ହୋଇଥିଲା । ୮ଟି ସ୍ୱାଧୀନ ସହର, ୫୯ଟି ଗ୍ରାମ ଓ ୨୭ଟି ଅଂଚଳକୁ ନେଇ ବର୍ଲିନ ମହାନଗରୀ ଆତ୍ମପ୍ରକାଶ କରିଥିଲା । ବୃହତ୍ତମ ବର୍ଲିନ ସେତେବେଳେ ୨୦ଟି ଜିଲ୍ଲାରେ ବିଭକ୍ତ ହୋଇଥିଲା, ଯାହା ଆଜି ପର୍ଯ୍ୟନ୍ତ ସେମିତି ରହିଛି । କ୍ରମେ ଏହା ସମୃଦ୍ଧ ଓ ସୁଦୃଢ଼ ନଗରୀ ଭାବରେ ସମଗ୍ର ବିଶ୍ୱରେ ବିଖ୍ୟାତ ହେଲା ।

୧୯୩୦ ମସିହା ପରେ ପୁଣି ବର୍ଲିନ ଉପରେ ଆର୍ଥିକ ଓ ରାଜନୈତିକ ସଂକଟ ଘନେଇ ଆସିଲା । ଭୟଙ୍କର ମୁଦ୍ରାସ୍ଫିତି ଓ ବେକାରିବୃଦ୍ଧିରେ ହିଂସାତ୍ମକ ଆନ୍ଦୋଳନ, ହରତାଳ ପ୍ରଭୃତି ଚାଲିଲା । ଏ ସବୁ ଘଟଣା ହିଟଲରଙ୍କ ଏକଛତ୍ରବାଦ ଆଡକୁ ବାଟ କଢ଼ାଇନେଲା । ୧୯୩୩ରୁ ୧୯୪୫ ମସିହା ମଧ୍ୟରେ ବର୍ଲିନ ଉପରେ ପୁଣି କୃଷ୍ଣବାଦଲ ଘନେଇ ଆସିଲା । ଅତ୍ୟାଚାର ଓ ଅପମାନର ସ୍ରୋତ ବହିଲା । ଗଣତନ୍ତ୍ର ଓ ସମାଜବାଦ ଜର୍ମାନୀରେ ମୃତ୍ୟୁବରଣ କଲା ।

ଦୀର୍ଘ ୧୨ବର୍ଷ ଧରି ଦୁର୍ନୀତି ଓ ଦୁରାଚାର ଜର୍ମାନ ଜାତିକୁ ବିପର୍ଯ୍ୟସ୍ତ କଲା । ଶେଷରେ ଦ୍ୱିତୀୟ ମହାସମର ଯୋଗୁଁ ସମଗ୍ର ଦେଶରେ ଧ୍ୱଂସଲୀଳାର ଏକ ନାରକୀୟ ନାଟକ ଅଭିନୀତ ହେଲା । ଲକ୍ଷ ଲକ୍ଷ ଲୋକ ମୃତ୍ୟୁ ମୁଖରେ ପଡିଲେ । କୋଟି କୋଟି ଲୋକ ଆହତ ହେଲେ । ଚତୁର୍ଦ୍ଦିଗରେ ଗୀର୍ଜା, ଅଟ୍ଟାଳିକାର ଭଗ୍ନାଂଶ ଗଦାହୋଇ ପଡିଲା । ସାରା ଜର୍ମାନୀରେ ପ୍ରବଳ ବୋମାମାଡ଼ ଫଳରେ ଯେତିକି ଭାଙ୍ଗିଥିଲା, ଏକା ବର୍ଲିନରେ ତାର ଛଅଭାଗରୁ ଏକଭାଗ ହୋଇଥିଲା । ପୁନଃ ନିର୍ମାଣ ପରେ ମଧ୍ୟ ଭଗ୍ନାବଶେଷଗୁଡ଼ିକ ସମୃଦ୍ଧ ବର୍ଲିନ ନଗରୀର ଅପୂର୍ବ ସୌନ୍ଦର୍ଯ୍ୟ ମଧ୍ୟରେ ମୁଣ୍ଡଟେକି ସେଇ ଦୁଃସମୟର ମୂକସାକ୍ଷୀ ହୋଇଛି । ଏଥି ମଧ୍ୟରେ ବର୍ଲିନର କେନ୍ଦ୍ରସ୍ଥଳ ଶୌର୍ଯ୍ୟ ସଂପଦ ଓ ଶ୍ରୀର ଅପ୍ସରାଭୁବନ କୁର୍ଫଷ୍ଟେନ ଡମଠାରେ କାଇଜର ପ୍ରଥମ ଉଇନ ହେଇମଙ୍କ ପ୍ରକାଣ୍ଡ ଗୀର୍ଜାର ଧ୍ୱଂସାବଶେଷ ଦ୍ୱିତୀୟ ବିଶ୍ୱଯୁଦ୍ଧର କରାଳ ପ୍ରଳୟ କାଣ୍ଡର ଏକ ସ୍ମୃତିସ୍ତମ୍ଭ ଭାବରେ ଦଣ୍ଡାୟମାନ !

ପୂର୍ବ ବର୍ଲିନର ଘମାଘୋଟ ତନଖି ପର୍ବ ସରିଲା ପରେ ଆମର କୋଚ୍‌ଟି ଆଗେଇ ଚାଲିଲା ମନରେ ପ୍ରବଳ ଉତ୍କଣ୍ଠା ବର୍ଲିନର ସମସ୍ତ ଦର୍ଶନୀୟ ସ୍ଥାନକୁ ଥରେ ଲେଖାଁ ଆଖିପୂରାଇ ଦେଖିଦେବାକୁ । କିନ୍ତୁ ଏମିତି ପ୍ରାଥମିକ ପ୍ରତିବନ୍ଧକ ହୃଦୟର ଆବେଗ ଆଉ ଉଦ୍‌ବେଗକୁ ବହୁ ଗୁଣିତ କରିବାରେ ଲାଗିଲା । ଆମ ସମ୍ମୁଖରେ ସୌନ୍ଦର୍ଯ୍ୟ ଓ ଐଶ୍ୱର୍ଯ୍ୟର ଅନନ୍ତ ଭଣ୍ଡାର ଯେମିତି ମୁକ୍ତ ହୋଇ ରହିଛି । ଅଥଚ କୃତ୍ରିମ ପ୍ରାଚୀର, ମଣିଷ ମନର ସନ୍ଦେହ, ଅବିଶ୍ୱାସ ଓ ଅସୂୟାର ଅବାଞ୍ଛନୀୟ ବାଧା ବନ୍ଧନ !!

□□□

# ଅଧ୍ୟାୟ-୨୩

## ବର୍ଲିନର ସାଂସ୍କୃତିକ ପରମ୍ପରା

ପ୍ରାଚୀନ ବର୍ଲିନର ସାଂସ୍କୃତିକ ପରମ୍ପରା ଥିଲା ଖୁବ୍ ଉନ୍ନତ । ସେହି ପରମ୍ପରାର ପୁନଃଜାଗରଣ ଉଦ୍ଦେଶ୍ୟରେ ଯେତେବେଳେ ବହୁମୁଖୀ ଓ ବ୍ୟାପକ ଉଦ୍ୟମ ହେଲା, ସେତେବେଳେ ଏହି ନଗରୀର ଆଭିଜାତ୍ୟସମ୍ପନ୍ନ ଅଞ୍ଚଳ କେମ୍ପର ପ୍ଲାଜା ଅତି ଉଚ୍ଚକୋଟୀର ସାରସ୍ୱତ, ଶୈକ୍ଷିକ, ସାଙ୍ଗୀତିକ ଓ କଳାତ୍ମକ ବିଭୂତିରେ ମହିମାନ୍ୱିତ ହୋଇଥିଲା । ତା ମଧ୍ୟରେ ପ୍ରସିଦ୍ଧ ପ୍ରୁସିୟାନ୍ ପୁସ୍ତକାଳୟ ଓ ଲବ୍ଧପ୍ରତିଷ୍ଠ ଶିଳ୍ପୀ ହାଂସ ସାରୁନ୍‌ଙ୍କ ପରିକଳ୍ପିତ ଫିଲ୍‌ହାରମୋନିକ୍ ହଲ୍ ନିର୍ମିତ ହୋଇଛି ।

ଅନେକଙ୍କ ମତରେ ଏହି ଫିଲ୍‌ହାରମୋନିକ ପ୍ରାସାଦ ଆଧୁନିକ ବିଶ୍ୱରେ ସୁନ୍ଦରତମ । ଏହା ଗ୍ରୀକ୍ ଶୈଳୀରେ ନିର୍ମିତ ଏବଂ ଏହାର ମଧ୍ୟ ଭାଗରେ ଅର୍କେଷ୍ଟ୍ରା ଅନୁଷ୍ଠିତ ହେଲାବେଳେ ଚଉଦିଗରେ ଶ୍ରୋତାମାନେ ବସି ଏହାର ସଙ୍ଗୀତ ଓ ବାଦ୍ୟନାଦକୁ ଉପଭୋଗ କରନ୍ତି । ଏକ ସମୟରେ ଏଠାରେ ସାଢ଼େ ଦୁଇ ହଜାର ଶ୍ରୋତା ବସିବାର ସୁବିଧା ଅଛି ।

ଏଠାରୁ ଅଳ୍ପ ଦୂରରେ ନୂତନ ବିର୍ଲିନ ଜାତୀୟ ଗ୍ୟାଲେରୀ, ୧୯୬୮ରୁ ପ୍ରତିଷ୍ଠିତ । ଏଠାରେ ୫୫୦ଟି ଚିତ୍ର ଓ ଭାସ୍କର୍ଯ୍ୟ ରହିଛି । ଏଠାର ଭୂତଳ ମହଲା (Under ground)ରେ ଏକ ସ୍ଥାୟୀ ପ୍ରଦର୍ଶନୀର ବ୍ୟବସ୍ଥା ହୋଇଛି । ଏହି ଦୁଇଟି ଦର୍ଶନୀୟ ସ୍ଥାନ ମଧ୍ୟରେ ଦେଖାଯାଏ ୧୯୪୫ ପୂର୍ବର ରାଜଧାନୀ ଏବଂ ଏଠାରେ ହିଟଲରଙ୍କ ବସତି ରୂପେ ବ୍ୟବହୃତ ହୋଇଥିବା ଅଟ୍ଟାଳିକା ଗୁଡିକର ଧ୍ୱଂସାବଶେଷ । ଏହି ସ୍ଥାନରେ ହିଟଲର ଓ ତାଙ୍କ ପ୍ରେମିକା ଇଭାବ୍ରାଉନ୍ ଆତ୍ମହତ୍ୟା କରିଥିଲେ । ଏହା ଏକ ବିରାଟ ସ୍ତୁପରେ ପରିଣତ ହୋଇଛି ।

ଏହି ସ୍ଥାନର ସମ୍ମୁଖ ଭାଗରେ ଦେଖାଯାଏ ପୂର୍ବବର୍ଲିନର ଆଧୁନିକ ଟେଲିଭିଜନ ସ୍ତମ୍ଭ (Tower) । ଏହାର ଉଚ୍ଚତା ୧୧୮୫ ଫୁଟ ଏବଂ ଏହା ପ୍ୟାରିସର ପ୍ରସିଦ୍ଧ ଏଇଫେଲ ଟାୱାରଠାରୁ ଉଚ୍ଚତର । ଏହା ଉପରେ ଥିବା ଘୂର୍ଣ୍ଣୟମାନ ଭୋଜନାଳୟ ଘଣ୍ଟାକୁ ଘେରାଏ ଘୂରିଥାଏ । ଏଠାରେ ଆଉ ଏକ ଦର୍ଶନୀୟ ସ୍ଥାନ ହେ୍ଲା ବ୍ରାଣ୍ଡେନବର୍ଗ ଫାଟକ । ଏହା ଦ୍ୱିତୀୟ ମହାଯୁଦ୍ଧରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଥିଲେ ହେଁ ୧୯୫୮ ମସିହାରେ ଏହା ପୁନଃ ନିର୍ମିତ ହୋଇଥିଲା । ଏହାର ନବରୂପ ଏବେ ସବୁରି ଦୃଷ୍ଟି ଆକର୍ଷଣ କରେ । ଏଠାକୁ ଲାଗିଥିବା ଅଞ୍ଚଳ ବ୍ରିଟିଶ ସରକାରଙ୍କ ଅଧୀନରେ । ଏହାରି ଭିତରେ ପୁଣି ଦଣ୍ଡାୟମାନ ଏକ ସୁନ୍ଦର

ଯୁଦ୍ଧ-ସ୍ମାରକୀ (War Memorial) । ଏଠାରେ ୧୯୭୦ ମସିହାରେ ଜଣେ ପଶ୍ଚିମ ବର୍ଲିନବାସୀ ପ୍ରହରୀ ସୋଭିଏତ ଋଷ ତରଫରୁ ପ୍ରହରୀ କାର୍ଯ୍ୟ କରୁଥିବା ଜଣେ ସୋଭିଏତ ସୈନିକକୁ ହତ୍ୟା କରିବାକୁ ଉଦ୍ୟମ କରିଥିଲେ । ସେଦିନ ଠାରୁ ଏଠାରେ ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରାଯାଇଛି । ପଶ୍ଚିମ ବର୍ଲିନ ପୋଲିସ ବାଡ଼ଘେରା ଅଞ୍ଚଳକୁ ଜଗନ୍ତି । ଜଣେ ବ୍ରିଟିଶ ମିଲିଟାରୀ ପୋଲିସ ଓ ଦୁଇଜଣ ଋଷ ସୈନିକ ଏହି ସ୍ମାରକୀକୁ ଜଗି ରହନ୍ତି ।

ଦ୍ୱିତୀୟ ମହାଯୁଦ୍ଧ ପରେ ଏହି ସମର ସ୍ମାରକୀ ପ୍ରଥମେ ନିର୍ମିତ ହୋଇଥିଲା । ମିତ୍ର ରାଷ୍ଟ୍ରମାନେ ବର୍ଲିନ ଦଖଲ କରିବା ପୂର୍ବରୁ ସୋଭିଏତ ଋଷ ଏଠାରେ ଏହି ସ୍ମାରକୀଟିକୁ ନିର୍ମାଣ କରିଥିଲା । ବଡ଼ କୌତୁହଳର ବିଷୟ ଏହି ଯେ ହିଟଲରଙ୍କ ବସତି ରୂପେ ବ୍ୟବହୃତ ହେଉଥିବା ପ୍ରାସାଦକୁ ଭାଙ୍ଗି ତାର ଇଟା ପଥରରେ ଏହାକୁ ନିର୍ମାଣ କରାଯାଇଥିଲ । ଏହି ସ୍ମାରକୀ ବ୍ରାଣ୍ଡେନବର୍ଗ ଓ ରେଚଷ୍ଟାଗ (ଜର୍ମାନ ପାର୍ଲମେଣ୍ଟ) ମଧ୍ୟରେ ପ୍ରତିଷ୍ଠିତା ୨୦ ଜଣ ସୋଭିଏତ ସୈନ୍ୟ ଏଠାରେ ପାଳିକରି ଜଗି ରହନ୍ତି ।

ରେଚଷ୍ଟାଗର ଠିକ୍ ପଛ ପଟୁ ବର୍ଲିନ ପ୍ରାଚୀର ନିର୍ମିତ ହୋଇଛି । ପୂର୍ବ ଓ ପଶ୍ଚିମ ବର୍ଲିନ ମଧ୍ୟରେ ୭୨ ମାଇଲ ଲମ୍ବର ପ୍ରାଚୀର ଏବେ ଦଣ୍ଡାୟମାନ । ପୂର୍ବ ଜର୍ମାନୀର ହଜାର ହଜାର ସୈନ୍ୟ ଏହି ଦୀର୍ଘ ସୀମାକୁ ଜଗି ରହନ୍ତି । କୌଣସି ବ୍ୟକ୍ତି ବିନାନୁମତିରେ ଏହି ସୀମା ଅତିକ୍ରମ କରିବାକୁ ଉଦ୍ୟମ କଲେ ଏହି ପ୍ରହରୀ ସୈନ୍ୟମାନେ ନିର୍ବିଚାରରେ ତାକୁ ହତ୍ୟା କରିବାକୁ କ୍ଷମତା ପାଇଛନ୍ତି । ଥରେ ଏଠରେ ବହିଯାଉଥିବା ପୂର୍ବ ଜର୍ମାନୀ ଅଧୀନସ୍ଥ ସ୍ପ୍ରି ନଦୀ ଅତିକ୍ରମ କରି ପଶ୍ଚିମ ଜର୍ମାନୀକୁ ପଳାଇବାକୁ ଉଦ୍ୟମ କରୁଥିବା ଦଳେ ଲୋକଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଥିଲା । ଏହାର ଏକ ସ୍ମାରକୀ ସ୍ଥାପିତ ହୋଇଛି । ଏହି ଦଳରେ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା ଥିଲା ୭୦ । ଗୁଳି ମାଡ଼ରେ ଏଥିରୁ ୫୪ ଜଣଙ୍କୁ ଓ ଅନ୍ୟ ଉପାୟରେ ବାକୀ ୧୬ ଜଣଙ୍କୁ ମାରି ଦିଆଯାଇଥିଲା ।

ଏହି ପ୍ରାଚୀର ନିର୍ମାଣର ମୁଖ୍ୟ କାରଣ କ'ଣ ? ଏକଥା ପଚାରିବାରୁ ଆମର ଦିଗ୍‌ଦର୍ଶକ (ଗାଇଡ୍) କହିଲେ ଯେ ଆଗେ ବହୁ ସଂଖ୍ୟକ ଲୋକ ପଶ୍ଚିମ ଜର୍ମାନୀକୁ ପଳାଇ ଯାଉଥିଲେ । ଆର୍ଥିକ ଅନଟନ ଓ ସ୍ୱାଧୀନତାରେ ଅତିରିକ୍ତ ନିୟନ୍ତ୍ରଣ ଏହାର କାରଣ । ପ୍ରଥମେ ଜର୍ମାନୀର ଦୁଇ ଅଞ୍ଚଳ ମଧ୍ୟରେ ଗମନାଗମନରେ ସ୍ୱାଧୀନତା ଥିଲା । ଏଥିପାଇଁ ମିତ୍ର ରାଷ୍ଟ୍ରଗୁଡିକ ମଧ୍ୟରେ ବୁଝାମଣା ହୋଇଥିଲା । କିନ୍ତୁ କ୍ରମେ ପ୍ରତିଦିନ ଶହ ଶହ ସଂଖ୍ୟାରେ ପଳାତକମାନେ ପୂର୍ବରୁ ପଶ୍ଚିମ ଜର୍ମାନୀକୁ ପ୍ରବେଶ କରିବାକୁ ଲାଗିଲେ । ପ୍ରାଚୀର ନିର୍ମାଣ ପୂର୍ବରୁ ଦିନେ ଦିନେ ଦୁଇ ହଜାରରୁ ଅଧିକଲୋକ ପୂର୍ବରୁ ପଶ୍ଚିମ ବର୍ଲିନକୁ ଚାଲି ଯାଉଥିଲେ ।

ମହାଯୁଦ୍ଧ ପରେ ୧୯୬୧ ମସିହା ଅଗଷ୍ଟ ୧୩ ସୁଦ୍ଧା ଏମିତି ପୂର୍ବ ଜର୍ମାନୀର ଏକ ଷଷ୍ଠାଂଶ ଲୋକ ଆସିଥିଲେ । ପ୍ରାୟ ୧୫ ଲକ୍ଷ ଲୋକ କେବଳ ପଶ୍ଚିମ ବର୍ଲିନକୁ ପଳାଇ ଆସିଲେ ।

ଆମେ ସେଦିନ ପୂର୍ବ ଜର୍ମାନୀର କୋଚରେ ପର୍ଯ୍ୟଟନ କରୁଥିଲୁ । ଆମଙ୍କୁ ଦିଗଦର୍ଶନ ଦେଉଥିବା ଭଦ୍ରଲୋକଙ୍କୁ ପଚାରିବାରୁ ସେ କହିଲେ-ପୁଞ୍ଜିପତି ରାଷ୍ଟ୍ରମାନେ ଆମର ରାଜନୈତିକ ଓ ଅର୍ଥନୈତିକ ଅବସ୍ଥାକୁ ବିପର୍ଯ୍ୟସ୍ତ କରିଦେଲେ । Smuggling ଚାଲିଲା । Brain drain ହେଲା । ତେଣୁ ଏଥିରୁ ଲୋକଙ୍କୁ ରକ୍ଷା କରିବା ପାଇଁ ଏହି ପ୍ରାଚୀର ନିର୍ମାଣ କରାଗଲା ।

ରେଚଷ୍ଟାଗ୍ ପାଖକୁ ଠିଆ ହୋଇଛି ଏକ ଅଭିନବ ଗଠନ ଭଙ୍ଗୀରେ କଂଗ୍ରେସ ବାଲା ଗୋଟିଏ ପାର୍ଶ୍ୱରୁ ଦେଖିଲେ ଜଣେ ବର୍ଲିନବାସୀର ବୃହତ୍ ମୁଖ (Bigmouth of a Berliner) ପରି ଦେଖାଯାଏ । ଏବେ ଅନେକେ ତାକୁ ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଜିମିକାର୍ଟରଙ୍କ ସ୍ମିତହାସ୍ୟ (Jimmy Carter's Smile) ବୋଲି କହନ୍ତି । ସଭା ସମ୍ମେଳନ ପାଇଁ ଏଠାରେ ଏକ ବିରାଟ ପ୍ରେକ୍ଷାଳୟ ରହିଛି । ଏହି ଗୃହରେ ପ୍ରାୟ ଦେଢ଼ ହଜାର ଦର୍ଶକ ବସିପାରିବେ । ଏଠାରେ ଏକ ଯନ୍ତ୍ର ସ୍ଥାପିତ ହୋଇଛି ଯାହା ସାହାଯ୍ୟରେ ସଭାର ଆଲୋଚନା ଓ ଭାଷଣ ଗୋଟିଏ ଭାଷାରୁ ୫ଟି ଭାଷାରେ ଅନୂଦିତ ହୋଇପାରେ । ଏଠାରେ ମଧ୍ୟ ଗୋଟିଏ ଭୋଜନାଳୟ, ଥିଏଟର ଓ ଅନେକ କ୍ଷୁଦ୍ର ସଭାଗୃହ ରହିଛି । ତେଣୁ ବହୁ ଶ୍ରେଣୀର ବ୍ୟକ୍ତି ଓ ଅନୁଷ୍ଠାନ ଏଠାରେ ଜାତୀୟ ଓ ଆନ୍ତର୍ଜାତୀୟ ସଭାସମିତିମାନ ଆୟୋଜନ କରିଥାନ୍ତି ।

ଏହି କଂଗ୍ରେସ ହଲ ଆଗରେ ପ୍ରସ୍ତର ନିର୍ମିତ ବହୁ କଳା ଭାସ୍କର୍ଯ୍ୟର କାରୁକାର୍ଯ୍ୟ ପ୍ରଦର୍ଶିତ ହୋଇଛି । ୧୯୬୦ ମସିହାରେ ୟୁରୋପୀୟ ସ୍ଥପତି ଓ ଭାସ୍କରମାନଙ୍କ ଆଲୋଚନା ଚକ୍ର ଅବସରରେ ବହୁ କଳାକୃତି ଏଠାରେ ପ୍ରଦର୍ଶିତ ହୋଇଥିଲା । ସେଗୁଡିକରୁ କେତେକ ଏବେ ବି ପ୍ରଦର୍ଶିତ ହୋଇଛି ।

କଂଗ୍ରେସ ଦଳର ଭୋଜନାଳୟରୁ ଚାହିଁଲେ ସ୍ପ୍ରିନଦୀ ଦୃଷ୍ଟି ଗୋଚର ହୁଏ । ଏହା ପାଖରେ ସୁନ୍ଦର ପାର୍କଟିଏ । ତା ମଧ୍ୟରେ ପ୍ରସିଦ୍ଧ ବେଲଭ୍ୟୁ ପ୍ରାସାଦ (Belvue Palace)ଯାହାକୁ ସମ୍ରାଟ ଫ୍ରେଡ଼େରିକ ତାଙ୍କ ଭାଇ ଫର୍ଡିନାଣ୍ଡକୁ ସ୍ନେହ-ଉପହାର ଦେଇଥିଲେ । ଦ୍ୱିତୀୟ ମହାଯୁଦ୍ଧରେ ଏହାର ବହୁ କ୍ଷୟକ୍ଷତି ହୋଇଥିଲେ ସୁଦ୍ଧା ୧୯୫୯ରେ ପୁନଃ ନିର୍ମିତ ହୋଇ ପ୍ରଥମ ଫେଡେରାଲ ପ୍ରେସିଡେଣ୍ଟ ଥିଓଡର ହିଉସଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସେହିଦିନ ଠାରୁ ଏହି ପ୍ରାସାଦ ପ୍ରେସିଡେଣ୍ଟଙ୍କ ବାସସ୍ଥାନ ରୂପେ ବ୍ୟବହୃତ ହୋଇ ଆସୁଛି ।

ଏହାର ସମ୍ମୁଖରେ ଠିଆ ହୋଇଛି ବିଜୟ ସ୍ତମ୍ଭ (Victory Column) ଯାହା ୧୮୬୪, ୧୮୬୬ ଓ ୧୮୭୧ ରେ ସଂଘଟିତ ଯୁଦ୍ଧରେ ବିଜୟଲାଭ କରିଥିବା ଉପଲକ୍ଷେ ନିର୍ମିତ । ଏହାର ଉଚ୍ଚତା ୨୧୦ଫୁଟ ଏବଂ ସବା ଉପର ସ୍ୱର୍ଣ୍ଣ ଭିକ୍ଟୋରିକ୍ ଦଣ୍ଡାୟମାନ । ଏହି ନାରୀ ମୂର୍ତ୍ତିର ଓଜନ ୭୮ ହଜାର ପାଉଣ୍ଡ । ଏବଂ ଅଳ୍ପ ଫିଜ୍ ଦେଇ ଦର୍ଶକ ଏହି ସ୍ତମ୍ଭ ଉପରକୁ ଯାଇ ବର୍ଲିନ ନଗରୀକୁ ଦେଖିବାର ସୌଭାଗ୍ୟ ଲାଭ କରନ୍ତି । ୨୮୫ଟି ପାହାଚ ଉପରେ ଚଢ଼ି ଏହି ମୂର୍ତ୍ତି ପାଖରେ ପହଞ୍ଚିବାକୁ ପଡେ । ସେହିସବୁ ଯୁଦ୍ଧରେ ଲୁଟ୍ କରାଯାଇଥିବା ମାଲ୍‌ରେ ଏହା ନିର୍ମିତ ବୋଲି କେତେକଙ୍କର ମତ ।

ଏଠାରେ ମଧ୍ୟ ଜର୍ମାନୀର ତିନିଜଣ ବିଶିଷ୍ଟ ଜନନାୟକଙ୍କ ପ୍ରତିମୂର୍ତ୍ତି ଦେଖିବାକୁ ମିଳେ । ସେଥିରୁ ଜଣେ ହେଲେ ମୋଲଟକ ଯେ ଥିଲେ ବହୁ ଯୁଦ୍ଧର ସଫଳ ସେନାନାୟକ । ଆଉ ଜଣେ ହେଲେ ରାଷ୍ଟ୍ରମୁଖ୍ୟ ବିସମାର୍କ, ଯେ ଜର୍ମାନୀକୁ ଏକତାବଦ୍ଧ କରିଥିଲେ, ତୃତୀୟ ଜଣଙ୍କ ହେଲେ ଭଲରୁନ୍ ତତ୍କାଳୀନ ସୁଦକ୍ଷ ଯୁଦ୍ଧମନ୍ତ୍ରୀ ।

ଜର୍ମାନୀମାନେ କର୍ମନିଷ୍ଠ ହେଲେ ହେଁ ଖୁବ୍ ହାସ୍ୟରସପ୍ରିୟ । ସେମାନେ ନିଜର କର୍ମକ୍ଲାନ୍ତ ଜୀବନ ମଧ୍ୟରେ ବ୍ୟଙ୍ଗ ପରିହାସ କରି ଆମୋଦ ଅନୁଭବ କରିଥାନ୍ତି । ଆମ କୋଚରେ ଯାଉଥିବା ଗାଇଡ ସେମିତି କେତେକ ମଉଜିଆ କଥା ଆରମ୍ଭ କଲେ । ସେ କହିଲେ ଥରେ ପଞ୍ଚାଏ ଭାଇଭଉଣୀ କଥାବାର୍ତ୍ତା ହେଲେ-'ଆମର ବାପା ଜେଲ୍‌ରୁ ଫେରି ଯେତେବେଳେ ଦେଖିବେ ଯେ ଆମର ସଂଖ୍ୟା ଏମିତି ବଢ଼ିଯାଇଛି, ସେ ଖୁବ୍ ଖୁସିହେବେ । ନାହିଁ କି ?'

ସେମିତି ସେ କହିଲେ ଜଣେ ପୂର୍ବ ବର୍ଲିନ ସୈନ୍ୟ ତାଙ୍କର ଜଣେ ସହକର୍ମୀଙ୍କୁ ପଚାରିଲେ 'ଯଦି ଚେକ୍‌ପଏଣ୍ଟ (ଦୁଇବିର୍ଲିନ ମଧ୍ୟରେ ଲୋକଙ୍କୁ ଚେକ୍ ବା ନିୟନ୍ତ୍ରଣ କରିବା ସ୍ଥାନ) ଖୋଲି ଦିଆଯାଏ,ତେବେ ତୁମେ କ'ଣ କରିବ ?' ସହକର୍ମୀ ହଠାତ୍ ଉତ୍ତର ଦେଲେ, 'ମୁଁ ଦଳାଚକଟା ଭୟରେ ଆଗେ ଗୋଟିଏ ପାଖରେ ଥିବା ଗଛ ଉପରକୁ ଚଢ଼ିଯିବି ।'

ଗାଇଡ ପୁଣି କହିଲେ-ଥରେ ଦୁଇଜଣ ଲୋକ ରାସ୍ତାରେ ଦେଖା ହେଲେ । ଜଣେ ଅନ୍ୟଜଣଙ୍କୁ ପଚାରିଲେ-'ଆଜି ଖୁବ୍ ଭଲ ପାଗ ! ନୁହେଁ କି ?'ଆଉ ଜଣେ ଉତ୍ତର ଦେଲେ-'ତୁମେ ମୋତେ କ'ଣ ଜେରା କରିବାକୁ ଯାଉଛ କି ?' ଏମିତି ଅନେକ ଲଘୁହାସ୍ୟ ପରିହାସ ମଧ୍ୟରେ ବର୍ଲିନବାସୀମାନେ ଜୀବନକୁ ସରସ ସୁନ୍ଦର କରିତୋଳନ୍ତି ।

ହିଟଲରଙ୍କ ୧୨ ବର୍ଷର ଏକଛତ୍ର ଶାସନ କାଳରେ୧୮୦୦ ଲୋକଙ୍କୁ ହତ୍ୟା କରାଯାଇଥିଲା । ଧର୍ମ, ରାଜନୀତି ଜାତି ଓ ବର୍ଣ୍ଣ ଭେଦରେ ଏହି ଦଣ୍ଡ ସେମାନଙ୍କୁ

ଦିଆଯାଇଥିଲା । ସେଠାରେ ଗୋଟିଏ ଦୁଇ ବଖରିଆ ଘର । ସେଥିରୁ ଗୋଟିକରେ ଫାଶି ଦେବା ପୂର୍ବରୁ ପ୍ରସ୍ତୁତ କରାଯାଉଥିଲା । ଆଉ ଗୋଟିକରେ ଆସାମୀକୁ ଫାଶି ଦିଆଯାଉଥିଲା । ବର୍ଲିନବାସୀମାନେ ଏଠାରେ ଗୋଟିଏ ସ୍ମୃତି-ପ୍ରସ୍ତର ସ୍ଥାପନ କରିଛନ୍ତି । ଏହା ଉପରେ ଲେଖା ଯାଇଛି, ୧୯୩୩ରୁ ୧୯୪୫ ମସିହା ମଧ୍ୟରେ ହିଟଲର ଏକଛତ୍ର ଶାସନର ଶରବ୍ୟ ମାନଙ୍କ ପ୍ରତି' (For the Victims of the Hitler Dictatorship between the years 1933-46) । ସେଠାରୁ କିଛି ଦୂର ଭିତରକୁ ଗଲେ ଗୋଟିଏ ହତା ମଧ୍ୟରେ ବିରାଟ ପ୍ରସ୍ତର ପାତ୍ର ! ସେଇ କଳସୀ ମଧ୍ୟରେ ସଂରକ୍ଷିତ ହୋଇଛି ବିଭିନ୍ନ ଅତ୍ୟାଚାର-ଶିବିର (Cocentration camps) ରୁ ସଂଗୃହୀତ ମୃତ୍ତିକା ! ନାଜି ଅତ୍ୟାଚାର ର ଏକ ଉଜ୍ଜ୍ୱଳ ସ୍ମୃତିସ୍ତମ୍ଭ !

□□□

# ଅଧ୍ୟାୟ-୨୪

## ବର୍ଲିନ ମଧ୍ୟରେ ପ୍ରାଚୀର : ରକ୍ତର ବାଡ଼

ବର୍ଲିନ ନଗରୀର କେନ୍ଦ୍ର ସ୍ଥଳରେ ଦଣ୍ଡାୟମାନ ବୋମା ମାଡ଼ରେ ଅର୍ଦ୍ଧଦଗ୍ଧ କାଇଜର ପ୍ରଥମ ଓଇନହେଇମଙ୍କ ସ୍ମାରକୀ ଗୀର୍ଜା । ଏହା ଦ୍ୱିତୀୟ ମହାସମରର ଏକ କରୁଣ ସ୍ମୃତିସ୍ତମ୍ଭ । ଏଠାରୁ ଅଳ୍ପ ଦୂରରେ ଅବସ୍ଥିତ ୟୁରୋପ କେନ୍ଦ୍ର; ସେଠାରେ ବିଭିନ୍ନ ପ୍ରକାର ବିପଣୀର କୋଳାହଳ । ଏହି ତିନି ମହଲାର ଏକ ବିରାଟ ପ୍ରାସାଦ । ଭୂମିତଳେ ଏହାର ଗୋଟିଏ ମହଲା ବିଶେଷ ଉଲ୍ଲେଖଯୋଗ୍ୟ । ଏହା ଭିତରେ ବରଫ ଉପରେ ସ୍କେଟିଙ୍ଗ ଖେଳଠାରୁ ଆନ୍ତର୍ଜାତିକ ଭୋଜନାଳୟ ରହିଛି । ଏହାର ଝରକା କାଚଗୁଡିକର ମୋଟ କ୍ଷେତ୍ରଫଳ ଏକ ବର୍ଗ ମାଇଲ ବୋଲି ଜାଣିବାକୁ ପାଇଲୁ ।

ସମଗ୍ର ବର୍ଲିନ ସହରର କ୍ଷେତ୍ରଫଳ ୩୫୦ ବର୍ଗମାଇଲ୍ । ସେଥିରୁ ୫୫ଭାଗ ପଶ୍ଚିମ ବର୍ଲିନ ଓ ୪୫ ଭାଗ ପୂର୍ବ ବର୍ଲିନ ଅଧୀନସ୍ଥ । ସେତେବେଳେ ୩୨ଲକ୍ଷ ଲୋକ ପଶ୍ଚିମ ବର୍ଲିନରେ ଏବଂ ୧୧ଲକ୍ଷ ଲୋକ ପୂର୍ବ ବର୍ଲିନରେ ବାସ କରୁଥିଲେ । ବର୍ଲିନ ବୃହତ୍ତର ଡିପାଟମେଣ୍ଟାଲ ଷ୍ଟୋରକୁ ସଂକ୍ଷେପରେ କା-ଡ଼େ ଉଲ୍ (Ka-De-we) । ତାର ପୂରାନାମ ହେଲା କାଉ-ଫାଉସ ଦେସ୍ ଓ ଏଷ୍ଟେନ୍‌ସ (Kaus Fhasus des Westens) ଏହାର ସନ୍ନିକଟ ଉଇଟେନ୍‌ବର୍ଗ ପ୍ଲାଜାରେ ଥିବା ଭୂମିତଳ ରେଲଷ୍ଟେସନ ହେଉଛି ସର୍ବପ୍ରଥମ । ୧୯୧୨ ମସିହାରେ ଏହା ପ୍ରଥମେ ଉଦ୍‌ଘାଟିତ ହୋଇଥିଲା । ମାତ୍ର ସେତେବେଳେ ଭୂମିତଳ Underground ରେଲପଥର ମୋଟ ଦୈର୍ଘ୍ୟ ମାତ୍ର ୭ମାଇଲ । ଏବେ କିନ୍ତୁ ବିର୍ଲିନରେ ମୋଟ ଭୂଇଁତଳ ରେଳପଥର ଦୈର୍ଘ୍ୟ ୭୦ ମାଇଲ । ଏହା ବଢ଼ି ଏବର୍ଷ ୧୦୫ମାଇଲ୍ ହୋଇଥିବ ।

ଏଠାରୁ ଆମେ ଟିକିଏ ଆଗେଇ ଯାଇ ମାର୍ଟିନ ଲୁଥର ଷ୍ଟୋସେ ରାସ୍ତାରେ ପହଞ୍ଚିଲୁ । ଏହି ରାସ୍ତା ଖୁବ୍ ସୌଖୀନ୍ ଓ କୁଳୀନ ଅଟ୍ଟାଳିକାପୂର୍ଣ୍ଣ ବାଭାରିଆନ ବସ୍ତି ଅଞ୍ଚଳକୁ ଯାଇଛି । ଏହାର ବଡ଼ ରାସ୍ତା ଓ ଗଳି ସବୁ ବାଭାରିଆ ନାମକ ପଶ୍ଚିମ ଜର୍ମାନୀର ନାନା ସହର ଓ ମୁଖ୍ୟ ଜନନାୟକମାନଙ୍କ ନାମରେ ନାମିତ ହୋଇଛି । ଆମେ ଏହାର ମାର୍ଟିନ ଲୁଥର ରାସ୍ତାରେ ଆଗେଇ ଯାଇ ଯୁକ୍ତରାଷ୍ଟ୍ର ଆମେରିକା ଅଧିକୃତ ସୋନ୍‌ବର୍ଗ ଅଞ୍ଚଳରେ ପହଞ୍ଚିଲୁ । ଏହାର ପ୍ରସିଦ୍ଧ ସ୍ଥାନ ହେଲା ଟାଉନ୍ ହଲ୍ । ଏହା ୧୯୪୯ ମସିହା ପର୍ଯ୍ୟନ୍ତ

ପଶ୍ଚିମ ଜର୍ମାନୀର ରାଜନୈତିକ କେନ୍ଦ୍ରସ୍ଥଳ ଥିଲା । ୧୯୪୮ ଯାଏ ସମଗ୍ର ବର୍ଲିନ ସେନେଟ୍ ପୂର୍ବ ବର୍ଲିନରେ ବସୁଥିଲା । କିନ୍ତୁ କମ୍ୟୁନିଷ୍ଟମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରୁ ପାର୍ଲାମେଣ୍ଟ ସଭ୍ୟମାନେ ପଶ୍ଚିମ ବର୍ଲିନରେ ଏହାର ବୈଠକଗୁଡ଼ିକୁ ବସାଇବାକୁ ଚାହିଁଲେ । ସୁନବର୍ଗ ଟାଉନ ହଲରେ କାର୍ଯ୍ୟ ଆରମ୍ଭ କରିଥିବା ପ୍ରଥମ ବର୍ଲିନ ରାମେୟର ହେଲେ ଅର୍ଣ୍ଣଷ୍ଟ ରିହଟର ।

ଆମେ ଶୁଣିଲୁ ଏବେ ସେଠରେ ବର୍ଲିନର ମେୟର ଓ ସେନେଟ୍‌ର ପ୍ରତିନିଧି ସଭାର ବୈଠକ ବସୁଛି । ଏହି ହଲର ବିଶେଷ ଆକର୍ଷଣ ହେଲା ଏହାର ପ୍ରସିଦ୍ଧ ସ୍ୱାଧୀନତା ଘଣ୍ଟି (Liberty Bell) । ଏହାକୁ ଆମେରିକାବାସୀମାନେ ୧୯୪୮-୪୯ ଗଣ୍ଡଗୋଳ ପରେ ସୌହାର୍ଦ୍ଦ୍ୟର ସ୍ମାରକୀ ସ୍ୱରୂପ ପ୍ରଦାନ କରିଥିଲେ । ଏହି ବିରାଟ ଘଣ୍ଟି ଉପରେ ଲେଖାଯାଇଛି "That this world under God shall have a new birth of freedom" ଅର୍ଥାତ୍ ଭଗବାନଙ୍କ ଏହି ଜଗତରେ ସ୍ୱାଧୀନତାର ନବଜନ୍ମ ହେବ । ପ୍ରତିଦିନ ମଧ୍ୟାହ୍ନରେ ଏହା ବାଜିଉଠେ ଢ଼ାଇଁ ଢ଼ାଇଁ ଢ଼ାଇଁ । କାନ ଅତଡା ପଡ଼େ ।

ସେଠାରୁ ଆମେ ଗଲୁ ସୁନ୍‌ବର୍ଗ ଟାଉନ୍ ହଲ ସମ୍ମୁଖରେ ଥିବା ଜନ୍ କେନେଡ଼ି ଛକ ପାଖକୁ । ୧୯୬୩ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଜନ୍ କେନେଡ଼ି ତାଙ୍କର ଏକ ଲୋକପ୍ରିୟ ବକ୍ତୃତା ପ୍ରଦାନ କରିଥିଲେ । ଏହି ବକ୍ତୃତାଟିକୁ ସେ " Ich bin in Berlier" (ମୁଁ ଜଣେ ବର୍ଲିନ ବାସୀ) ଜର୍ମାନୀ ଭାଷାରେ କହି ସାଙ୍ଗ କରିଥିଲେ । ସେହି ବର୍ଷ ନଭେମ୍ବର ୨୨ତାରିଖ ରାତ୍ରିରେ ସେ ଯେତେବେଳେ ନିହତ ହେଲେ, ବର୍ଲିନବାସୀମାନେ ବିଶେଷତଃ ଛାତ୍ର-ସମାଜ ଦାବି କଲେ ଯେ ପୂର୍ବରୁ ରୁଡ଼ଲଫ ୱାଇଲଡ ନାମରେ ପରିଚିତ ଛକକୁ ଜନ୍ ଏଫ୍ କେନେଡ଼ି ନାମରେ ପୁନଃନାମିତ ହେବ । ସେହି ପ୍ରସ୍ତାବ ଅନୁସାରେ ଏହା ଜନ୍ କେନେଡ଼ି ଛକ ଭାବରେ ଏବେ ପରିଚିତ ।

ପ୍ରତି ମଙ୍ଗଳବାର ବା ଶୁକ୍ରବାର ଦିନ ବିର୍ଲିନର ବିଭିନ୍ନ ସ୍ଥାନରେ ପ୍ରାୟ ୮୦ଟି ସାପ୍ତାହିକ ମାର୍କେଟ୍ ବସିଥାଏ । ଗୃହର ଆବଶ୍ୟକ ପଦାର୍ଥ ଯଥା ଫଳ, ଫୁଲ, ମାଛ, ମାଂସ, ପନିପରିବା ଆଦି ଜର୍ମାନବାସୀମାନେ ଏଠାରୁ କିଣନ୍ତି ।

ତା ପରେ ଆମେ ହାଉପର ଷ୍ଟ୍ରୋସେ ଉପରେ ଥବା ଏକ ପୋଲ ତଳେ ଯାଇଥିଲୁ । ଏହି ପୋଲର ପ୍ରିଫାବ୍ରିକେଟେଡ ଖଣ୍ଡଗୁଡିକ ୧୯ଘଣ୍ଟା ମଧ୍ୟରେ ଯୋଡି ତିଆରି କରାଯାଇଥିଲା । ଜର୍ମାନ ଶ୍ରମିକମାନଙ୍କ କର୍ମନିଷ୍ଠାର ଏହା ଏକ ଜୀବନ୍ତ ସ୍ମାରକୀ । ଜର୍ମାନମାନେ ଖୁବ୍ ଶୀଘ୍ର କଥା କହି ପାରନ୍ତି । କହିଲା ବେଳେ ସେମାନେ କମା ପୂର୍ଣ୍ଣଚ୍ଛେଦକୁ ମାନନ୍ତି ନାହିଁ । କାର୍ଯ୍ୟକଲାବେଳେ ସେମାନେ ସେମିତି ବିଶ୍ରାମ କି ଗପସପ କ'ଣ ଜାଣନ୍ତି

ନାହିଁ । ଏହି ରାସ୍ତାରେ ଆମେ ଦେଖିଲୁ ବର୍ଲିନ ସହରର ମୋଟ ୫୦୦ ଗୀର୍ଜା ମଧ୍ୟରୁ ଦୁଇଟି । ସେହି ଦୁଇଟି ମଧ୍ୟରୁ ଗୋଟିଏ ଖୁବ୍ ଅତ୍ୟାଧୁନିକ ପଲ ଗେହେଟ ଗୀର୍ଜା ଏବଂ ଅନ୍ୟଟି ହେଲା ଅଷ୍ଟାଦଶ ଶତାବ୍ଦୀରେ ନିର୍ମିତ ଏକ ଗ୍ରାମ୍ୟ ଗୀର୍ଜା ।

ଏଠାରୁ ଅଳ୍ପ ଦୂରରେ ଆମେ ଦେଖିଲୁ ଏକ ତଥାକଥିତ 'କୋଟିପତି କୃଷକ' (Millionn aire farmer) ଙ୍କ ନାମରେ ପ୍ରସିଦ୍ଧ ସୌଖୀନ ଅଟ୍ଟାଳିକା । ଗତ ଶତାବ୍ଦୀରେ ଯେତେବେଳେ ବର୍ଲିନ ଶିଳ୍ପପ୍ରଧାନ ହୋଇ ଉଠିଲା, ଅନେକ କୃଷକ ଏଠାରେ ଥିବା ସେମାନଙ୍କର ଜମିସବୁ ବହୁ ମୂଲ୍ୟରେ ବିକ୍ରୟ କରି ଅତ୍ୟାଧୁନିକ ବିଳାସ ବ୍ୟସନପୂର୍ଣ୍ଣ ହର୍ମ୍ୟମାନ ନିର୍ମାଣ କରିଥିଲେ । ସେଥିରୁ କେତେକ ଏବେ ପୁନଃନିର୍ମିତ ହୋଇଛି । କିନ୍ତୁ ଅଧିକାଂଶ ଏବେ ଜାତୀୟ ସ୍ମାରକୀ ଭାବରେ ଦଣ୍ଡାୟମାନ ହୋଇଛି ।

ବର୍ଲିନର ଉପାନ୍ତ ଅଂଚଳରେ ଏବେ ମଧ୍ୟ ବହୁ ଚାଷଜମି ଓ ପଶୁପାଳନ କେନ୍ଦ୍ର ଦେଖାଯାଏ । ସେଠାରେ ହଜାର ହଜାର ଘୁଷୁରୀ ଓ ଗାଈଗୋରୁ ଅଛନ୍ତି । ଏଥିଯୋଗୁଁ ପ୍ରତ୍ୟେକ ବର୍ଲିନବାସୀ ପ୍ରତିଦିନ ଅନ୍ୟୂନ ଏକ ଗ୍ଲାସ ଖାଣ୍ଟି ଦୁଧ ପାଇପାରୁଛି ବୋଲି ଦାବି କରାଯାଏ । ପଶ୍ଚିମ ଜର୍ମାନୀର ବିଭିନ୍ନ ଅଞ୍ଚଳରୁ ନୌକା, ଟ୍ରକ, ଟ୍ରେନ; ଜାହାଜ ପ୍ରଭୃତି ସାହାଯ୍ୟରେ ବହୁ ପରିମାଣରେ ଖାଦ୍ୟଦ୍ରବ୍ୟ ଆସିଥାଏ ।

ତାପରେ ଆମେ ଯାଇଥିଲୁ କ୍ଲେରସ ପାର୍କକୁ । ସେଠାରେ ପ୍ରସିଦ୍ଧ ସୁପ୍ରିମ କୋଟ ଅଟ୍ଟାଳିକା ଅବସ୍ଥିତ । ହିଟଲରଙ୍କ ସମୟରେ ସର୍ବସାଧାରଣ ବିଚାରାଳୟ (Volks gerieuth of)ନାମରେ ଏହା ଜଣାଶୁଣା ହୋଇଥିଲା । ଏଠାରେ ତାଙ୍କର ବହୁ ରାଜନୈତିକ ପ୍ରତିବାଦୀଙ୍କୁ ହତ୍ୟା କରାଯାଇଥିଲା । ସେତେବେଳେ ପ୍ରଧାନ ବିଚାରପତି ଥିଲେ ରୋଲଣ୍ଡ ଫ୍ରିଡଲର । ଦ୍ୱିତୀୟ ମହାଯୁଦ୍ଧ ପରେ ମିତ୍ର ରାଷ୍ଟ୍ରଗୁଡିକର କାର୍ଯ୍ୟାଳୟ ଏଠାରେ ଚାଲିଥିଲା । କିନ୍ତୁ ୧୯୪୮ରେ ଋଷ ଏହିସ୍ଥାନ ଛାଡ଼ି ଦେଇଥିଲା ।

ଆଜିକାଲି ମାତ୍ର ଦୁଇଟି ସ୍ଥାନରେ ମିତ୍ରରାଷ୍ଟ୍ରଗୁଡିକ ମିଳିତ ଭାବରେ କାର୍ଯ୍ୟ କରୁଛନ୍ତି । ପ୍ରଥମଟି ହେଲା ସ୍ପାନଡାଉ ବନ୍ଦୀଶାଳା ଯେଉଁଠାରେ ବିଶିଷ୍ଟ ବନ୍ଦୀହୋଇ ରହିଥିଲେ ରୁଡୋଲଫ ହେସ୍ ଯେ ହେଉଛନ୍ତି ହିଟଲରଙ୍କ ଜଣେ ବିଶ୍ୱସ୍ତ ସହକର୍ମୀ ଓ ମୁଖ୍ୟ ନାଜୀ ସେନାପତି । ଚାରୋଟି ମିତ୍ରରାଷ୍ଟ୍ର ପାଳିକରି ପ୍ରତ୍ୟେକ ମାସରେ ଏଠାରେ ପହରା ଦିଅନ୍ତି । ସେଠାରେ ଉଡୁଥିବା ୪ଟି ଜାତୀୟ ପତାକାଗୁଡିକ ମଧ୍ୟରୁ ପ୍ରଥମଟି ହେଉଛି ସେହି ସମୟରେ ପ୍ରହରୀ କାର୍ଯ୍ୟ କରୁଥିବା ରାଷ୍ଟ୍ରର ଜାତୀୟ ପତାକା । ଦ୍ୱିତୀୟ ସ୍ଥାନଟି ହେଲା ପଶ୍ଚିମ ବର୍ଲିନ ଭିତରକୁ ଯାଉଥିବା ଏବଂ ବାହାରକୁ ଆସୁଥିବା ବିମାନଯାତ୍ରୀ ଓ ମାଲ ସରବରାହକୁ ନିୟନ୍ତ୍ରଣ

କରାଯାଉଥିବା କାର୍ଯ୍ୟାଳୟ । ଏଠାରୁ ପଶ୍ଚିମ ଜର୍ମାନୀର ମୁଖ୍ୟ ସହରଗୁଡିକ ସହିତ ଯାତାୟତ ତଥା ଯୋଗା-ଯୋଗର ଉତ୍କୃଷ୍ଟ ସୁବିଧାମାନ ରହିଛି ।

ପୂର୍ବୋକ୍ତ ଅଟ୍ଟାଳିକାରେ ୧୯୭୨ ମସିହାରେ ୪ଟି ମିତ୍ରରାଷ୍ଟ୍ରର ବୈଦେଶିକ ମନ୍ତ୍ରୀମାନେ ଗୋଟିଏ ଚୁକ୍ତିପତ୍ର କରିଛନ୍ତି । ତାହାହେଲା ଭବିଷ୍ୟତରେ ବର୍ଲିନରେ ଯୁଦ୍ଧ ଭୟରୁ ଦୂରରେ ରହିବା ପାଇଁ ଏକ ରାଜିନାମା । ଏହା ଫଳରେ ଏବେ ପର୍ଯ୍ୟଟକମାନଙ୍କ ପୂର୍ବ ଓ ପଶ୍ଚିମ ବର୍ଲିନକୁ ଯାତାୟତ କରିବା ସହଜ ହୋଇଛି । ଏବେ ପଶ୍ଚିମ ବର୍ଲିନରୁ ପୂର୍ବ ବର୍ଲିନକୁ ଭ୍ରମଣରେ ଯିବା ପାଇଁ ସହଜରେ ଅନୁମତି ପତ୍ର ମିଳୁଛି । ମାତ୍ର ଯୁବକ ଯୁବତୀମାନଙ୍କୁ ଏତେ ସହଜରେ ଅନୁମତି ପତ୍ର ମିଳୁନାହିଁ ।

ବର୍ଲିନ ମୋଟ ୨୦ଟି ଜିଲ୍ଲାରେ ବିଭକ୍ତ ଏବଂ ମିତ୍ର ରାଷ୍ଟ୍ରଗୁଡିକ ବାଣ୍ଟିକରି ସେଗୁଡିକ ଶାସନ କରିଛନ୍ତି । ଏଥିମଧ୍ୟରୁ ୮ଟି ଋଷ ଦଖଲରେ ଭୋଡ଼କା ଅଞ୍ଚଳ Vodka Sector ନାମରେ ପ୍ରସିଦ୍ଧ, ୪ଟି ବ୍ରିଟେନ ଅଧୀନରେ ହୁଇସ୍କି ଅଞ୍ଚଳ Whiskey Sector ନାମରେ ବିଖ୍ୟାତ, ୨ଟି ଫରାସୀ ଜିଲ୍ଲା ସାଂପେନ୍ ଅଞ୍ଚଳ (Champagne Sector) ଓ ୬ଟି ଆମେରିକା ଅଧୀନରେ କୋକାକୋଲା ଅଞ୍ଚଳ (Cocacola Sector) ନାମରେ ଜଣାଶୁଣା । ଆମେରିକା ଅଧୀନରେ ଥିବା କ୍ରିଜ୍‌ବର୍ଗ ଛୋଟ ହେଲେ ହେଁ ଲୋକସଂଖ୍ୟା ଦୃଷ୍ଟିରୁ କମ୍ ନୁହେଁ । ଏହି ଜିଲାର ନାମକରଣ ହୋଇଛି ୨ ହଜାର ଫୁଟ ଉଚ୍ଚ କ୍ରିଜ୍‌ବର୍ଗ ପାହାଡର ନାମାନୁସାରେ । ବର୍ଲିନ ସମୁଦ୍ର ପତ୍ତନଠାରୁ ମାତ୍ର ୧୦୦ ଫୁଟ ଉଚ୍ଚରେ ଅବସ୍ଥିତ । ଏହାର ଶୀର୍ଷ ସ୍ଥାନରେ ନେପୋଲିୟନଙ୍କ ସହିତ ସଂଘଟିତ ଯୁଦ୍ଧର ସ୍ମୃତସ୍ତମ୍ଭ ତୋଳାଯାଇଛି । ଏହାର ଅନ୍ୟ ଏକ ଆକର୍ଷଣ ହେଲା ଏକ ସୁନ୍ଦର ଜଳ ପ୍ରପାତ ।

ବର୍ଲିନର ଉତ୍ତରରେ ୪ହଜାର ଲକ୍ଷ ମାର୍କ ଖର୍ଚ୍ଚରେ ଗୋଟିଏ ଅତ୍ୟାଧୁନିକ ବିମାନଘାଟୀ ନିର୍ମିତ ହୋଇଛି । ୧୯୭୪ ମସିହାରେ ଏହା ପ୍ରଥମେ ବ୍ୟବହାର ଉପଯୋଗୀ ହୋଇଥିଲା । ଏହାକୁ ସ୍ୱଳ୍ପଦୂରଗାମୀ ବିମାନଘାଟୀ Short Distance Airport କୁହାଯାଏ । ଏଠାରୁ ଯଦିଓ ପାନାମା, ବ୍ରିଟିଶ ଏୟାର ଲାଇନସ, ଏୟାର ଫ୍ରାନସ ପ୍ରଭୃତି ବିମାନ କମ୍ପାନୀ ଯାତ୍ରୀ ନେବା ଆଣିବା କରୁଛନ୍ତି, କୌଣସି ଜର୍ମାନ ବିମାନ କମ୍ପାନୀକୁ ଏଥିପାଇଁ ଅନୁମତି ମିଳୁନାହିଁ ।

ଏହା ନିକଟରେ ଲୁଫବ୍ରୁକ୍ ଛକ ଉପରେ Airlift Memorial ଏକ ଦର୍ଶନୀୟ ସ୍ଥାନ । ଏହା ୭୮ ଜଣ ବୈମାନିକଙ୍କ ଶହୀଦ ହେବା ଉପଲକ୍ଷେ ନିର୍ମିତ ହୋଇଛି । ୧୯୪୮-୪୯ ମସିହାରେ ସୋଭିଏତ ଋଷ ତରଫରୁ ଜଳସ୍ଥଳ ଓ ଆକାଶପଥ ଅବରୁଦ୍ଧ

କରାଯାଇଥିଲା । ଏହାପୁଣି ଏକବର୍ଷ ଧରି ଚାଲିଥିଲା । ଏହି ସମୟରେ ପାଶ୍ଚାତ୍ୟ ମିତ୍ରରାଷ୍ଟ୍ରଗୁଡିକୁ ଖାଦ୍ୟପଦାର୍ଥ ଆଣି ବର୍ଲିନବାସୀଙ୍କୁ ଯୋଗାଇ ଦେଇଥିଲେ । ଏହି Air-lift Memorial ଆଧୁନିକ ଯାନ୍ତ୍ରିକ କୌଶଳର ଏକ ଅଦ୍ୱିତୀୟ ପରିଚୟ । ମୋଟ ୨୫୦ ହଜାର ଥର ପ୍ରାୟ ୨୦ ଲକ୍ଷ ଟନର ପଦାର୍ଥ ବୁହାଇ ବର୍ଲିନକୁ ଅଣାଯାଇଥିଲା । ଏହିସବୁ ବିରାଟ ଟରବାଇନ୍ ଯାହା ଅର୍ଣ୍ଣେଷ୍ଟ ରିଉଟର ନାମକ ଏକ ପାୱାର ପ୍ଲାଣ୍ଟ ପାଇଁ ଅଣାଯାଇଥିଲା ବିମାନରେ ଏବଂ ଏହାର ବିଭିନ୍ନ ଅଂଶକୁ ଏକାଠି ସଂଯୁକ୍ତ କରିବା ପାଇଁ ୯୦ ଦିନ ଲାଗିଥିଲା ।

୧୯୬୧ ଅଗଷ୍ଟ ୧୩ ତାରିଖରେ ପୂର୍ବ ବର୍ଲିନ ତରଫରୁ କଠୋର ସାମରିକ ନିୟନ୍ତ୍ରଣ ମଧ୍ୟରେ ଏହାର ସୀମା ସରହଦ ଉପରେ କଣ୍ଟାବାଡ ଓ କଙ୍କ୍ରିଟ ଖୁଣ୍ଟ ଠିଆ କରାଯାଇଥିଲା । ୧୫ ତାରିଖରେ ସେହି ପ୍ରାଚୀର ଉପରେ ପତାକା ଉଡାଇ ଦିଆ ଯାଇଥିଲା । ଏହି ପ୍ରାଚୀର ସେହି ଦିନଠାରୁ ଜୋରସୋରରେ ତିଆରି ହୋଇଥିଲା । ଆଜିକାଲି ଫ୍ରେଡେରିକ ଷ୍ଟ୍ରାସେଠାରେ ଥିବା ଚାର୍ଲିଚେକ ପଏଣ୍ଟ ଖୁବ୍ ଜଣାଶୁଣା । ଏହି ପ୍ରାଚୀରର କେତେକ ଅଂଶ ନିଦା କଙ୍କ୍ରିଟ ସ୍ଲାବରେ ୧୨ ଫୁଟ ଉଚ୍ଚରେ ଗଢ଼ା ଯାଇଛି । ତା ଉପରେ ୧ ଫୁଟ ବ୍ୟାସ ବିଶିଷ୍ଟ ନୀଳ (ପାଇପ୍) ମଧ୍ୟ ଖଞ୍ଜା ଯାଇଛି । ଏହି ପାଇପ୍ ଏତେ ମୋଟ ଯେ କୌଣସି ପଳାତକ ପକ୍ଷେ ଏହାକୁ କୁଣ୍ଢାଇ ଧରି ଓହ୍ଲାଇବା ସମ୍ଭବ ନୁହେଁ ।

ପୂର୍ବ ଓ ପଶ୍ଚିମ ବର୍ଲିନ ମଧ୍ୟରେ ଏହି ପ୍ରାଚୀର ରକ୍ତରେ ବାଡ଼ ପକାଇଲା ପରି ନିର୍ମିତ ହୋଇଛି । ଏହା ଜର୍ମାନୀବାସୀମାନଙ୍କ ପାଇଁ ଯେତିକି ଅପ୍ରୀତିକର, ପର୍ଯ୍ୟଟକମାନଙ୍କ ପାଇଁ ସେତିକି ଅସ୍ୱସ୍ତିକର ।

❑❑❑

# ଅଧ୍ୟାୟ-୨୫

## ହାମ୍‌ବର୍ଗରୁ ଲଣ୍ଡନ : ବହୁ ଶଙ୍କା ଓ ସଂଶୟ

ଦିନ ସାଢ଼େ ୧୧ଟାରେ ଆମେ ହାମ୍‌ବର୍ଗ ଷ୍ଟେସନରେ ପହଞ୍ଚିଲୁ । କିଛି ସମୟ ପରେ ଡକ୍ଟର ଥୁରୋ (Dr. Thuro) ଆସି ସେଠାରେ ପହଞ୍ଚିଲେ । ସୁନିଲବାବୁ ପୂର୍ବରୁ ଆସି ତାଙ୍କ ଘରେ ୨/୩ଦିନ ପାଇଁ ଅତିଥି ହୋଇଥିଲେ । ତା'ପରେ ସେ ଫ୍ଲେନ୍‌ସବର୍ଗ ଯାଇଥିଲେ । ସେଠାରେ ସେ ମୋତେ ଦେଖା କରିବା କଥା ଆଗରୁ କହିଥିଲେ ।

ଡକ୍ଟର ଥୁରୋ ହାମ୍‌ବର୍ଗର ଗୋଟିଏ ପଲିଟେକ୍‌ନିକ୍ କଲେଜର ନିର୍ଦ୍ଦେଶକ । ସେ ମଧ୍ୟ ପଦାର୍ଥ ବିଜ୍ଞାନରେ ଡିନ୍ । ସୁନୀଲବାବୁଙ୍କ ଜାହାଜ ଅପରାହ୍ନ ୧ଟା ବେଳେ ଛାଡିବାର ଥିଲା । ମାତ୍ର ଥୁରୋ ସାହେବ ତାଙ୍କ କାର୍‌ଟିକୁ କେଉଁଠି ରଖିବାକୁ ସ୍ଥାନ ପାଇ ନଥାନ୍ତି । ଶେଷରେ ସେ ସୁନିଲବାବୁଙ୍କୁ ନେଇ ବନ୍ଦର ପାଖରେ ଛାଡ଼ିଲେ । ସେତେବେଳେ ସୁନୀଲବାବୁଙ୍କ ପାଖରେ ୧୫/୨୦ ମାର୍କସର ରେଜା ମୁଦ୍ରା ଥିଲା । ଥୁରୋ ସାହେବ ତାକୁ ନିଜେ ରଖି ତାଙ୍କୁ ୩୦ ମାର୍କସ ନୋଟ ଦେଲେ ।

ତାପରେ ସେ ମୋତେ ନେଇ ଗୋଟିଏ ରେସ୍ତୁରାଁକୁ ଗଲେ । ସେତେବେଳେ ଲଞ୍ଚ୍ ଖାଇବା ବେଳ । ଗାଡି ପାର୍କିଙ୍ଗ ପାଇଁ ଜାଗା ପାଇବା ବି କଷ୍ଟକର । ତେବେ ଯାହା ହେଉ ବହୁ ଦୂରରେ ତାଙ୍କ କାର୍‌ଟିକୁ ପାର୍କିଙ୍ଗ କରି ସେଇ ରେସ୍ତୁରାଁରେ ଖାଇବା ବ୍ୟବସ୍ଥା କଲେ । ଅଧିକାଂଶ ଖାଦ୍ୟ ତ ଖାଲି ସିଝା । କେବଳ ମାଛ; ଛତୁ ଓ ପରିବା ମିଶା ଏକ ତରକାରୀ ଥିଲା । ଖୁବ୍ ଦାମିକା ତରକାରୀପତ୍ର ଖାଇବାରେ କିଛି କାରଣ ନଥିଲା । ସମୁଦାୟ ଆମର ଖାଦ୍ୟ ବାବଦକୁ ୧୫/୨୦ ମାର୍କସ ଦେବାକୁ ପଡ଼ିଲା ।

ସେଠାରେ ଆମେ ନିକଟବର୍ତ୍ତୀ ଦୋକାନକୁ ଯାଇ ଦେଖାଦେଖି କଲୁ । ସୁନୀଲବାବୁ ଓ ମୋର ପିଲାମାନଙ୍କ ପାଇଁ ସେ କେତୋଟି ଉପହାର କିଣିଲେ । ସେଠାରୁ ଆମେ Unesco Institute କୁ ଫୋନ୍ କଲୁ । କାରଣ ମୁଁ ସେଠାକୁ ବୁଲିଯିବା ପାଇଁ ଇଛା ପ୍ରକାଶ କଲି । ମାତ୍ର ସେଦିନ ତାହା କୌଣସି କାରଣରୁ ବନ୍ଦ ଥିଲା । ସେଠାକୁ ଆମେ American Library ଓ ହାମ୍‌ବର୍ଗ ବିଶ୍ୱବିଦ୍ୟାଳୟକୁ ଗଲୁ । ସେଠାକୁ ଯିବା ବାଟରେ ବଡ଼ ହ୍ରଦ, ନୌକା ବିହାର ଆଦି ଦେଖିଲୁ । ସମୁଦ୍ରରେ କେତେକ ଜାହାଜ ଠିଆ ହୋଇଥିଲା । ରାସ୍ତା ଉପରେ ନଗରୀ କେନ୍ଦ୍ର ଥୁରୋ City Center ଦେଖିଲୁ । ତାର ବିରାଟ ସାଜସଜ୍ଜା ଦେଖି ଖୁବ୍ ଖୁସି ହେଲି ।

ତା ପରେ ମୁଁ ଥରେ ସାହେବଙ୍କ କାରରେ ତାଙ୍କ କଲେଜକୁ ଗଲି । ସେ ମୋତେ କଲେଜର ପରୀକ୍ଷାଗାର, ପୁସ୍ତକାଗାର, ପ୍ରେକ୍ଷାଳୟ, ହଲ୍,ଶ୍ରେଣୀଗୃହ ଆଦି ଦେଖାଇ ଦେଲେ । ପ୍ରତ୍ୟେକ କକ୍ଷ ଅତ୍ୟାଧୁନିକ ଆସବାସ ପତ୍ର ଓ ମାଧ୍ୟମ ଗୁଡ଼ିକରେ ସୁସଜ୍ଜିତ ଥିଲା । ସେଠାରୁ ମୁଁ କେତୋଟି ଫଟୋ ଉଠାଇଲି । ସେ ତାଙ୍କର ଅଫିସ କାର୍ଯ୍ୟ କରିବା ଭିତରେ ମୁଁ କଲେଜରେ ବୁଲାବୁଲି କଲି ।

ଡକ୍ଟର ଥୁରୋ ଗୋଟିଏ ନୂତନ ପ୍ରକଳ୍ପ Project ର ସ୍ରଷ୍ଟା । ସେଇ ପ୍ରକଳ୍ପ ହେଲା ବହୁମୁଖୀ ପାଠ୍ୟକ୍ରମ Polyvalent Curriculum ତାଙ୍କ ମତରେ ପାଠ୍ୟକ୍ରମ ସର୍ବାଙ୍ଗୀନ ଓ ବହୁମୁଖୀ ହେବା ଉଚିତ । ଖୁବ୍ ଶୀଘ୍ର ତାହା ସାଧାରଣ ନହୋଇ ବିଶେଷ ହୋଇଯାଉଛି । ଡିଗ୍ରୀ ଓ ଡିପ୍ଲୋମା ଉପରେ ବେଶୀ ଗୁରୁତ୍ୱ ଦିଆଯାଉଛି । ଆବଶ୍ୟକ କୌଶଳ ଓ ଜ୍ଞାନ ଅବହେଳିତ ହୋଇ ଯାଉଛି । ମୁଁ ଏ ସଂପର୍କରେ କେତେକ ଆଲୋଚନା କଲି । ସେ ଧୈର୍ଯ୍ୟର ସହିତ ସବୁ ବୁଝାଇ ଦେଲେ ।

ତାଙ୍କର ମତ ବିଭିନ୍ନ ଦେଶର ସାଂସ୍କୃତିକ, ସାମାଜିକ ଓ ରାଜନୈତିକ ଭିତ୍ତିଭୂମିକୁ ବିଚାରକୁ ନେଇ ପାଠ୍ୟକ୍ରମ ପ୍ରସ୍ତୁତ ହେବା ଉଚିତ । ପୁଣି ସମସ୍ତ ଦେଶର ସଂସ୍କୃତି ଥିବା ଗୋଟିଏ ସାଧାରଣ ପାଠ୍ୟକ୍ରମ ପ୍ରଣୟନ କରାଗଲେ, ତାହା ଆନ୍ତର୍ଜାତିକ ବୁଝାମଣା ଓ ଶାନ୍ତି ପ୍ରତିଷ୍ଠାର ସହାୟକ ହେବ । ଥୁରୋ ସାହେବଙ୍କ ଏହି ପ୍ରକଳ୍ପ ପାଇଁ ଗଭୀର ଅନୁଧ୍ୟାନ, ଆନ୍ତରିକତା ଓ ଆଗ୍ରହ ରହିଥିଲା । ତାଙ୍କର ଧାରଣା ଏହି ନିରପେକ୍ଷ, ନିଷ୍ପାପର ଓ ସ୍ୱାଧୀନତା ଆଧାରିତ ପାଠ୍ୟକ୍ରମ ସବୁ ଦେଶର ପିଲାମାନଙ୍କ ପାଇଁ ଗ୍ରହଣୀୟ ହୋଇ ପାରିବ ।

ସେଇଦିନ ମୋର ଲଣ୍ଡନ ଫେରିବା କଥା । କିନ୍ତୁ ରାତିରେ ଜାହାଜ ଧରିବାକୁ ହେବ । ତେଣୁ ହାତରେ ମୋର ସମୟ ଥିବାରୁ ଆମେ ସାଙ୍ଗ ହୋଇ ଥୁରୋଙ୍କ ଘରକୁ ଗଲୁ । ସେ କାର୍ ଚଳାଇ ଯିବା ବାଟରେ କହିଲେ-ଜର୍ମାନୀ ଦେଶ ପ୍ରାକୃତିକ ସମ୍ବଳରେ ସମୃଦ୍ଧ ନୁହେଁ, ଏହା କିନ୍ତୁ ମାନବୀୟ ସମ୍ବଳରେ ଖୁବ୍ ସୌଭାଗ୍ୟଶାଳୀ । ଏଠାରେ ଲୋକମାନେ ଖୁବ୍ କର୍ମନିଷ୍ଠ, ଉଦ୍ୟୋଗୀ ଓ ପରିଶ୍ରମୀ । ଏହା ଫଳରେ ଜର୍ମାନୀ ସାରା ୟୁରୋପରେ ଅଧିକ ଧନଶାଳୀ । ଗତ ମହାଯୁଦ୍ଧରେ ଧ୍ୱଂସସ୍ତୁପ ମଧ୍ୟରୁ ଏହା ମୁଣ୍ଡ ଟେକି ଆଜି ଖୁବ୍ ସମୃଦ୍ଧିଶାଳୀ ହୋଇପାରିଛି । ଏଇ ଜାତି ମୃତ୍ୟୁ ମୁଖରୁ ଫେରି ଥିଲା. ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଡଃ ଥୁରୋ ଯଥାର୍ଥରେ କହିଲେ-ଅନ୍ୟ ଲୋକମାନେ ବଂଚିବାକୁ କାର୍ଯ୍ୟ କରନ୍ତି । ମାତ୍ର ଜର୍ମାନମାନେ କାମ କରିବାକୁ ବଞ୍ଚନ୍ତି । Other people work to live, but Germans live to work । କର୍ମ ହିଁ ସେମାନଙ୍କ ଜୀବନର ଉତ୍ସ, ସମସ୍ତ ଉତ୍ସାହ,

ପ୍ରେରଣା ଓ ପ୍ରଗତିର ଚାବି କାଠି । ସତେ ଜର୍ମାନ ଲୋକମାନଙ୍କ ପ୍ରାଣ ପ୍ରାଚୁର୍ଯ୍ୟ, କର୍ମଦ୍ୟୋତନା ଓ କର୍ମନିଷ୍ଠା ଦେଖି ମୁଁ ମୁଗ୍ଧ । ସେଥିପାଇଁ ସତେ ସେମାନେ ବିଜ୍ଞାନର ଚରମ କୋଟୀରେ ଆଜି ପହଞ୍ଚି ପାରିଛନ୍ତି ।

ଡଃ ଥୁରୋ ମାସକୁ ପ୍ରାୟ ଚାରିହଜାର ମାର୍କସ ଦରମା ପାଆନ୍ତି । ଏହା ଆମ ଟଙ୍କାରେ ୩୨ ହଜାର । ଏହା ଆମେ କଳ୍ପନା କରିବା ଅସମ୍ଭବ । ତାଙ୍କର ପ୍ରକଳ୍ପ ନିମନ୍ତେ ସେ କିଛି ଖର୍ଚ୍ଚ କରନ୍ତି । ଅନ୍ୟମାନଙ୍କୁ ମଧ୍ୟ ନାନା ପ୍ରକାର ସାହାଯ୍ୟ କରନ୍ତି । ତାଙ୍କର ଦୁଇଟି ଝିଅ । ଜଣେ ଏବେ କାନେଡାରେ ଅଛନ୍ତି ଏବଂ ସେ ଜଣେ ଋଷବାସୀଙ୍କୁ ବିବାହ କରିଛନ୍ତି । ଅନ୍ୟ ଝିଅଜଣେ ଜର୍ମାନୀ ଭଦ୍ରବ୍ୟକ୍ତିଙ୍କୁ ବିବାହ କରିଛନ୍ତି । ଉଭୟ ଦମ୍ପତି ଏବେ ଅଧ୍ୟୟନ ରତ । ତେଣୁ ପ୍ରତ୍ୟେକ ଝିଅଙ୍କୁ ସେ ୩୦୦ ମାର୍କସ ବା ୨୪୦୦ଟଙ୍କା ପ୍ରତି ମାସରେ ସାହାଯ୍ୟ କରନ୍ତି । ତାଙ୍କର ସ୍ତ୍ରୀ ଖୁବ୍ ସରଳ ଓ ଶାନ୍ତ । ସୁଗୃହିଣୀ ମଧ୍ୟ ।

ଥୁରୋ ସାହେବଙ୍କର ଘର ସୁନ୍ଦର ଏଲ୍ ବେ ନଦୀ କୂଳରେ । ଏକ ଅନୁଚ୍ଚ ପାହାଡ଼ର ପାଦଦେଶରେ ଅବସ୍ଥିତ । ମନୋହର ପ୍ରାକୃତିକ ଦୃଶ୍ୟରେ ଭରା । ସବୁଜ ସୁନ୍ଦର ଅରଣ୍ୟ ଅତି ନିକଟରେ । ସଂଧ୍ୟା ଲାଗି ଆସୁଥିଲା । ଆରକ୍ତ ସୂର୍ଯ୍ୟର ସୁନେଲି କିରଣ ଚଉଦିଗରେ ବିଞ୍ଚିହୋଇ ପଡିଥାଏ ଏଲ୍ ବେ ନଦୀର ଶୁଭ୍ରବକ୍ଷ ଦେଶରେ, ସବୁଜ ଅରଣ୍ୟ ଓ ଉପତ୍ୟକାରେ । ଆମେ (ସେ,ତାଙ୍କ ସ୍ତ୍ରୀ ଓ ମୁଁ) ସେଇ ସୁନ୍ଦର ଦୃଶ୍ୟ ମଧ୍ୟରେ ସାନ୍ଧ୍ୟା ଭ୍ରମଣ କଲୁ । ଅନେକ ବାଟ ଚାଲିଲୁ । ତାଙ୍କର ପ୍ରକଳ୍ପ ଓ ଦେଶ ବିଦେଶର ସମସ୍ୟା ସଂପର୍କରେ ବହୁ ଆଲୋଚନା କଲୁ । ସେଥିରେ ତାଙ୍କର ଖୁବ୍ ଆଗ୍ରହ ।

ଘରକୁ ଫେରିଲୁ । ରେସ୍ତୋରାଁରେ ସମସ୍ତେ ଆମେ ଖାଇବୁ ବୋଲି ଠିକ୍ ହୋଇଥିଲା । ମାତ୍ର ସେଦିନ କାହିଁକି ସେସବୁ ବନ୍ଦଥିଲା । ତେଣୁ ଘରେ ତାଙ୍କର ଯାହାଥିଲା ତାକୁ ରାତିରେ ଖାଇବାକୁ ସେମାନେ ଭାବିଲେ । ତାଙ୍କ ସ୍ତ୍ରୀ ଏବେ ରୋଷେଇ ଘର ଦରାଣ୍ଡିଲେ । କ'ଣ ସବୁ ରହିଛି, ତାର ତନଖି କଲେ । ଖାଇବା ଟେବ୍‌ଲ ଉପରେ ଘଣ୍ଟାକ ପରେ କେତେକ ସିଝା ପରିବା, ସିଝା ଅଣ୍ଡା, ଆଇସକ୍ରିମ୍ ଓ ପାଉଁରୁଟି ରଖିଦେଲେ । ରାତିଖିଆ ଚଳିଗଲା । ସେଥିରେ ଅଭାବ ରହିଲା ନାହିଁ ।

ରାତି ୯ଟାରେ ସେମାନେ ଉଭୟେ ମୋତେ କାର୍‌ରେ ଆଣି ଷ୍ଟେସନରେ ଛାଡ଼ିବାକୁ ଆସିଲେ । ବାଟଯାକ କଥାବାର୍ତ୍ତା ହୋଇ ଆସିଲୁ । ଥୁରୋ ସାହେବ ଡେଙ୍ଗା ଓ ପତଳା ଲୋକଟିଏ, ଭାରି ବୁଦ୍ଧିମାନ୍, ହାସ୍ୟପରିହାସ ପ୍ରିୟ । ବ୍ୟଙ୍ଗ ଓ ରହସ୍ୟ କରିବାରେ ଓସ୍ତାଦ । ସ୍ତ୍ରୀଙ୍କ ସହିତ ମଧ୍ୟ ଗେଲତାମସା ଖୁବ୍ କରନ୍ତି । ଝିଅ ଦୁହିଙ୍କର କେତୋଟି ପିଲା

ପଚାରିବାରୁ ସେ ହସି ହସି କହିଲେ କେହି ନାହାନ୍ତି । ସମ୍ଭବତଃ ସେମାନେ କିପରି ପିଲା ଉତ୍ପାଦନ କରିବାକୁ ହେବ, ଜାଣିନାହାନ୍ତି । (Probably they don't know how to produce children) । ସେଦିନ ସଂଧ୍ୟାରେ ଥୁରୋ ସାହେବ ଘରକୁ ଆସିଲା ମାତ୍ରେ ତାଙ୍କର ପୋଷା କୁକୁରଟି ବ୍ୟସ୍ତ କରିପକାଇଲା । ଲାଙ୍ଗୁଡ ହଲାଇ, ଗୋଡରେ ଛନ୍ଦି ହୋଇ ଆଗରେ ଗଡପଡ ହୋଇ ନାନା ଖେଳରେ ମାତିଗଲା । ସେଥିପାଇଁ ଥୁରୋ ସାହେବ ମତଦେଲେ- ସମ୍ଭବତଃ ତାର କିଛି କର୍ମନିଯୁକ୍ତି ନାହିଁ । ଘରେ ବେକାର ବସି ବସି ସେ ବିରକ୍ତି ପ୍ରକାଶ କରୁଛି । ତାକୁ ସ୍କୁଲକୁ ପଠାଇଲେ ଭଲ ହୋଇଥାନ୍ତା । (He has no engagements Probably he feels disgusted. He should have gone to school) ପରିବାର ମଧ୍ୟରେ ପରସ୍ପର ସାହାଯ୍ୟ ଓ ଭଦ୍ର ବ୍ୟବହାର ଅନୁକରଣୀୟ । ଆମଦେଶରେ ସ୍ତ୍ରୀ କନ୍ୟାମାନେ କେବଳ ଖାଦ୍ୟପେୟର ବ୍ୟବସ୍ଥା କରିବେ, ଭୋଜନର ଆୟୋଜନ କରିବେ, ପରଶିବେ । ଆଉ ସ୍ୱାମୀ ପୁତ୍ରମାନେ 'କୁଶଳ କୁଣିଆ' ହୋଇ ବସି ଖାଇବେ, ଏହା ସେଠାରେ ଶୋଭାପାଏ ନାହିଁ । ସମସ୍ତେ ମିଳିମିଶି ଏସବୁ କାର୍ଯ୍ୟ କରିଥାନ୍ତି । ସ୍ତ୍ରୀମାନଙ୍କ ପରାମର୍ଶ ଓ ବିଚାରକୁ ଗୁରୁତ୍ୱ ଦିଆଯାଏ ।

ମୁଁ ସେଦିନ ହାମବର୍ଗରେ ଗୋଟିଏ କଥା ଭୁଲିଗଲି । ରାଷ୍ଟ୍ରଦୂତ ଅଫିସକୁ ଯାଇ ମୋର ଟ୍ରାନ୍‌ସିଟ ଭିସା (ଅସ୍ଥାୟୀ ପ୍ରବେଶପତ୍ର) କଥା ବୁଝିଥାନ୍ତି । କାରଣ ମୁଁ ହଲ୍ୟାଣ୍ଡରେ ନରହିଲେ ମଧ୍ୟ ସେଇ ଦେଶ ମଧ୍ୟ ଦେଇ ଯିବାକୁ ଥିଲା । ତେବେ ଗତଥର ପରି ଜାହାଜ ଭିତରେ ତାହା ହୋଇ ପାରିବ ବୋଲି ମୁଁ ଧରି ନେଇ ଥିଲି । କିନ୍ତୁ ଦୁର୍ଯ୍ୟୋଗ, ମୁଁ ଟ୍ରେନରୁ ଓହ୍ଲାଇ ଆଉଏକ ଟ୍ରେନକୁ ଯିବା ବେଳକୁ ହଲ୍ୟାଣ୍ଡ ଅଫିସର ମୋତେ ଅଟକାଇ ଦେଲେ । ଟ୍ରାନ୍‌ସିଟ୍ ଭିସା କରିବାକୁ କହିଲେ । ମୋର ବି ସେଥିରେ ଆପତ୍ତି ନଥିଲା । ମାତ୍ର ତାହା କରିବାରେ ସେମାନେ ଅଧଘଣ୍ଟାଏ ବିଳମ୍ବ କଲେ । ଫଳରେ ମୁଁ ସେଇ ଟ୍ରେନ୍‌ରେ ଚଢ଼ି ପାରିଲି ନାହିଁ। ସେଠାରୁ ମୁଁ ରଟରଡ୍ୟାମ୍‌କୁ ଆସି ସେଠାରୁ ପୁଣି ହୁକ ଅପ୍ ହଲ୍ୟାଣ୍ଡ ବନ୍ଦରରେ ପହଞ୍ଚିବାରେ ଏକ ଘଣ୍ଟା ବିଳମ୍ବ ହୋଇଗଲା । ତେଣୁ ମୁଁ ଦିନରେ ଯାଉଥିବା ଜାହାଜକୁ ପାଇ ପାରିଲି ନାହିଁ। ବାରଘଣ୍ଟା କାଳ ବସି ରହିଲି ରାତ୍ରି ଜାହାଜ ଅପେକ୍ଷାରେ ।

ରାତ୍ରି ୯ଟାରେ ଜାହାଜ ଭିତରେ ପଶିଲି । ସାଢ଼େ ୧୧ଟାରେ କିନ୍ତୁ ଜାହାଜ ବନ୍ଦର ଛାଡିଲା । ମୋର ଆଶଙ୍କା ଥିଲା ହୁଏତ ରାତ୍ରି ଜାହାଜରେ ଆସୁଥିବାରୁ ଅଧିକ କ'ଣ ଫିଜ ପଡିପାରେ । କିନ୍ତୁ କେହି ସେ କଥା ପଚାରିଲେ ନାହିଁ । ଜାହାଜର ନାଁ ସେଣ୍ଟ ଜର୍ଜ । ଖୁବ୍ ବଡ ୧୧ଶହ ଯାତ୍ରୀ ଓ ୧୧୧ ଜଣ ଜାହାଜ କର୍ମଚାରୀ । ରାତିଯାକ ଜାହାଜ ଗତିକରି

ଭୋର ପ୍ରାୟ ୯ଟାରେ ଜାହାଜ କୂଳରେ ଲାଗିଲା । ପୂର୍ବଦିଗରେ ସିନ୍ଦୂରା ଫାଟି ଆସୁଥିଲା । ପକ୍ଷୀମାନେ ବହୁ ସଂଖ୍ୟାରେ ଉଡୁଥିଲେ । ଅନେକ ନାଆ ଓ ଜାହାଜ ପାଣି ଉପରେ ଭାସୁଥିଲା ।

ଏବେ ବି ଆଲୁଅମାନ ଜଳୁଛି ସମୁଦ୍ର ମଝିରେ ଥିବା ଛୋଟ ଛୋଟ ଆଲୋକସ୍ତମ୍ଭ (Lightpost) ରେ, ଆଲୁଅ ଦପ୍ ଦପ୍ ହେଉଛି । ଏଥି ଭିତରେ ମୁଁ ୨/୩ ଥର ବାହାରକୁ ଆସି ଚାହୁଁଛି । କେତେବେଳେ ବନ୍ଦରରେ ଜାହାଜ ଲାଗିବ ! ଖୁବ୍ ଥଣ୍ଡା ପବନ ବହୁଛି । ମନ ଭରି ବ୍ୟାକୁଳ । ମୋତେ ସେଦିନ ଲଣ୍ଡନରେ ପହଞ୍ଚି ଉଡାଜାହାଜ ଧରିବାକୁ ହେବ ଭାରତ ଫେରିବାକୁ । ଦେହ ଓ ମନରେ ମୋର ବହୁ କ୍ଲାନ୍ତି । ହେଲେ, ତାକୁ ଖାତିର କରିବାକୁ ବେଳ ନାହିଁ । ହାୟ, ଠିକ୍ ସମୟରେ ଜାହାଜଟା କିପରି ପହଞ୍ଚନ୍ତା !

ପ୍ରାୟ ସକାଳ ସାଢ଼େ ସାତଟାରେ ଆମେ ଜାହାଜରୁ ବାହାରିଲୁ । ହାରଉଇକ୍ ବନ୍ଦର । ଇଂଲଣ୍ଡ ଉପକୂଳର ଏକ ବଡ଼ ବନ୍ଦର । ସେଠାରେ ଷ୍ଟେସନକୁ ଯିବା ବାଟରେ ପାସପୋର୍ଟ, କଷ୍ଟମସ୍ ନିରାପତ୍ତା ଚେକ୍ ପ୍ରଭୃତି ହେଲା । କିନ୍ତୁ ଅତି ବେଶୀ ସମୟ ଲାଗିଲା ନାହିଁ । ବୁଝିଲି ଟ୍ରେନ୍ ମିଳିବ ୮ଟାରେ । ବାଟରେ ପୁଣି ୨ଘଣ୍ଟା ଲାଗିଯିବ । ସେଠାରୁ ଲିଭରପୁଲ ଷ୍ଟେସନ ଯିବାକୁ ପଡ଼ିବ । ସେଠାର ଭୂଇଁତଳ (Underground) ଟ୍ରେନ୍‌ରେ ଯିବାକୁ ହେବ ।

ଲିଭରପୁଲରୁ ଲଣ୍ଡନର ଟପ୍‌ନେଲ ପାର୍କ ଷ୍ଟସନକୁ ମୋତେ ଯିବାକୁ ହେବ । ସେଠାରୁ ମୋ ବସାକୁ ଯିବା ପାଇଁ ଅଧଘଣ୍ଟାଏ ଲାଗିବ । ମୁଁ ପୁଣି ବସାରେ ପହଞ୍ଚି ଲଗେଜ୍ ଠିକ୍ କରିବି ! ଭିକ୍ଟୋରିୟା ଟର୍ମିନାଲରେ ସେଦିନ ୧୧ଟା ସୁଦ୍ଧା ପହଞ୍ଚିବା କଥା । ତେଣୁ ମୁଁ ଭାରି ପ୍ରମାଦ ଗଣିଲି । ଟିକିଏ ବିଳମ୍ବରେ ହୁଏତ ପ୍ଲେନ୍‌କୁ ପାଇନପାରେ ! କେତେ ଅସୁବିଧା ହୋଇ ଯିବ ! ମୋ ମଥା ଘୂରିଗଲା !

ଷ୍ଟେସନକୁ ଆସି ଗାଡ଼ିରେ ଆଗ ମୋର ବ୍ୟାଗ ପ୍ରଭୃତି ରଖିଦେଲି । କାରଣ ସିଟ ସଂଖ୍ୟା କମ୍ । ବହୁ ସିଟ୍ ସଂରକ୍ଷିତ । ଷ୍ଟେସନରୁ ବ୍ରହ୍ମାନନ୍ଦବାବୁଙ୍କୁ ୫/୭ଥର ଫୋନ୍ କଲି ମାତ୍ର ଦୁର୍ଭାଗ୍ୟକୁ ତାଙ୍କୁ ଥରେ ସୁଦ୍ଧା ପାଇଲି ନାହିଁ । ତାଙ୍କ ଘରୁ ମୋର କେତେକ ଜିନିଷପତ୍ର ଆଣିବାକଥା । ସେଠାରୁ ମୋର ବସା ପ୍ରାୟ ଏକ କିଲୋମିଟର ଦୂର । ପୂର୍ବ ପ୍ରସ୍ତାବ ଅନୁସାରେ ମୁଁ ତାଙ୍କ ଘରେ ରାତିରେ ପହଞ୍ଚି ସକାଳୁ ଲଗେଜ ପତ୍ରଠିକ୍ କରି ଉଡାଜାହାଜ ଧରିବା କଥା । ସବୁ ଯୋଜନା ମୋର ଗୋଳମାଳ ହୋଇଗଲା ।

ଆମ ବସାରେ ମଣିସିଂହ ମୋତେ ଅପେକ୍ଷା କରିଥିବେ କି କୁଆଡେ ଚାଲିଯାଇଥିବେ ! ତାଙ୍କ ପାଖରେ ମୁଁ ମୋର ବହୁ ଜିନିଷପତ୍ର ରଖିଦେଇଥିଲି । ସେ ମଧ୍ୟ

ସେଇ ପ୍ଲେନ୍‌ରେ ଯିବା କଥା । ମଣିସଂହଙ୍କୁ ଫୋନ୍‌ରେ ପାଇ ସାଢ଼େ ୧୦ଟା ସୁଦ୍ଧା ସେଠାରେ ପହଞ୍ଚିବି ବୋଲି ଜଣାଇ ଦେଲି । ସେ ଅପେକ୍ଷା କରିବେ ଏବଂ ସୁନିଲ ବାବୁ ବ୍ରହ୍ମାନନ୍ଦବାବୁ ମୋତେ ଖୋଜିଲେ, ଏଇ ଖବର ଦେବାକୁ ମୁଁ ଅନୁରୋଧ କଲି । ସୌଭାଗ୍ୟକୁ ଟ୍ରେନ୍ ଠିକ୍ ସମୟରେ ଲିଭରପୁର ଷ୍ଟେସନରେ ପହଞ୍ଚିଗଲା । ଭୂଇଁ ତଳ ଟ୍ରେନ୍‌ରେ ଟଫନେଲ୍ ପାର୍କକୁ ଗଲି । ସେଠାରୁ ଦେଢ଼ମାଇଲ ବାଟ ଚାଲି ଚାଲି ଆସି ବସାରେ ପହଞ୍ଚିଲି । କିନ୍ତୁ ସେତେବେଳେକୁ ମଣିସଂହ ଟ୍ୟାକ୍‌ସି ଡାକି ଦେଲେଣି । ସେ ସବୁ ଜିନିଷ ପତ୍ର ତଳକୁ ନେଇ ଆସିଲେଣି । ତେବେ ମୁଁ ମୋ ଜିନିଷପତ୍ର ସଜାଡିବାକୁ ବେଳକାହିଁ ?

ସେତେବେଳକୁ ବ୍ରହ୍ମାନନ୍ଦ ବାବୁ ଓ ସୁନିଲବାବୁ ସେଠାରେ ପହଞ୍ଚି ଯାଇଥିଲେ । ସେମାନେ ମୋର ବାକ୍‌ସ ଓ ବ୍ୟାଗ ପ୍ରଭୃତିରେ ଜିନିଷପତ୍ର ରଖାରଖି କରିବାରେ ସାହାଯ୍ୟ କଲେ । ବହିପତ୍ର ଅଧିକ ଓଜନିଆ ହୋଇ ଥିବାରୁ ସୁନିଲବାବୁ ଓ ବ୍ରହ୍ମାନନ୍ଦ ବାବୁଙ୍କୁ ଅନୁରୋଧ କଲି ସେଥିରୁ କିଛି ସରଫେସ୍ ମେଲରେ ପଠାଇବାକୁ । ମୋର ପୋଷାକପତ୍ର ବଦଳାଇବାକୁ ବେଳ ନାହିଁ । ଖିଆପିଆ ତ ଦୂରର କଥା ! ସେମିତି ଟ୍ୟାକସିରେ ବସିଲି । ସାଥିରେ ମୋର ସୁନିଲବାବୁ ଗଲେ । ମଣିସିଂହ ମଧ ଥିଲେ । ଭିକ୍‌ଟୋରିଆ ଟର୍ମିନାଲରେ ପହଞ୍ଚିଲୁ ।

ମୋର ଜିନିଷପତ୍ର ଓଜନ କରି ଅନ୍ୟାନ୍ୟ କାଗଜପତ୍ର ଦେଖିବାରେ ଓ ଚେକ୍ କରିବାରେ ଟିକିଏ ବିଳମ୍ବ ହୋଇଗଲା । ୧୧ଟା ବାଜିଯିବା ମାତ୍ରେ କୋଚ୍‌ଟି ହିଥ୍ରୋ ବିମାନ କେନ୍ଦ୍ରକୁ ଚାଲିଗଲା । ସେଥିରେ ମଣିସିଂହ ମଧ ଚାଲି ଗଲେ । ତେଣୁ ମୁଁ ଓ ସୁନିଲବାବୁ ଗୋଟିଏ ଟ୍ୟାକ୍‌ସିରେ ହିଥ୍ରୋ ଗଲୁ । ପ୍ରାୟ ୨୫ କିଲୋମିଟର ବାଟ ! ଟ୍ୟାକସିବାଲା ସାତ ପାଉଣ୍ଡ ନେଲେ । ଆମ ମୁଦ୍ରାରେ ତାହା ଦେଢ଼ଶହ ଟଙ୍କା । ପାଞ୍ଚ ମିନିଟ୍ ବିଳମ୍ବ ଯୋଗୁଁ ମୋତେ ଏତକ ଜୋରିମନା ଦେବାକୁ ହେଲା । ତେବେ ଯାହାହେଉ, ଏତେ ଠିକ୍ ସମୟରେ ବିମାନଘାଟୀରେ ପହଁଞ୍ଚିଗଲି । ସତେ ଗୋଟିଏ ବିରାଟ ଘାଟି ପାରି ହୋଇଗଲି ପରା ।

□□□

## ଅଧ୍ୟାୟ-୨୬

### ଘର ବାହୁଡ଼ା : ଆମଦେଶର ନବବର୍ଷ

ତେର ନମ୍ବର ଫାଟକ ମଧ୍ୟଦେଇ ହିଥ୍ରୋ ବିମାନବନ୍ଦର ଭିତରେ ପ୍ରବେଶ କଲୁଁ । ପାରପତ୍ର, ଜିନିଷପତ୍ର ଓଜନ ପ୍ରଭୃତି ଓ ସବୁର ନିରାପତ୍ତା ଦୃଷ୍ଟିରୁ ତନଖି କରାଗଲା । ମଣିସିଂହ ମୋ ପୂର୍ବରୁ ଆସି ଏଇସବୁ ପର୍ବରେ ବ୍ୟସ୍ତ ହୋଇ ପଡିଥିଲେ । ମୁଁ ତାଙ୍କୁ ଦେଖିଲା ବେଳକୁ ସେ ଝାଳନାଳ ଏକଖଣ୍ଡ ! କଥା କ'ଣ ?

ସେ ବଡ଼ ହାଲିଆ ମାରି ଓ ଦୀର୍ଘଶ୍ୱାସନେଇ କହିଲେ-ପୁଅ ପାଇଁ ଗୋଟିଏ ଖେଳନା ରାଇଫଲ ଆଣିଥିଲି । ତାକୁ ନିରାପତ୍ତାରକ୍ଷୀ ଲୋକେ ଦେଖି ସନ୍ଦେହ କଲେ । ମୋର ସବୁ ଜିନିଷପତ୍ର ଖୋଲି ତନ୍ନ ତନ୍ନ କରି ଦେଖିଲେ । ସବୁତକ ଲଗେଜ୍ ମୁଁ ଭଲକରି ସଜାଡ଼ି ବାନ୍ଧିଥିଲି । ସେ ସବୁ ଖେଳାଇ ଦେବାରୁ ପୁଣି ସଜାଡି ରଖିବାରେ ମୋତେ ବହୁ ସମୟ ଲାଗିଲା । ଭାରି ହଇରାଣ !

ମୁଁ ପଚାରିଲି-କାଇଁ ସେ ରାଇଫଲଟି ?

ମଣିସିଂହ କହିଲେ-ସେଇଟା ପରା ସେମାନେ ରଖିଲେ । କହିଲେ-ଆମେ କଲିକତା ବିମାନ ବନ୍ଦରକୁ ତାକୁ ପଠାଇଦେବୁ । ମୁଁ କ'ଣ ତାକୁ ଆଉ ପାଇବି ? ହାଇରାଣତ ହେଲି । ଜିନିଷଟି ବି ଗଲା ।

୭୦୭ ନମ୍ବର ବୋଇଙ୍ଗ ବିମାନ ଖୁବ୍ ବିରାଟ । ସେଥିରେ ପ୍ରାୟ ପାଁଶହ ଯାତ୍ରୀ । ପୁଣି ବିମାନ କର୍ମଚାରୀଙ୍କ ସଂଖ୍ୟା ପ୍ରାୟ ୧୫/୨୦ ହେବ । ସାଢ଼େ ଗୋଟିଏ ବେଳେ ବିମାନ ଯାତ୍ରାରମ୍ଭ କଲା । ତିନୋଟି ବ୍ୟାଗରେ ବହିପତ୍ର ଭର୍ତ୍ତିକରି ଗୁଡାଏ ବାଟ ଚାଲି ଚାଲି ଯିବାରେ ଖୁବ୍ କ୍ଳାନ୍ତ ହୋଇ ପଡିଗଲି । ମଧ୍ୟାହ୍ନ ସମୟ । ହେଲେ, ଉତ୍ତାପର ମାତ୍ରା ଖୁବ୍ କମ୍ । ସୁନେଲି କିରଣ ଚଉଦିଗରେ ଝିଲମିଲ୍ ହୋଇ ପଡ଼ିଥିଲା ।

ମୁଁ ପାର୍ଶ୍ୱସିଟ୍ ପାଇବାରେ ଖୁବ୍ ଆଗ୍ରହୀ ଥାଏ । ବାହାର ଦୃଶ୍ୟ ଦେଖି ବିଭୋର ହେବାକୁ ଭାରି ଭଲ ଲାଗେ । ମାତ୍ର ମୋତେ ସେଥର ମଝି ସିଟ୍‌ଟିଏ ମିଳିଲା । ମୋ ପାଖରେ ଜଣେ ସାହେବ ବସିଥାନ୍ତି । ଦେଢ଼ ପାଉଣ୍ଡ ଦେଇ ସମ୍ଭବତଃ ଗୋଟିଏ ଇୟର ଫୋନ୍ କାନରେ ଲଗାଇ ଗୀତ ଶୁଣୁଥାନ୍ତି । ମୁଁ ଝରକା ଆଡ଼କୁ ବାରମ୍ବାର ଚାହୁଁଥିବାର ଦେଖି ସେ ମୋର ଆଗ୍ରହକୁ ବୁଝିପାରିଲେ । ସେ ଗୀତ ଶୁଣିବାରେ ଖୁବ୍ ଆଗ୍ରହୀ । ତେଣୁ ସେ ମୋତେ ଝରକା

ପାଖ ସିଟ୍‌ଟି ଛାଡ଼ିଦେଲେ । ମୁଁ ଧନ୍ୟବାଦ ଦେଇ ସେଠାରେ ବସିଲି । ସେ ମୋ ସିଟ୍‌କୁ ଚାଲି ଆସିଲେ ।

ମୋତେ ଲାଗିଲା-ଯେମିତି ଆମେ ମଝି ଦରିଆରେ । ବଉଦସବୁ ଅନନ୍ତ ନୀଳିମା ମଝିରେ ଭିଣା ତୂଳା ବୋଝେଇ ନାଆଗୁଡିକ ପରି ଭାସି ଚାଲିଛି । କେତେବେଳେ ସେସବୁ ଦିଶୁଥିଲା ବରଫର ପାହାଡ଼ ପରି । ଥରେ ଥରେ ସେ ସବୁ ଫିଟ୍‌କିରି ଗଦା ପରି ଦେଖାଯାଉଥିଲା ।

ମୋତେ ଦିଶିଲା-ଉଡ଼ାଜାହାଜର ପ୍ରକାଣ୍ଡ ଡେଣା ତଳ ଉପର ହେଉଛି । ମୋର ଆଗରୁ ଧାରଣା ଥିଲା-ଡ଼େଣା-ଗୁଡିକ ସ୍ଥିର ତଥା ଅପରିବର୍ତ୍ତନୀୟ । କିନ୍ତୁ ମୁଁ ଦେଖି ଆଶ୍ଚର୍ଯ୍ୟ ହେଲି ଯେ, ଏତେବଡ଼ ଡ଼େଣାସବୁ ଆବଶ୍ୟକତାକୁ ଚାହିଁ ଭାଙ୍ଗିଯାଉଥାଏ ଏବଂ ଜାହାଜର ଗତିକୁ ନିୟନ୍ତ୍ରଣ କରୁଥାଏ ।

ଉଡ଼ାଜାହାଜର ଭିତରଟା ଖୁବ୍ ସୁସଜ୍ଜିତ । ଭିଡ଼ିଓ ଫିଲ୍ମ ଦେଖାଇବାର ବ୍ୟବସ୍ଥା ଥାଏ । ବିଭିନ୍ନ ପ୍ରକାର ମଦ୍ୟ ଓ ଅନ୍ୟାନ୍ୟ ପାନୀୟ କିଣି ପିଇବାର ବ୍ୟବସ୍ଥାଥାଏ । ପତ୍ର ପତ୍ରିକା ମଧ ପଢ଼ିବାକୁ ମିଳୁଥାଏ । ପିଲାମାନଙ୍କୁ ସୁନ୍ଦର ଖେଳନା କଣ୍ଢେଇମାନ ଯୋଗାଇ ଦିଆଯାଏ । ମଝିରେ ମଝିରେ ବିମାନ ପରିଚାରିକାଗଣ ଫଳରସ, ଚା' କଫି, ଭୋଜନ ଆଦି ଦେଉଥାନ୍ତି ।

ପ୍ରଥମେ ନିରାପତ୍ତା ପୋଷାକ (Security jacket) କୁ କିପରି ବ୍ୟବହାର କରିବାକୁ ହେବ ଆଉ ଅମ୍ଳଯାନ ପାତ୍ରକୁ ବିପଦ୍ କାଳରେ କିପରି ବ୍ୟବହାର କରିବାକୁ ପଡ଼ିବ, ଜଣେ ଦୁଇଜଣ ଏୟାର ହଷ୍ଟେସ ଦେଖାଇ ଦେଉଥାନ୍ତି । କିନ୍ତୁ ତାହା ଗୋଟିଏ ପ୍ରହସନ ପରି ଲାଗେ । ବାସ୍ତବ କ୍ଷେତ୍ରରେ ବା ଦୁର୍ଘଟଣା ସମୟରେ ଏସବୁକୁ କେହି ବ୍ୟବହାର କରିବା ସମ୍ଭବ ନୁହେଁ, ସହଜ ନୁହେଁ ।

ପ୍ରଥମେ ଯାତ୍ରାରମ୍ଭର ଦୁଇଘଣ୍ଟା ପରେ ଉଡାଜାହାଜଟି ଜର୍ମାନୀର ଫ୍ରାଙ୍କଫୋର୍ଟ ନଗରୀରେ ଅବତରଣ କଲା । କିନ୍ତୁ ନିରାପତ୍ତା ଦୃଷ୍ଟିରୁ ସେଠାରେ ଯାତ୍ରାଶେଷ କରୁଥିବା ଯାତ୍ରୀମାନଙ୍କ ବ୍ୟତୀତ ଆଉ କୌଣସି ଯାତ୍ରୀଙ୍କୁ ଓହ୍ଲାଇବାକୁ ଦିଆଗଲା ନାହିଁ । ତାପରେ ପଡ଼ିଲା ଆନ୍ତର୍ଜାତିକ ବିମାନକେନ୍ଦ୍ର ବାହାରେନ୍ । ଆମେ କେତେକ ଯାତ୍ରୀ ଅସ୍ଥାୟୀ ଅନୁମତି ପତ୍ର (ଟ୍ରାନ୍‌ସିଟ୍ ଭିସା) ନେଇ ବିମାନ ବାହାରକୁ ଯାଇଥିଲୁ । ସେତେବେଳେ ବ୍ରିଟିଶ ସମୟ ରାତି ୯ଟା ହୋଇ ଥିଲେ ହେଁ ସ୍ଥାନୀୟ ଘଡ଼ିରେ ୧୧ଟା ବାଜିଥିଲା । ସେହିସ୍ଥାନର ଜଳବାୟୁରେ ଖୁବ୍ ଉଷ୍ଣତା ଅନୁଭବ କଲୁ । ସେଠାରେ କରମୁକ୍ତ ଦୋକାନ (Customs

Free Shop) ଗୁଡ଼ିକରେ ଜିନିଷପତ୍ର ଦେଖିଲୁ । ବିଶେଷ କିଛି ଶସ୍ତା ଜଣାପଡୁନଥିଲା । ଜିନିଷପତ୍ର ଉପରେ ସେଠାର ମୁଦ୍ରାରେ ମୂଲ୍ୟ ଲେଖା ହୋଇଥିଲା । ପାଉଣ୍ଡରେ ପରିଣତ କରି କେତେ ମୂଲ୍ୟ ପଚାରିବାରୁ ବହୁ ଅଧିକ ହେଲାପରି ଲାଗୁଥିଲା ।

ସେଠାରେ ବିମାନକୁ ଫେରିଲା ବେଳକୁ ନିରାପତ୍ତା ଦୃଷ୍ଟିରୁ ଆମଙ୍କୁ ପୁଣି ପରୀକ୍ଷା କରାଗଲା । ଗୋଟିଏ ଯନ୍ତ୍ର ଆମ ଦେହ ଉପରେ ବୁଲାଇ ଦିଆଯାଇଥିଲା । ତାହା ସେତେବେଳେ କେଁ କେଁ ଶବ୍ଦ କରୁଥିଲା । ବାହାରେ ସେତେବେଳେ ଚ଼ଉଦିଗ ଅନ୍ଧକାର ! ଗଭୀର ରାତ୍ରିର ରାଜୁତି । ରାତ୍ରିଭୋଜନ ପରେ ଅଧିକାଂଶ ଆଲୁଅ ଲିଭାଇ ଦିଆଗଲା । ସଂଗୀତ ପ୍ରସାର ମଧ୍ୟ ବନ୍ଦ କରି ତିନିଘଣ୍ଟା ପାଇଁ ଆମଙ୍କୁ ବିଶ୍ରାମ ନେବାକୁ କୁହାଗଲା ।,

ବାହାରେନ୍ ଠାରୁ ବିମାନରେ ନୂଆ ପାଇଲଟ୍, ଇଞ୍ଜିନିୟର ଓ ଏୟାର ହଷ୍ଟେସ ଆସିଥିଲେ । ସେମାନେ ଆସି ମାଇକ୍ରୋଫୋନ୍‌ରେ ସେମାନଙ୍କ ନାଁ, ସ୍ଥାନୀୟ ସମୟ, ଇଂଲଣ୍ଡର ସମୟ, ଉତ୍ତାପମାତ୍ରା ଆଦି ଜଣାଇ ଦେଲେ । କଲିକତାରେ ପହଞ୍ଚିବା ପୂର୍ବରୁ ସାଢ଼େ ୬ଟାରେ ସକାଳ ଜଳଖିଆ (Breakfast) ମିଳିବ ବୋଲି ମଧ୍ୟ ଘୋଷଣା କରି ଦିଆଗଲା ।

ମୋ ପାଖରେ ବସିଥିବା ସାହେବଯାତ୍ରୀ ବାହାରେନ୍‌ଠାରୁ ଓହ୍ଲାଇଯାଇଥିଲେ । ସେଠାରୁ ଅନ୍ୟ କେହି ଯାତ୍ରୀ ମଧ୍ୟ ସେହି ସିଟ୍ ପାଇଁ ଆସି ନଥିଲେ । ଫଳରେ ମୁଁ ଦୁଇଟି ଚ଼ଉକିର ବାହାକୁ ଟେକିଦେଇ ସେଠାରେ ଲମ୍ବିଗଲି । ନିଦ ସେମିତି ବହଳ ହେଉ ନଥାଏ । ଖାଲି ଚାଙ୍ଗ୍ ଚାଙ୍ଗୁଆ ଲାଗୁଥାଏ । ବହୁ କଥା ମନେ ପଡୁଥାଏ । ରାତି ପାହାନ୍ତା ବେଳକୁ କେତେବେଳେ ନିଦ ଲାଗିଯାଇଥିଲା ମୁଁ ଜାଣିପାରିନଥିଲି ।

ଭୋର ୬ଟାରେ ନିଦ ଭାଙ୍ଗିଗଲା । ପୂର୍ବାକାଶରେ ସେତେବେଳେ ରକ୍ତିମ ଆଭାର ରୋଷଣି । ବିମାନର ବାଁ ପଟ ଡେଣାଟି ଖୁବ୍ ଲାଲ୍ ଦିଶୁଥିଲା । କାଚ଼ ଝରକା ବ୍ୟତୀତ ଆଉ ଗୋଟିଏ ପରଦା ପଡିଥିଲା । ତାକୁ ମୁଁ ଉଠାଇଦେଲି । ଆମ ତଳେ ନୀଳ ଆକାଶ । ତା ଭିତରେ ମେଘସବୁ ଭାସି ଯାଉଥିଲା । ଧଳା ବରଫସବୁ ସମୁଦ୍ରର ନୀଳ ଜଳରେ ଭାସିଲା ପରି ଲାଗିଲା । କ୍ରମେ ଚଉଦିଗରେ ସୂର୍ଯ୍ୟଙ୍କର ସୁନେଲି କିରଣ ଝିଲିମିଲି ହୋଇ ଉଠିଲା । ବିମାନ ଦ୍ରୁତଗତିରେ ଚାଲିଥିଲେ ମଧ୍ୟ ଖୁବ୍ ଧୀର ସ୍ଥିର ପରି ଲାଗୁଥିଲା । ତାହା ଆଦୌ ଦୋହଲୁ ନଥିଲା କେବଳ ଯାହା ଶବ୍ଦ କରୁଥିଲା ।

ମୁଁ ଟଏଲଟ୍ ରୁମକୁ ଯାଇ ନିତ୍ୟକର୍ମ ସାରିଦେଲି । ସେଠାରୁ ଫେରିଲା ବେଳକୁ ଦେଖିଲି ମୋ ଚ଼ଉକି ପାଖ ଫୋଲଡିଙ୍ଗ ଟେବୁଲ ଉପରେ ଗୋଟିଏ ଗ୍ଲାସ କମଳାରସ

ରଖାଯାଇଛି । ତାକୁ ପିଇଲା ପରେ ପରେ ଜଳଖିଆ ମଧ୍ୟ ମିଳିଗଲା । ବିମାନର ଡାକବାଜି ଯନ୍ତ୍ରରେ ଜଣାଇ ଦିଆଗଲା ଯେ, କଲିକତା ପାଖ ହୋଇ ଆସିଲାଣି । ସମୟ ସେତେବେଳେ ସାତଟା ବାଜିବାକୁ ୧୫ ମିନିଟ୍ ବାକି । ମୋ ହାତ ଘଣ୍ଟାରେ ସେତେବେଳେ ସାଢ଼େ ୧୨ଟା ବାଜିଥାଏ । ତାହା ଇଂଲଣ୍ଡର ସମୟ । ସେଠାରେ ଘଣ୍ଟାକୁ ଚାବିଦେଇ ଭାରତୀୟ ସମୟ ଅନୁସାରେ ଠିକ୍ କରିଦେଲି । ବିମାନରୁ ଓହ୍ଲାଇବା ପାଇଁ ନିର୍ଦ୍ଦିଷ୍ଟ ଫର୍ମ (Disembarkation form) ପୂରଣ କରିବାକୁ ପ୍ରତ୍ୟେକ ଯାତ୍ରୀଙ୍କୁ ଦିଆଗଲା । ତା'ପରେ ବିମାନ ଦମଦମ ଠାରେ ଅବତରଣ କଲା ।

ଆମେ ପାସ୍‌ପୋଟ୍ ଅଫିସ୍ ପାଖରେ ଧାଡି ଲାଗିଲୁ । ନିଜ ନିଜ ପାର୍ସପୋର୍ଟ ଚେକ୍ ହେଲା ପରେ ଆମେ ନିଜ ନିଜର ଲଗେଜ୍-ସଂଗ୍ରହ କରିନେଲୁ । କଷ୍ଟମସ୍ ଚେକ୍ ସରିଲା । ମୋ ପାଖରେ ସେମିତି କିଛି ନଥିଲା କହିବାରୁ କଷ୍ଟମସ୍ ଅଫିସର ଆଉ ସୁଟ୍‌କେସ୍ ଖୋଲିବାକୁ ଚାହିଁ ନଥିଲେ । ପ୍ରକୃତରେ ମୋ ପାଖରେ ବିଶେଷ କିଛି ନଥିଲା । କେବଳ ସୁନୀଲ ବାବୁ ଦେଇଥିବା ଗୋଟିଏ ଛୋଟ କ୍ୟାମେରା, ଗୋଟିଏ ବ୍ଲେଣ୍ଡିଙ୍ଗ ମେସିନ୍ ଓ ଗୋଟିଏ ଲେଡ଼ିଜ ୱାଚ୍ ଥିଲା । କିନ୍ତୁ ଏସବୁର ମୂଲ୍ୟ ଦୁଇ ହଜାର ଟଙ୍କାରୁ ଅଧିକ ନଥିଲା । ଏତକ ନିୟମାନୁସାରେ ଛାଡ଼ ଥିଲା ।

ତା ପରେ ମୁଁ Indian Airlines ର ଭୁବନେଶ୍ୱର କାଉଣ୍ଟର ପାଖରେ ଅପେକ୍ଷା କଲି । ସେଠାରେ ଖୁବ୍ ଗରମ ଲାଗିବାରୁ କୋଟ୍ ଟାଇ ପ୍ରଭୃତି ବଦଳାଇ ଦେଲି । ସାଢ଼େ ୯ଟାରେ ଚେକିଂ ଆରମ୍ଭ ହେବ ବୋଲି ଜାଣିବାକୁ ପାଇଲି । ସେଠାରେ ଥିବା Duty Officer କହିଲେ ଯେ ମୋ ନାଁ ପ୍ରଥମ ତାଲିକାରେ ଥିଲା । ମାତ୍ର ବ୍ରିଟିଶ୍ କାଉନ୍‌ସିଲ ଠାରୁ ଆଉ କିଛି ଖବର ନ ମିଳିବାରୁ ପୁଣି କାଟି ଦିଆଯାଇଥିଲା । ବ୍ରିଟିଶ କାଉନସିଲ ଆମଙ୍କୁ ପଚାରି Ok କରାଇ ନେଇଥିଲେ । ତେବେ ଯାହା ହେଉ ଉକ୍ତ ଅଫିସର ମୋର ନାଁ ଓଏଟିଙ୍ଗ ଲିଷ୍ଟରେ ପ୍ରଥମେ ରଖିଲେ ବୋଲି କହିଲେ ଏବଂ ମୁଁ ସେଦିନର Flight ରେ ସ୍ଥାନ ପାଇ ପାରିବି ବୋଲି ଆଶା ଦେଲେ ।

ମୁଁ ଏଣେ ମଣିସିଂହଙ୍କୁ ଅପେକ୍ଷା କରି ରହିଥିଲି । ସେ କଷ୍ଟମସ୍ କାଉଣ୍ଟରରୁ ବାହାରି ପାରି ନଥିଲେ । ଦେଢ଼ଘଣ୍ଟା ଧରି ସେଠାରେ ସେ ଅଟକି ରହିଥିଲେ । ଶେଷରେ ୯ଟାରେ ତାଙ୍କୁ ବାହାରିବାର ଦେଖି ପଚାରିଲି-ଏତେ ବିଳମ୍ବ କାହିଁକି ହେଲା ?

ସେ ଉତ୍ତର ଦେଲେ ଯେ ତାଙ୍କ ହାତରେ ସୁନୀଲବାବୁ ପଠାଇଥିବା ଦୁଇଖଣ୍ଡ ଶାଢ଼ି ଯୋଗୁଁ ସେ ଖୁବ୍ ହଇରାଣ ହେଲେ । ତାଙ୍କର ସବୁ ଜିନିଷ ଖୋଲି ଖେଳାଇ ଦେଇଥିଲେ ।

ତେଣୁ ସେ ସବୁ ଜିନିଷ ସଜାଡ଼ି ଆଣି ପାରି ନଥିଲେ । ଅବଶ୍ୟ ଏଇ କଥାରେ ମୋର ହୃଦ୍‌ବୋଧ ହେଲା ନାହିଁ ।

ତେବେ ମୋର ଲଗେଜ କିଛି ଅଧିକ ଥିବାରୁ ମୁଁ ଗୋଟିଏ ପ୍ୟାକେଟ୍ ଚ଼ଉଦ୍ୱାର ସ୍ପିନିଙ୍ଗ ମିଲର ମ୍ୟାନେଜର ଶ୍ରୀ ଚିତ୍ତରଞ୍ଜନ ମହାନ୍ତି ଏବଂ ଆଉ ଗୋଟିଏ ପ୍ୟାକେଟ୍ ଜଣେ ତେଲେଙ୍ଗା ଭଦ୍ରଲୋକଙ୍କୁ ଦେଇଥିଲି । ସେମାନେ ମୋର ଅନୁରୋଧ ରକ୍ଷା କରିବାରେ କିଛି ଆପତ୍ତି କରି ନଥିଲେ । ତେଣୁ ମୁଁ ଉଭୟଙ୍କୁ ଧନ୍ୟବାଦ ଜଣାଇଲି ।

ସିକ୍ୟୁରିଟ ଚେକିଂ କାଉଣ୍ଟରରେ ବହୁ ସମୟ ଲାଗିଲା ତନ୍ନ ତନ୍ନ କରି ଆମର ସବୁ ଲଗେଜ୍ ଦେଖାଗଲା । ମୁଁ ଲଣ୍ଡନରୁ ଆସିବା କଥା ଶୁଣି ଚେକ୍ କରୁଥିବା ବାବୁ ଜଣଙ୍କ କହିଲେ-ଆମେ ତ ଏ ଜନ୍ମରେ ଲଣ୍ଡନ ଯାଇ ପାରିବୁ ନାହିଁ । ସେଠାରୁ ଫେରୁଥିବା ବାବୁମାନଙ୍କର ବୁଜୁଳା ଚିପିବା ଆମର ଭାଗ୍ୟ ! ମୋତେ ହସ ମାଡ଼ିଲା ।

ତା ପରେ ଆମେ ଉଡ଼ାଜାହାଜ ଚଢ଼ିଲୁ । ବ୍ରିଟିଶ ଏୟାର ଓୟେଜର ଜମ୍ବୋ ଜେଟ୍ ବିମାନରେ ବସି ଆସିଲା ପରେ ଏଇ ଉଡାଜାହାଜଟି ଗୋଟିଏ ଶଗଡ଼ଗାଡ଼ି ପରି ଲାଗିଲା । ଟଏଲେଟ୍ ରୁମ୍‌ରେ ପଶିଲେ ମୁଣ୍ଡବାଜେ । ଏୟାର ହଷ୍ଟେସ୍‌ଙ୍କ କୋଠରୀଟି ନିତାନ୍ତ ସଂକୀର୍ଣ୍ଣ । ପାଇଲଟ୍ ଘଣ୍ଟି ବଜାଇ ସେମାନଙ୍କୁ ଡାକୁଥିଲେ । ସବୁଠୁଁ ବେଶୀ ଅସୁବିଧା କଥା ହେଲା ବିମାନଟି ଭାରସାମ୍ୟ ଉପରେ ରହୁନଥିଲା । ଥରେ ଥରେ ତଳକୁ ଖସି ପଡୁଥିଲା ପରି ଲାଗୁଥିଲା । ଆମର ହଲକ ଶୁଖିଯାଉଥିଲା । ଥରେ ଥରେ ପ୍ଲେନଟି ଅଧା ଆକାଶରେ ଅଟକି ଗଲାପରି ଲାଗୁଥିଲା ।

ତେବେ ଭଗବାନଙ୍କ ଦୟାରୁ ଆମେ ୧୧ଟା ୪୫ ମିନିଟ୍‌ରେ ଭୁବନେଶ୍ୱରରେ ପହଞ୍ଚିଲୁ । ଲିଙ୍ଗରାଜ ମନ୍ଦିର ଆଖିରେ ମୋର ପଡ଼ିଲା । ମଙ୍ଗଳମୟ ମହାଦେବଙ୍କ ଉଦ୍ଦେଶ୍ୟରେ ପ୍ରଣତି ଜଣାଇଲି । ବିମାନ ଘାଟୀରେ ଓହ୍ଲାଇଲା ମାତ୍ରେ ଦେଖିଲି ପ୍ଲେନଟିର ମରାମତି କାମରେ ଇଞ୍ଜିନିୟରମାନେ ଲାଗିଗଲେ । ସମ୍ଭବତଃ ପାଇଲଟ୍ କିଛି ଅସୁବିଧା ଅନୁଭବ କରୁଥିଲେ ।

ବାହାରକୁ ଆସିଲା ମାତ୍ରେ ଦେଖିଲି ଜନାର୍ଦ୍ଦନ ବାବୁ, ରାଠୋର ବାବୁ, ଗିରିବାବୁ, ବୁଢ଼ାଭାଇ ଓ ମୋର ପିଲାମାନେ ସେଠାରେ ଅପେକ୍ଷା କରି ରହିଥିଲେ । ଚିତ୍ତ ରଞ୍ଜନ ବାବୁଙ୍କ କାର୍ ଆସିଥିଲା । ତାଙ୍କ ଅନୁରୋଧରେ ଆମେ ସାଥିହୋଇ ଆମ ବସାକୁ ଆସିଲୁ । ସେ ବ୍ୟସ୍ତ ଥିବାରୁ ଆମ ବସାରେ ରହି ପାରିଲେ ନାହିଁ । ଅଫିସ୍ ଜିପ୍‌ରେ ଅନ୍ୟମାନେ ବସାକୁ ଫେରିଲେ ।

ସେଦିନ ଏପ୍ରିଲ ୧୪ ତାରିଖ । ବିଷୁବ ସଂକ୍ରାନ୍ତୀ । ଭାରତୀୟ ରୀତିରେ ନୂଆବର୍ଷ ଆରମ୍ଭ । ଇଂଲଣ୍ଡରେ ଯେତେବେଳେ ପ୍ରବଳ ଥଣ୍ଡା, ଏଠାରେ ସେତେବେଳେ ପ୍ରଖର ଉଷ୍ଣତା । ଦେହ ହାତ ଟାଣ ଖରାରେ ପୋଡିଯାଉଛି । ଜନାର୍ଦ୍ଦନ ବାବୁ କହିଲେ-ଆପଣ ଇଂରେଜ ମାନଙ୍କର ବର୍ଷ ଆରମ୍ଭରେ ଏଠାରୁ ଯାଇଥିଲେ, ଭାରତୀୟମାନଙ୍କ ନୂଆବର୍ଷ ଆରମ୍ଭରେ ଏଠାକୁ ଫେରିଲେ ।

ମୁଁ ଭାବିଥିଲି-ସତେ ତ ! ଏଇମାତ୍ର ତିନୋଟି ମାସରେ କେତେ ପରିବର୍ତ୍ତନ ! ଏକ ସମୟରେ ମଧ୍ୟ ଦୁନିଆର ଗୋଟିଏ ପଟର ଅବସ୍ଥା, ଅନ୍ୟପଟର ଅବସ୍ଥା ଠାରୁ କେତେ ତଫାତ୍, କେତେ ଫରକ ! ନିରାପଦରେ ଘରକୁ ବାହୁଡିବାରୁ ଦୟାମୟଙ୍କୁ ହୃଦୟର କୃତଜ୍ଞତା ଜଣାଇଲି, ପ୍ରଣାମ କଲି ।

□□□



ଶିକ୍ଷା ଏବଂ ସାହିତ୍ୟ କ୍ଷେତ୍ରରେ ଜାତୀୟ ଓ ରାଜ୍ୟସ୍ତରରେ ବିଶେଷ ସମ୍ମାନିତ ପ୍ରଫେସର ଜଗନ୍ନାଥ ମହାନ୍ତିଙ୍କ ଜନ୍ମ ପୁରୀ ଜିଲ୍ଲା ଗୋପ ଥାନାର ଜଙ୍ଗଲବୋରୀ ଗ୍ରାମରେ ୧୯୩୭ ମସିହା ଜାନୁଆରୀ ୭ ତାରିଖରେ ।

ଲେଖକ ପ୍ରଫେସର ମହାନ୍ତି ବହୁ ବାଧାବିଘ୍ନ ମଧ୍ୟରେ ବି.ଏ (ଅନର୍ସ), ଏମ୍.ଏ (ରାଜନୀତି ବିଜ୍ଞାନ), ଏମ୍.ଇଡି ଓ ପିଏଚ୍.ଡି (ଶିକ୍ଷା) ସମାପ୍ତ ପରେ ପ୍ରଶିକ୍ଷଣ ଓ ବୈଦ୍ୟୁତିକ ମାଧ୍ୟମ ତଥା ଶ୍ରବ୍ୟ-ଦୃଶ୍ୟ ସାମଗ୍ରୀରେ ଲଣ୍ଡନ ବିଶ୍ୱବିଦ୍ୟାଳୟ ଓ ବ୍ରିଟିଶ କାଉନସିଲ ଦ୍ୱାରା ଇଂଲଣ୍ଡରେ ଦୁଇଥର ତାଲିମପ୍ରାପ୍ତ ।

କୈଶୋର ଅବସ୍ଥାରୁ ସାରସ୍ୱତ ସାଧନାରେ ମଗ୍ନ ପ୍ରଫେସର ମହାନ୍ତି ଅଦ୍ୟାବଧି ଶିଶୁ/କିଶୋରମାନଙ୍କ ପାଇଁ ୫୦ଖଣ୍ଡ, ଜନଶିକ୍ଷାରେ ୯୫ଖଣ୍ଡ, ସାହିତ୍ୟ ସମାଲୋଚନା ଓ ଶିକ୍ଷା ସାହିତ୍ୟରେ ୧୫ଖଣ୍ଡ ଏବଂ ଇଂରାଜୀରେ ୩୦ଖଣ୍ଡ ପୁସ୍ତକ ଲେଖି ବିପୁଳ ପାଠକୀୟତା ପାଇଛନ୍ତି । ଜାତୀୟ ସ୍ତରରେ ଶିଶୁସାହିତ୍ୟ ପାଇଁ ୨ଥର ଓ ନବସାକ୍ଷର ସାହିତ୍ୟରେ ୫ଥର ପୁରସ୍କୃତ ଏବଂ ସେ ରାଜ୍ୟ ସରକାରଙ୍କଦ୍ୱାରା ଶିଶୁସାହିତ୍ୟ ପାଇଁ ୭ଥର ଉପାୟନପ୍ରାପ୍ତ ହେବାସହ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଶ୍ରେଷ୍ଠ ଶିଶୁସାହିତ୍ୟ ଓ ଆଉଥରେ ଭ୍ରମଣ କାହାଣୀ ନିମନ୍ତେ ପୁରସ୍କୃତ ।

ୟୁରୋପର ଅଧିକାଂଶ ଦେଶରେ ଓ ସମଗ୍ର ଭାରତ ଭ୍ରମଣ କରିଥିବା ପ୍ରଫେସର ମହାନ୍ତିଙ୍କ ଏହି ଭ୍ରମଣ କାହାଣୀ ପୁସ୍ତକଟି ପୂର୍ବପରି ପାଠକ ମହଲରେ ଆଦୃତ ହୋଇପାରିଲେ ଶ୍ରମ ସାର୍ଥକ ହେବ ।

-ପ୍ରକାଶକ